# ଧରିତ୍ରୀ
DHARITRI

ରାୟଗଡ଼ା, ରବିବାର, ଅକ୍ଟୋବର ୨୮ /୨୦୧୮ (୧୬+୪ପୃଷ୍ଠା) (ଛୁଟିଦିନ ସହ) Rayagada, Sunday, October 28 / 2018 ★

୮ମ ଭାଗ ୨୫୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ସତ୍ୟ ଘଟଣା ଉପରେ ଆଧାରିତ 'ଉରି': ୟାମୀ**

୨୦୧୯ ଜାନୁୟାରୀରେ 'ଉରି' ରିଲିଜ୍ ହେବାକୁ ଯାଉଥିବା ବେଳେ ଏହା ସତ୍ୟ ଘଟଣା ଉପରେ ଆଧାରିତ ବୋଲି ଅଭିନେତ୍ରୀ ୟାମୀ ଗୌତମ ପ୍ରକାଶ କରିଛନ୍ତି। ୦୨

୧୫ **କୋହଲିଙ୍କ କ୍ରମାଗତ ତୃତୀୟ ଶତକ**

ୱେଷ୍ଟଇଣ୍ଡିଜ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜରେ ବିରାଟ କୋହଲି କ୍ରମାଗତ ତୃତୀୟ ଶତକ ହାସଲ କରିଛନ୍ତି।



## ଛତିଶଗଡ଼ରେ ଲାଲ୍ ତାଣ୍ଡବ
# ୪ ଯବାନ ଶହୀଦ



**ରାୟପୁର,୨୭।୧୦(ପି.ଟି.)**

ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ଛତିଶଗଡ଼ରେ ଶନିବାର ମାଓବାଦୀମାନେ ଘଟାଇଛନ୍ତି ଲାଲ୍ ତାଣ୍ଡବ। ବିଜାପୁର ଜିଲାର ଅୱାପଲ୍ଲୀ ଥାନା ଅନ୍ତର୍ଗତ ମୁର୍ଦାଣ୍ଡ ନିକଟରେ ଅପରାହ୍ଣରେ ମାଓବାଦୀମାନେ ଲ୍ୟାଣ୍ଡମାଇନ ବିସ୍ଫୋରଣ କରି ଏକ ମାଇନ୍ ପ୍ରୋଟେକ୍ଟେଡ୍ ଭେହିକଲ୍ (ଏମ୍‌ପିଭି) ଉଡ଼ାଇଦେଇଛନ୍ତି। ଏଥିରେ ସିଆର୍‌ପିଏଫ୍‌ର ୪ ଯବାନ ଶହୀଦ ହୋଇଛନ୍ତି। ଅନ୍ୟ ଦୁଇ ଯବାନ ମଧ୍ୟ ଆହତ ହୋଇଥିବା ପୋଲିସ ସୂଚନା ଦେଇଛି। ଶହୀଦଙ୍କ ମଧ୍ୟରେ ଓଡ଼ିଶାର ବୀର ଯବାନ ବି.ଏମ୍. ବେହେରା ଅଛନ୍ତି।

ଅପରାହ୍ଣ ପାଖାପାଖି ୪ଟା। ମୁର୍ଦାଣ୍ଡସ୍ଥିତ ସିଆର୍‌ପିଏଫ୍ ଶିବିର ନିକଟରେ ଘଟିଥିଲା ବଡ଼ଧରଣର ବିସ୍ଫୋରଣ। ୧୬୮ଶ ବାଟାଲିୟନ୍‌ର ଯବାନମାନେ ଏକ ସ୍ୱତନ୍ତ୍ର ଅପରେଶନ ପାଇଁ ବାହାରକୁ ଯାଇଥିବାବେଳେ ମାଓବାଦୀମାନେ ତାଣ୍ଡବ ରଚାଇଥିଲେ। ୬ ଜଣ ଯବାନଙ୍କୁ ନେଇ ☞ପୃଷ୍ଠା-୪

## ■ ଦାୟିତ୍ୱହୀନତାର ପରିଣତି
# ବିଦ୍ୟୁତ୍ ନେଲା ୭ ହାତୀ ଜୀବନ

**ଓଡ଼ାପଡ଼ା, ୨୭।୧୦(ଡି.ଏନ୍.ଏ.)**

ଢେଙ୍କାନାଳ ସଦର ବନାଞ୍ଚଳ କମଳାଙ୍ଗ ଗ୍ରାମ ନିକଟରେ ଶନିବାର ଭୋର୍‌ରେ ଅଭାବନୀୟ ଘଟଣା ଘଟିଛି। ଏକ ବେସରକାରୀ ନିର୍ମାଣକାରୀ ସଂସ୍ଥାକୁ ଟଣାଯାଇଥିବା ଉଚ୍ଚ କ୍ଷମତାସମ୍ପନ୍ନ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୭ ହାତୀଙ୍କ ଜୀବନ ଯାଇଛି। ଉକ୍ତ ତାର ଭୂମିଠାରୁ ମାତ୍ର ୫ଫୁଟ ଉଚ୍ଚତାରେ ଓହଳି ରହିଥିଲା। ଏଥିରେ ଛନ୍ଦିହୋଇ ହାତୀପଲ ପ୍ରାଣ ହରାଇଛନ୍ତି। ଗତିପଥ ବଦଳାଇଥିବାରୁ ୧୩ ହାତୀ ଏଥିରୁ ଅଳ୍ପକେ ରକ୍ଷା ପାଇଯାଇଥିବା ଜଣାପଡ଼ିଛି। ମୃତ ହାତୀଙ୍କ ମଧ୍ୟରେ ୫ମାଈ, ଗୋଟିଏ ଅଣ୍ଡିରା ଏବଂ ଗୋଟିଏ ଶାବକ ଅଛି। ଛୁଆ ହାତୀକୁ ବାଦ୍ ଦେଲେ ଅନ୍ୟମାନଙ୍କ ଆନୁମାନିକ ବୟସ ୧୩ରୁ ୧୫ବର୍ଷ ମଧ୍ୟରେ ହେବ। ଏପରି ଗଣହାତୀ ମୃତ୍ୟୁ ରାଜ୍ୟରେ ପ୍ରଥମ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଏହାକୁ ନେଇ ପରିବେଶବିତ୍‌ମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି, ଭୂମିଠାରୁ ୧୭ ଫୁଟ ଉଚ୍ଚତାରେ ୧୧ କେଭି ତାର ଟଣାଯିବା କଥା। ହେଲେ ହାତୀଙ୍କ ମୃତ୍ୟୁ ସ୍ଥାନରେ ଏହି ତାରର ଉଚ୍ଚତା ମାତ୍ର ୫ ଫୁଟ ରହିବା ବନ ବିଭାଗ ଓ ସେସୁ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାର ପରିଚାୟକ। ମିଳିମିଶି ଦୁଇ ବିଭାଗ ଏତେସଂଖ୍ୟକ ହାତୀକୁ ମାରିଦେଲେ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ☞ପୃଷ୍ଠା-୪



କମଳାଙ୍ଗ ଗାଁର ବିଲ ମଝି ନାଳରେ ହାତୀଙ୍କ ମୃତଦେହ ପଡ଼ିରହିଛି।

### ମିଳିମିଶି ମାରିଦେଲେ

- ■ ୫ ଫୁଟରେ ଓହଳିଥିଲା ୧୧କେଭି ତାର
- ■ ଗର୍ଜନରେ ଥରିଲା କମଳାଙ୍ଗ ଅଞ୍ଚଳ
- ■ ଗତିପଥ ବଦଳାଇଥିବାରୁ ବର୍ତ୍ତିଗଲେ ୧୩
- ■ ଏକସଙ୍ଗେ ଏଭଳି ମୃତ୍ୟୁ ରାଜ୍ୟରେ ପ୍ରଥମ
- ■ ସେସୁ ହିଁ ଦାୟୀ: ପରିବେଶ ମନ୍ତ୍ରୀ
- ■ ତଦନ୍ତ ଲାଗି ଗଠନ ହେଲା କମିଟି
- ■ ୪ ହାତୀଙ୍କ ମୃତଦେହ ବ୍ୟବଚ୍ଛେଦ
- ■ ୭ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ଆଜିର ସମ୍ପାଦକୀୟ

**ଭିନ୍ନମତ ପ୍ରତି ଅସହିଷ୍ଣୁତା**

### ଆଜିର ମନ୍ତବ୍ୟ

ଆତଙ୍କବାଦ ନିରୋଧୀ ଲଢ଼େଇରେ ସରକାରଙ୍କ ସହ ଛିଡ଼ା ହୁଅନ୍ତୁ କଶ୍ମୀରୀ ।

–ଅରୁଣ ଜେଟ୍‌ଲୀ, ଅର୍ଥମନ୍ତ୍ରୀ

### କିଛି ତଥ୍ୟ

୨୦୧୭-୧୮ ଆର୍ଥିକ ବର୍ଷରେ ଦେଶରୁ ୩୮ ବିଲିୟନ ଡଲାରର କୃଷିଜାତ ସାମଗ୍ରୀ ରପ୍ତାନି ହୋଇଛି।

– କୃଷି ଏବଂ ପ୍ରକ୍ରିୟାକୃତ ଖାଦ୍ୟ ଉତ୍ପାଦ ରପ୍ତାନି ଉନ୍ନତିକରଣ କର୍ତ୍ତୃପକ୍ଷ

## ■ କଳ୍ପନାଜଳ୍ପନାରେ ପଡ଼ିଲା ଯବନିକା
# ସୋମବାର ଖୋଲିବ ବିଲ୍ଟ କାଗଜକଳ

**ଜୟପୁର,୨୭।୧୦(ନି.ପ୍ର./ଡି.ଏନ୍.ଏ.)**

୪ ମାସ ଧରି ବନ୍ଦ ରହିଥିବା ଜୟପୁର ବିଲ୍ଟ ପେପର ମିଲ୍‌ରୁ ସୋମବାର ତାଲା ଖୋଲିବ। ମିଲ୍ ସିଜିଏମ୍ ଏବଂ ୟୁନିଟ ହେଡ୍ ମାଣିକେଶ୍ୱର ରାଓ ନୋଟିସ ଜାରି କରିବା ପରେ କାରଖାନା ସମ୍ପର୍କିତ ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ସେଦିନ ପୂର୍ବାହ୍ନ ୬ଟା 'ଏ' ସିଫ୍ଟରୁ ମୁଖ୍ୟ ଫାଟକ ଖୋଲାଯାଇ କାଗଜକଳ ଭିତରକୁ କର୍ମଚାରୀଙ୍କୁ ପ୍ରବେଶ କରାଯିବ। ମିଲ୍‌ର ୪ଟି ୟୁନିୟନ ସହ ଜିଲାପାଳ, ଏସ୍‌ପି, ଉପଜିଲାପାଳ, ଜିଲା ଶ୍ରମ ଅଧିକାରୀ, ବିଧାୟକ ତାରାପ୍ରସାଦ ବାହିନୀପତି, ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କୁ ଏହି ନୋଟିସ୍ ପଠାଯାଇଛି। ☞ପୃଷ୍ଠା-୪

## ସଞ୍ଜୟ ମିଶ୍ର ଇଡିର ଅନ୍ତରୀଣ ମୁଖ୍ୟ

**ନୂଆଦିଲ୍ଲୀ,୨୭।୧୦**

କେନ୍ଦ୍ର ସରକାର ଭାରତୀୟ ରାଜସ୍ୱ ସେବା(ଆଇଆର୍‌ଏସ୍)ର ବରିଷ୍ଠ ଅଧିକାରୀ ସଞ୍ଜୟ କୁମାର ମିଶ୍ରଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଅନ୍ତରୀଣ ମୁଖ୍ୟ ଭାବେ ନିଯୁକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନିଯୁକ୍ତି କମିଟି ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ସେ ଏହି ପଦରେ ଅତିରିକ୍ତ ଭାବେ ଦାୟିତ୍ୱ ତୁଲାଇବେ। ଆସନ୍ତା ୩ ମାସ ପାଇଁ ଅଥବା ନୂଆ ଇଡି ମୁଖ୍ୟ ନିଯୁକ୍ତ ହେବା ପର୍ଯ୍ୟନ୍ତ ସେ ଏହି ନୂତନ ଦାୟିତ୍ୱରେ ରହିବେ। ରବିବାର କରନେଲ ସିଂ ଇଡି ମୁଖ୍ୟ ଭାବେ ଅବସର ଗ୍ରହଣ କରିବେ। ସଞ୍ଜୟ ବର୍ତ୍ତମାନ ଆୟକର ବିଭାଗରେ କାର୍ଯ୍ୟ କରୁଛନ୍ତି। କରନେଲ ସିଂ ଆଇପିଏସ୍ ଅଧିକାରୀ ଥିବା ବେଳେ ତାଙ୍କ ପୂର୍ବରୁ ନିର୍ଦ୍ଦେଶକ ଭାବେ ଆଇଏଏସ୍ ଅଧିକାରୀ ରାଜୀବ କଟୋଚ ଉକ୍ତ ଦାୟିତ୍ୱ ତୁଲାଇଛନ୍ତି। ୧୯୮୪ ବ୍ୟାଚ୍‌ର ଆଇଆର୍‌ଏସ୍ ଅଧିକାରୀ ମିଶ୍ର ବହୁଚର୍ଚ୍ଚିତ ନ୍ୟାଶନାଲ ହେରାଲ୍ଡ ମାମଲାର ତଦନ୍ତ କରିଛନ୍ତି। ଏହାବ୍ୟତୀତ ସେ ବିଏସ୍‌ପି ସୁପ୍ରିମୋ ମାୟାବତୀଙ୍କ ବିରୋଧରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ମଧ୍ୟ ତଦନ୍ତ କରିଥିଲେ। ଏବେ ସେ ଏକ ବଡ଼ ମିଡିଆ ହାଉସ୍‌ର ଟିକସ ଚୋରି ମାମଲାର ତଦନ୍ତଭାର ନେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଘନିଷ୍ଠ ସହଯୋଗୀ ନୃପେନ ମିଶ୍ରଙ୍କ ଖାସ୍ ଲୋକ ଭାବେ ସଞ୍ଜୟ ଜଣାଶୁଣା।





**BISHANDAYAL JEWELLERS**

BIS: 916

Sriya Square, Bhubaneswar

Deals in : Gold, Diamond & Silver

Gold 24 CT - ₹ 32,400/- 10gm.

Gold 22 CT - ₹ 31,000/- 10gm.

Silver Rate - ₹ 370/- / 10gm.

Making Charge - ₹ 100/- onwards / 1gm.

Condition Apply

Lowest gold Rate & Making Charges



NECC NATIONAL EGG CO-ORDINATION COMMITTEE — 27.10.2018 — Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 76 | 127 | 137 |
| CTC | 76 | 127 | 137 |
| DKL | 76 | 127 | 137 |
| BDK | 76 | 127 | 137 |
| BLS | 76 | 127 | 137 |
| ANG | 77 | 128 | 138 |

*Conditions Apply

Eggs Retail Price- 48/-Dozen

Issued in the Interest of Consumers




୨୦୧୯ରେ କଂଗ୍ରେସ କ୍ଷମତାକୁ ଆସିଲେ ୱାନ୍ ର୍ୟାଙ୍କ ୱାନ୍ ପେନସନ୍ (ଓଆରଓପି) ଲାଗୁ କରିବାକୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିବୁ ।
- ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ





## ସଂକ୍ଷେପରେ

### ଘନିଷ୍ଠ ହେଉଛନ୍ତି ଚାଇନା-ଜାପାନ

**ବେଜିଂ,୨୭।୧୦(ପି.ଟି.):** ଏସିଆରେ ପରସ୍ପର ବିରୋଧୀ ଭାବେ ଜଣାଶୁଣା ଚାଇନା ଏବଂ ଜାପାନ। ଅହି ନକୁଳ ସମ୍ପର୍କ ଯୋଗୁ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚିତ ଏହି ଦୁଇରାଷ୍ଟ୍ର ଏବେ ଇତିହାସକୁ ବଦଳାଇଦେଇଛନ୍ତି। ଉଭୟ ପକ୍ଷ ବନ୍ଧୁତାର ହାତ ବଢ଼ାଇ ଆରମ୍ଭ କରିଛନ୍ତି ଏକ ନୂଆ ସମ୍ପର୍କ। ବାଣିଜ୍ୟ ସମେତ ବିଭିନ୍ନ ପ୍ରସଙ୍ଗରେ ସହଯୋଗର ହାତ ବଢ଼ାଇବାକୁ ଚାଇନା ଏବଂ ଜାପାନ ସକାରାତ୍ମକ ପଦକ୍ଷେପ ଗ୍ରହଣ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଯୋଗୁ ଏହି ଅସମ୍ଭବ ସମ୍ଭବ ହୋଇପାରିଛି। ଟ୍ରମ୍ପ ପ୍ରଶାସନ ବାଣିଜ୍ୟିକ ଚାପ ପକାଇବା ଯୋଗୁ ଏହି ଦୁଇ ଶତ୍ରୁରାଷ୍ଟ୍ର ମଧ୍ୟରେ ବନ୍ଧୁତା ଗଢ଼ିଉଠିଥିବା କୁହାଯାଉଛି। ବେଜିଂର ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ (ବିଆର୍‌ଇ) ପ୍ରକଳ୍ପକୁ ଟୋକିଓ ସମର୍ଥନ ଜଣାଇଛି। ପୂର୍ବ ଚାଇନା ସାଗରରେ ଦ୍ୱୀପଗୁଡ଼ିକୁ ନେଇ ହେଉ ଅବା ଅନ୍ୟ ପ୍ରସଙ୍ଗରେ ଚାଇନା ଓ ଜାପାନ ମଧ୍ୟରେ ଚାଲେ କାଦୁଅଫିଙ୍ଗା। କିନ୍ତୁ ଇତିହାସ ପୃଷ୍ଠାକୁ ଲେଉଟାଇ ଏମାନେ ନୂଆ ଅଧ୍ୟାୟ ସୃଷ୍ଟି କରିଛନ୍ତି। ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ ତିନିଦିନିଆ ଚାଇନା ଗସ୍ତରେ ଯିବା ପରେ ବନ୍ଧୁତାର ମୂଳଦୁଆ ପଡ଼ିଛି। ଚାଇନା ପ୍ରଧାନମନ୍ତ୍ରୀ ଲି କେକିଆଙ୍ଗଙ୍କୁ ଶୁକ୍ରବାର ସାକ୍ଷାତ କରିବା ପରେ ସେ ସେହି ଦେଶର ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କୁ ଭେଟିଛନ୍ତି। ଦୁଇଦେଶ ମଧ୍ୟରେ ତିକ୍ତତାର ପୂର୍ଣ୍ଣଚ୍ଛେଦ ପଡ଼ିବା ଉଚିତ ବୋଲି ଉଭୟ ନେତା ମତବ୍ୟକ୍ତ କରିଛନ୍ତି। ବୈଠକ ପରେ ଜିନ୍‌ପିଙ୍ଗ୍ କହିଛନ୍ତି ଯେ, ଅନ୍ତର୍ଜାତୀୟ ସ୍ତରରେ ସ୍ଥିତି ବଦଳିଯାଇଛି। ଚାଇନା ଏବଂ ଜାପାନ ପରସ୍ପର ପ୍ରତି ନିର୍ଭରଶୀଳ ହେବାରେ ଲାଗିଲେଣି। ବହୁପାକ୍ଷିକ ପ୍ରସଙ୍ଗ ଉପରେ ମଧ ଚାଇନା ଚିନ୍ତାଶୀଳ ଅଛି। ବିଶ୍ୱ ଦ୍ରୁତଗତିରେ ବଦଳିବାକୁ ଲାଗିଥିବାବେଳେ ଚାଇନା-ଜାପାନ ସମ୍ପର୍କର ଗଭୀରତା ବୃଦ୍ଧିହେବାରେ ଲାଗିଛି ବୋଲି ଜିନ୍‌ପିଙ୍ଗ୍ କହିଛନ୍ତି। ଆବେ ମଧ ଚାଇନା ରାଷ୍ଟ୍ରପତିଙ୍କ ସହ ସ୍ୱର ମିଳାଇଛନ୍ତି।

### ଆଇଏସ୍‌ଆଇ ଏଜେଣ୍ଟ ଗିରଫ



**ଲକ୍ଷ୍ନୌ,୨୭।୧୦(ଆଇଏଏନ୍‌ଏସ୍):** ଉତ୍ତରପ୍ରଦେଶର ବୁଲନ୍ଦସହର ଜିଲାରେ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ)ର ଜଣେ ଏଜେଣ୍ଟ ଧରାପଡ଼ିଛନ୍ତି। ତାଙ୍କ ନାମ ଜାହିଦ। ଆଇଏସ୍‌ଆଇ ପାଇଁ ସେ କାର୍ଯ୍ୟ କରୁଥିବା ଜଣାପଡ଼ିବା ପରେ ତାଙ୍କୁ ଗିରଫ କରାଯାଇଥିବା ଶନିବାର ପୋଲିସ ପକ୍ଷରୁ କୁହାଯାଇଛି। ତାଙ୍କ ନିକଟରୁ ମାନଚିତ୍ର ଏବଂ କେତେକ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଜବତ କରାଯାଇଛି। ଗିରଫ ହେବା ପରେ ତାଙ୍କୁ ଜେରା କରାଯାଇଛି ବୋଲି ବୁଲନ୍ଦସହର ଏସ୍‌ପି ପ୍ରବୀଣ ରଞ୍ଜନ କହିଛନ୍ତି। ଖୁର୍ଜା ଜିଲା ନିବାସୀ ଜାହିଦ ଦୁଇଥର ପାକିସ୍ତାନ ଗଲେଣି। ଚଳିତବର୍ଷ ଜୁନ୍‌ରେ ଶେଷଥର ପାଇଁ ପଡ଼ୋଶୀ ଦେଶକୁ ସେ ଯାଇଥିଲେ। ସ୍କାଇପି ଏବଂ ହ୍ୱାଟ୍ସଆପ୍ ଜରିଆରେ ସେ ଆଇଏସ୍‌ଆଇକୁ ଭାରତୀୟ ସେନା ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଉଥିଲେ ବୋଲି ପୋଲିସ କହିଛି। ଜାହିଦଙ୍କ ପାରିବାରିକ ସ୍ଥିତି ଆଦୌ ସ୍ୱଚ୍ଛଳ ନୁହେଁ। ତଥାପି ତାଙ୍କ ଆକାଉଣ୍ଟରେ ୫ ଲକ୍ଷ ଟଙ୍କା ଜମା ରହିଛି।

### ଇତିହାସର ଆଇନାରେ
## ଅକ୍ଟୋବର ୨୮ର ପ୍ରମୁଖ ଘଟଣା

୧୯୯୫ ଅକ୍ଟୋବର ୨୮ରେ ଆଜରବାଇଜାନ୍‌ର ରାଜଧାନୀ ବାକୁରେ ମେଟ୍ରୋ ଟ୍ରେନ୍‌ରେ ଅଗ୍ନିକାଣ୍ଡ ଯୋଗୁ ୨୮୯ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୬୫ ଆହତ ହୋଇଥିଲେ। ମୃତକଙ୍କ ମଧ୍ୟରେ ୨୮ ଶିଶୁ ରହିଥିଲେ।

୨୦୦୭ ଅକ୍ଟୋବର ୨୮ରେ କ୍ରିଷ୍ଟିନା ଫର୍ଣ୍ଣାଣ୍ଡେଜ୍ ଡି କ୍ରିଚନର ଆର୍ଜେଣ୍ଟିନାର ପ୍ରଥମ ମହିଳା ରାଷ୍ଟ୍ରପତି ଭାବରେ ନିର୍ବାଚିତ ହୋଇଥିଲେ। ଜଷ୍ଟିସିଆଲିଷ୍ଟ ପାର୍ଟିର ସଦସ୍ୟ ୨୦୦୭ ରୁ ୨୦୧୫ ପର୍ଯ୍ୟନ୍ତ ଦେଶର ରାଷ୍ଟ୍ରପତି ଥିଲେ। ତାଙ୍କ ସ୍ୱାମୀ ନେଷ୍ଟର କ୍ରିଚନର ଆର୍ଜେଣ୍ଟିନାର ରାଷ୍ଟ୍ରପତି ଥିଲେ।

# ଶ୍ରୀଲଙ୍କାରେ ରାଜନୈତିକ ସଙ୍କଟ

**କଲମ୍ବୋ,୨୭।୧୦(ପି.ଟି.)**


ମୈତ୍ରିପାଳ ସିରିସେନା


ମହିନ୍ଦ୍ରା ରାଜପାକ୍ସେ


ରାନିଲ ୱିକ୍ରମସିଂହେ

### ଦ୍ୱୀପରାଷ୍ଟ୍ରରେ ହାଇଡ୍ରାମା

- ବହିଷ୍କୃତ ପ୍ରଧାନମନ୍ତ୍ରୀ ୱିକ୍ରମ୍‌ସିଂହେ ଶକ୍ତିପରୀକ୍ଷା ପାଇଁ ପ୍ରସ୍ତୁତ
- ସ୍ୱତନ୍ତ୍ର ଅଧିବେଶନ ଡକାଇବାକୁ ବାଚସ୍ପତିଙ୍କ ନିକଟରେ ଦାବି
- ପାର୍ଲାମେଣ୍ଟକୁ ୧୬ ତାରିଖ ପର୍ଯ୍ୟନ୍ତ ମୁଲତବୀ ରଖିଲେ ସିରିସେନା
- ସଂଖ୍ୟାଗରିଷ୍ଠତା ପ୍ରମାଣ ପାଇଁ ରାଜପାକ୍ସେ ଦେଖାଇଲେ ଦମ୍ଭ
- ସମ୍ବିଧାନ ନୀତି ପାଳନ ପାଇଁ ବିଦେଶୀ ରାଷ୍ଟ୍ରଗୁଡ଼ିକର ପରାମର୍ଶ

ଦ୍ୱୀପରାଷ୍ଟ୍ର ଶ୍ରୀଲଙ୍କାରେ ଅଚାନକ୍ ଶାସନକାଳ ପରିବର୍ତ୍ତନ ହୋଇଛି। ରାନିଲ ୱିକ୍ରମସିଂହେଙ୍କୁ ଗାଦିଚ୍ୟୁତ କରି ତାଙ୍କ ସ୍ଥାନରେ ପୂର୍ବତନ ରାଷ୍ଟ୍ରପତି ମହିନ୍ଦ୍ରା ରାଜପାକ୍ସେଙ୍କୁ ପ୍ରଧାନମନ୍ତ୍ରୀ କରାଯାଇଛି। ରାଷ୍ଟ୍ରପତି ମୈତ୍ରିପାଳ ସିରିସେନା ନୂଆ ପ୍ରଧାନମନ୍ତ୍ରୀଙ୍କୁ ଶପଥପାଠ କରାଇବା ପରେ ଦେଶରେ ବଡ଼ଧରଣର ରାଜନୈତିକ ସଙ୍କଟ ସୃଷ୍ଟିହୋଇଛି। କିନ୍ତୁ ବଦଳିଥିବା ରାଜନୀତି ଚିତ୍ରକୁ ହଜମ କରିପାରୁନାହାନ୍ତି ୱିକ୍ରମସିଂହେ। ପାର୍ଲାମେଣ୍ଟରେ ସେ ଶକ୍ତିପରୀକ୍ଷା ଦେବାକୁ ପ୍ରସ୍ତୁତ ଥିବାରୁ ସ୍ୱତନ୍ତ୍ର ଅଧିବେଶନ ଡକାଯାଉ ବୋଲି ସେ ଆହ୍ୱାନ ଦେଇଛନ୍ତି। ତାଙ୍କର ଏହି ଚ୍ୟାଲେଞ୍ଜ ପରେ ଶନିବାର ସିରିସେନା ନଭେମ୍ବର ୧୬ ପର୍ଯ୍ୟନ୍ତ ପାର୍ଲାମେଣ୍ଟ ମୁଲତବୀ ଘୋଷଣା କରିଛନ୍ତି। ତେବେ ରାଜନୈତିକ ହିଂସାରୁ ଦୂରରେ ରହି ସମ୍ବିଧାନ ନୀତିକୁ ପାଳନ କରିବା ପାଇଁ ଶ୍ରୀଲଙ୍କାର ଦଳଗୁଡ଼ିକୁ ଆମେରିକା, ବ୍ରିଟେନ ଏବଂ ୟୁରୋପୀୟ ସଂଘ ପରାମର୍ଶ ଦେଇଛନ୍ତି।

ଶ୍ରୀଲଙ୍କାରେ ଶାସକ ମେଣ୍ଟରେ ପ୍ରଭୁତ୍ୱ ବିସ୍ତାର ଲାଗି ବଳ କଷାକଷି ହେବାରୁ ଆରମ୍ଭ ହୋଇଛି ଅଦିନିଆ ସଙ୍କଟ। ୱିକ୍ରମସିଂହେଙ୍କ ୟୁନାଇଟେଡ୍ ନ୍ୟାଶନାଲ ପାର୍ଟି (ୟୁଏନ୍‌ପି) ନେତୃତ୍ୱାଧୀନ ଏକତା ସରକାରରୁ ସିରିସେନାଙ୍କ ବୃହତ୍ ରାଜନୈତିକ ମେଣ୍ଟ ୟୁନାଇଟେଡ୍ ପିପୁଲ୍ସ ଫ୍ରିଡମ୍ ଆଲାଏନ୍ସ (ୟୁପିଏଫ୍‌ଏ) ଓହରିଯିବା ପରେ ଏହା ଚରମ ସୀମା ଟପିଛି। ଶୁକ୍ରବାର ଦୁଇଟି ଗେଜେଟ ନୋଟିସ ଜାରିକରି ପୂର୍ବତନ ସହଯୋଗୀ ୱିକ୍ରମ୍‌ସିଂହେଙ୍କୁ ଶାସନ କ୍ଷମତାରୁ ହଟାଇଦେଇଛନ୍ତି ରାଷ୍ଟ୍ରପତି ସିରିସେନା। ଏଥିସହିତ ପୂର୍ବତନ ବାହୁବଳୀ ନେତା ରାଜପାକ୍ସେଙ୍କୁ ପ୍ରଧାନମନ୍ତ୍ରୀ ଆସନରେ ବସାଇଦେଇଛନ୍ତି। ସଂଖ୍ୟା ଦୃଷ୍ଟିରୁ ଦେଖିବାକୁ ଗଲେ ୨୨୫ ଆସନ ବିଶିଷ୍ଟ ଶ୍ରୀଲଙ୍କା ପାର୍ଲାମେଣ୍ଟରେ ରାଜପାକ୍ସେ ଏବଂ ସିରିସେନାଙ୍କ ଦଳର ୯୫ ସଦସ୍ୟ ଅଛନ୍ତି। ଅନ୍ୟପଟେ ୱିକ୍ରମ୍‌ସିଂହେଙ୍କ ଦଳ ୟୁଏନ୍‌ପିର ୧୦୬ ସଦସ୍ୟ ଅଛନ୍ତି। ଅଧିକ ଆସନ ଥାଇ ସୁଦ୍ଧା ସଂଖ୍ୟାଗରିଷ୍ଠ ସଦସ୍ୟ ନ ଥିବାରୁ ୱିକ୍ରମ୍‌ସିଂହେଙ୍କ ଗାଦି ଚାଲିଯାଇଛି। ତଥାପି ସେ ଶକ୍ତିପରୀକ୍ଷା ସାମ୍ନା କରିବାକୁ ପ୍ରସ୍ତୁତ ଅଛନ୍ତି। ପାର୍ଲାମେଣ୍ଟରେ ଜରୁରିକାଳୀନ ଅଧିବେଶନ ଡକାଇବା ଲାଗି ଶନିବାର ସେ ବାଚସ୍ପତି କାରୁ ଜୟାସୁରିୟାଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ଏତିକିବେଳେ ସିରିସେନା ଗୋଟିଚାଳନା କରି ସବୁକିଛି ଏପଟସେପଟ କରିଦେଇଛନ୍ତି। ୭୨ ବର୍ଷୀୟ ରାଜପାକ୍ସେଙ୍କୁ ସମର୍ଥନ ଯୋଗାଡ଼ ଲାଗି ସମୟ ଦେବା ପାଇଁ ରାଷ୍ଟ୍ରପତି ପାର୍ଲାମେଣ୍ଟକୁ ଆସନ୍ତା ୧୬ ତାରିଖ ଯାଏ ମୁଲତବୀ ଘୋଷଣା କରିଦେଇଛନ୍ତି। ୨୦୧୯ ବାର୍ଷିକ ବଜେଟ ଲାଗି ନଭେମ୍ବର ୫ରେ ପାର୍ଲାମେଣ୍ଟ ଅଧିବେଶନ ଆରମ୍ଭ ହେବାର ଥିଲା।

ରାଜପାକ୍ସେଙ୍କ ଶପଥଗ୍ରହଣ ବେଆଇନ ଏବଂ ଅସାମ୍ବିଧାନିକ ବୋଲି କହିଛନ୍ତି ଗାଦିଚ୍ୟୁତ ପ୍ରଧାନମନ୍ତ୍ରୀ ୱିକ୍ରମସିଂହେ। ଦଳୀୟ ନେତାଙ୍କ ସହ ମିଶି ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଜାଣିଶୁଣି ଦେଶରେ ଏଭଳି ସଙ୍କଟ ସୃଷ୍ଟି କରାଯାଇଛି। ଏସବୁ ଘଟାଇବା ଆବଶ୍ୟକ ନ ଥିଲା। ନାନାଦି ସମସ୍ୟା ଦେଇ ଗତି କରୁଥିବାବେଳେ ଲୋକମାନଙ୍କୁ ଏଭଳି ରାଜନୈତିକ ସଙ୍କଟ ଦ୍ୱାରା ହନ୍ତସନ୍ତ କରିବା ଅନୁଚିତ। ପାର୍ଲାମେଣ୍ଟ ଅଧିବେଶନ ଡକାଇ ଆସ୍ଥାଭୋଟ କରାଗଲେ ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି ୱିକ୍ରମ୍‌ସିଂହେ କହିଛନ୍ତି।

ତେବେ ରାଜପାକ୍ସେ ଅବା ୱିକ୍ରମସିଂହେ ଶ୍ରୀଲଙ୍କାର ପ୍ରଧାନମନ୍ତ୍ରୀ ପଦରେ ରହିବେ, ସେ ନିଷ୍ପତ୍ତି ଦେବେ ବାଚସ୍ପତି ଜୟାସୁରିୟା। ତେବେ ରାଜପାକ୍ସେଙ୍କ ନେତୃତ୍ୱାଧୀନ ମିଳିତ ବିରୋଧୀ ଗୋଷ୍ଠୀଙ୍କ ଦୃଢ଼ ଦାବି ହେଉଛି ତାଙ୍କ ନେତା ହିଁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିବେ। ଏତିକିବେଳେ ଶ୍ରୀଲଙ୍କା ମୁସଲିମ୍ କଂଗ୍ରେସ ନେତା ରୌଫ୍ ହାକିମ୍ କହିଛନ୍ତି ଯେ, ତାଙ୍କ ଦଳ ୱିକ୍ରମସିଂହେଙ୍କୁ ସମର୍ଥନ ଦେବ। ସଂଖ୍ୟାଲଘୁ ତାମିଲ ଏବଂ ମୁସ୍‌ଲିମ୍ ଦଳଗୁଡ଼ିକର ନେତା ମନୁ ଗଣେଶନ୍, ପାଲାନିଦିଗମ୍ବରମ୍ ଏବଂ ରିଶାଦ୍ ବାଥିୟୁଥିନ୍ ମଧ୍ୟ ବହିଷ୍କୃତ ପ୍ରଧାନମନ୍ତ୍ରୀଙ୍କ ସପକ୍ଷରେ ବାହାରିପଡ଼ିଛନ୍ତି। ୱିକ୍ରମ୍‌ସିଂହେଙ୍କୁ ସିରିସେନା ବହିଷ୍କାର କରିବା ବେଆଇନ ଏବଂ ଅସାମ୍ବିଧାନିକ ନିଷ୍ପତ୍ତି ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ରାଜପାକ୍ସେ ଓ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ଏକାଧିକ ଦୁର୍ନୀତି ମାମଲା ରହିଛି। ଏସବୁ ସତ୍ତ୍ୱେ ସିରିସେନା ତାଙ୍କ ହାତରେ କ୍ଷମତା ହସ୍ତାନ୍ତର କରିବା ଅଗ୍ରହଣୀୟ ବୋଲି ଅନେକେ କହିଛନ୍ତି।

ଗତ ଏପ୍ରିଲରେ ମଧ୍ୟ ସିରିସେନା ଏବଂ ରାଜପାକ୍ସେ ଚକ୍ରାନ୍ତ କରି ୱିକ୍ରମସିଂହେଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। କିନ୍ତୁ ସଫଳତାର ସହ ଏହି ପରୀକ୍ଷାରେ ସେ ପାସ୍ ହୋଇଯାଇଥିଲେ। ଆଉ ପାଦେ ଯାଇ ସିରିସେନା ତାଙ୍କୁ ବହିଷ୍କାର କରିଥିବାରୁ ଶ୍ରୀଲଙ୍କାର ରାଜନୈତିକ ସ୍ଥିତି ଉପରେ ଏବେ ସମଗ୍ର ବିଶ୍ୱର ନଜର। ଆମେରିକା, ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ନେଦରଲାଣ୍ଡ ଏବଂ ରୋମାନିଆ ଶ୍ରୀଲଙ୍କା ସଙ୍କଟକୁ ଅନୁଧ୍ୟାନ କରୁଛନ୍ତି। ତେବେ ରାଜନୈତିକ ବଳ କଷାକଷି ଛାଡ଼ି ସମ୍ବିଧାନ ନୀତି ଅନୁଯାୟୀ ଶାସନ ବ୍ୟବସ୍ଥା ପରିଚାଳନା କରାଯାଉ ବୋଲି ବିଦେଶୀ ରାଷ୍ଟ୍ରଗୁଡ଼ିକ ଦ୍ୱୀପରାଷ୍ଟ୍ରକୁ ପରାମର୍ଶ ଦେଇଛନ୍ତି।

# କଂଗ୍ରେସକୁ ଫେରିଲେ ତାରିକ୍ ଅନ୍‌ୱର

**ନୂଆଦିଲ୍ଲୀ,୨୭।୧୦(ଆଇଏଏନ୍‌ଏସ୍)**

ଅସନ୍ତୋଷ ବ୍ୟକ୍ତକରି ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି)ରୁ ଇସ୍ତଫା ଦେବାର ମାସକ ପରେ କଂଗ୍ରେସରେ ଯୋଗଦେଇଛନ୍ତି ତାରିକ୍ ଅନ୍‌ୱର। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଭେଟିବା ପରେ ଶନିବାର ବିଧିବଦ୍ଧ ଭାବେ ସେ ଏହି ଦଳର ସଦସ୍ୟ ହୋଇଛନ୍ତି। ବିଭିନ୍ନ ରାଜ୍ୟରେ ଦଳୀୟ ନେତାମାନେ ମୁହଁ ଫେରାଇ ନେଉଥିବାବେଳେ ୧୯ ବର୍ଷ ପରେ ଅନ୍‌ୱର ପୁଣି କଂଗ୍ରେସକୁ ଫେରିଥିବାରୁ ଦଳ ଭିତରେ ଉତ୍ସାହର ଦେଖିବାକୁ ମିଳିଛି।

ଅନ୍‌ୱର ପୂର୍ବରୁ କଂଗ୍ରେସର ସଦସ୍ୟ ଥିଲେ। ପାଖାପାଖି ଦୁଇଦଶନ୍ଧି ପୂର୍ବେ ସୋନିଆ ଗାନ୍ଧୀଙ୍କୁ କଂଗ୍ରେସ ମୁଖ୍ୟ ଭାବେ ନିଯୁକ୍ତ କରାଯିବାରୁ ଅନ୍ୟ କେତେଜଣ ନେତାଙ୍କ ସହ ମିଶି ସେ ମଧ ଇସ୍ତଫା ଦେଇଥିଲେ। ୧୯୯୯ରେ ଅନ୍‌ୱର କଂଗ୍ରେସ ଛାଡ଼ି ଶରଦ ପାୱାରଙ୍କ ଦଳ ଏନ୍‌ସିପିରେ ଯୋଗଦେଇଥିଲେ। ତେବେ ରାଫାଲ୍ ଚୁକ୍ତି ବିବାଦକୁ ନେଇ ନିକଟରେ ପାୱାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କ୍ଲିନ୍‌ଚିଟ୍ ଦେବାରୁ ସେ ଅସନ୍ତୋଷ ବ୍ୟକ୍ତକରିବା ସହ ସେପ୍ଟେମ୍ବର ୨୮ରେ ଏନ୍‌ସିପି ସହ ସମ୍ପର୍କ ତୁଟାଇଦେଲେ। ଏବେ ସେ ପୁଣି କଂଗ୍ରେସକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। କଂଗ୍ରେସ ପରିବାରକୁ ତାଙ୍କୁ ସ୍ୱାଗତ ଜଣାଇଛନ୍ତି ରାହୁଲ। ଦିଲ୍ଲୀର ତୁଗ୍‌ଲକ ଲେନ୍‌ସ୍ଥିତ ରାହୁଲଙ୍କ ବାସଭବନରେ ଉଭୟ ନେତା ମଧ୍ୟରେ ବୈଠକ ହେବା ପରେ ବିଧିବଦ୍ଧ ଘୋଷଣା ହୋଇଥିଲା।

### ସାମିଲ ହେଲେ ଟିଆର୍‌ଏସ୍‌ର ୨ ବରିଷ୍ଠ ନେତା



ରାହୁଲ ଏବଂ ଅନ୍‌ୱର କରମର୍ଦ୍ଦନ କରୁଥିବା ବେଳର ଏକ ଫଟୋ କଂଗ୍ରେସର ଟୁଇଟର ଆକାଉଣ୍ଟରେ ପୋଷ୍ଟ ହୋଇଛି।

ଅନ୍ୟପଟେ ତେଲେଙ୍ଗାନାରେ ମଧ୍ୟ କଂଗ୍ରେସ ପାଇଁ ଉତ୍ସାହଜନକ ଘଟଣା ଘଟିଛି। ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ରାଜ୍ୟର ଦୁଇ ବରିଷ୍ଠ ଟିଆର୍‌ଏସ୍ ନେତା ଶନିବାର କଂଗ୍ରେସରେ ଯୋଗ ଦେଇଛନ୍ତି। ସେମାନେ ହେଲେ ତେଲଙ୍ଗାନା ରାଜ୍ୟ ପରିବହନ ବିକାଶ ନିଗମ ଅଧ୍ୟକ୍ଷ ଟି. ନାର୍ସା ରେଡ୍ଡୀ ଏବଂ ତେଲେଙ୍ଗାନା ବିଧାନ ପରିଷଦ ସଦସ୍ୟ ଏସ୍. ରାମୁଲୁ ନାଏକ। ନୂଆଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ରାହୁଲଙ୍କ ଉପସ୍ଥିତିରେ ସେମାନେ କଂଗ୍ରେସରେ ସାମିଲ ହୋଇଛନ୍ତି। ଟିଆର୍‌ଏସ୍ ନେତା ତଥା ରାଜ୍ୟ ସଭା ସଦସ୍ୟ ଡି. ଶ୍ରୀନିବାସ ଶନିବାର ରାହୁଲଙ୍କୁ ଭେଟି କଂଗ୍ରେସରେ ଯୋଗଦେବାକୁ ଚାହୁଁଥିବା ଇଚ୍ଛାବ୍ୟକ୍ତ କରିଛନ୍ତି।

# ସିଆଇଏସ୍‌ଏଫ୍ ଯବାନ ଶହୀଦ

**ଶ୍ରୀନଗର,୨୭।୧୦(ପି.ଟି.)**

ଜମ୍ମୁ-କଶ୍ମୀରର ବଡଗାମ୍ ଜିଲାରେ ଆତଙ୍କବାଦୀମାନେ ଆକ୍ରମଣ ଘଟାଇଛନ୍ତି। ଏଥିରେ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସ୍‌ଏଫ୍)ର ଜଣେ ଯବାନ ଶହୀଦ ହୋଇଛନ୍ତି। ଶନିବାର ଏହି ଘଟଣା ସମ୍ପର୍କରେ ପୋଲିସ ସୂଚନା ଦେଇଛି। ଖବର ମୁତାବକ ଶୁକ୍ରବାର ବିଳମ୍ବିତ ରାତିରେ ଜିଲାର ୱାଗୁରା ଗ୍ରୀଡ୍ ଷ୍ଟେଶନ ନିକଟରେ ଆତଙ୍କବାଦୀ ସୁରକ୍ଷାବଳକୁ ଟାର୍ଗେଟ କରି ଗୁଳିମାଡ଼ କରିଥିଲେ। ସିଆଇଏସ୍‌ଏଫ୍‌ର ଏଏସ୍‌ଆଇ ରାଜେନ୍ଦ୍ର ପ୍ରସାଦଙ୍କ ଦେହରେ ଗୁଳିମାଡ଼ ହୋଇଥିଲା। ହସ୍ପିଟାଲରେ ସେ ଆଖିବୁଜିଛନ୍ତି। ଗୁଳିମାଡ଼ ପରେ ଉକ୍ତ ଅଞ୍ଚଳକୁ ସୁରକ୍ଷାକର୍ମୀମାନେ ଘେରାବନ୍ଦୀ କରି ତଲାସି ଚଳାଇଛନ୍ତି।

## ଫୁର୍‌ସତ

### ସମଲିଙ୍ଗୀ ପରେଡ



**ତାଇପେଇ:** ତାଇୱାନ୍‌ରେ ଏଲ୍‌ଜିବିଟି ଅଧିକାର ନେଇ ଆସନ୍ତା ମାସରେ ଭୋଟ ହେବାକୁ ଯାଉଥିବା ବେଳେ ଗଣମତ ସଂଗ୍ରହ ଲକ୍ଷ୍ୟରେ ଶନିବାର ଏଠାରେ ସମଲିଙ୍ଗୀଙ୍କର ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୧୦ ହଜାର ସମଲିଙ୍ଗୀ ଅଂଶଗ୍ରହଣ କରିଥିଲେ। ଏହାକୁ ଏସିଆ ମହାଦେଶର ବୃହତ୍ ପରେଡ୍ ବୋଲି ଅଭିହିତ କରାଯାଇଛି। ୨୦୧୭ ମେ ମାସରେ ତାଇୱାନ୍‌ର ସର୍ବୋଚ୍ଚ ଅଦାଲତ ସମଲିଙ୍ଗୀ ବିବାହକୁ ଆଇନସମ୍ମତ କରିଥିଲେ। ଏହା କରିବାରେ ତାଇୱାନ୍ ହେଉଛି ଏସିଆ ମହାଦେଶରେ ପ୍ରଥମ ଦେଶ। ଆସନ୍ତା ଦୁଇବର୍ଷ ମଧ୍ୟରେ ଏହି ଆଇନ କାର୍ଯ୍ୟକାରୀ ହେବାକୁ ଯାଉଛି। କିନ୍ତୁ ଏହାକୁ ନେଇ ତାଇୱାନ୍‌ରେ ବିରୋଧ ଦେଖାଦେଇଛି। ସମଲିଙ୍ଗୀ ବିବାହକୁ ଅନୁମତି ଦେବାଲାଗି ଦେୱାନୀ ଆଇନ ସଂଶୋଧନ ବିରୋଧରେ ସମଲିଙ୍ଗୀ ଅଧିକାର ବିରୋଧୀମାନେ ଗଣମତ ଲୋଡ଼ିଛନ୍ତି। ନଭେମ୍ବରରେ ଏଥିପାଇଁ ମଧ୍ୟ ଭୋଟ ନିଆଯିବ। ବିରୋଧୀଙ୍କ କହିବାନୁଯାୟୀ ଜଣେ ପୁରୁଷ ଏବଂ ଜଣେ ମହିଳାଙ୍କୁ ନେଇ ବିବାହ ସଂଜ୍ଞା ନିରୂପଣ କରାଯାଏ। ସେଠାରେ ସମକାମୀ ପୁରୁଷ କିମ୍ବା ସମକାମୀ ମହିଳାଙ୍କ ସ୍ଥାନ ନ ଥାଏ। ଚଳିତବର୍ଷ ଶୋଭାଯାତ୍ରାର ବାର୍ତ୍ତା ଥିଲା-'ସମଲିଙ୍ଗୀ ଅଧିକାରକୁ ସମର୍ଥନ କରନ୍ତୁ।'

# ବିଶ୍ୱର ସର୍ବବୃହତ୍ ବିମାନବନ୍ଦର

**ଇସ୍ତାନବୁଲ୍:**

ବାର୍ଷିକ ୯୦ ନିୟୁତ ଯାତ୍ରୀ ପରିବହନ କରିବାର କ୍ଷମତା ରଖିଥିବା ବିଶ୍ୱର ସର୍ବବୃହତ୍ ବିମାନବନ୍ଦର ଅକ୍ଟୋବର ୨୯ରେ ଖୋଲିବାକୁ ଯାଉଛି। ଏହି ବିମାନବନ୍ଦରର ବିଶେଷତ୍ୱ ହେଉଛି ସମସ୍ତ ବିମାନ 'ଗୋଟିଏ ଛାତ ତଳେ' ରହିବାର ବ୍ୟବସ୍ଥା ହୋଇଛି। ଇସ୍ତାନବୁଲ୍ ନ୍ୟୁ ଏୟାରପୋର୍ଟ ପ୍ରକଳ୍ପର ଅଂଶସ୍ୱରୂପ ପ୍ରଥମ ପର୍ଯ୍ୟାୟରେ ଗଠିତ ଏହି ବିମାନବନ୍ଦର ଦେଇ ବର୍ଷକୁ ୯୦ ନିୟୁତ ଯାତ୍ରୀ ଯାତ୍ରା କରିପାରିବେ। ଏହି ସୁବିଧା ପ୍ରଦାନ କରିବାରେ ଏହା ହେବ ବିଶ୍ୱର ବୃହତ୍ ବିମାନବନ୍ଦର। ଅକ୍ଟୋବର ୨୯ରେ ତୁର୍କିର ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ନୂତନ ଇନ୍‌ଫ୍ରାଷ୍ଟ୍ରକ୍ଚର ଫ୍ୟାସିଲିଟି ଏବଂ ବିମାନ ବନ୍ଦରର



ନାମକରଣ ହେବ। ପ୍ରଥମ ପର୍ଯ୍ୟାୟରେ ଏଥିପାଇଁ ୭୫୦ କୋଟି ୟୁରୋ ବ୍ୟୟ ହୋଇଛି। ଏହା ସରକାରୀ-ଘରୋଇ ଭାଗୀଦାରିତାରେ 'ଆଇଜିଏ' କମ୍ପାନୀ ଦ୍ୱାରା ନିର୍ମାଣ କରାଯାଇଛି ବୋଲି ଆଇଜିଏର ମୁଖ୍ୟ କାର୍ଯ୍ୟନିର୍ବାହୀ କାଦ୍ରି ସାମସୁନଲୁ ପ୍ରକାଶ କରିଛନ୍ତି। ଆସନ୍ତା ୧୦ବର୍ଷ ମଧ୍ୟରେ ସମସ୍ତ ୪ ପର୍ଯ୍ୟାୟ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଏହା ବାର୍ଷିକ ୨୦୦ ନିୟୁତ ଯାତ୍ରୀ ପରିବହନ କରିବାର କ୍ଷମତା ରଖିବ। ଡିସେମ୍ବର ଶେଷ ସୁଦ୍ଧା ନୂଆ ଟର୍ମିନାଲ୍ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ଯାତ୍ରୀମାନେ ୫ଟି ପାୟର ବ୍ଲକ୍, ୭୭ ବୋର୍ଡିଂ ଗେଟ୍ ଏବଂ ୧୪୩ ଏରୋ-ବ୍ରିଜ୍ ବ୍ୟବହାର କରିପାରିବେ।

ନୂତନ ବିମାନବନ୍ଦରଟି ଇସ୍ତାନବୁଲ୍‌ର ୟୁରୋପ ପାର୍ଶ୍ୱରେ କୃଷ୍ଣସାଗର ଉପକୂଳ ନିକଟରେ ଅବସ୍ଥିତ। ଏଥିରେ ୨ଟି ରନ୍‌ୱେ ଥିବାବେଳେ ଏକକାଳୀନ ୧୧୪ଟି ଛୋଟକାଟର ବିମାନ ଆଶ୍ରୟ ନେଇପାରିବେ। ଅନ୍ତର୍ଜାତୀୟ ସ୍ତରରେ ଏହା ବୃହତ୍ ବେସାମରିକ ବିମାନବନ୍ଦରର ସେବା ପ୍ରଦାନ କରିବ। ତୁର୍କିର ସୈନ୍ୟବାହିନୀ ଓ ଯନ୍ତ୍ରପାତି ଯୋଗାଣ ସହିତ ପର୍ଯ୍ୟଟନ ଉଦ୍ୟୋଗକୁ ମଧ୍ୟ ତ୍ୱରାନ୍ୱିତ କରିବ।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବା ସହ ବର୍ଷା ହୋଇପାରେ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୦ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୧ | ୧୭.୪ |
| ଚାନ୍ଦବାଲି | ୩୦.୫ | ୨୦.୪ |
| କଟକ | ୩୦.୦ | ୧୯.୦ |
| ପାରାଦ୍ୱୀପ | ୩୦.୭ | ୨୧.୬ |
| ଭୁବନେଶ୍ୱର | ୩୧.୭ | ୧୯.୪ |
| ଗୋପାଳପୁର | ୩୩.୪ | ୧୯.୮ |
| ପୁରୀ | ୩୧.୬ | ୨୨.୨ |
| ଅନୁଗୋଳ | ୩୦.୭ | ୧୫.୬ |
| ବାରିପଦା | ୨୯.୬ | ୧୭.୨ |
| ଝାରସୁଗୁଡ଼ା | ୩୧.୯ | ୧୫.୦ |
| କେନ୍ଦୁଝର | ୨୮.୩ | ୧୪.୮ |
| ସମ୍ବଲପୁର | ୩୧.୫ | ୧୬.୩ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୨.୧ | ୧୭.୬ |
| ତାଳଚେର | ୩୩.୩ | ୧୭.୦ |
| ଭବାନୀପାଟଣା | ୩୦.୪ | ୧୪.୦ |
| ବଲାଙ୍ଗୀର | ୩୩.୩ | ୧୭.୫ |
| କୋରାପୁଟ | ୨୯.୦ | ୧୨.୬ |
| ଫୁଲବାଣୀ | --- | ୧୦.୦ |
| ଟିଟିଲାଗଡ଼ | --- | ୧୫.୦ |
| ମାଲକାନଗିରି | ୩୩.୦ | --- |
| ସୋନପୁର | ୩୧.୮ | ୧୫.୪ |
| ଦାରିଙ୍ଗିବାଡ଼ି | ୨୭.୪ | ୧୩.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ସତ୍ୟ ଘଟଣା ଉପରେ ଆଧାରିତ 'ଉରି'

**ନୂଆଦିଲ୍ଲୀ:** ୨୦୧୯ ଜାନୁୟାରୀରେ 'ଉରି' ରିଲିଜ୍ ହେବାକୁ ଯାଉଥିବା ବେଳେ ଏହା ଏକ ସତ୍ୟ ଘଟଣା ଉପରେ ଆଧାରିତ ବୋଲି ଅଭିନେତ୍ରୀ ୟାମୀ ଗୌତମ ପ୍ରକାଶ କରିଛନ୍ତି। ଆଦିତ୍ୟ ଧର୍ ଫିଲ୍ମର କାହାଣୀ ରଚନା କରିବା ସହିତ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଭିକି(କୌଶଲ)ଙ୍କ ସମେତ ସମସ୍ତ କଳାକାର ଏଥିପାଇଁ କଠିନ ପରିଶ୍ରମ କରିଥିବା ସେ କହିଛନ୍ତି।

ଉରି ଏକ ସ୍ୱତନ୍ତ୍ର ଫିଲ୍ମ। ଏହା କେବଳ ମୋ ପାଇଁ ନୁହେଁ, ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ୟାମୀ ପ୍ରକାଶ କରିଛନ୍ତି। ଉକ୍ତ ଫିଲ୍ମରେ ଅଭିନେତା ଭିକି କୌଶଲ ଜଣେ ଭାରତୀୟ କମାଣ୍ଡୋ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ୨୦୧୬ରେ ଭାରତୀୟ ସଶସ୍ତ୍ର ବାହିନୀ ଦ୍ୱାରା କରାଯାଇଥିବା ସର୍ଜିକାଲ୍ ଷ୍ଟ୍ରାଇକ୍‌କୁ ଆଧାର କରି ଏହି ଫିଲ୍ମ ନିର୍ମାଣ ହୋଇଛି। 'ଉରି' ଫିଲ୍ମରେ ଏହି ଘଟଣାବଳୀର ବିସ୍ତୃତ ବର୍ଣ୍ଣନା କରାଯାଇଛି। ଏଥିରେ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି କୀର୍ତ୍ତି କୁଲ୍‌ହାରି ଏବଂ ପରେଶ ରାୱଲ। ଆରଏସ୍‌ଭିପି ମୁଭିଜ୍ ପ୍ରଯୋଜନାରେ ପ୍ରସ୍ତୁତ 'ଉରି' ୨୦୧୯ ଜାନୁୟାରୀ ୧୧ରେ ରିଲିଜ ହେବାର ଅଛି।


ୟାମୀ ଗୌତମ

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ୍-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.


HONDA
The Power of Dreams
सच कर देंगे सपने
ONE LOOK
IS ENOUGH
X-BLADE
ROBO-FACE LED HEADLAMP
AGGRESSIVE-SCULPTED TANK DESIGN
STREET-TECH DIGITAL METER
RAZOR EDGED LED TAIL LAMP
UP TO 95%# FINANCE ON ON-ROAD PRICE
0 PROCESSING & DOCUMENTATION CHARGES#
SAVING UP TO ₹ 7,500#
HDFC BANK We understand your world
L&T Financial Services
muthoot CAPITAL
IndusInd Bank
SHRIRAM City MONEY WHEN YOU NEED IT MOST
Honda is HONDA
Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com
#Finance scheme available with select financiers at their sole discretion. Up to 95% finance as per financier policy and subject to income documentation of customer. Saving has been calculated on finance scheme and depends on specific loan amount, tenure and Rate of interest against general scheme available in the market. Scheme is available for limited time period only and can be withdrawn from market without any prior notice. Accessories shown in the picture are not a part of the standard equipment. Product shown in the picture may vary from actual product available in market. **Conditions apply.
BEST DEAL HONDA Buy. Sell. Exchange
ALWAYS WEAR HELMET WHILE RIDING
Also available:
Annual Maintenance Contract**
Road Side Assistance**
Engine Health Assurance**
Follow us on
Honda Exclusive Authorized Dealerships: JEYPORE: Kesar Honda - 06854-230492, 8895321212; MUNIGUDA: Laxmi Honda - 0958352467; NABRANGPUR: Vardhmaan Honda - 06858-223929, 8260020009; RAYGADA: Aditya Honda - 9938418969, 09692455111, 8093331029; SIMLIGUDA: SS Honda - 06853225397, 07799882597.
For Bulk/Institutional enquiries, please write us at: institutionalsales@honda2wheelersindia.com

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................


ଗୁଡୁଲୁ
ପରିବାରବର୍ଗ


ଯଜ୍ଞ ନାରାୟଣେଶ୍ୱର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଅଁଳା ନବମୀରେ ରାଧାପାଦ ସ୍ୱର୍ଶକୁ ବିରୋଧ

ପୁରୀ ଅଫିସ, ୨୭।୧୦



- ଦେବୋତ୍ତର କମିଶନରଙ୍କ ନିକଟରେ ଅଭିଯୋଗ
- ନଭେମ୍ବର ୧୭ରେ ରାଧାପାଦ ଦର୍ଶନ
- ୩ତାରିଖ ଅପରାହ୍ଣରେ ବସିବ ସମନ୍ୱୟ ବୈଠକ

ବର୍ଷକୁ ଥରେ ମିଳୁଥିବା ରାଧାପାଦ ଦର୍ଶନରୁ କୋଟିପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏହି ଆସ୍ଥା ଓ ବିଶ୍ୱାସ ରଖି ପବିତ୍ର ଅଳାଁ ନବମୀରେ ସାକ୍ଷୀଗୋପାଳ ମନ୍ଦିରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସୁଅ ଛୁଟେ। ଏହି ଦିନ ଓଡ଼ିଆଣୀ ବେଶରେ ସଜ୍ଜିତ ରାଧାରାଣୀଙ୍କ ଦର୍ଶନ ସହିତ ପାଦ ସ୍ୱର୍ଶ କରିବା ପାଇଁ ଭକ୍ତଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଥାଏ। ତେବେ ଚଳିତବର୍ଷ ରାଧାପାଦ ସ୍ୱର୍ଶକୁ ନେଇ ଉଠିଛି ବିବାଦ। ରାଧାପାଦ ସ୍ୱର୍ଶ ଶାସ୍ତ୍ରୀୟ ବିଧି ବ୍ୟବସ୍ଥାର ଉଲ୍ଲଂଘନ ଏବଂ ଏଥିଯୋଗୁ ଦର୍ଶନ ବ୍ୟବସ୍ଥାରେ ବିଶୃଙ୍ଖଳା ଉପୁଜୁଥିବା ନେଇ ଦେବୋତ୍ତର କମିଶନରଙ୍କ ନିକଟରେ ଆଇନଜୀବୀ ବିନାୟକ ମହାନ୍ତି ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ଆସନ୍ତା ୧୭ତାରିଖରେ ଅଁଳା ନବମୀ। ଅଁଳା ନବମୀରେ ରାଧାପାଦ ଦର୍ଶନକୁ ଶୃଙ୍ଖଳିତ କରିବା ଲାଗି ଆସନ୍ତା ନଭେମ୍ବର ୩ ତାରିଖ ଅପରାହ୍ଣ ୪ଟାରେ ସତ୍ୟବାଦୀ ପାନ୍ଥଶାଳାରେ ସମନ୍ୱୟ ବୈଠକ ଅନୁଷ୍ଠିତ ହେବ ବୋଲି ମନ୍ଦିର ନିର୍ବାହୀ ଅଧିକାରୀ କୈଳାସ ମିଶ୍ର ସୂଚନା ଦେଇଛନ୍ତି। ବୈଠକରେ ଏହି ପ୍ରସଙ୍ଗ ଉପରେ ଆଲୋଚନା କରାଯିବାର ସମ୍ଭାବନା ରହିଛି।

ଆଇନଜୀବୀ ବିନାୟକ ମହାନ୍ତି ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଅଁଳା ନବମୀରେ ଦର୍ଶନାର୍ଥୀଙ୍କୁ ଶ୍ରୀରାଧାଙ୍କ ପାଦସ୍ୱର୍ଶର ସୁଯୋଗ ଦିଆଯାଉଛି। ବର୍ଷକରେ ଥରେ କେବଳ ଶ୍ରୀରାଧାଙ୍କ ପାଦଦର୍ଶନର ସୁଯୋଗ ମିଳିଥାଏ। କିନ୍ତୁ ପାଦ ସ୍ୱର୍ଶ ଶାସ୍ତ୍ର ସମ୍ମତ ନୁହେଁ। ୨୦୦୧ ମସିହାରେ ସତ୍ୟବାଦୀ ଗୋପୀନାଥ ଦେବ ମନ୍ଦିର ନିର୍ବାହୀ ଅଧିକାରୀ ପାଦ ସ୍ୱର୍ଶ ସଂକ୍ରାନ୍ତରେ ଶ୍ରୀମନ୍ଦିର ମୁକ୍ତିମଣ୍ଡପ ପଣ୍ଡିତ ସଭାର ମତାମତ ଲୋଡ଼ିଥିଲେ। ୨୦୦୧ ଫେବୃୟାରୀ ୧୯ରେ ଶ୍ରୀରାଧାଙ୍କ ପାଦ ସ୍ୱର୍ଶ ଶାସ୍ତ୍ରୀୟ ବିଧି ସମ୍ମତ ନୁହେଁ ବୋଲି ମୁକ୍ତିମଣ୍ଡପ ପଣ୍ଡିତ ସଭା ସିଦ୍ଧାନ୍ତ ଦେଇଥିଲେ। ଏପରି କି ତତ୍କାଳୀନ ଦେବୋତ୍ତର କମିଶନର ମଧ୍ୟ ପାଦ ସ୍ୱର୍ଶ ପାଇଁ ଭକ୍ତଙ୍କୁ ସୁଯୋଗ ନ ଦେବାକୁ ଏବଂ ଦିଅଁ ସମ୍ମୁଖରେ ବ୍ୟାରିକେଡ କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ଅଦ୍ୟାବଧି ଶାସ୍ତ୍ରୀୟ ବିଧି ବ୍ୟବସ୍ଥାର ଉଲ୍ଲଂଘନ କରି ଶ୍ରଦ୍ଧାଳୁ ଶ୍ରୀରାଧାଙ୍କ ପାଦ ସ୍ୱର୍ଶ କରୁଛନ୍ତି। ଅପରପକ୍ଷରେ ପାଦ ସ୍ୱର୍ଶ ଦ୍ୱାରା ଭିଡ଼ ହେବା ସହିତ ଦର୍ଶନରେ ବିଶୃଙ୍ଖଳା ଉପୁଜୁଛି। ତେଣୁ ଏହି ବ୍ୟବସ୍ଥାକୁ ବନ୍ଦ କରିବା ଲାଗି ସେ ଦେବୋତ୍ତର କମିଶନରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମୁକ୍ତିମଣ୍ଡପ ପଣ୍ଡିତ ସଭା ୨୦୦୧ ମସିହାରେ ଦେଇଥିବା ସିଦ୍ଧାନ୍ତର ଏକ ନକଲ ମଧ୍ୟ ତାଙ୍କ ଅଭିଯୋଗରେ ଦାଖଲ କରିଛନ୍ତି। ସେ ଆହୁରି ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଅଁଳା ନବମୀ ରାଧାପାଦ ଦର୍ଶନ ବେଳେ ଯେଉଁ ଅର୍ଥ ଆଦାୟ ହେଉଛି ତାହା ମନ୍ଦିର ଜମାକୁ ନିଆଯାଉ। ଗତବର୍ଷ ଅଁଳା ନବମୀରେ ହୋଇଥିବା ଜାଲ୍ ଟିକେଟ ଦୁର୍ନୀତିରେ ତଦନ୍ତ କରିବା ଲାଗି ମଧ୍ୟ ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

ଦେବୋତ୍ତର କମିଶନର ବିରଜା ପ୍ରସାଦ ଦତ୍ତ କହିଛନ୍ତି ଯେ, ରାଧାପାଦ ସ୍ୱର୍ଶ ଶାସ୍ତ୍ରୀୟ ସମ୍ମତ ନୁହେଁ ବୋଲି ଅଭିଯୋଗ ଆସିଛି। ଆସନ୍ତା ସମନ୍ୱୟ ବୈଠକରେ ଏହି ପ୍ରସଙ୍ଗରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ। ଦର୍ଶନ ବ୍ୟବସ୍ଥାରେ ଯେଭଳି ବିଶୃଙ୍ଖଳା ନ ଉପୁଜେ ସେ ଦିଗରେ ମଧ୍ୟ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

### ଝାରସୁଗୁଡ଼ା ବିମାନବନ୍ଦର ଅଚଳାବସ୍ଥା

# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ବିଧାୟକ ନବ ଦାସ

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ସେପ୍ଟେମ୍ବର ୨୨ରେ ଲୋକାର୍ପିତ ହୋଇଥିବା ଝାରସୁଗୁଡ଼ା ବିମାନ ବନ୍ଦରରେ ଅଚଳାବସ୍ଥା ଜାରି ରହିଛି। ଏହାକୁ ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶନିବାର ସଚିବାଳୟରେ ଭେଟିଛନ୍ତି ସ୍ଥାନୀୟ ବିଧାୟକ ନବ ଦାସ। ମୁଖ୍ୟମନ୍ତ୍ରୀ ଏଥିରେ ତୁରନ୍ତ ହସ୍ତକ୍ଷେପ କରିବା ସହ କେନ୍ଦ୍ର ସରକାର ବିମାନ ବନ୍ଦରର ଅଚଳାବସ୍ଥା ଦୂର କରିବା ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ନବ ଦାବି କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ଚିଠିରେ ନବ ଦାସ ଉଲ୍ଲେଖ କରିଛନ୍ତି ଯେ, ଲୋକାର୍ପଣ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିମାନ ବନ୍ଦରକୁ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ଘୋଷଣା କରିଥିଲେ। ଏଥିସହିତ ବିମାନବନ୍ଦରଟି ପୂର୍ଣ୍ଣଭାବେ କାର୍ଯ୍ୟକ୍ଷମ ହେବ ବୋଲି ମତ ରଖିଥିଲେ। ହେଲେ ୨୦ଦିନ ହେବ କୌଣସି ସେଠାରେ ବିମାନ ଅବତରଣ କରୁନାହିଁ। ଆନୁଷ୍ଠାନିକ ଭାବେ ବିମାନବନ୍ଦରର ନାମ ବୀରସୁରେନ୍ଦ୍ର ସାଏଙ୍କ ନାଁରେ ନାମିତ କରାଯାଇଥିବା ଜଣାପଡୁନାହିଁ। ଯଦି ଏନେଇ ମାସକ ମଧ୍ୟରେ କୌଣସି ପଦକ୍ଷେପ ନ ନିଆଯାଏ, ତେବେ ପଶ୍ଚିମ ଓଡ଼ିଶାର ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ନବ ଚେତାବନୀ ଦେଇଛନ୍ତି।

# ନଭେମ୍ବର ପହିଲାରୁ ଧାନ କିଣା

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

- ୧୫ ଲକ୍ଷ ଚାଷୀଙ୍କୁ ସାମିଲ କରିବାକୁ ଯୋଜନା
- ଏମ୍ଏସ୍ପି ୧୦୦ଟଙ୍କା ବଢ଼ିଛି
- ନଭେମ୍ବର ୧୫ ଯାଏ ଚାଷୀ ପଞ୍ଜୀକରଣ
- ଧାନ ବିକିବାକୁ କଟକଣା ନାହିଁ

ଆସନ୍ତା ନଭେମ୍ବର ୧ ତାରିଖରୁ ରାଜ୍ୟରେ ଖରିଫ ଧାନ ସଂଗ୍ରହ ହେବ। କଳାହାଣ୍ଡି ଜିଲାରୁ ପ୍ରଥମେ ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ ହେବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। କେନ୍ଦ୍ର ସରକାର ଚଳିତ ବର୍ଷ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧୦୦ ଟଙ୍କା ବୃଦ୍ଧି କରିଛନ୍ତି । ସରକାରଙ୍କ ଧାନ ମୂଲ୍ୟ ନିର୍ଦ୍ଧାରଣ ନୀତି ଅନୁଯାୟୀ ଚଳିତ ବର୍ଷ ସାଧାରଣ କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍ପି) ୧୭୫୦ ଟଙ୍କା ରଖାଯାଇଥିବାବେଳେ ଗ୍ରେଡ୍-ଏ ଧାନ ପାଇଁ ୧୭୭୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏମ୍ଏସ୍ପିଠାରୁ କମ୍ ଦରରେ ଯଦି କୌଣସି ମିଲର ଚାଷୀଙ୍କଠାରୁ ଧାନ କ୍ରୟ କରିବେ ସେମାନଙ୍କ ବିରୋଧରେ ଅତ୍ୟାବଶ୍ୟକ ସେବା ଆଇନ, ୧୯୫୫ ଅନୁଯାୟୀ ଦଣ୍ଡ ବିଧାନ କରାଯିବ। ଚାଷୀମାନଙ୍କୁ ୨୪ରୁ ୭୨ ଘଣ୍ଟା ମଧ୍ୟରେ ଧାନ ମୂଲ୍ୟ ସେମାନଙ୍କ ଆକାଉଣ୍ଟ ଜରିଆରେ ପ୍ରଦାନ କରାଯିବ। ପି- ପାସ ଜରିଆରେ ଧାନ ବିକ୍ରି କରାଯିବ। ରାଜ୍ୟର ୩୦୮ଟି ବ୍ଲକରେ ଏହି ବ୍ୟବସ୍ଥା ହୋଇଛି।

ଚଳିତ ବର୍ଷ ଧାନ କିଣାରେ ଆଉ ଖିଲାପି ମିଲରଙ୍କୁ ସାମିଲ କରିବେ ନାହିଁ। ୨୦୧୭-୧୮ ଖରିଫ ଓ ରବି ଧାନ ସଂଗ୍ରହରେ ସାମିଲ ହୋଇଥିବା ମିଲରମାନଙ୍କ ମଧ୍ୟରୁ ଯଦି କେହି ୧୦୦ ପ୍ରତିଶତ ଚାଉଳ ଜମା ଦେଇ ନ ଥିବେ ସେମାନେ ଆସନ୍ତା ଖରିଫ ଋତୁରେ ଧାନ କିଣାରେ ସାମିଲ ହୋଇ ପାରିବେ ନାହିଁ ବୋଲି ବିଭାଗ ପକ୍ଷରୁ ଜିଲାପାଳମାନଙ୍କୁ ଜଣାଇ ଦିଆଯାଇଛି।

ଖରିଫ ଧାନ ସଂଗ୍ରହ ସକାଶେ ଚାଷୀମାନଙ୍କର ପଞ୍ଜୀକରଣ ଜାରି ରହିଛି। ଏଥିପାଇଁ ଜୁଲାଇ ୧୫ରୁ ଅକ୍ଟୋବର ୧୫ ଯାଏ ସମୟ ଧାର୍ଯ୍ୟ କରାଯାଇଥିଲା। ଏହି ଅବଧିକୁ ନଭେମ୍ବର ୧୫ ତାରିଖ ଯାଏ ପୁଣି ବୃଦ୍ଧି କରାଯାଇଛି। ମିଳିଥିବା ସୂଚନା ମୁତାବକ ଏ ପର୍ଯ୍ୟନ୍ତ ୧୧ ଲକ୍ଷ ୩୫ ହଜାର ୩୧୭ ଜଣ ଚାଷୀ ଆସନ୍ତା ଖରିଫ ଋତୁରେ ଧାନ ବିକ୍ରି କରିବାକୁ ଅନ୍ଲାଇନରେ ପଞ୍ଜୀକୃତ ହୋଇଛନ୍ତି। ସେଥିମଧ୍ୟରୁ ୯ ଲକ୍ଷ ୮୨ ହଜାର ପୁରୁଣା ଚାଷୀ ଥିବାବେଳେ ୧ ଲକ୍ଷ ୫୬ ହଜାର ୪୦୩ ଜଣ ନୂଆ ଚାଷୀ ସେମାନଙ୍କ ନାମ ପଞ୍ଜୀକୃତ କରିଛନ୍ତି। ସେଥିରୁ ପ୍ରାୟ ୮୦ ହଜାର କ୍ଷୁଦ୍ର ଓ ନାମମାତ୍ର ଚାଷୀ ନାମ ପଞ୍ଜୀକୃତ କରିଛନ୍ତି। ରାଜ୍ୟ ସରକାର ଚଳିତ ବର୍ଷ ୧୫ ଲକ୍ଷ ଚାଷୀଙ୍କ ନାମ ପଞ୍ଜୀକୃତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଗତ ବର୍ଷ ୧୧ ଲକ୍ଷ ୨୦ ହଜାର ଚାଷୀ ନାମ ପଞ୍ଜୀକୃତ କରିଥିଲେ।

ଚଳିତ ବର୍ଷ ପ୍ରଥମ ଥର ପାଇଁ ଭାଗ ଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଧାନ ବିକ୍ରି କରିବାକୁ ସୁଯୋଗ ମିଳିବ। ରାଜ୍ୟ ସରକାର ଏ ନେଇ ପୂର୍ବରୁ ଲଗାଇଥିବା କଟକଣାକୁ ହଟାଇ ଦେଇଛନ୍ତି। ନିଜ ପରିବାର ପାଇଁ ବର୍ଷ ସକାଶେ ଧାନ ରଖିବା ଆବଶ୍ୟକ ନାହିଁ। ଖାଦ୍ୟ ଓ ଧାନ ସଂଗ୍ରହ ନୀତି-୨୦୧୮ ଅନୁଯାୟୀ ପୂର୍ବରୁ ବାର୍ଷିକ ମୁଣ୍ଡପିଛା ୩ କ୍ୱିଣ୍ଟାଲ ଧାନ ରଖିବା କଟକଣାକୁ ହଟାଇ ଦିଆଯାଇଛି। ଚଳିତ ବର୍ଷ ପାଇଁ ରାଜ୍ୟ ସରକାର ୫୫ ଲକ୍ଷ ମେଟ୍ରିକ ଟନ୍ ଧାନ ତଥା ଚାଉଳ ହିସାବରେ ୩୭ ଲକ୍ଷ ମେଟ୍ରିକ୍ ଟନ୍ ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ୨୦୧୭-୧୮ରେ ଉଭୟ ଖରିଫ୍ ଓ ରବି ଋତୁ ପାଇଁ ରାଜ୍ୟ ସରକାର ୫୪ ଲକ୍ଷ ମେଟ୍ରିକ ଟନ ଧାନରୁ ୩୯ ଲକ୍ଷ ମେଟ୍ରିକ ଟନ ଚାଉଳ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ସେଥିରୁ ୪୯.୦୬ ଲକ୍ଷ ମେଟ୍ରିକ ଟନ୍ ଧାନ ତଥା ୩୩.୨୧ ଲକ୍ଷ ମେଟ୍ରିକ ଟନ ଚାଉଳ ସଂଗ୍ରହ କରିଥିଲେ। ୨୦୧୮ ନଭେମ୍ବରରୁ ୨୦୧୯ ଏପ୍ରିଲ ମଧ୍ୟରେ ଖରିଫ୍ ଧାନ ସଂଗ୍ରହ କରାଯିବ। ସେହିପରି ୨୦୧୯ ମେ ରୁ ଜୁନ ମଧ୍ୟରେ ରବି ଧାନ ସଂଗ୍ରହ ହେବ। ୨୬୦୮ଟି ସମବାୟ ସମିତି ଜରିଆରେ ପ୍ରକୃତ ଚାଷୀ, ଭାଗ ଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଧାନ ସଂଗ୍ରହ ବ୍ୟବସ୍ଥାରେ ସାମିଲ କରାଯିବ। ୨୪ରୁ ୭୨ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯିବ ।

# ପ୍ରକାଶ ପାଇଲା ପିସିସି ମୁଖପାତ୍ର ତାଲିକା

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ଏଆଇସିସିର ଅନୁମୋଦନକ୍ରମେ ପିସିସି ପକ୍ଷରୁ ଶନିବାର ମୁଖପାତ୍ର ଏବଂ ଗଣମାଧ୍ୟମ ସଂଯୋଜକ ତାଲିକା ପ୍ରକାଶ ପାଇଛି। ମୁଖପାତ୍ର ତାଲିକାରେ ଯୁବ,ବରିଷ୍ଠ ଏବଂ କେତେକ ନବାଗତଙ୍କୁ ସୁଯୋଗ ମିଳିଛି। ଏଥିରେ ମୋଟ ୨୯ ଜଣ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରୁ ୭ ବରିଷ୍ଠ ମୁଖପାତ୍ର ହୋଇଥିବାବେଳେ ବାକି ୨୨ ଜଣ କେବଳ ମୁଖପାତ୍ର ଭାବେ ସ୍ଥାନ ପାଇଛନ୍ତି। ରାଜ୍ୟ ଗଣମାଧ୍ୟମ ଜଗତରେ ଏତେଟା ସକ୍ରିୟ ନ ଥିବା ଜନୈକ ଯୁବ ନେତାଙ୍କୁ ବରିଷ୍ଠ ମୁଖପାତ୍ର ତାଲିକାରେ ସ୍ଥାନ ମିଳିଛି। ହେଲେ ପୂର୍ବତନ ଏମ୍ପି ତଥା କଂଗ୍ରେସ ଏସ୍ସି ସେଲ୍ ଅଧ୍ୟକ୍ଷ ବିଭୁପ୍ରସାଦ ତରାଇ ଓ ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ସସ୍ମିତା ବେହେରାଙ୍କୁ କେବଳ ମୁଖପାତ୍ର ତାଲିକାରେ ସ୍ଥାନ ମିଳିଛି। ଏହାକୁ ନେଇ ଦଳ ଭିତରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସେହିପରି ବରିଷ୍ଠ ନେତା ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ଗଣେଶ୍ୱର ବେହେରା,କୈଳାସ ଆଚାର୍ଯ୍ୟ ଏବଂ ଦେବାଶିଷ ପଟ୍ଟନାୟକ ପ୍ରମୁଖଙ୍କୁ ଆବଶ୍ୟକତା ଅନୁଯାୟୀ ଖବରଦାତା ସମ୍ମିଳନୀ ଏବଂ ଟିଭି ବିତର୍କ ପାଇଁ ଗଣମାଧ୍ୟମ ବିଭାଗ ଲୋଡ଼ିବ ବୋଲି ସ୍ପଷ୍ଟ ଭାବେ ତାଲିକାରେ ଉଲ୍ଲେଖ କରାଯାଇଛି। ଉକ୍ତ ବରିଷ୍ଠ ନେତାମାନେ କିନ୍ତୁ ଦଳକୁ ବିଭିନ୍ନ ସମୟରେ ପରାମର୍ଶ ଦେଇପାରିବେ।

ନୂଆ ଭାବେ ନିଯୁକ୍ତି ପାଇଥିବା ବରିଷ୍ଠ ମୁଖପାତ୍ରମାନେ ହେଉଛନ୍ତି- ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି, ଡକ୍ଟର ପ୍ରଫୁଲ୍ଲ ମାଝୀ, ଅଂଶୁମାନ ମହାନ୍ତି, ନାରୀ ନେତ୍ରୀ ବିଜୟଲକ୍ଷ୍ମୀ ସାହୁ, ସୁଚରିତା ମହାନ୍ତି ଏବଂ ସମରେନ୍ଦ୍ର ମିଶ୍ର। ସେହିପରି ମୁଖପାତ୍ର ତାଲିକାରେ ବିଭୁପ୍ରସାଦ ତରାଇ, ସସ୍ମିତା ବେହେରା, ମନୋଜ ମହାପାତ୍ର, ବିନାୟକ ଦାସ ମହାପାତ୍ର, ଅମୀୟ ପାଣ୍ଡବ, ବିସ୍ମୟ ମହାପାତ୍ର, ସୋନାଲି ସାହୁ, ନାରାୟଣ ପ୍ରସାଦ ଜେନା, ସୁଦର୍ଶନ ଦାସ, ପଦ୍ମାକର ଗୁରୁ ଓ ନିଶିକାନ୍ତ ମିଶ୍ର ପ୍ରମୁଖ ସ୍ଥାନ ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ତାଲିକାରେ ସ୍ମୃତିରଞ୍ଜନ ଲେଙ୍କା, ଦେବୀ ପୃଷ୍ଟି, ପ୍ରଶାନ୍ତ ଶତପଥୀ, ଅର୍ଚ୍ଚନା ନନ୍ଦୀ, ହିମାଂଶୁ ଲେଙ୍କା, ଗୋବିନ୍ଦ ଭୂୟାଁ, ରଜନୀ କୁମାର ମହାନ୍ତି, ଅମିତ ମହାନ୍ତି, ଅଶୋକ ସାମଲ, ଶୈଳେନ୍ଦ୍ର ମଜୁମ୍ଦାର ଏବଂ ନିକୁଞ୍ଜ ପଶାୟତ ପ୍ରମୁଖ। ଗଣମାଧ୍ୟମରେ ଦଳୀୟ ବ୍ୟାପାର ସମ୍ବନ୍ଧରେ ସମନ୍ୱୟ ବଜାୟ ରଖିବା ୫ ଜଣଙ୍କୁ ସଂଯୋଜକ ଭାବେ ନିଯୁକ୍ତି ମିଳିଛି। ସେମାନେ ହେଉଛନ୍ତି-ଦୀପକ ମହାପାତ୍ର, ମାନସ ମହାପାତ୍ର, ପ୍ରଦୀପ ମହାପାତ୍ର, ଓମ୍ ପ୍ରକାଶ ସାହୁ ଏବଂ ସୂର୍ଯ୍ୟ ନାରାୟଣ ପଣ୍ଡା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ବାରାଧିପ ରବି ଚତୁର୍ଥାଧିପ ଚନ୍ଦ୍ରଙ୍କ ଷଡ଼ାଷ୍ଟକ ସ୍ଥିତିରେ ରହୁଥିବାରୁ ଯାତ୍ରାସମୟ ସମସ୍ୟାବହୁଳ ରହିବ। ବାଣିଜ୍ୟ, ବ୍ୟବସାୟ, ସହଧର୍ମିଣୀ, ପ୍ରତିଯୋଗିତା ଆଦି କ୍ଷେତ୍ର ପାଇଁ ମଧ୍ୟ ପ୍ରତିକୂଳତା ସୃଷ୍ଟି କରିପାରେ। ପାରସ୍ପରିକ ଆଲୋଚନା ଓ ସମାଲୋଚନା ଭିତରେ ସମାଧାନ ପୂର୍ବକ ପରିବାରରେ ଶାନ୍ତି ଫେରି ଆସିବ।

**ବୃଷ** ବାଧକାଧିପତି ଶନି ଦୁଃସ୍ଥାନରେ ଅବସ୍ଥାନ ଚନ୍ଦ୍ରଙ୍କ ଦୃଷ୍ଟି ଆଢୁଆଳରେ ଥିବାରୁ ମାନସିକ ଅବସ୍ଥା ଭଲ ରହିବ। କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀମାନେ ଆପଣଙ୍କ କାମରେ ସାହାଯ୍ୟ କରିବେ। ପ୍ରକାଶନ, ପ୍ରଶାସନ, ଆଇନ ଅଦାଲତ, କଳା, କ୍ରୀଡ଼ାକ୍ଷେତ୍ର ବିଶେଷ ମନ୍ଦ ହେବନି। ସାଙ୍ଗସାଥୀ କିମ୍ବା ବନ୍ଧୁବାନ୍ଧବ ଠିକ୍ ସମୟରେ ସାହାଯ୍ୟ କରିବେନି।

**ମିଥୁନ** ଆଜିର ଚନ୍ଦ୍ରଙ୍କ ପ୍ରତି ଗୁରୁଙ୍କ ସମଦୃଷ୍ଟି କାର୍ଯ୍ୟକ୍ଷେତ୍ରରେ ସାମ୍ୟତା ଆଣିବା ସହ ଅର୍ଥ ଓ ସମ୍ମାନ ପ୍ରଦାନ କରିବେ। ତଥାପି ପ୍ରତ୍ୟେକ କ୍ଷେତ୍ରରେ କାମ ହାସଲ ସମୟରେ ଯୁକ୍ତିତର୍କର ଆଶଙ୍କା ରହିଛି। କୌଣସି ମିଥ୍ୟା ଗୁଜବକୁ ନେଇ ମାନସିକ ଆଘାତ ପାଇପାରନ୍ତି। ପରିବହନ, ବ୍ୟବସାୟ, ସଭାସମିତି, ଜମିଜମା ନେଇ ଉନ୍ନତମାନର ଫଳ ମିଳିବ।

**କର୍କଟ** ଆଜିଚନ୍ଦ୍ରଙ୍କ ଉଚ୍ଚାବସ୍ଥାନଜନିତ ଆପଣଙ୍କ ଦୃଢ଼ ମନୋବଳରେ କାମ ମଧ୍ୟ ତଦନୁରୂପ ସମ୍ପନ୍ନ କରିଆତ୍ମତୃପ୍ତି ଅନୁଭବ କରିବେ। ବିଭିନ୍ନ କ୍ଷେତ୍ରରୁ ଅର୍ଥ ପାଇବେ ସତ କିନ୍ତୁ ମାନସିକ ଶାନ୍ତିହରାଇବେ। କେତେକ କ୍ଷେତ୍ରରେ ଠିକ୍ନିଷ୍ପତ୍ତି ଆପଣ ନେଇପାରିବେ ନାହିଁ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବା ସହ ଭ୍ରମଣ ହେତୁକ କ୍ଳାନ୍ତିଦେଖାଦେଇପାରେ।

**ସିଂହ** ଦ୍ୱାଦଶ ସ୍ଥାନରେ ପାପଗ୍ରହ ଚନ୍ଦ୍ରଙ୍କ ଉପଚୟ ସ୍ଥାନରେ ରହି ଆପଣଙ୍କୁ ଅସ୍ଥିରତାଯୁକ୍ତ କରାଇବେ। କୌଣସି ଗୋଟିଏ ସ୍ଥାନରେ ଦୀର୍ଘ ସମୟ ରହିବା କଷ୍ଟକର ହେବ। ତଥାପି କୌଶଳରେ କାମ ହାସଲ କରିବା ସହ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହେବେ। ପରିସ୍ଥିତି ଓ ରହୁଥିବା ପରିବେଶରେ କିଛି ଗଡ଼ବଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି।

**କନ୍ୟା** ଲାଭାଧିପ ଚନ୍ଦ୍ର ଭାଗ୍ୟସ୍ଥାନରେ ଥିବାରୁ ସୌଭାଗ୍ୟପ୍ରଦ ଭାବରେ ସାମାଜିକ ସମ୍ମାନ ସହ ବନ୍ଧୁଙ୍କ ଶ୍ରଦ୍ଧାଭାଜନ ହେବେ। ଆଜି ଯାହାକୁ ଯାହା କହିବେ କିମ୍ବା କରିବେ ପ୍ରତ୍ୟେକ କାମରେ ସଫଳତା ଅବଶ୍ୟମ୍ଭାବୀ। ଦୀର୍ଘଦିନର ଚେଷ୍ଟା ପରେ ଋଣ ସୂତ୍ରରେ ଆଜି ହିଁ ଅର୍ଥଲାଭ କରିବେ। ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକ ଓ ଯାତ୍ରାରେ ଦୁଶ୍ଚିନ୍ତା ବଢ଼ିପାରେ।

**ତୁଳା** ଧନାଧିପତି ମଙ୍ଗଳ ଚତୁର୍ଥ କେନ୍ଦ୍ରରେ ଚନ୍ଦ୍ରଙ୍କ ଭାଗ୍ୟସ୍ଥ ଯୋଗୁ ଭୂ-ସମ୍ପତ୍ତି, ଯାନ୍ତ୍ରିକ ଜିନିଷ ଏବଂ ଅର୍ଥଲାଭର ସୂଚନା ରହିଛି। ଶନି ଓ ବୃହସ୍ପତିଙ୍କ ସ୍ଥିତି କାରଣରୁ ଆକସ୍ମିକ ଭାବେ ଦୀର୍ଘଦିନର ସମ୍ପର୍କର ସୂତ୍ର ଛିନ୍ନ ହୋଇପାରେ। କର୍ମକ୍ଷେତ୍ରର ସମସ୍ୟାକୁ ସମାଧାନ କରିବା ଦିଗରେ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ।

**ବିଛା** କର୍ମସ୍ଥାନରେ ଚନ୍ଦ୍ର ଅପୂର୍ବ ସୁଯୋଗସ୍ୱରୂପ କାର୍ଯ୍ୟସିଦ୍ଧି, ସାମାଜିକ ସମ୍ମାନ ପ୍ରଦାନ କରିବ। ନିଜକୁ ସଜାଡ଼ି ନେବାର ପ୍ରୟାସ କରି ନୂତନ ଚିନ୍ତା ଓ କର୍ମର ଅଭ୍ୟୁଦୟ ଘଟିପାରେ। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରି ଉପକୃତ ହୋଇପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ଚନ୍ଦ୍ରଙ୍କ ଦ୍ୱାରା ସଂଘଟିତ ବିପରୀତ ରାଜଯୋଗ ପ୍ରଭାବରୁ ଖଳଲୋକଙ୍କ ଅଭିଶାପ ଆଶୀର୍ବାଦରେ ପରିଣତ ହୋଇଯିବ। ଫଳତଃ ସମସ୍ୟା ସମାଧାନ, ସାହାଯ୍ୟ, ସହାନୁଭୂତି ଲାଭର ସୁଯୋଗ ପାଇପାରନ୍ତି। ଅନ୍ୟମାନଙ୍କ ଲାଗି ଯେତେ ଉଦାର ମନୋଭାବ ପୋଷଣ କଲେ ମଧ୍ୟ ସେମାନଙ୍କ ଚିନ୍ତାଧାରାକୁ ବଦଳାଇବା ସମ୍ଭବ ହେବନାହିଁ।

**ମକର** ଆଜିର ଦିନଟି ବହୁତ ବଢ଼ିଆ, ଯାହା ଚାହୁଁଛନ୍ତି ତାହା ଲାଭକରି ଖୁସି ମନେଇବେ। ପରିବାରରେ ଭୁଲ୍ ବୁଝାମଣାଜନିତ ଅଶାନ୍ତି ଦୂରେଇଯିବ। ଯାତ୍ରା, ନୂତନ କର୍ମ, ବ୍ୟବସାୟ,ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କୌଣସି ଅସୁବିଧା ହେବନାହିଁ। ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** ଦ୍ୱାଦଶରେ ମଙ୍ଗଳ ପ୍ରଭାବରେ ନିଜ ଲୋକଙ୍କ କାର୍ଯ୍ୟକଳାପ ନେଇ ବ୍ୟସ୍ତବିବ୍ରତ ହୋଇପାରନ୍ତି। ସକାଳେ ବହୁ ପ୍ରତୀକ୍ଷିତ ଶୁଭ ଖବରଟି ପାଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ଓ ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ହେବେ। ନୂତନ ଭାବେ ଆରମ୍ଭ କରିବାକୁ ଥିବା କାର୍ଯ୍ୟ ଲାଗି ତତ୍ପରତା ପ୍ରକାଶ କରିବେ।

**ମୀନ** ଭାଗ୍ୟସ୍ଥାନ ପ୍ରତି ଚନ୍ଦ୍ର ସମେତ ଅନ୍ୟମାନଙ୍କ ଶୁଭତ୍ୱ ଦୀର୍ଘଦିନର ଅଭିଳାଷ ପୂରଣ କରାଇବ। ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ମନାନ୍ତର ସମାଧାନର ଆଶା ରହିଛି। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବୟସ୍କ ବ୍ୟକ୍ତିଙ୍କ ପରାମର୍ଶରେ ସତ୍ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

ଆଜି କାର୍ତ୍ତିକ କୃଷ୍ଣ ଚତୁର୍ଥୀ ରବିବାର, ଅକ୍ଟୋବର ୨୮ ତାରିଖ, ସକାଳ ଘ.୮ ।୩୦ମି. ଗତେ ମୃଗଶିରା/ବୃଷ, ବିଛା ରାଶିର ଘାତଚନ୍ଦ୍ର, ମେଷ ରାଶିର ଘାତବାର, ଦିବା ଘ.୬।୧୦ମି. ଗତେ ଘ.୮ ।୦୫ମି. ମଧ୍ୟେ ଅମୃତ ବେଳା। ଦିବା ଘ.୮ ।୪୪ମି. ଗତେ ଘ.୧୦।୧୯ମି. ମଧ୍ୟେ, ଘ.୧୨ ।୨୮ମି. ଗତେ ଘ.୨ ।୩୧ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ଣ ଘ.୩।୪୬ମି. ଗତେ ଘ.୫ ।୧୧ମି. ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ସୋମବାର ଖୋଲିବ ବିଲ୍ଟ ...

ଏହି ଖବର ଜଣାପଡ଼ିବା ପରେ ମିଲ୍ କର୍ମଚାରୀଙ୍କ ମଧ୍ୟରେ ଗଭୀର ଆନନ୍ଦ ପ୍ରକାଶ ପାଇଛି। ନୋଟିସ୍ରେ ଉଲ୍ଲେଖ ରହିଛି ଯେ, ଜୟପୁର ଅଞ୍ଚଳ ଓ କର୍ମଚାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ବଡ଼ ନିଷ୍ପତ୍ତି ନିଆଯାଇଛି। ବନ୍ଦ ହୋଇଥିବା ପେପର ମିଲ୍ ପୁଣି ଆସନ୍ତା ୨୯ ତାରିଖରେ ଖୋଲାଯିବ । ବିଗତ ଦିନରେ ହୋଇଥିବା ଅନିୟମିତତା ଓ ଅସହଯୋଗର ପୁନରାବୃତ୍ତି ନହେବା ପାଇଁ ମିଲ୍ କର୍ତ୍ତୃପକ୍ଷ କର୍ମଚାରୀଙ୍କୁ ପରାମର୍ଶ ଦେବା ସହ କର୍ମକ୍ଷେତ୍ରରେ ସମୟାନୁବର୍ତ୍ତିତା, ଶୃଙ୍ଖଳା, କଠିନ ପରିଶ୍ରମ ବଳରେ ମିଲ୍ର ବିକାଶ କରିବାକୁ ସମର୍ଥନ ଲୋଡ଼ିଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଦରମା ଓ ଅନ୍ୟ ଭତ୍ତା ଭଳି ବିଭିନ୍ନ ଦାବି ନେଇ ବିଏମ୍ଏସ୍ ଶ୍ରମିକ ସଂଘ ସମର୍ଥିତ ୟୁନାଇଟେଡ ବିଲ୍ଟ ସେୱା ପେପର ମିଲ କର୍ମଚାରୀ ସଂଘ ସହାୟତାରେ କର୍ମଚାରୀମାନେ ୫୫ ଦିନ ଧରି ଆନ୍ଦୋଳନ ଚଳାଇଥିଲେ। ୫ଜଣ କର୍ମଚାରୀ ୧୦ ଦିନ ଆମରଣ ଅନଶନରେ ବସିଥିଲେ। କିନ୍ତୁ କାଗଜକଳ କର୍ତ୍ତୃପକ୍ଷ ସମସ୍ୟାର ସମାଧାନ ନ କରିବାରୁ ୧୩ ତାରିଖ ଆନ୍ଦୋଳନକାରୀ କାର୍ଯ୍ୟବନ୍ଦ କରିବା ସହ କୌଣସି ଶ୍ରମିକ ଓ କର୍ମଚାରୀଙ୍କୁ ଭିତରକୁ ପ୍ରବେଶ କରାଇ ଦେଇ ନ ଥିଲେ। ୧୪ ତାରିଖ କର୍ତ୍ତୃପକ୍ଷ ନୋଟିସ ଜାରିକରି ୧୬ ତାରିଖରେ ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ଏହାପରେ ତୁରନ୍ତ କାଗଜକଳ କାର୍ଯ୍ୟକ୍ଷମ କରିବା ପାଇଁ ସଂଘଗୁଡ଼ିକ ଦାବି କରିଥିଲେ। ଏଭଳି ପରିସ୍ଥିତିରେ ଜିଲାପାଳ, ଉପ ଶ୍ରମ କମିଶନରଙ୍କ ମଧ୍ୟସ୍ଥିରେ ସ୍ଥାନୀୟ ବିଧାୟକ ଓ ପୂର୍ବତନ ମନ୍ତ୍ରୀଙ୍କ ଉପସ୍ଥିତିରେ ୪ଟି କର୍ମଚାରୀ ସଂଘର କର୍ମକର୍ତ୍ତା ଏବଂ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଥିଲା କିନ୍ତୁ କର୍ତ୍ତୃପକ୍ଷ କାଗଜକଳକୁ ସୁଚାରୁ ରୂପେ ଚଳାଇବା ପାଇଁ କେତେକ ସର୍ତ୍ତ ରଖିଥିଲେ। ୪ଟି ସଂଘ ଲିଖିତ ଭାବେ ଏଥିରେ ସମ୍ମତି ଦେବାକୁ କର୍ତ୍ତୃପକ୍ଷ କହିଥିଲେ। ଏଥିରେ ତିନୋଟି ସଂଘ ରାଜି ହୋଇଥିଲେ ମଧ୍ୟ ବିଏମ୍ଏସ୍ ରାଜି ନହେବାରୁ ମିଲ ଖୋଲିବା ଆଶଙ୍କା ସୃଷ୍ଟି ହୋଇଥିଲା। ପରେ ୪ର୍ଥ ସଂଘଠାରୁ ସମର୍ଥନ ପତ୍ର ପାଇବା ପରେ କାଗଜକଳ ଖୋଲିବା ନେଇ ନୋଟିସ୍ ଜାରି ହୋଇଛି।

## ୪ ଯବାନ...

ଯାଉଥିବା ଏମ୍ପିଭିକୁ ଟାର୍ଗେଟ କରି ସେମାନେ ଶକ୍ତିଶାଳୀ ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟାଇଥିଲେ। ଘଟଣାସ୍ଥଳରେ ୪ ଯବାନ ଟଳିପଡ଼ିଥିଲେ। ସୁରକ୍ଷାକର୍ମୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଦୁଇ ଆହତ ଯବାନଙ୍କୁ ଉଦ୍ଧାର କରିବା ସହ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିବା ବିଜାପୁର ଏସ୍ପି ମୋହିତ ଗର୍ଗ ସୂଚନା ଦେଇଛନ୍ତି। ସିଆର୍ପିଏଫ୍ ଶିବିରରୁ ମାତ୍ର ୧ କି.ମି. ଦୂରରେ ଏହି ଆକ୍ରମଣ ଘଟିଛି। ଓଡ଼ିଆ ଯବାନ ବେହେରା ଶହୀଦ ହେବା ପରେ ତାଙ୍କ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସିଆର୍ପିଏଫ୍ର ୧୬୮ଶ ବାଟାଲିୟନ୍ରେ ବେହେରା ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ।

ଛତିଶଗଡ଼ର ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ମୁଖ୍ୟମନ୍ତ୍ରୀ ରମଣ ସିଂ ଭାଜପା ପକ୍ଷରୁ ସୁକ୍ମାରେ ପ୍ରଚାର ଆରମ୍ଭ କରିଥିବାବେଳେ ଏହି ଦିନରେ ମାଓବାଦୀଙ୍କ ଲାଲ୍ ତାଣ୍ଡବ ଦେଖିବାକୁ ମିଳିଛି। ପ୍ରକାଶ ଯେ, ନିର୍ବାଚନ ବର୍ଜନ ଲାଗି ଧମକ ଦେବାକୁ ଯାଇ ନିକଟରେ ମାଓବାଦୀମାନେ ବସ୍ତର ଜିଲାରେ ପୋଷ୍ଟର ଲଗାଇଥିଲେ।

## ବିଦ୍ୟୁତ୍ ନେଲା...

ଗ୍ରାମବାସୀଙ୍କ କହିବା ଅନୁଯାୟୀ, କମଲାଙ୍ଗ ଅଞ୍ଚଳରେ ୫ଦିନ ହେଲା ଏକ ପଲରେ ୨୦ହାତୀ ଚଳପ୍ରଚଳ କରୁଥିଲେ। ହେଲେ ଉକ୍ତ ଅଞ୍ଚଳ ହାତୀଙ୍କ ନିୟମିତ ଗତିପଥ ନୁହେଁ। ଏ ନେଇ ଅଞ୍ଚଳବାସୀ ବନ ବିଭାଗକୁ ଅବଗତ କରାଇଥିଲେ ମଧ୍ୟ ଏହାକୁ ହାଲ୍କା ଭାବେ ନିଆଯାଇଥିଲା। ତେଣୁ ଏପରି ଦୁର୍ଘଟଣା ଘଟିଥିବା ସେମାନେ ଅଭିଯୋଗ କରିଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟା ପ୍ରାୟ ୬ଟାରେ ଏକ ପଲରେ ପାଖାପାଖି ୨୦ହାତୀ କମଲାଙ୍ଗ ଗ୍ରାମ ନିକଟ ଚାଷଜମିରେ ପଶିଥିଲେ। ସେମାନେ ଫସଲ ଖାଇଯିବା ସହ ଦଳିଚକଟି ନଷ୍ଟ କରିଦେଇଥିଲେ। ଏହାପରେ ହାତୀପଲ ଦୁଇଭାଗରେ ବିଭକ୍ତ ହୋଇଯାଇଥିଲେ। ଭୋର୍ ସମୟରେ ୧୩ଟି ହାତୀ ଅଟଳକୋଟ ଆଡ଼କୁ ମୁହାଁଇଥିଲେ। ପଲରୁ ବାହାରି ଥିବା ୭ହାତୀ ଅନ୍ୟ ଏକ ରାସ୍ତାରେ ରେଙ୍ଗାଳି ଦକ୍ଷିଣ ଉପଶାଖା କେନାଲ ଅତିକ୍ରମ କରୁଥିବାବେଳେ ଅତି କମ୍ ଉଚ୍ଚତାରେ ଝୁଲି ରହିଥିବା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ। ବିଦ୍ୟୁତ୍ ତାରରେ ଛନ୍ଦି ହୋଇପଡ଼ିଥିବା ହାତୀପଲ ଖୁବ୍ ଜୋର୍ରେ ଗର୍ଜନ କରିଥିଲେ। ସେହିପରି ଶର୍ଟସର୍କିଟ ହେବା ପରେ ବିଦ୍ୟୁତ୍ ତାରରେ ମଧ୍ୟ ଭୟଙ୍କର ଶବ୍ଦ ହୋଇଥିଲା। ଏହାକୁ ଶୁଣି ଗ୍ରାମବାସୀ ପ୍ରଥମେ ଭୟଭୀତ ହୋଇପଡ଼ିଥିଲେ। କିଛି ସମୟ ପରେ ଯାଇ ଦେଖିବା ବେଳକୁ ୪ ହାତୀ କେନାଲ ହୁଡ଼ାରେ ଏବଂ ଅନ୍ୟ ୩ ହାତୀ ପାଣି ଭିତରେ ମରି ପଡ଼ିଥିଲେ। ଖବର ପ୍ରଚାରିତ ହେବା ପରେ ଶତାଧିକ ଅଞ୍ଚଳବାସୀଙ୍କ ଘଟଣାସ୍ଥଳକୁ ସୁଅ ଛୁଟିଥିଲା। ପ୍ରଥମେ ସେଠାରେ କାର୍ଯ୍ୟରତ କେତେଜଣ ତଳିଆ ବନ କର୍ମଚାରୀ ପହଞ୍ଚିଥିଲେ। ଏହାର ବହୁ ବିଳମ୍ବରେ ପୂର୍ବାହ୍ଣ ୧୦ଟା ୪୫ରେ ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ର, ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସୁଦର୍ଶନ ପଣ୍ଡା ପ୍ରମୁଖ ପହଞ୍ଚି ଖୋଳତାଡ଼ ଆରମ୍ଭ କରିଥିଲେ।

ଏ ସମ୍ପର୍କରେ ଟାଙ୍ଗପାଳ ଡିଭିଜନ ସେସୁ ନିର୍ବାହୀ ଯନ୍ତ୍ରୀ ନୀହାର ପାଣିଗ୍ରାହୀ କୁହନ୍ତି, ପୂର୍ବରୁ ବନ ବିଭାଗ ପକ୍ଷରୁ ବିପଦପୂର୍ଣ୍ଣ ଭାବେ ତାର ଝୁଲି ରହିଥିବା ଅଞ୍ଚଳର ତାଲିକା ଦିଆଯାଇଥିଲା। ହେଲେ ଏଥିରେ ହାତୀ ମୃତ୍ୟୁ ଘଟିଥିବା କମଲାଙ୍ଗ ଅଞ୍ଚଳ ସମ୍ପର୍କରେ କୌଣସି ସୂଚନା ନ ଥିବା ସେ ସୂଚନା ଦେଇଛନ୍ତି। ଏ ନେଇ ଡିଏଫ୍ଓ ସୁଦର୍ଶନ ପାତ୍ର କୁହନ୍ତି, ୧୧କେଭି ବିଦ୍ୟୁତ୍ ତାର ମାତ୍ର ୫ ଫୁଟ ଉଚ୍ଚତାରେ ଝୁଲି ରହିଥିବାରୁ ଏହାର ସଂସ୍ପର୍ଶରେ ଆସି ହାତୀଙ୍କ ମୃତ୍ୟୁ ଘଟିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସୁଦର୍ଶନ ପଣ୍ଡା କୁହନ୍ତି, ଏକାସାଙ୍ଗରେ ୭ହାତୀଙ୍କ ମୃତ୍ୟୁ ଅତ୍ୟନ୍ତ ଦୁଃଖଦାୟକ। କମ୍ ଉଚ୍ଚତାରେ ବିଦ୍ୟୁତ୍ ତାର ରହିଥିବାରୁ ଏହା ଘଟିଛି। ଓଡ଼ିଶାରେ ପ୍ରଥମ ଥର ପାଇଁ ଏକା ଥରକେ ଏତେ ସଂଖ୍ୟକ ହାତୀ ମରିଛନ୍ତି। ଗତ ୧୨ ତାରିଖରେ ସେ ବିଦ୍ୟୁତ୍ ବିଭାଗ ନିର୍ବାହୀଯନ୍ତ୍ରୀଙ୍କୁ ଡାକି ଝୁଲିଥିବା ବିଦ୍ୟୁତ୍ ତାର ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟୁତ୍ ତାର ନିରାପଦ ଉଚ୍ଚତାରେ ରଖିବା ପାଇଁ ବିଭାଗକୁ ୨୭ କୋଟି ଟଙ୍କା ଦିଆଯାଇଛି। ସେହି କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରି ନ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହେଲା। ଏହାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଘଟଣା ସମ୍ପର୍କରେ ଜିଲାପାଳ ନିଖିଲ ପଭନ କଲ୍ୟାଣ କୁହନ୍ତି, ରାହି ଇନ୍ଫ୍ରାଷ୍ଟ୍ରକ୍ଚର ନାମକ ଠିକାସଂସ୍ଥା ପକ୍ଷରୁ ଏକ ରେଲୱେ ବ୍ରିଜ୍ କାର୍ଯ୍ୟ କରାଯାଉଥିଲା। କାମ ସରିବା ପରେ ସେଠାରେ ବିଦ୍ୟୁତ୍ ସଂଯୋଗର କୌଣସି ଆବଶ୍ୟକତା ନ ଥିଲା। ଏପରି ଘଟଣା ଦୁଃଖଦାୟକ। ଏ ନେଇ ରେଳ ବିଭାଗ, ସେସୁ, ବନ ବିଭାଗକୁ ରିପୋର୍ଟ ମଗାଯାଇଛି। ରିପୋର୍ଟରେ ପାର୍ଥକ୍ୟ ମିଳିଲେ ତଦନ୍ତ କରାଯିବ। ଏ ସମ୍ପର୍କରେ ବିଭାଗୀୟ ସଚିବଙ୍କ ସହିତ କଥାବାର୍ତ୍ତା କରାଯାଇଥିବା ସେ ସୂଚନା ଦେଇଛନ୍ତି। ଅନ୍ୟପଟେ ଶନିବାର ସନ୍ଧ୍ୟାରେ ୪ ହାତୀଙ୍କ ବ୍ୟବଚ୍ଛେଦ କରାଯାଇଛି। ରାତି ହୋଇଯିବାରୁ ନାଳ ମଧ୍ୟରେ ବୁଡ଼ି ରହିଥିବା ଅନ୍ୟ ୩ ହାତୀଙ୍କୁ ବାହାର କରାଯାଇ ପାରି ନାହିଁ। ରବିବାର ମୃତଦେହ ବାହାର କରାଯିବା ପରେ ବ୍ୟବଚ୍ଛେଦ କରାଯିବା ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ଏକସଙ୍ଗରେ ୭ହାତୀଙ୍କ ମୃତ୍ୟୁ ଚାରିଆଡ଼େ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ବନ ବିଭାଗ ଏବଂ ସେସୁ ମଧ୍ୟରେ ଆରମ୍ଭ ହୋଇଛି କାଦୁଅ ଫିଙ୍ଗା। ସେସୁର ଅବହେଳା ଯୋଗୁ ଏତେ ବଡ଼ ଦୁର୍ଘଟଣା ଘଟିଥିବା ବନ ବିଭାଗ ଅଭିଯୋଗ ଆଣିଛି। ଅନ୍ୟପକ୍ଷରେ କମଲାଙ୍ଗ ଅଞ୍ଚଳରେ ବିପଦପୂର୍ଣ୍ଣ ତାର ଓହଳିଥିବା ସମ୍ପର୍କରେ ବନ ବିଭାଗ କୌଣସି ସୂଚନା ଦେଇ ନ ଥିବା କହି ସେସୁ କର୍ତ୍ତୃପକ୍ଷ ନିଜ ଉପରୁ ଦୋଷ ଛଡ଼ାଇବାକୁ ଅପଚେଷ୍ଟା କରିବା ବିଭାଗର ଅପାରଗତାକୁ ପଦାରେ ପକାଇଛି।

ଏ ନେଇ ସେସୁ ଉପରେ ସିଧାସଳଖ ଦୋଷ ଲଦିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ। ସେ କହିଛନ୍ତି ୧୧କେଭି ବିଦ୍ୟୁତ୍ ତାର ଝୁଲିଥିବା ସମ୍ପର୍କରେ ବାରମ୍ବାର ସେସୁ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ହେଲେ ଏହାର କୌଣସି ପ୍ରତିକାର କରାଯାଇ ନ ଥିଲା। ହାତୀଙ୍କ ସୁରକ୍ଷା ପ୍ରତି ସେସୁ ଗୁରୁତ୍ୱ ଦେଉନାହିଁ। ଆବଶ୍ୟକ ପଡ଼ିଲେ ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସେପଟେ ଶକ୍ତି ବିଭାଗ ସଚିବ ହେମନ୍ତ ଶର୍ମା କହିଛନ୍ତି, ଘଟଣାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇ ଢେଙ୍କାନାଳ ପଠାଯାଇଛି।

ଅନ୍ୟପକ୍ଷରେ ଏହି ଘଟଣାରେ ୭ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କର୍ତ୍ତବ୍ୟରେ ଅବହେଳା ଯୋଗୁ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସଞ୍ଜୟ ମହାନ୍ତିଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିବାବେଳେ ଅଧୀକ୍ଷଣ ଯନ୍ତ୍ରୀ ନରେଶ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ଆର୍ତ୍ତତ୍ରାଣ ନାୟକ, ସେସୁ ଲାଇନମ୍ୟାନ୍ ଫିରୋଜ ପଣ୍ଡାଙ୍କୁ ନିଲମ୍ବିତ କରାଯାଇଛି। ସେହିପରି ସଦର ରେଞ୍ଜର ପ୍ରସନ୍ନ କୁମାର ବିଶ୍ୱାଳ, ମେରାମଣ୍ଡଳୀ ସେକ୍ସନ ଫରେଷ୍ଟର ପ୍ରଭାକର ରଣା ଏବଂ ମେରାମଣ୍ଡଳୀ ବିଟ୍ ଫରେଷ୍ଟ ଗାର୍ଡ ଗିରିଶ ଚନ୍ଦ୍ର ଦେହୁରୀଙ୍କୁ ପିସିସିଏଫ୍ ସନ୍ଦୀପ ତ୍ରିପାଠୀ ନିଲମ୍ବିତ କରିଛନ୍ତି।





## ସଂକ୍ଷେପରେ

### ଡେଙ୍ଗୁରେ ଜଣେ ଆକ୍ରାନ୍ତ

ପାପଡାହାଣ୍ଡି,୨୭।୧୦(ଡି.ଏନ.ଏ)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ କଣ୍ଟାମାଳ ପଞ୍ଚାୟତ ସଦର ମହକୁମାର ରନୁ ମାଝି (୨୮) ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ତାଙ୍କୁ ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନାରେ ଶନିବାର ଭର୍ତ୍ତି କରାଯାଇଛି। ଲକ୍ଷ୍ମଣ ମାଝୀଙ୍କ ପୁଅ ରନୁ ୨୦ ଦିନ ତଳେ ଦାଦନ ଖଟିବାକୁ ଗ୍ରାମର ଜଣେ ସାଙ୍ଗ ସହିତ ବମ୍ବେ ଯାଇଥିଲେ । ସେଠାରେ କୋଠା ନିର୍ମାଣ କାମରେ ନିୟୋଜିତ ହୋଇଥିଲେ । ଗତ ୧୮ ତାରିଖରେ ରନୁଙ୍କୁ ପ୍ରବଳ ଜ୍ୱର ସହ ଗୋଡହାତ ବିନ୍ଧା ହୋଇଥିଲା । ତାଙ୍କୁ ସ୍ଥାନୀୟ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ରକ୍ତ ପରୀକ୍ଷା ବେଳେ ସେ


ରନୁ ମାଝି

ଡେଙ୍ଗୁରେ ଆକ୍ରାନ୍ତ ଥିବା ଜଣାପଡିଥିଲା । ଜ୍ୱର ନ କମିବା ଏବଂ ପାଖରେ ଥିବା ଟଙ୍କା ସରିଯିବାରୁ ସେ ଘରକୁ ଚାଲି ଆସିଥିଲେ। ତେବେ ମେଡିକାଲ ଯିବା ଲାଗି ଅର୍ଥ ନ ଥିବାରୁ ରନୁ ଘରେ ପଡିରହିଥିଲେ । ସ୍ଥାନୀୟ ସରପଞ୍ଚ ଓ ମେଡିକାଲ ଇନଚାର୍ଜ ସୁଶ୍ରୀତା ସେଠି ଏହା ଜାଣିବା ପରେ ରନୁଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ନବରଙ୍ଗପୁର ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତର ମନସ୍ମିତା ମହାନ୍ତି କହିଛନ୍ତି । । ନବରଙ୍ଗପୁରରୁ ତାଙ୍କୁ କୋରାପୁଟ ଚିକିତ୍ସା ଲାଗି ସ୍ଥାନାନ୍ତର କରାଯାଇଛି । ରନୁଙ୍କୁ ଡେଙ୍ଗୁ ହୋଇଥିବାରୁ ପରିବାର ଲୋକେ ଚିନ୍ତିତ ହୋଇପଡିଛନ୍ତି।




## ଚଳନ୍ତା ଟ୍ରେନ୍‌ରୁ ଖସି ଯୁବକଙ୍କ ମୃତ୍ୟୁ

**ବାଲୁଗାଁ,୨୭।୧୦(ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ବାଲୁଗାଁ ରେଳ ଷ୍ଟେଶନ୍‌ରେ ଶନିବାର ପୂର୍ବାହ୍ନରେ ସାନ୍ତ୍ରାଗାଛି-ଚେନ୍ନାଇ ଦ୍ରୁତଗାମୀ ଟ୍ରେନରୁ ଖସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳ କୁଲାଡ଼ ଗ୍ରାମର ବିଶ୍ୱନାଥ ଦାସଙ୍କ ପୁଅ ଅରୁଣ ଦାସ(୩୨) । ପ୍ରକାଶ ଯେ, ଶନିବାର ସକାଳେ ସାନ୍ତ୍ରାଗାଛି-ଚେନ୍ନାଇ ଏକ୍ସପ୍ରେସ୍ ଟ୍ରେନ୍ ବାଲୁଗାଁ ରେଳ ଷ୍ଟେଶନ ଅତିକ୍ରମ କରୁଥିଲା ।

## ସୁଦୂରପ୍ରସାରୀ ହେଉଛି ବିଏସ୍‌କେୱାଇ

# ରାଜ୍ୟ ବାହାରେ ଓଡ଼ିଆଙ୍କୁ ମିଳିବ ଚିକିତ୍ସା ସୁବିଧା

**ଭୁବନେଶ୍ୱର,୨୭।୧୦(ବ୍ୟୁରୋ)**

ରାଜ୍ୟ ବାହାରେ ରହୁଥିବା ଓଡ଼ିଆମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ର ସୁବିଧା ମିଳିବ। ଏହି ଯୋଜନାର ହିତାଧିକାରୀମାନେ ରାଜ୍ୟ ବାହାରର ସରକାରୀ ଚିକିତ୍ସାଳୟରେ ମଧ୍ୟ ଚିକିତ୍ସା ସୁବିଧା ପାଇ ପାରିବେ। ସେହିଭଳି ଚିକିତ୍ସା ଖର୍ଚ୍ଚ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଜମା କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ସଚିବାଳୟରେ ଅନୁଷ୍ଠିତ ବିଏସ୍‌କେୱାଇ କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା ବୈଠକ ପରେ ଏହି କଥା କହିଛନ୍ତି।

ସମୀକ୍ଷା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗତ ୨ ମାସରେ ୧ କୋଟି ୧୦ଲକ୍ଷ ହିତାଧିକାରୀ ବିଏସ୍‌କେୱାଇ ଯୋଜନା ଦ୍ୱାରା ଉପକୃତ ହୋଇ ପାରିଛନ୍ତି। ଚଳିତ ବର୍ଷ ଅଗଷ୍ଟ ୧୫ରେ ଲାଗୁ କରାଯାଇଥିବା ଏହି ଯୋଜନା ସୁଦୂରପ୍ରସାରୀ ହୋଇପାରିଛି। ଓଡ଼ିଆ ଲୋକ ବାହାର ରାଜ୍ୟରେ ନିଜ ଚିକିତ୍ସା ପାଇଁ ମଧ୍ୟ ଯୋଜନାର ଲାଭ ଉଠାଇ ପାରିବେ। ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲ, ଭେଲୋରସ୍ଥିତ ସି.ଏମ୍.ସି ଏବଂ ନାରାୟଣ ହୃଦାଳୟ ଇତ୍ୟାଦି ସ୍ୱାସ୍ଥ୍ୟାନୁଷ୍ଠାନରେ ଏହି ସୁବିଧା ଉପଲବ୍ଧ ହୋଇପାରିବ। ସେହିପରି କର୍କଟ, ହୃଦୟ ଜନିତ ଏବଂ ବୃକ୍କ ସମ୍ବନ୍ଧୀୟ ରୋଗର ଚିକିତ୍ସା ପାଇଁ ହିତାଧିକାରୀଙ୍କ ପାରିବାରିକ ଆୟର ସୀମା ବାର୍ଷିକ ୧ ଲକ୍ଷରୁ ୩ ଲକ୍ଷ ଟଙ୍କାକୁ ମୁଖ୍ୟମନ୍ତ୍ରୀ ବୃଦ୍ଧି କରିଛନ୍ତି। ବିଭିନ୍ନ ସମୟରେ ରାଜ୍ୟ ବାହାରେ ରେଫରାଲରେ ଚିକିତ୍ସା ପାଇଁ ଯିବାକୁ ଚାହୁଁଥିବା ରୋଗୀଙ୍କୁ ୨୦୦୦ ଟଙ୍କାର ଯାତାୟାତ ସୁବିଧା ପ୍ରଦାନ କରାଯିବ। ଏହି ଟଙ୍କା ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବ ବୋଲି ସମୀକ୍ଷା ବୈଠକରେ ନିଷ୍ପତ୍ତି ନିଆଯାଇଛି।


ସଚିବାଳୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସମୀକ୍ଷା କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

- ୨ ମାସରେ ୧ କୋଟି ୧୦ ଲକ୍ଷ ଉପକୃତ
- ଯାତାୟାତ ଖର୍ଚ୍ଚ ବାବଦକୁ ୨୦୦୦ ଟଙ୍କା
- ୪୦୩୬ ପ୍ରକାର ସୁବିଧା ମିଳିବ

ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ପରେ ଗଣମାଧ୍ୟମକୁ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ଯେ, ଦେଶର ଯେଉଁ ଅଞ୍ଚଳରେ ଓଡ଼ିଆମାନେ ରହୁଛନ୍ତି, ସେ ଅଞ୍ଚଳର ଘରୋଇ ହସ୍ପିଟାଲକୁ ମଧ୍ୟ ଏଥିରେ ସାମିଲ କରାଯିବ ।ବିଏସ୍‌କେୱାଇ ମାଧ୍ୟମରେ ୪୦୩୬ ପ୍ରକାର ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ହେଲେ ନିକଟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଆୟୁଷ୍ମାନ ଯୋଜନାରେ ମାତ୍ର ୧୩୪୩ ପ୍ରକାର ଚିକିତ୍ସା ସୁବିଧା ବ୍ୟବସ୍ଥା କରାଯାଇଛି।

ଏହି ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ଉନ୍ନୟନ କମିଶନର ଆର. ବାଲକ୍ରିଷ୍ଣନ ଓ ସ୍ୱାସ୍ଥ୍ୟ ସଚିବ ପ୍ରମୋଦ ମେହେର୍ଦ୍ଦା ପ୍ରମୁଖ ଉପସ୍ଥିତ ଥିଲେ।

## ଆଇଏସ୍ ଆକ୍ରମଣ: ଆମେରିକା ସମର୍ଥିତ ୪୧ ସୈନ୍ୟ ନିହତ

**ବିରୁଟ୍, ୨୭।୧୦(ପି.ଟି.):** ଆତଙ୍କବାଦୀ ସଙ୍ଗଠନ ଇସଲାମିକ୍ ଷ୍ଟେଟ୍ (ଆଇଏସ୍)ର ଆକ୍ରମଣରେ ଶନିବାର ଆମେରିକା ସମର୍ଥିତ ୪୧ ସୈନ୍ୟ ପୂର୍ବ ସିରିଆରେ ନିହତ ହୋଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଆମେରିକା ନେତୃତ୍ୱାଧୀନ ସିରିଆନ୍ ଡେମୋକ୍ରାଟିକ୍ ଫୋର୍ସ ଉପରେ ଆଇଏସ୍ ପକ୍ଷରୁ ଆତ୍ମଘାତୀ ଆକ୍ରମଣ ହୋଇଥିଲା। ବ୍ରିଟେନ୍‌ସ୍ଥିତ ସିରିଆର ମାନବାଧିକାର ପର୍ଯ୍ୟବେକ୍ଷକ ସଂସ୍ଥା ପକ୍ଷରୁ ଏନେଇ ସୂଚନା ଦିଆଯାଇଛି।

## ଆସ୍‌ମା ଜାହାଁଗିରଙ୍କୁ ଜାତିସଂଘ ମାନବାଧିକାର ପୁରସ୍କାର

**ଇସଲାମାବାଦ,୨୭।୧୦:**

ପାକିସ୍ତାନର ମାନବାଧିକାର କର୍ମୀ ସ୍ୱର୍ଗତା ଆସମା ଜାହାଗିଁର ଜାତିସଂଘ ମାନବାଧିକାର ପୁରସ୍କାର ପାଇବେ। ଜାତିସଂଘ ପକ୍ଷରୁ ଘୋଷଣା କରାଯାଇଛି। ତାଙ୍କ ସହିତ ତାଞ୍ଜାନିଆର ମାନବାଧିକାର କର୍ମୀ ରେବକା ଗୁଏମି, ବ୍ରାଜିଲର ଆଇନଜୀବୀ ଜୋଏନିଆ ୱାପିକ୍ସାନା ଏବଂ ଆୟାର୍ଲାଣ୍ଡର ମାନବାଧିକାର ସୁରକ୍ଷା ସଂସ୍ଥା ଫ୍ରଣ୍ଟ ଲାଇନ୍ ଡିଫେଣ୍ଡରକୁ ଏହି ପୁରସ୍କାର ପ୍ରଦାନ କରାଯିବ। ନ୍ୟୁୟର୍କରେ ଡିସେମ୍ବର ୧୦ରେ ବିଶ୍ୱ ମାନବାଧିକାର ଦିବସ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯିବ।













For Franchisee enquiries, please contact Milon Mohapatra, Mob: 70777 21612 • For Trade enquiries, Call +91 70777 21602 • For Clean Home products trade enquiries, Call +91 90739 09475

Prestige Xclusive BHUBANESWAR: Bapujinagar: Post Office Lane, Ph: 0674 -2597141, Mob : 9937138998 • Pani Tanki Lane, Ph: 0674 2597685. 10 Janpath: Ph: 0674 2573408, 8280056821; IRC Village: I.D. Market, Mob: 9861404879; Raghunathpur: Nandankanan Road, Ph-8280056821. PURI: Behind Gundicha Temple, Ph-7978547991. CUTTACK: Dolmundai: Haripur Road, Ph: 0671 2411580; Mob: 8018706736; CDA: Markat Nagar, Ph: 0671-2366774, Mob: 8280079702. KENDRAPARA: Kakat Chhak, Ph: 06727 221241; Mob: 9040562233. JAGATSINGHAPUR: Central Market, 06724221090/ 06724221080. DHENKANAL: I.G. Super Market; Mob: 9090305696; SAMBALPUR, Golbazaar: Mob: 9338194750; BOLANGIR: A.B.S.S. Road, Ph: 06652 232419; Mob: 9437331171, 9437241863. BARGARH: NH-6, Main Road, Ph-9937171761/ 9556446300, 06646230124 BERHAMPUR, One Way Traffic Road: Mob: 9437358402; JEYPORE: Main Road, Ph: 06854 231221, Mob: 7008402905. RAYAGADA: Main Road, Ph-9439239394/ 8249517365. SUNDARGARH: Private Bus Stand, Mob: 9438076828, 9438575757, ROURKELA: Apna Kitchen- 9777457774;

PRESTIGE PRIORITY RETAILER :- BHUBANESWAR: Reeta, Ph: 0674-2597111, Utkal Light House, Ph: 9937019272; CUTTACK : Union Sales Emporium, Ph:2307878. AUTHORISED DISTRIBUTORS:- BHUBANESWAR: Manorama Trading Co., Ph No.9437279239; Rath Distributors, Ph.No.9338547101 (For Chimney & Cleaning Solutions); JATINI: Kanha Agencies, Ph. No.9437090516; CUTTACK: Mahavir Enterprise, Chauliganga, Ph. No.9937092599; TALCHER: Sidharth Enterprises, Hatatota, Ph. No.9437003384; ROURKELA: Shah Distributor, Ph-0661-2506904, 9438712456; SAMBALPUR: Gayatri Traders, Ph-9937074072,9437925273; BALASORE: Satyabhama Sales, Ph. No.7008096876); BHADRAK: Akhandalamani Enterprise, Ph No.9437436221,9437960230; MAYURBHANJ: Cooling Point Ph No.9437161333; KEONJHAR: Hridhaan Enterprises , Ph. No.9777642632; Ganjam & Phulbani – Sri Sitaram Enterprises, Ph. No.9437216521; BALANGIR & KALAHANDI- Ably Info Solutions Ph No. 9437025475. AUTHORISED DEALERS :- BHUBANESWAR: Royal Care, Ph 9937057177. Anu Agency, Ph 9437034488. Swosti Agency ,Ph. 9439433333. Spectra Vision, Ph.-9937722277.Crockery Plaza, Ph. 0674-2534631. Maa Santoshi Agency, Ph. 9778289266. Kitchen Gallery, Ph-9437185026. Gharsansar ,Ph 9437040438. Shreeji ,Ph. 9861085294. Kitchen King, Ph 9938475829. SB Enterprises, Ph 9861155551; Shree Balaji Distributors, Ph 7008715226; Shri Jaganath Enterprises, Ph.9861150572. Baba Enterprises-99178550816. Swana Electronics , Ph.9938274127. Sai Associates-7381065641.Sonamona VarietyStore , Ph.9437287620.Situ Plastic, Ph. 9861772109.S.R.Electronics, Ph.-6861155300. Kitchen Queen, Ph.7894082707.Karan Electricals, Ph.-9778337345. A.S.Enterprises, Ph.8249658303.Das & DAS Home Appliances & Fan , Ph.8895014877.Galaxy Enterprises,Ph.9937133040.Utkal Sales, Ph9853150619. CUTTACK: Janata General Store ,Ph-2419948, Arbind Plastic, Ph 8763923528. Patra Electronics, Ph. 2631222. SALEPUR:- Sanjay Electronics NX, Ph. 9777777329. ANGUL: Saralia Trading Co. Ph-9439471222,Shree Agency-Ph 9437013144.TALCHER- Beauty Palace-9437118065, Home Maker-9776173777; DHENKANAL: Beauty House-9777190558. NTPC: Pani Enterprise, Ph 9437056860. PARADEEP: Krishna Enterprise, Ph. 9937451474. KENDRAPARA :- Purnamasi Electrical ,Ph. 9937070448. UMARKOT:- Balaji Metal Store ,Ph 9437524982. ROURKELA:- Prestige, Ph-2642265. City Super Bazar ,Ph-9437047413. Khemka General Store, Ph-2502396. Suruchi Bazar, Ph-9861117222. Pawan Store, Ph-9861040291. Garg Enterprises, Ph 9437046546. BK Enterprises, Ph 9861339753. RAJGANGPUR- Pradeep Store, Ph-9437244015. Kitchen Plaza, Ph. 9937109583. SUNDARGARH- Laxmi Steel, Ph-9776164771. Satyam Enterprises, Ph. 9937425413; KANTABANJI:-Ganapati Electricals,Ph.9938669100. BARIPADA: Aerovision, Ph 9861828643. AUTHORISED SERVICE CENTRE: Cuttack: TTK Prestige Ltd (RSC) Plot No 864/2677. Near Pala Mandap, Near By Shibani Glass House Ph 0671-2367499; Bhubaneswar: Ph -9776322880. Rourkela: Ph. 9853522686. Berhampur : Ph. 0680-2228066. Sambalpur: Ph. 8895149244. Bolangir: Ph 06652-234443. Angul: Ph. 9437903195. Balasore: Ph. 9937393936, Jeypore: Ph. 9438445339, 06854-232339; Jajpur Road: Ph 9658464643;

ତୁମେ ତୁମ ହୃଦୟ ମନକୁ ଶୁଦ୍ଧ କରିବା ଲାଗି କାର୍ଯ୍ୟ କରିବା ଉଚିତ। ଅନ୍ୟମାନେ କ'ଣ କରୁଛନ୍ତି, ନ କରୁଛନ୍ତି- ସେ ସମ୍ବନ୍ଧେ ମୁଣ୍ଡଖେଳାଇ ସମୟ ନଷ୍ଟ କରିବା ଅନାବଶ୍ୟକ। -ଶ୍ରୀମା

# ଭିନ୍ନମତ ପ୍ରତି ଅସହିଷ୍ଣୁତା



ଆକାର ପଟେଲ

ଚଳିତ ସପ୍ତାହରେ ମୋ କାର୍ଯ୍ୟାଳୟକୁ ଚଢ଼ାଉ କରିବାକୁ ଆସିଥିବା ଏକ ତଦନ୍ତକାରୀ ସଂସ୍ଥାର ଜଣେ ବ୍ୟକ୍ତିଙ୍କ ସହ ମୋର ବାର୍ତ୍ତାଳାପ ହୋଇଥିଲା। ସେ ଠିକ୍ ମୋ ବୟସର, ମାନେ ତାଙ୍କୁ ପ୍ରାୟ ୫୦ ବର୍ଷ ହେବ। ସେ ଯେଉଁସବୁ କଥା କହିଲେ, ଶୁଣି ମୋତେ ଆଶ୍ଚର୍ଯ୍ୟ ଲାଗିଲା। ତେବେ ସେ ସବୁ କଥା ମୁଁ ପରେ କହିବି। ପ୍ରଥମେ ଦୃଷ୍ଟି ପକାଇବା ଆମେରିକାରେ ଘଟିଚାଲିଥିବା କିଛି ଘଟଣା ଉପରେ। ରାଷ୍ଟ୍ରପତି ଟ୍ରମ୍ପଙ୍କ ଦଳର ଲୋକ ଭାବେ ଚିହ୍ନିତ ଜଣେ ବ୍ୟକ୍ତି ଟ୍ରମ୍ପଙ୍କ ବିରୋଧୀମାନଙ୍କ ପାଖକୁ ବୋମା ପଠାଇଥିଲେ। ସେମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା, ହିଲାରୀ କ୍ଲିଣ୍ଟନ, ଗୋଇନ୍ଦା ସଂସ୍ଥାର କିଛି ସଦସ୍ୟ ଯାହାଙ୍କୁ ଟ୍ରମ୍ପ ସମାଲୋଚନା କରିଥିଲେ ଏବଂ ଜଣେ ଭାରତୀୟ-ମୂଳ ମହିଳା କମଳା ହାରିସ ଯିଏ କି ୨୦୨୦ ରାଷ୍ଟ୍ରପତି ନିର୍ବାଚନ ଦୌଡ଼ରେ ରହିବାର ସମ୍ଭାବନା ଅଛି। ଆମେରିକାରେ ବିଶେଷତଃ ଓବାମାଙ୍କ ବିଦାୟ ପରେ ରାଜନୈତିକ ବିତର୍କର ମାନ କେମିତି ଅଛି, ସେ ବିଷୟରେ ଆମେ ସଚେତନ। ଟ୍ରମ୍ପ ପ୍ରସଙ୍ଗଗୁଡ଼ିକୁ ପିଲାଳିଆ ସ୍ତରକୁ ନେଇଗଲେ। ଅଧିକାଂଶ ଜିନିଷ ଭଲ ବା ଖରାପ, ଧଳା ବା କଳା ଏବଂ ଭାରତର ରାଜନୈତିକ ପରିଭାଷା ଅନୁସାରେ ତାହା ଜାତୀୟତାବାଦୀ ବା ଦେଶବିରୋଧୀ। ଆପ୍ରବାସନ ପ୍ରସଙ୍ଗରେ ଟ୍ରମ୍ପ ଆକ୍ରମଣାତ୍ମକ ସ୍ୱରରେ କହିଛନ୍ତି ଯେ, ଏହା ଏକ ସମସ୍ୟା, ଯାହାର ଅନ୍ତ ହେବା ଦରକାର ଏବଂ ସେ ଜବରଦସ୍ତ ଏହାର ଅନ୍ତ କରିବେ। ସେ ଶାରୀରିକ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି ଏବଂ ବିନା ଭିଜାରେ ଆମେରିକା ଆସିଥିବା ପରିବାରଠାରୁ ତାଙ୍କ ପିଲାଙ୍କୁ ଅଲଗା କରିଦେଉଛନ୍ତି।

ଡେମୋକ୍ରାଟ୍‌ମାନେ ଏବଂ ବ୍ୟବସାୟୀ ଗୋଷ୍ଠୀ କହନ୍ତି ଯେ, ମେକ୍ସିକୋରୁ ଆସିଥିବା କାରଖାନା ଶ୍ରମିକମାନେ ବାସ୍ତବରେ ଆମେରିକା ଅର୍ଥନୀତିରେ ଉନ୍ନତି ଘଟାଇଛନ୍ତି। ସିଲିକନ୍ ଭାଲି (ଆମେରିକାର ଶିଳ୍ପ ଓ ପ୍ରଯୁକ୍ତିର କେନ୍ଦ୍ରସ୍ଥଳ) ବାରମ୍ବାର କହିଆସୁଛି ଯେ, ଭାରତୀୟ ସଫ୍ଟୱେର ଇଞ୍ଜିନିୟରମାନଙ୍କୁ ଯଦି ଆମେରିକା ବିଜ୍‌ନେସ୍ ଭିଜା ନ ଦିଏ, ତା'ହେଲେ ସେମାନଙ୍କ ବ୍ୟବସାୟରେ ବିପୁଳ କ୍ଷତି ହେବ। କିନ୍ତୁ ଟ୍ରମ୍ପ ଓ ତାଙ୍କ ସମର୍ଥକମାନଙ୍କ ସ୍ପଷ୍ଟ କଥା: ଆମେରିକାକୁ ଶୁଦ୍ଧ ରଖାଯିବାର ଆବଶ୍ୟକତା ଅଛି। ମେକ୍ସିକାନ୍‌ମାନେ ବଳାତ୍କାରୀ ଓ ଅପରାଧୀ ଏବଂ ଭାରତୀୟମାନେ ଆମେରିକୀୟ ଯୁବକଙ୍କ ଚାକିରି ଛଡ଼ାଇନେଉଛନ୍ତି। ଭାରତୀୟମାନଙ୍କୁ ଭିଜା ନ ମିଳିଲେ ତାଙ୍କ ସ୍ଥାନରେ ଆମେରିକୀୟ ଯୁବକମାନେ ଚାକିରି ପାଇପାରିବେ। କୃଷ୍ଣକାୟ ଦେଶଗୁଡ଼ିକୁ ଟ୍ରମ୍ପ 'ଶିଟ୍-ହୋଲ୍ କଣ୍ଟ୍ରିଜ୍' (ଗନ୍ଧିଆ ଦେଶ) ନାମରେ ଅଭିହିତ କରିଛନ୍ତି। ଏହା ଏକ ମାରାତ୍ମକ ଟିପ୍ପଣୀ, ଯାହା ହିଂସାକାଣ୍ଡକୁ ଉତ୍ସାହିତ କରିପାରେ। ନିକଟ ଅତୀତରେ ପାଶ୍ଚାତ୍ୟରେ ଆମେ ଏପରି ଦୃଷ୍ଟାନ୍ତ ଯଦି ଦେଖିବା, ତେବେ ଏଥିପାଇଁ ଦକ୍ଷିଣପନ୍ଥୀମାନେ ଦାୟୀ। ଆମେରିକୀୟ ପ୍ରତିନିଧି ସଦନ (ଭାରତରେ ଯାହାକୁ ଲୋକ ସଭା କୁହାଯାଏ)ର ଜଣେ ସଦସ୍ୟ ଗାବ୍ରିଏଲ ଗିଫୋର୍ଡସଙ୍କ ମୁଣ୍ଡକୁ ୨୦୧୧ରେ ଗୁଳି କରାଗଲା। ଗୁଳି ମାରିଥିବା ଲୋକଟି ହେଉଛି ରିପବ୍ଲିକାନ୍ ପାର୍ଟିର ଚରମପନ୍ଥୀ ଶାଖା 'ଟି ପାର୍ଟି'ର ସଦସ୍ୟ। ୨୦୧୬ରେ ପ୍ରତିନିଧି ସଦନ (ଇଂଲଣ୍ଡର ଲୋକ ସଭା)ର ଜଣେ ସଦସ୍ୟା ଜୋ କକ୍ସଙ୍କୁ ଜଣେ ଲୋକ ଗୁଳି ମାରିଲା, ଯିଏ ତାଙ୍କ ଆପ୍ରବାସନ-ଅନୁକୂଳ ନୀତିକୁ ବିରୋଧ କରିବା ସହ ତାଙ୍କୁ ଗୋରା ଲୋକଙ୍କ ବିଶ୍ୱାସଘାତିନୀ ବୋଲି କହୁଥିଲା। ଏହା ବ୍ରେକ୍‌ଜିଟ୍ ପାଇଁ ଭୋଟ ପୂର୍ବରୁ ଘଟିଥିଲା, ଯେତେବେଳେ ଆପ୍ରବାସନ ଥିଲା ମୁଖ୍ୟ ପ୍ରସଙ୍ଗ।

ଏ ସବୁ ଘଟଣାରେ ଗୋଟିଏ ସାଧାରଣ କଥା ଦେଖିବାକୁ ମିଳେ। ସାଧାରଣ ଲୋକମାନେ ରାଜନୈତିକ ନେତାମାନେ ତିଆରି କରିଥିବା ରାଷ୍ଟ୍ରବାଦୀ ଆଭିମୁଖ୍ୟକୁ ଅତି ସହଜରେ ଗ୍ରହଣ କରିନେଇଥାନ୍ତି। ଭିନ୍ନମତାବଲମ୍ବୀଙ୍କୁ ସେମାନେ ଦେଶଦ୍ରୋହୀ ଓ ବିଶ୍ୱାସଘାତକ ବୋଲି ମନେକରନ୍ତି। ଆଶ୍ଚର୍ଯ୍ୟର କଥା ଆମେରିକାରେ ଏବେ ବିତର୍କ ଏପରି ନିମ୍ନ ସ୍ତରରେ ଆସି ପହଞ୍ଚିଲାଣି, ଯେଉଁଥିରେ ଓବାମାଙ୍କ ପରି ବ୍ୟକ୍ତିତ୍ୱଙ୍କୁ ମଧ୍ୟ ଦେଶବିରୋଧୀ ବିବେଚନା କରାଯାଉଛି।

ଏବେ ଆସିବା ସେହି ବ୍ୟକ୍ତିଙ୍କ ପାଖକୁ ଯାହାଙ୍କ ବିଷୟରେ ମୁଁ ଆରମ୍ଭରେ ଉଲ୍ଲେଖ କରିଛି। ସେ ହେଉଛନ୍ତି ଚଢ଼ାଉକାରୀ ଦଳର ଜଣେ ସଦସ୍ୟ ଏବଂ ସେ ଖୁବ୍ ଶାନ୍ତ ଓ ବୁଦ୍ଧିମାନ୍ ଜଣାପଡୁଥିଲେ। ସେ ଅର୍ଥ ମନ୍ତ୍ରଣାଳୟରେ କାମ କରନ୍ତି। ମୁଁ ଯେଉଁ ସଂସ୍ଥାରେ କାମ କରୁଛି, ସେହି ସଂସ୍ଥା ଦେଶବିରୋଧୀ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ବୋଲି ସନ୍ଦେହ କରି ସେମାନେ ଏହି ଚଢ଼ାଉ କରିଥିଲେ।

ସରକାର ଭିତରେ ବି ଏପରି ଘଟଣା ଘଟୁଥିବା ଦେଖି ମୁଁ ଆଶ୍ଚର୍ଯ୍ୟାନ୍ୱିତ। ଆମ ଟେଲିଭିଜନ ଚାନେଲଗୁଡ଼ିକରେ ଯେପରି ନିମ୍ନମାନର ବିତର୍କମାନ ଚାଲିଛି, ତାହା ଜଟିଳ ପ୍ରସଙ୍ଗଗୁଡ଼ିକୁ ଅତି ପିଲାଳିଆ କରିଦେଉଛି। ଉକ୍ତ ଭଦ୍ରବ୍ୟକ୍ତିଙ୍କ ସହ ଆଲୋଚନାରୁ ମୁଁ ଜାଣିଲି ଯେ, ସେ ମଧ୍ୟ ଏସବୁ ଘଟଣାରେ ବିବ୍ରତ, ମାତ୍ର ତାଙ୍କ ଯୁକ୍ତି ଶୁଣିବାକୁ କେହି ନାହାନ୍ତି। ଦେଶ ଏବେ ବିପଜ୍ଜନକ ସମୟ ଦେଇ ଗତି କରୁଛି ଏବଂ ଆମେ ଏ ପର୍ଯ୍ୟାୟରେ ଖୁବ୍‌ଶୀଘ୍ର ପହଞ୍ଚିଯାଇଛୁ। ଆମେ କେତେକ ସମ୍ପ୍ରଦାୟ ସମେତ ଅନେକ ଲୋକଙ୍କୁ ଏବେ ଶତ୍ରୁ ବୋଲି ବିଚାର କରୁଛୁ। କିନ୍ତୁ କାହାର ଶତ୍ରୁ? ଗୋଟିଏ ପକ୍ଷର ମତ ଓ ରାଜନୀତିର ଶତ୍ରୁ। ଆପଣ ଯଦି ଉକ୍ତ ପକ୍ଷର ମତକୁ ସମର୍ଥନ କରୁନାହାନ୍ତି, ତେବେ ଆପଣ ଦେଶବିରୋଧୀ ବା ଦେଶର ସ୍ୱାର୍ଥବିରୋଧୀ ବୋଲି ଗଣାଯିବେ। ଦେଶ ସାରା କିଛିଦିନ ହେଲା ଯେଉଁସବୁ ହତ୍ୟାକାଣ୍ଡ ଘଟୁଛି, ତାହା ହେଉଛି ସେହି ଜାତୀୟତାବାଦୀ ଚିନ୍ତାଧାରାର ଦୁଷ୍ପରିଣାମ। ଜାତୀୟତାବାଦକୁ ନେଇ ରାଜନୈତିକ ବାଗାଡ଼ମ୍ବରରୁ ହିଂସାକାଣ୍ଡ ଘଟୁଛି ଏବଂ ଆମେ ସମସ୍ତେ ସେଥିରେ ସଂକ୍ରମିତ ହେଉଛୁ। ଆମେ ଆଗାମୀ ସାଧାରଣ ନିର୍ବାଚନ ଆଡ଼କୁ ମୁହାଁଉଥିବା ବେଳେ ଏ ବିଷୟରେ ଗଭୀରଭାବେ ଚିନ୍ତା କରିବାର ଆବଶ୍ୟକତା ରହିଛି।

Email: aakar.patel@gmail.com

# ମୋତେ ଯେତେ ମାଠିବୁ ମାଠ



ପ୍ରକାଶ ତ୍ରିପାଠୀ

'ଆମ ଦେଶରେ ଦୁର୍ଘଟଣାଟିଏ ଘଟିଗଲେ ଏହା ଉପରେ ଆରମ୍ଭ ହୋଇଯାଏ ଆଲୋଚନା, ପ୍ରତ୍ୟାଲୋଚନା ଓ ପରେ ପରେ ରାଜନୈତିକ ଆରୋପ ଓ ପ୍ରତ୍ୟାରୋପ। ମୃତାହତ ସଂଖ୍ୟା ଅଧିକ ହୋଇଥିଲେ ସରକାରଙ୍କ ପକ୍ଷରୁ ତଦନ୍ତ କମିଶନଟିଏ ବସାଇ ଦିଆଯାଏ। କିଛିଦିନର ହୋହଲ୍ଲା ପରେ ସମସ୍ତେ ଥଣ୍ଡା ପଡିଯାନ୍ତି। ଅପେକ୍ଷା କରାଯାଏ ଆଉ ଗୋଟିଏ ଅଘଟଣକୁ। ଦଶନ୍ଧି ଦଶନ୍ଧି ଧରି ଏହିଭଳି ଚିରାଚରିତ ଶୈଳୀରେ ଆମେ ଦେଖିଆସୁଛୁ ଆମ ଚାରି ପାଖରେ ଘଟୁଥିବା ସବୁ ଘଟଣା ଓ ଦୁର୍ଘଟଣାକୁ। ଏଥିରୁ କିଏ କ'ଣ ଶିକ୍ଷା ଲାଭ କରୁଛନ୍ତି ଜଣାପଡେ ନାହିଁ। ମାତ୍ର ଅଘଟଣ ଘଟିବା କମେ ନାହିଁ କିମ୍ବା ଆମ୍ଭେମାନେ କେହି ବି ସୁଧୁରିବା ଦେଖାଯାଏ ନାହିଁ।

ଏବେ ଗୋଟିଏ ଦୁର୍ଘଟଣା ଘଟିଛି ପଞ୍ଜାବର ଅମୃତସରରେ ବିଜୟା ଦଶମୀ ରାତିରେ। ଯୋଡା ରେଳଫାଟକ ନିକଟସ୍ଥ ଧୋବିଘାଟରେ ସେ ଦିନ ସନ୍ଧ୍ୟାରେ ଆୟୋଜିତ ହୋଇଥିଲା ରାବଣପୋଡି ଉତ୍ସବ। ଦଶହରା କମିଟି ପକ୍ଷରୁ ଗତ କୋଡିଏ ବର୍ଷ ହେବ ଏଠାରେ ଏହି ଉତ୍ସବ ପାଳିତ ହୋଇ ଆସୁଛି। ଗତ ରାବଣପୋଡି ଉତ୍ସବକୁ ନିମନ୍ତ୍ରିତ ହୋଇଥିଲେ ପଞ୍ଜାବର କ୍ୟାବିନେଟ ମନ୍ତ୍ରୀ ନବଜୋତ ସିଂ ସିଦ୍ଧୁ ଓ ତାଙ୍କ ପତ୍ନୀ। ସିଦ୍ଧୁ କାର୍ଯ୍ୟବ୍ୟସ୍ତତା ଯୋଗୁ ଆସିପାରି ନ ଥିଲେ ଓ ତାଙ୍କ ପତ୍ନୀ ହିଁ ସେହି ଉତ୍ସବର ମୁଖ୍ୟଅତିଥି ଥିଲେ। ଧୋବିଘାଟର ପଡିଆରେ ଦୁଇହଜାର ଦର୍ଶକ ବସିବାର ସୁବିଧା ଥିଲେ ହେଁ ସେ ଦିନ ଏହାଠାରୁ ଅଧିକ ଦର୍ଶକ ରାବଣପୋଡି ଦେଖିବାକୁ ଆସିଥିଲେ। କିଛି ଦର୍ଶକ ରାବଣପୋଡି ଦୃଶ୍ୟକୁ ନିଜ ନିଜ ମୋବାଇଲ ଫୋନରେ ରେକର୍ଡିଂ କରିବା ପାଇଁ ନିକଟରେ ଯାଇଥିବା ରେଳ ଲାଇନ ଉପରକୁ ଚାଲିଯାଇଥିଲେ। ଢୋ ଢା ହୋଇ ଆତସବାଜି ସାଙ୍ଗକୁ ରଙ୍ଗବେରଙ୍ଗର ଆଲୋକରେ ଜଳୁଥିବା ରାବଣର ଦୃଶ୍ୟକୁ ଦର୍ଶକମାନେ ଅତି ଉତ୍ସାହର ସହ ଉପଭୋଗ କରୁଥିଲେ ଓ ନିଜ ନିଜ ମୋବାଇଲରେ ଫଟୋ ଉଠାଇ ଚାଲିଥିଲେ। ହଠାତ୍ ଏହି ସମୟରେ ଦ୍ରୁତଗତିରେ ମାଡିଆସିଥିଲା ଏକ ଟ୍ରେନ ଓ ରେଳଧାରଣାରେ ଠିଆ ହୋଇଥିବା ଲୋକଙ୍କ ଉପରେ ଚଢିଗଲା। ଟ୍ରେନ ଚକ ତଳେ କଟିଯାଇ ୬୦ରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିବା ସହ ଶତାଧିକ ଗୁରୁତର ଆହତ ହେଲେ। ବର୍ତ୍ତମାନ ତର୍ଜମା ଚାଲିଛି ଏଭଳି ଏକ ମର୍ମନ୍ତୁଦ ଦୁର୍ଘଟଣା ପାଇଁ ଦାୟୀ କିଏ। କେହି କେହି ଆୟୋଜକ ଦଶହରା କମିଟିକୁ ଦୋଷ ଦେଲେଣି ତ କେହି ମ୍ୟୁନିସିପାଲ କର୍ପୋରେଶନ ଅମୃତସରକୁ ଦାୟୀ କଲେଣି। କିଏ ସ୍ଥାନୀୟ ପ୍ରଶାସନକୁ ଦାୟୀ କଲାଣି ତ କିଏ ରେଳ ବିଭାଗକୁ ଦୋଷ ଦେଲାଣି। ଏପରି କି ସେଦିନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ମନ୍ତ୍ରୀ ସିଦ୍ଧୁଙ୍କ ପତ୍ନୀଙ୍କୁ ବି ଦୋଷ ଦିଆଗଲାଣି। ରାଜ୍ୟ ସରକାର ଚିରାଚରିତ ଢଙ୍ଗରେ ଏକ ତଦନ୍ତ କମିଶନ ବସାଇବାକୁ ଘୋଷଣା କରିବା ସହ ପ୍ରତି ମୃତକଙ୍କ ପରିବାରକୁ ପାଞ୍ଚ ଲକ୍ଷ ଟଙ୍କା ସହାୟତା ଘୋଷଣା କରିସାରିଲେଣି। ଇତିମଧ୍ୟରେ କେନ୍ଦ୍ର ସରକାର ବି ପ୍ରତି ମୃତକଙ୍କ ପରିବାର ପାଇଁ ଦୁଇଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଏଣିକି ଏହିଭଳି ଉତ୍ସବ ଆୟୋଜନ ପାଇଁ ଅନେକ କଟକଣା ଜାରି ହୋଇଯିବ ଓ ପ୍ରତ୍ୟେକ ରାଜ୍ୟ ସରକାର ବି ନିଜ ନିଜ ରାଜ୍ୟରେ ସର୍କୁଲାର ଜାରି କରିଦେବେ। ତେବେ ଏହାପରେ କେହି ଜଣେ ଗ୍ୟାରେଣ୍ଟି ଦେଇ ପାରିବେ କି, ଆମ ଦେଶରେ ଏଭଳି ଦୁର୍ଘଟଣା ଆଉ ଘଟିବ ନାହିଁ।

ଦୁର୍ଘଟଣା ଘଟିବା ଆମ ଦେଶରେ ଏକ ଧାରାବଦ୍ଧ ଘଟଣା। ସବୁ ଦୁର୍ଘଟଣାରେ ପ୍ରଶାସନକୁ ଦାୟୀ କରାଯିବା ଠିକ୍ ନୁହେଁ। ସାଧାରଣ ଜନତାଙ୍କର କିଛି ଦାୟିତ୍ୱବୋଧ ଓ କର୍ତ୍ତବ୍ୟ ଅଛି ନା ନାହିଁ ! ଏହା ସ୍ୱୀକାର କରିବାକୁ ହେବ ଯେ ଯଦି ରାସ୍ତାରେ ପୋଲିସ ପକ୍ଷରୁ ହେଲମେଟ ଚେକିଂ କରାଯାଇ ଜରିମାନା ଆଦାୟ କରାଯାଉ ନ ଥାନ୍ତା, ଅଧିକାଂଶ ବାଇକଚାଳକ ହେଲମେଟ ପିନ୍ଧନ୍ତେ ନାହିଁ। କାର ଡ୍ରାଇଭିଂ ବେଳେ ସିଟ୍ ବେଲ୍ଟ ନ ବାନ୍ଧିଲେ ଫାଇନ ଦେବାକୁ ଯଦି ପଡୁ ନ ଥାନ୍ତା, ତେବେ କେହି ବୋଧହୁଏ ସିଟ୍ ବେଲ୍ଟ ବାନ୍ଧନ୍ତେ ନାହିଁ। କଡା ଆଇନ ଓ ଜରିମାନା ଆଦାୟ ସତ୍ତ୍ୱେ ଗାଡି ଚଳାଇବା ବେଳେ ଅନେକ ଚାଳକ ବିପଦପୂର୍ଣ୍ଣ ଭାବେ ମୋବାଇଲ ଫୋନରେ କଥା ହେଉଥିବା ନଜରକୁ ଆସିଥାଏ। ଗୋଟିଏ ଅଟୋରିକ୍ସାରେ ମାତ୍ର ୩ ଜଣ ବସିବାର ବ୍ୟବସ୍ଥା ଥିଲେ ମଧ୍ୟ ଏଥିରେ ଆଠରୁ ଦଶ ଯାତ୍ରୀ ଯାତ୍ରା କରୁଥିବା ଆମ ସହରମାନଙ୍କରେ ଏକ ସାଧାରଣ କଥା। ଯାତ୍ରୀବାହୀ ବସଗୁଡିକରେ ବାହାରକୁ ଓହଳି ଯେପରି ଯାତ୍ରୀମାନେ ବିପଜ୍ଜନକ ଅବସ୍ଥାରେ ଯାତ୍ରା କରିଥାନ୍ତି ତାହା ଦେଖିଲେ ହୃତ୍‌କମ୍ପନ ବଢିଯାଏ। ଚିଲିକାରେ ତ ଗୋଟିଏ ଗୋଟିଏ କାଠ ଡଙ୍ଗାରେ ୧୫ରୁ ୨୦ ମୋଟରସାଇକେଲ ଓ ୪୦ରୁ ୫୦ ଯାତ୍ରୀ ବିପଦପୂର୍ଣ୍ଣ ଭାବେ ଯାତ୍ରା କରୁଥିବାର ଦୃଶ୍ୟ ପ୍ରତ୍ୟହ ଦେଖିବାକୁ ମିଳେ। ରେଳ ଫାଟକରେ ଗେଟ୍ ପଡିଥିବା ସତ୍ତ୍ୱେ ଅନେକ ଲୋକ ନିଜ ମୋଟରସାଇକେଲ ସହ ନିଜେ ଗଳି ଯାତାୟାତ କରିବା ଆମ ଦେଶରେ ଏକ ନିତିଦିନିଆ ଘଟଣା। ରେଳ ଫାଟକରେ ଅସାବଧାନ ଯାତାୟାତ ଯୋଗୁଁ ଆମ ଦେଶରେ ବାର୍ଷିକ ପ୍ରାୟ ୧୫ ହଜାର ଲୋକ ମୃତାହତ ହୋଇଥାନ୍ତି। ରାସ୍ତା ଉପରେ ନୋ ପାର୍କିଂ ଜୋନରେ ଗାଡି ରଖିବା, ରାସ୍ତା ଉପରକୁ ଗୋରୁ ଛାଡିବା, ରାସ୍ତା ଅବରୋଧ କରି ବିଭିନ୍ନ କାର୍ଯ୍ୟ କରିବା ଯୋଗୁଁ ଆମ ଦେଶରେ ଘଟୁଥିବା ଦୁର୍ଘଟଣାର ସଂଖ୍ୟା ଅଧିକ। ପୋଲିସ୍ ଲାଠି ଧରି ଠିଆ ନ ହେବା ପର୍ଯ୍ୟନ୍ତ କୌଣସି କାଉଣ୍ଟରରେ ଧାଡି ବାନ୍ଧି ଠିଆ ହେବା ଆମ ଜାତକରେ ନାହିଁ। ଠେଲାପେଲା, ଦଳାଚକଟା ହେବା ଆମର ସହଜାତ ପ୍ରବୃତ୍ତି। ଦୁର୍ଘଟଣାରେ କ୍ଷତିଗ୍ରସ୍ତଙ୍କୁ ସାହାଯ୍ୟ କରିବା ବଦଳରେ ରାସ୍ତା ଅବରୋଧ କରି ଗାଡିମୋଟର ପୋଡାଜଳା କରିବାକୁ ଅନେକେ ନିଜର ଅଧିକାର ଭାବେ ଗ୍ରହଣ କରି ନେଇଛନ୍ତି। ବସ୍ ଦୁର୍ଘଟଣା ଘଟି କିଛି ଯାତ୍ରୀ ମୃତ୍ୟୁବରଣ କଲା ପରେ ଜଣାପଡେ ଯେ ବସଟିର ପର୍‌ମିଟ ନ ଥିଲା ଅବା ବସ୍‌ର ଫିଟ୍‌ନେସ୍ ନ ଥିଲା। ସକାଳୁ ସକାଳୁ ଅଟୋରିକ୍ସା ବା ରିକ୍ସାରେ ଯାଉଥିବା ଛୋଟ ଛୋଟ ସ୍କୁଲ ପିଲାଙ୍କୁ ଦେଖିଲେ ମନରେ ଭୟ ସଂଚରିଯାଏ। ସେଥିରେ ସ୍କୁଲ ପିଲା ଯାଉଛନ୍ତି କି ମାଲ ପରିବହନ ହେଉଛି ତାହା ମନରେ ଭ୍ରମ ସୃଷ୍ଟି କରେ। ଏହିସବୁ କ୍ଷେତ୍ରରେ ଦୁର୍ଘଟଣାଟିଏ ଘଟିଲେ ଆମେ କିଛିଦିନ ସଚେତନ ହୋଇଯାଉ, ମାତ୍ର କିଛିଦିନ ପରେ ପୁଣି ସେହି ପୂର୍ବାବସ୍ଥାକୁ ଫେରିଆସୁ।

ଅସାବଧାନତା ଯୋଗୁ ଆମ ଦେଶରେ ବାର୍ଷିକ ପ୍ରାୟ ଦେଢ ଲକ୍ଷ ଲୋକ ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାଇଥାନ୍ତି। ଗତବର୍ଷ ଆମ ଦେଶରେ ପ୍ରତି ଦଶ ମିନିଟରେ ୭ ଜଣ ଲୋକ ରାସ୍ତା ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ରୋଡ ଟ୍ରାନ୍ସପୋର୍ଟ ଏଣ୍ଡ ହାଇୱେ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଗତବର୍ଷ ୪,୬୪,୯୧୦ଟି ରାସ୍ତା ଦୁର୍ଘଟଣାରେ ୧,୪୭,୯୧୩ ଜଣଙ୍କ ଜୀବନହାନି ଘଟିଥିଲା ବେଳେ ୪,୭୦,୯୭୫ ଜଣ ଗୁରୁତର ଆହତ ହୋଇଥିଲେ। ଯଦି ସାଧାରଣ ଜନତା ସଚେତନ ହୁଅନ୍ତେ, ଦାୟିତ୍ୱପୂର୍ଣ୍ଣ ଭାବେ ଓ ସାବଧାନତା ସହ ଟ୍ରାଫିକ ନିୟମ ମାନି ଗାଡି ଚଳାନ୍ତେ ତେବେ ଏତେ ସଂଖ୍ୟାରେ ଘଟୁଥିବା ଦୁର୍ଘଟଣାକୁ ଏଡାଇ ଦେଇ ହୁଅନ୍ତା। ପୋଲିସ୍ ଓ ପ୍ରଶାସନ ପ୍ରତିଥର ଓ ପ୍ରତି ସ୍ଥାନରେ ଦୁର୍ଘଟଣାକୁ ରୋକିବ, ଏହା ଭାବିବା ଭୁଲ। ଅମୃତସର ରେଳ ଦୁର୍ଘଟଣା ପରେ ଏବେ ସମସ୍ତେ ଦୋଷ ଲଦାଲଦିରେ ବ୍ୟସ୍ତ। ପ୍ରକାଶିତ ଖବର ଅନୁଯାୟୀ ଚଳିତବର୍ଷ ବିଜୟାଦଶମୀରେ ମୋଟ ୨୯ଟି ରାବଣପୋଡି ଉତ୍ସବ ଅମୃତସରରେ ଆୟୋଜିତ ହୋଇଥିଲା, ଯେଉଁଥିରେ କି ମାତ୍ର ୪ଟିକୁ ପୂର୍ଣ୍ଣ ଅନୁମତି ମିଳିଥିଲା। ଏହିଭଳି ପ୍ରତିବର୍ଷ ବେନିୟମ ଭାବେ ରାବଣପୋଡି ହୁଏ ଓ ଦୁର୍ଘଟଣା ଘଟୁ ନ ଥିବା ଯୋଗୁ ସମସ୍ତେ ଚୁପ ରୁହନ୍ତି, ମାତ୍ର ଚଳିତବର୍ଷ ଦୁର୍ଘଟଣା ଘଟିବା ପରେ ଏସବୁ କଥା ପ୍ରକାଶ ପାଉଛି। ତଦନ୍ତ କମିଶନ ରିପୋର୍ଟ କେବେ ଆସିବ, କିଏ ଦୋଷୀ ସାବ୍ୟସ୍ତ ହେବେ ଓ ସେମାନଙ୍କ ପ୍ରତି କି ଦଣ୍ଡବିଧାନ ହେବ ତାହା ଭବିଷ୍ୟତ କହିବ। କିନ୍ତୁ ଏହି ଦୁର୍ଘଟଣାରେ ସାଧାରଣ ଜନତାଙ୍କ ଦୋଷ ପ୍ରତି ଆଖିବୁଜି ଦିଆଯାଇ ନ ପାରେ। ଅତି ଦାୟିତ୍ୱହୀନ ଓ ନିଜ ଜୀବନ ସୁରକ୍ଷା ପ୍ରତି ଦୃଷ୍ଟି ନ ଦେଇ ଅସୁରକ୍ଷିତ ଭାବେ ରେଳ ଧାରଣା ଉପରେ ଠିଆ ହେବା ନିଶ୍ଚିତ ନିଜ ମୃତ୍ୟୁକୁ ଆମନ୍ତ୍ରଣ କରିବା ସହ ସମାନ। ଆମେ ଜାଣିଶୁଣି ରାସ୍ତା ମଝିରେ ଠିଆ ହେବା ଓ ଦୁର୍ଘଟଣା ଘଟିଲେ ଅନ୍ୟକୁ ଦାୟୀ କରିବା କେତେଦୂର ଠିକ୍? ସରକାର ବି ଏସବୁ ଘଟଣାରେ ଲକ୍ଷ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରି ଆତ୍ମସନ୍ତୋଷ ଲାଭ କରୁଛନ୍ତି। ସାଧାରଣ ଜନତାଙ୍କ ଟିକସକୁ ରିଲିଫ ହିସାବରେ ଏଭଳି ଦୁର୍ଘଟଣାରେ ପ୍ରଦାନ କରାଯିବାକୁ ବି ଅନେକ ଅଯଥାର୍ଥ କହିଲେଣି । ଯଦି ଏହା ଯଥାର୍ଥ, ତେବେ ଦେଶରେ ପ୍ରତ୍ୟହ ଘଟୁଥିବା ଦୁର୍ଘଟଣାରେ ମୃତାହତଙ୍କ ପରିବାରକୁ କାହିଁକି ସହାୟତା ଦିଆ ନ ଯିବ। କଥାରେ ଅଛି, 'ମୋତେ ଯେତେ ମାଠିବୁ ମାଠ, ମୁଁ ସେଇ ଦରପୋଡା କାଠ' । ଯେତେ ଠିକିଲେ ବି ଆମେ ଶିଖିପାରୁନାହୁଁ, ସଚେତନ ହେଉ ନାହୁଁ କି ସୁଧୁରୁନାହୁଁ।

ମୋ-୯୪୩୭୨୩୨୪୬୩,
ଇମେଲ-prakas.tripathy09@gmail.com

# ଅଭିଜ୍ଞ ଜୀବବିଜ୍ଞାନୀ

### ବ୍ୟକ୍ତିତ୍ୱ



ଶେଖର ସି. ମାଣ୍ଡେ

ଗବେଷଣା ଓ ବିକାଶ ଦିଗରେ ଭାରତର ପ୍ରମୁଖ ସଙ୍ଗଠନ ଭାବେ କାଉନସିଲ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ (ସିଏସ୍ଆଇଆର୍) ଜଣାଶୁଣା। ୧୯୪୨ରେ ଏହା ପ୍ରତିଷ୍ଠା କରାଯାଇଥିଲା। ନୂଆଦିଲ୍ଲୀରେ ଏହାର ମୁଖ୍ୟାଳୟ ରହିଛି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଏଥିପାଇଁ ପାଣ୍ଠି ଯୋଗାଇ ଦେଇଆସୁଛି। ପ୍ରଧାନମନ୍ତ୍ରୀ ହେଉଛନ୍ତି ଏହି ସଙ୍ଗଠନର ଅଧ୍ୟକ୍ଷ। ବିଶ୍ୱ ସ୍ତରରେ ନବମ ସ୍ଥାନରେ ଥିବା ସିଏସ୍ଆଇଆର୍ ଭାରତରେ ୩୮ଟି ଜାତୀୟ ଗବେଷଣାଗାର ପରିଚାଳନା କରୁଛି। ନିକଟରେ ଏଭଳି ଏକ ସଂସ୍ଥାର ମହାନିର୍ଦ୍ଦେଶକ ଭାବେ ଶେଖର ସି. ମାଣ୍ଡେ ନିଯୁକ୍ତି ପାଇଛନ୍ତି। ଫଳରେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ଶେଖର ୧୯୬୨ ଏପ୍ରିଲ ୫ରେ ମହାରାଷ୍ଟ୍ରର ନାଗପୁରଠାରେ ଜନ୍ମଗ୍ରହଣ କରିଥିଲେ। ନାଗପୁର ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର କରିବା ପରେ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସରୁ ମଲିକ୍ୟୁଲାର ବାୟୋଫିଜିକ୍ସ ଉପରେ ପିଏଚ୍.ଡି ଡିଗ୍ରୀ ଅର୍ଜନ କରିଥିଲେ। ଏହା ପରେ ସେ ନେଦରଲାଣ୍ଡସର ରିଜ୍‌ସୁୟୁନିର୍ଭିସିଟି ଗ୍ରୋନିଙ୍ଗେନ୍‌ରେ ପ୍ରଫେସର ଭାବେ ଯୋଗଦେଇଥିଲେ। ୨୦୦୧ରୁ ସେ ଭାରତ ସରକାରଙ୍କ ଡିଏନ୍ଏ ଫିଙ୍ଗରପ୍ରିଣ୍ଟିଙ୍ଗ ଆଣ୍ଡ ଡାଇଗ୍ନୋଷ୍ଟିକ୍ସରେ ସିନିୟର ସାଇଣ୍ଟିଷ୍ଟ ଭାବେ କାର୍ଯ୍ୟ କରୁଥିଲେ। ଏବେ ପୁଣେସ୍ଥିତ ନ୍ୟାଶନାଲ ସେଣ୍ଟର ଫର ସେଲ୍ ସାଇନ୍ସରେ ନିର୍ଦ୍ଦେଶକ ଦାୟିତ୍ୱରେ ଅଛନ୍ତି। ଜୀବବିଜ୍ଞାନ ଉପରେ ପ୍ରଗାଢ଼ ଜ୍ଞାନ ଥିବାରୁ ଶେଖରଙ୍କୁ କେନ୍ଦ୍ର ସରକାରଙ୍କ ଡିପାର୍ଟମେଣ୍ଟ ଅଫ୍ ବାୟୋଟେକ୍‌ନୋଲୋଜି ଏବଂ ଡିପାର୍ଟମେଣ୍ଟ ଅଫ୍ ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜିର ଉପଦେଷ୍ଟାମଣ୍ଡଳୀର ଅନେକ କମିଟିରେ ସ୍ଥାନ ପାଇପାରିଛନ୍ତି। ଏବେ ଡିପାର୍ଟମେଣ୍ଟ ଅଫ୍ ବାୟୋଟେକ୍‌ନୋଲୋଜିର ବେସିକ୍ ସାଇନ୍ସ ଟାସ୍କଫୋର୍ସର ସେ ଅଧ୍ୟକ୍ଷ ରହିବା ସହ ବାୟୋଫିଜିକ୍ସ, ବାୟୋକେମିଷ୍ଟ୍ରି, ମଲିକ୍ୟୁଲାର ବାୟୋଲୋଜି ଏବଂ ମାଇକ୍ରୋବାୟୋଲୋଜି ଟାସ୍କଫୋର୍ସର ପ୍ରମୁଖ ସଦସ୍ୟ ଅଛନ୍ତି। ଏଥିସହିତ ଶେଖର ମହାରାଷ୍ଟ୍ର ସରକାରଙ୍କ ତରଫରୁ ଟାଟା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫଣ୍ଡାମେଣ୍ଟାଲ ରିସର୍ଚ୍ଚର ପରିଚାଳନା ପରିଷଦ ଏବଂ ସୋଲାପୁର ବିଶ୍ୱବିଦ୍ୟାଳୟ ଓ ସାବିତ୍ରୀବାଈ ଫୁଲେ ପୁଣେ ୟୁନିଭର୍ସିଟିର ପରିଚାଳନା ପରିଷଦରେ ସଦସ୍ୟ ରହିଛନ୍ତି। କେବଳ ସେତିକି ନୁହେଁ, ଇଣ୍ଡୋ ଫ୍ରେଞ୍ଚ ସେଣ୍ଟର ଫର୍ ପ୍ରମୋଶନ ଅଫ୍ ଆଡ୍‌ଭାନ୍ସ ରିସର୍ଚ୍ଚ ଏବଂ ରିସର୍ଚ୍ଚ କାଉନ୍‌ସିଲ ଅଫ୍ ଦି ଇନ୍‌ଷ୍ଟିଚ୍ୟୁଟ ଅଫ୍ ଜେନୋମିକ୍ସ ଆଣ୍ଡ ଇଣ୍ଟିଗ୍ରେଟିଭ୍ ବାୟୋଲୋଜିର ପରିଚାଳନା କମିଟି ସଦସ୍ୟ ଅଛନ୍ତି। ସରକାରୀ ପଦପଦବୀ ଭିନ୍ନ ବିଜ୍ଞାନ ଆନ୍ଦୋଳନ ଦିଗରେ କାର୍ଯ୍ୟ କରୁଥିବା ବୃହତ୍ ସ୍ୱେଚ୍ଛାସେବୀ ସଂସ୍ଥା 'ବିଜ୍ଞାନ ଭାରତୀ'ର ଉପସଭାପତି ରହି ଶେଖର ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ବିଜ୍ଞାନ ଗବେଷଣା ଓ ଏହାର ପ୍ରଚାର ପ୍ରସାର ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ଶେଖରଙ୍କୁ ବିଭିନ୍ନ ସମୟରେ ମିଳିଛି ବହୁ ପୁରସ୍କାର ଓ ସମ୍ମାନ। ସେ ୧୯୯୯ରେ ମର୍ଯ୍ୟାଦାଜନକ ବିଏମ୍ ବିର୍ଲା ୟଙ୍ଗ୍ ସାଇଣ୍ଟିଷ୍ଟ ଆୱାର୍ଡ ଓ ୨୦୦୫ରେ ଶାନ୍ତି ସ୍ୱରୂପ ଭଟ୍ଟନାଗର ସମ୍ମାନ ପାଇଥିଲେ। ଏଥିସହିତ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆନ୍ ନ୍ୟାଶନାଲ ସାଇନ୍ସ ଏକାଡେମୀ, ବାଙ୍ଗାଲୋରସ୍ଥିତ ଇଣ୍ଡିଆନ୍ ଏକାଡେମୀ ଅଫ୍ ସାଇନ୍ସ ଆଦି ବହୁ ଗବେଷଣା ସଂସ୍ଥାର ଫେଲୋ ହେବାର ଗୌରବ ଅର୍ଜନ କରିଛନ୍ତି। ପଦାର୍ଥ ବିଜ୍ଞାନ, ଜୀବବିଜ୍ଞାନ ସହ ପ୍ରଯୁକ୍ତିବିଦ୍ୟାରେ ଗବେଷଣା ଆଜି ତାଙ୍କୁ ଉଚ୍ଚକୋଟୀର ବୈଜ୍ଞାନିକ ଆସନରେ ଆସୀନ କରିଛି। ଆଶା କରାଯାଉଛି ତାଙ୍କ ନେତୃତ୍ୱ ଦେଶର ଯୁବ ବିଜ୍ଞାନୀଙ୍କୁ ଗବେଷଣା ଓ ଅଭିନବତ୍ୱ ଦିଗରେ ନୂଆ ଦିଶା ଦେଖାଇବ।

-ଜିତେନ୍ଦ୍ର

## ଏଇ ଭାରତରେ

ଇଚ୍ଛା ଥିଲେ ଅସାଧ୍ୟ ସାଧନ କରିହୁଏ। ସ୍କୁଲ୍‌ରେ ନାମ ନ ଲେଖାଇ ଅଥବା ସ୍କୁଲ୍‌କୁ ନ ଯାଇ ମଧ୍ୟ ଭଲ ପାଠ ପଢ଼ିହୁଏ। ଏ କଥା ପ୍ରମାଣ କରି ଦେଖାଇଛନ୍ତି ପଶ୍ଚିମବଙ୍ଗ ହାଓ୍ୱଡ଼ା ଜିଲାର ୧୨ ବର୍ଷର ବାଳିକା ସୈଫା ଖାତୁନ୍। କେବଳ ଘରେ ପାଠ ପଢ଼ି ମାଧ୍ୟମିକ ପରୀକ୍ଷା ଦେବା ପାଇଁ ସେ ଯୋଗ୍ୟ ବିବେଚିତ ହୋଇପାରିଛନ୍ତି। ଏଥିପାଇଁ ୱେଷ୍ଟ ବେଙ୍ଗଲ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନ (ଡବ୍ଲ୍ୟୁବିବିଏସ୍ଇ) ତାଙ୍କୁ ଏକ୍ସଟର୍ନାଲ କ୍ୟାଣ୍ଡିଡେଟ୍ ଭାବରେ ୨୦୧୯ରେ ହେବାକୁ ଥିବା ମାଧ୍ୟମିକ ପରୀକ୍ଷା ଦେବାକୁ ଅନୁମତି ଦେଇଛନ୍ତି।

ଅଗଷ୍ଟରେ ଉକ୍ତ ବୋର୍ଡ ଦ୍ୱାରା କରାଯାଇଥିବା ଏଲିଜିବିଲିଟି ଟେଷ୍ଟରେ ସୈଫା ଖାତୁନ୍ ଯୋଗ୍ୟତା ଅର୍ଜନ କରିଛନ୍ତି। ତେବେ ଏଭଳି ଘଟଣା ବିଗତ ଦୁଇ ଦଶନ୍ଧି ମଧ୍ୟରେ ମାଧ୍ୟମିକ ପରୀକ୍ଷା (ଦଶମ ଶ୍ରେଣୀ ବୋର୍ଡ) ଇତିହାସରେ ପ୍ରଥମ ବୋଲି ବୋର୍ଡର ସଭାପତି କଲ୍ୟାଣମୟ ଗାଙ୍ଗୁଲି ପ୍ରକାଶ କରିଛନ୍ତି। ଏହି ପରୀକ୍ଷା ଦେବା ପାଇଁ ସର୍ବନିମ୍ନ ବୟସ ୧୪ବର୍ଷ ଧାର୍ଯ୍ୟ ହୋଇଥିବା ବେଳେ ଏହି ବାଳିକା ୫୨% ନମ୍ବର ରଖି ଯୋଗ୍ୟତା ଅର୍ଜନ କରିଛନ୍ତି। ଆଦୌ ସ୍କୁଲ ନ ଯାଇ ଘରେ ପାଠ ପଢ଼ି ୧୨ ବର୍ଷ ବୟସରେ ସେ ଏହି ଯୋଗ୍ୟତା ଅର୍ଜନ କରିଛନ୍ତି। ବୋର୍ଡର ଅନ୍ୟତମ ଅଧିକାରୀ କହନ୍ତି ୨୦୧୯ ମାଧ୍ୟମିକ ପରୀକ୍ଷାରେ ବସିବା ପାଇଁ ଅନୁମତି ଦେବାକୁ ଖାତୁନ୍‌ଙ୍କ ପିତା ମହମ୍ମଦ୍ ଅଇନୁଲ୍ ବୋର୍ଡ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ବାସ୍ତବରେ ସୈଫା ଖାତୁନ୍‌ଙ୍କ ଭଳି ପ୍ରତିଭା ଭାରତବର୍ଷରେ କ୍ୱଚିତ୍ ଦେଖିବାକୁ ମିଳନ୍ତି।

## ଚିରନ୍ତନୀ

ନୟନ କୋଣେ ଉଠ ଗୋ ଜାଗି
ଅଧର ମୂଳେ ହେ ଅନୁରାଗୀ,
ନିବିଡ଼ କରି ଦିଅ ଗୋ ଦାଗି ଚୁମ୍ବନ
ହୃଦରେ ହୃଦ ପରଶ ରସ ଚନ୍ଦନ।
ନ ପାରେଁ ବୁଝି କିଏ ସେ ମୁହିଁ
କିଏ ବା ତୁମେ ଛଇଳ-ମୁହୀ
ନ ପାରେଁ ବୁଝି ଏକ କି ଦୁଇ ସଙ୍ଗିନୀ
ଆସ ଗୋ ଆସ, ହୁଅ ପରାଣ-ବନ୍ଦିନୀ।

(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଅକ୍ଟୋବର ୧୯୯୩

- ମୁଖ୍ୟ ନିର୍ବାଚନ କମିଶନର ଟି.ଏନ୍. ଶେଷାନ୍ ଦୁଇ ନବନିଯୁକ୍ତ ନିର୍ବାଚନ କମିଶନର ଜି.ଭି.ଜି. କ୍ରିଷ୍ଣମୂର୍ତ୍ତି ଓ ଏସ୍.ଏସ୍.ଗିଲ୍‌ଙ୍କ ନିଯୁକ୍ତି ଏବଂ ତାଙ୍କ ସହିତ ସେମାନଙ୍କୁ ସମାନ ମର୍ଯ୍ୟାଦା ଦେଇ ଜାରି ହୋଇଥିବା ଅଧ୍ୟାଦେଶକୁ ଚାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ କରିଛନ୍ତି।
- ବୁରୁଣ୍ଡିରେ ସଂଖ୍ୟାବହୁଳ ହୁଟୁ ଆଦିବାସୀ ସମ୍ପ୍ରଦାୟ ଏବଂ ସଂଖ୍ୟାଲଘୁ ଟୁଷ୍ଟିର ସମ୍ପ୍ରଦାୟ ମଧ୍ୟରେ ଭୟାନକ ସଂଘର୍ଷ ଘଟି ୧୦୦ ଜଣଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଶା ମଦମୁକ୍ତ ହେଉ

ମହାଶୟ,

ଓଡିଶା ସରକାର ଗାନ୍ଧୀ ଜୟନ୍ତୀ ଅବସରରେ ଓଡିଶାରେ 'ନିଶାକୁ ନା' ବୋଲି ବିଜ୍ଞାପନ ମାଧ୍ୟମରେ ସଚେତନତା ସୃଷ୍ଟି କରାଇବା ସହ ଯୁବକମାନଙ୍କୁ ନିଶା (ମଦ) ପାନ ବିରୁଦ୍ଧରେ ପ୍ରତିଜ୍ଞା କରାଇଛନ୍ତି। ଏହା ନିଶ୍ଚିନ୍ତ ଭାବରେ ଏକ ଉତ୍ତମ ପଦକ୍ଷେପ। ମଦ-ରାକ୍ଷସକୁ ମାରିବାକୁ ଯଦି ସରକାର ପ୍ରକୃତରେ ଚେଷ୍ଟା କରୁଥାନ୍ତି ତା'ହେଲେ ୨୦୧୯ ଉତ୍କଳ ଦିବସରୁ ଆଉ ନୂଆ ମଦ ଦୋକାନ ନ ଖୋଲିବା ଓ ପୁରୁଣା ଦୋକାନକୁ ବନ୍ଦ କରିବା ଉଚିତ। ତା' ନ ହେଲେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚକରି ବିଜ୍ଞାପନ ଦେବାର କିଛି ମାନେ ରହିବ ନାହିଁ। ମଦ ନିଗମ ବନ୍ଦ କରିବା ସହିତ ସରକାର ସମସ୍ତ ପ୍ରକାର ଦେଶୀ ଓ ବିଦେଶୀ ମଦ କାରଖାନା ବନ୍ଦ କରିବା ଦରକାର। ତାହା ଗାନ୍ଧିଜୀଙ୍କ ପ୍ରତି ପ୍ରକୃତ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ହେବ।

ଡ. ବିଜୟ କୁମାର ସ୍ୱାଇଁ, ମିଳିତ ଓଡିଶା ନିଶା ନିବାରଣ ଅଭିଯାନ, ଭୁବନେଶ୍ୱର

### ଉତ୍କଳର ଦଧୀଚିଙ୍କୁ ଓଡ଼ିଆ ଜାତି ଭୁଲି ନ ଯାଉ

ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ପୁଣ୍ୟାତ୍ମା ପଞ୍ଚସଖାଙ୍କ ପ୍ରତି ଏକ ବଡ଼ ସମ୍ମାନ। କିନ୍ତୁ ଓଡିଆ ଭାଷାର ପ୍ରଚାର ଓ ପ୍ରସାର କରିବା ସହିତ ସମଗ୍ର ଓଡିଶା ଭୂଖଣ୍ଡକୁ ଯିଏ ପାଦରେ ଚାଲି ଚାଲି ବନ ବିଦ୍ୟାଳୟ ପାଇଁ ପାଣ୍ଠି ସଂଗ୍ରହ କରୁଥିଲେ, ଗରିବ ଛାତ୍ରୀଛାତ୍ରଙ୍କ ପାଇଁ ଯିଏ ଯତ୍ନବାନ ଥିଲେ, ସମଗ୍ର ବିଚ୍ଛିନ୍ନାଞ୍ଚଳରେ ଓଡିଆ ବିଦ୍ୟାଳୟ ପ୍ରତିଷ୍ଠା କରିବା ସହିତ ସମ୍ମିଳନୀ ପତ୍ରିକା ମାଧ୍ୟମରେ କୋଟି ଓଡିଆଙ୍କ ଭାବାବେଗକୁ ଯିଏ ବୁଝୁଥିଲେ, ଉତ୍କଳମଣିଙ୍କର ପରମ ସହଯୋଗୀ ସେହି ଅନନ୍ତ ମିଶ୍ରଙ୍କୁ ଏ ଜାତି ଭୁଲି ନ ଯାଉ। ତାଙ୍କର ସେବା ଓ ତ୍ୟାଗକୁ ହୃଦୟଙ୍ଗମ କରି ଉତ୍କଳମଣି ତାଙ୍କୁ କହିଥିଲେ- ତୁମେ ହିଁ ଉତ୍କଳର ଦଧୀଚି। ନିଜର ସମ୍ପତ୍ତିକୁ ବନ୍ଧା ଦେଇ ସେ ବକୁଳବନରେ ବନ ବିଦ୍ୟାଳୟ ତିଆରି କରିଥିଲେ।

ବିଜୟ କୁମାର ଛାଟୋଇ, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 2 | | | | | | | | | | | A | | |
| D | B | 9 | | | E | C | 8 | 7 | 6 | | | | | |
| 8 | | 1 | | 7 | | | | 6 | | 2 | | | | |
| A | 3 | | | 1 | | | | | 4 | | 7 | | B | |
| | | | | | | 5 | 0 | 1 | | | C | | | 3 |
| | | | 5 | | | | | | D | | 2 | | | 0 |
| | | | | A | | | | 4 | | | 8 | D | 1 | |
| 7 | | 0 | | | 2 | | 3 | | | | | | 4 | B |
| | | B | | | | 1 | | C | | | | | 5 | |
| | | 2 | 1 | D | | | | E | C | 0 | | 7 | | 9 |
| | | | | 4 | B | 7 | E | 3 | | C | | | | 1 |
| | | | 2 | | | | C | | 5 | | | | E | |
| | | | 6 | | | | | 9 | 3 | | A | | | 2 |
| 9 | | | | 8 | D | | 4 | | | | | 0 | 3 | |
| 4 | 8 | | A | 5 | | | | | | | | B | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 8 | C | 1 | 5 | B | 4 | 7 | 6 | D | A | E | 9 | 0 | 2 |
| 1 | 0 | 9 | 6 | E | 7 | B | 8 | A | 4 | 5 | 2 | D | 3 | C |
| 5 | A | E | 0 | 8 | 2 | D | 9 | 1 | 6 | 3 | C | 4 | B | 7 |
| 4 | B | 6 | A | D | C | 3 | 0 | 2 | 7 | 9 | 8 | 5 | 1 | E |
| 7 | 2 | D | 9 | 3 | 4 | 5 | E | C | B | 1 | 0 | A | 8 | 6 |
| B | 7 | 1 | 3 | 4 | 0 | 6 | C | 9 | 2 | 8 | 5 | E | D | A |
| C | D | A | B | 2 | 6 | 0 | 5 | 7 | 1 | E | 4 | 8 | 9 | 3 |
| 2 | 3 | 0 | E | C | A | 8 | 1 | D | 9 | 6 | B | 7 | 4 | 5 |
| 6 | 5 | 4 | D | 9 | 8 | A | 3 | E | 0 | C | 7 | 1 | 2 | B |
| 9 | E | 8 | 7 | 1 | 5 | 2 | B | 4 | A | D | 3 | 6 | C | 0 |
| A | 6 | 2 | 8 | 0 | E | 9 | 4 | 3 | C | 7 | 1 | B | 5 | D |
| 0 | 9 | 3 | 2 | 6 | 1 | 7 | A | 8 | 5 | B | D | C | E | 4 |
| D | 1 | B | 5 | A | 9 | C | 2 | 0 | E | 4 | 6 | 3 | 7 | 8 |
| E | C | 7 | 4 | B | 3 | 1 | D | 5 | 8 | 0 | A | 2 | 6 | 9 |
| 8 | 4 | 5 | C | 7 | D | E | 6 | B | 3 | 2 | 9 | 0 | A | 1 |

ଗତକାଲିର ଉତ୍ତର

## ସଂକ୍ଷେପରେ



### ବନବିଭାଗ ତରଫରୁ ଏଲପିଜି ଗ୍ୟାସ ବିତରଣ

ଡାବୁଗାଁ,୨୭।୧୦(ଡି.ଏନ.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳର ଡାବୁଗାଁ ସେକସନ ଅଧୀନ ଜବାଗୁଡା ଗ୍ରାମରେ ନବରଙ୍ଗପୁର ବନଖଣ୍ଡ ତରଫରୁ ଆମ ଜଙ୍ଗଲ ଯୋଜନା ମାଧମରେ ଏଲପିଜି ଗ୍ୟାସ ବିତରଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜବାଗୁଡା ବନ ସୁରକ୍ଷା ସମିତିର ହିତାଧିକାରୀ ମାନଙ୍କୁ ଗ୍ୟାସ ବଣ୍ଟନ କରାଯାଇଥିଲା । ଏଥିରେ ସହକାରୀ ବନ ସଂରକ୍ଷକ ତଥା ଡାବୁଗାଁ ବନାଞ୍ଚଳ ଅଧିକାରୀ ଧନୁର୍ଜୟ ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଡାବୁଗାଁ ବନପାଳ ଲକ୍ଷ୍ମୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହିତାଧିକାରୀଙ୍କୁ ଗ୍ୟାସ ବଣ୍ଟନ କରିଥିଲେ। ମୋଟ ୩୦ଟି ଏଲପିଜି ଗ୍ୟାସ ବଣ୍ଟନ କରାଯାଇଛି । ଏଥିରେ ଜବାଗୁଡା ସରପଞ୍ଚ ଗୋବର୍ଦ୍ଧନ ଭତ୍ରା, ବନରକ୍ଷୀ ପ୍ରକାଶ ସରକାର, ବନ ସୁରକ୍ଷା ସମିତି ସଭାପତି ଲକି ମାଝୀ, ଆମ ଜଙ୍ଗଲ ଯୋଜନା କର୍ମଚାରୀ କୃପାଦାସ ମହୁରିଆ, ହରିହର ନାୟକ ଓ କୃଷ୍ଣଚନ୍ଦ୍ର ପନକା, ହିତାଧିକାରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

### ବରିଷ୍ଠ ନାଗରିକଙ୍କ ବୈଠକ

ପାପଡାହାଣ୍ଡି, ୨୭।୧୦ (ଡି.ଏନ୍.ଏ.): ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ତୁମ୍ଭର୍ଲାଠାରେ ଶୁକ୍ରବାର ବ୍ଲକର ବରିଷ୍ଠ ନାଗରିକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଂଘ ସଭାପତି ସୋମନାଥ ବିଶୋୟୀ, ସମ୍ପାଦକ ତ୍ରିଲୋଚନ ପଣ୍ଡା, ସହସମ୍ପାଦକ ନାରାୟଣ ଚନ୍ଦ୍ର ଗୁରୁ, କୋଷାଧ୍ୟକ୍ଷ ଚେଲପତ ରାଓ, ମଇଦଲପୁରର ତ୍ରିନାଥ ପଟ୍ଟନାୟକ, ଚନ୍ଦ୍ର ଶେଖର ସାବତ ସିଂ, ଅଲେଖ ନିରଞ୍ଜନ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବିଏସ୍ଏସ୍ଓ ନଗେନ୍ଦ୍ର ପଟ୍ଟନାୟକ ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ଦେଇଥିଲେ।

### ନବରଙ୍ଗପୁରରେ ଭିଜିଲାନ୍ସ କୋର୍ଟ ପାଇଁ ହାଇକୋର୍ଟଙ୍କ ମଞ୍ଜୁରୀ

ନବରଙ୍ଗପୁର,୨୭।୧୦(ଡି.ଏନ.ଏ.): ଦୀର୍ଘ ଦିନର ଦାବୀକୁ ବିଚାରକୁ ନେଇ ନବରଙ୍ଗପୁର ଠାରେ ସ୍ୱତନ୍ତ୍ର ବିଚାରପତି(ଭିଜିଲାନ୍ସ)ଙ୍କ ଅଦାଲତ ସ୍ଥାପନ ପାଇଁ ମଞ୍ଜୁରୀ ମିଳିଛି। ହାଇକୋର୍ଟଙ୍କ ପତ୍ର ସଂଖ୍ୟା ୧୦୬୨୩-୧୨/୨୦୧୬ ତାରିଖ ୧୨।୧୦।୨୦୧୮ ଅନୁଯାୟୀ ମଞ୍ଜୁର ପ୍ରଦାନ କରିଛନ୍ତି । ଆଗାମୀ ନଭେମ୍ବର ମାସରୁ ୪ ଦିନ ଭିଜିଲାନ୍ସ ସର୍କିଟ ବେଞ୍ଚ କାର୍ଯ୍ୟକାରୀ କରିବ । ଜୟପୁରର ଭିଜିଲାନ୍ସ ଜଜ୍ ଆସି ଅଦାଲତରେ ମାମଲା ପରିଚାଳନା କରିବେ । ଅତିଶିଘ୍ର ଏହାର ସ୍ଥାୟୀ ବେଞ୍ଚ ନବରଙ୍ଗପୁର ଠାରେ ସ୍ଥାପନ ହେବ ବୋଲି ଜଣାପଡିଛି। ଜିଲା ଆଇନଜୀବୀ ସଂଘର ସଭାପତି ନରସିଂହ ନାଥ ତ୍ରିପାଠୀ, ସମ୍ପାଦକ ରାମ ପ୍ରସାଦ ପାତ୍ର, ଉପସଭାପତି ହରିନାରାୟଣ ବେହେରା, ଯୁଗ୍ମ ସମ୍ପାଦକ ଦାମୋଦର ତ୍ରିପାଠୀ ପ୍ରମୂଖ ହାଇକୋର୍ଟ ମୁଖ୍ୟ ବିଚାରପତି ଓ ଜଜ୍ ବିଶ୍ୱନାଥ ରଥଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ମରୁଡି କ୍ଷତିଗ୍ରସ୍ତ ଚାଷୀ ଚିହ୍ନଟ ପାଇଁ ବୈଠକ

ଚନ୍ଦାହାଣ୍ଡି, ୨୭।୧୦(ଡି.ଏନ.ଏ.): ନବରଙ୍ଗପୁର ଚନ୍ଦାହାଣ୍ଡି ବ୍ଲକରେ ସମ୍ଭାବ୍ୟ ମରୁଡି ପରିସ୍ଥିତିକୁ ଦୃଷ୍ଟିରେ ରଖି ଶନିବାର ତହସିଲ କାର୍ଯ୍ୟାଳୟରେ କୃଷି ବିଭାଗ, ଷ୍ଟାଷ୍ଟିକାଲ ବିଭାଗ ଏବଂ ରାଜସ୍ୱ ବିଭାଗର ମିଳିତ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ତହସିଲଦାର ହୃଦାନନ୍ଦ ସିଂ ମାଝି, ସହକାରୀ କୃଷି ଅଧିକାରୀ ସତ୍ୟପ୍ରକାଶ ଦାଶ, ରାଜସ୍ୱ ନିରୀକ୍ଷକ ସପନ ସରକାର, ଓମପ୍ରକାଶ ଦାସ, ବସନ୍ତ ବିଶୋଇ, ବୁଲୁ ପ୍ରଧାନ, ଅନନ୍ତ ସିହ୍ନା, ଷ୍ଟାଷ୍ଟିକାଲ ଅମିନ ଦଣ୍ଡପାଣି ସେଠୀ, କୃଷି ସୁପରଭାଇଜର ଅଭିରାମ ଗୌଡ, ଚୈତନ୍ୟ ମାଝି, ଡମେଶ୍ୱର ମାଝି ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ବ୍ଲକର କେତୋଟି ପଞ୍ଚାୟତରେ ମରୁଡି ସମସ୍ୟା ଦେଖାଦେଇଛି ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରତ୍ୟେକ ବିଭାଗର କର୍ମଚାରୀମାନେ ଚାଷୀଙ୍କ କ୍ଷେତକୁ ଯାଇ କ୍ରପ କଟିଂ ପରେ ଓଜନ କରାଯାଇ ରିପୋର୍ଟ ଦିଆଯିବ ବୋଲି ଆଲୋଚନା ହୋଇଥିଲା। ଏହି କ୍ରପ କଟିଂ ସମୟରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର କର୍ମଚାରୀମାନେ ତଦାରଖ କରିବେ । କ୍ରପ କଟିଂର ରିପୋର୍ଟ ପରେ ଜିଲାପାଳଙ୍କୁ ତଥ୍ୟ ଦିଆଯିବ ବୋଲି ତହସିଲଦାର ମାଝି କହିଥିଲେ ।

# ଲାଖ ଶିଳ୍ପ: ଯୋଗାଇ ଦିଆଯିବ ଗୋଷ୍ଠୀ ସାଧନ କେନ୍ଦ୍ର

ନବରଙ୍ଗପୁର,୨୭।୧୦( ବି.ପ୍ର.)

ରାଜା ରାଜୁଡା କାଳରୁ ପ୍ରସିଦ୍ଧ ଲାଭ କରିଥିବା ନବରଙ୍ଗପୁରର ଲାଖଶିଳ୍ପ ଏବେ ବିଶ୍ୱ ଦରବାରରେ ପହଞ୍ଚିବ । ହକି ବିଶ୍ୱ କପ ପାଇଁ ବିଶ୍ୱର ବିଭିନ୍ନ ସ୍ଥାନରୁ ଆସିଥିବା ଅତିଥିଙ୍କୁ ଲାଖରେ ନିର୍ମିତ ସାମଗ୍ରୀ ଭେଟି ଦିଆଯିବ । ସେଥିପାଇଁ ଶିଳ୍ପୀମାନେ ବିଭିନ୍ନ ଲାଖ ସାମଗ୍ରୀ ନିର୍ମାଣରେ ଲାଗି ପଡିଛନ୍ତି। ଶିଳ୍ପୀମାନେ ଯେଉଁ ସବୁ ସାମଗ୍ରୀ ନିର୍ମାଣ କରୁଛନ୍ତି ତାହାର ଡିଜାଇନ କିଭଳି ରହିଛି ତାହାକୁ ଜିଲାପାଳ ଡଃ. ଅଜିତ କୁମାର ମିଶ୍ର ଶନିବାର ଯାଇ ଦେଖିଥିଲେ। ଲାଖର ପ୍ରସ୍ତୁତି ଓ ଏହି ପରମ୍ପରା ଉପରେ ଶିଳ୍ପୀମାନଙ୍କ ଠାରୁ ଜିଲାପାଳ ପଚାରି ବୁଝିଥିଲେ । ନବରଙ୍ଗପୁରର ଲାଖ ଶିଳ୍ପ ଅତି ନିଆରା। ଜୟପୁର ରାଜବଂଶ ଲାଖରେ ତିଆରି ପେଣ୍ଠୁରେ କସ ଓ ଅଭିର ପୁରାଇ ହୋଲି ଖେଳୁଥିଲେ । ବିଭିନ୍ନ ଘରକରଣା ସାଜ


ଲାଖ ଶିଳ୍ପ କେନ୍ଦ୍ରରେ କାରିଗରଙ୍କ ସହ ଜିଲାପାଳ ଅଜିତ କୁମାର ମିଶ୍ର ଆଲୋଚନା କରୁଛନ୍ତି ।

ସଜା ସାମଗ୍ରୀ ଶିଳ୍ପୀମାନେ ଲାଖରେ ନୂତନ ଡିଜାଇନ କରି ପ୍ରସ୍ତୁତ କରିଥାନ୍ତି । ବିଶେଶ କରି ମହିଳାମାନେ ଏହି କାର୍ଯ୍ୟରେ ଅଧିକ ନିୟୋଜିତ ହୋଇଥାନ୍ତି । ଆଧୁନିକ ଯୁଗରେ ବିଭିନ୍ନ ସାମଗ୍ରୀ ବଜାରକୁ ଆସିଥିଲେ ମଧ ଏହାର ଚାହିଦା ଏବେ ବି ରହିଛି । ଏହି କଳାକୃତୀର ପ୍ରଚାର ପ୍ରସାର ଅଧିକ ଆବଶ୍ୟକ ରହିଛି । ଏଭଳି କଳାର ବିକାଶ ପ୍ରତି ପ୍ରଶାସନ ମଧ ଗୁରୁତ୍ୱ ଦେଇଛନ୍ତି । ସ୍ଥାନ ଅଭାବରୁ ଶିଳ୍ପୀମାନେ ବହୁ ସମସ୍ୟା ଭିତରେ ଏହି ସାମଗ୍ରୀ ନିର୍ମାଣ କରୁଥିବା ଜିଲାପାଳ ଅନୁଭବ କରି ଏକ ଗୋଷ୍ଠୀ ସାଧନ କେନ୍ଦ୍ର ଯୋଗାଇ ଦେବାକୁ କହିଛନ୍ତି। ନିକଟ କେଉଁ ସ୍ଥାନରେ ସରକାରୀ ଜମି ରହିଛି ତାହା ଜଣାଇବା ପାଇଁ ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ଲିଙ୍ଗରାଜ ଖଣ୍ଡପାଣଙ୍କୁ ଜଣାଇବାକୁ ଜିଲାପାଳ କହିଛନ୍ତି। ଜିଲାପାଳଙ୍କ ଗସ୍ତ ସମୟରେ ଏପିଡି ସୂର୍ଯ୍ୟକାନ୍ତ ବେହେରା, ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ଏଆଇସିସି ସଭ୍ୟା ମନୋଷା ତ୍ରିପାଠୀ, କାଳି ପାତ୍ର ସମେତ ଅନ୍ୟ ମାନେ ଉପସ୍ଥିତ ଥିଲେ।


ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଦାବିପତ୍ର ଦେବାକୁ ଯାଉଛନ୍ତି।

## ଗୋଣ୍ଡୱାନା ଛାତ୍ର ସଂଘ ପକ୍ଷରୁ ଦାବିପତ୍ର

ରାଇଘର,୨୭।୧୦(ଡି.ଏନ.ଏ)

ରାଇଘର ବ୍ଲକ ଗୋଣ୍ଡୱାନା ଛାତ୍ର ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଶନିବାର ବିଡିଓଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ଗୋଣ୍ଡୱାନା ଛାତ୍ର ସଂଘ ସଭାପତି ଡଃ ସୁରେଶ ଝାଙ୍କରଙ୍କ ଆବାହକତ୍ୱରେ ବ୍ଲକର ୨୬ଟି ପଞ୍ଚାୟତରୁ ଆଦିବାସୀ ଓ ପଛୁଆ ବର୍ଗର ଛାତ୍ରୀଛାତ୍ର ଜଗନ୍ନାଥ ମନ୍ଦିର ନିକଟରେ ଏକତ୍ରିତ ହୋଇଥିଲେ। ପରେ ଏକ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ବିଡିଓଙ୍କୁ ୧୨ ଦଫା ଦାବିପତ୍ର ଦେଇଥିଲେ। ରାଇଘରରେ ଡିଗ୍ରୀ ମହାବିଦ୍ୟାଳୟ ସ୍ଥାପନ, ଜିଲା ଭିତ୍ତିକ ନିଯୁକ୍ତି, ଆଦର୍ଶ ବିଦ୍ୟାଳୟରେ ଛାତ୍ରାବାସ ସ୍ଥାପନ, ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ, ଶିକ୍ଷକ ପଦବୀ ପୂରଣ, ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ରକ୍ତଭଣ୍ଡାର ସ୍ଥାପନ ଆଦି ଦାବିପତ୍ରରେ ଦର୍ଶାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ କୋଷାଧ୍ୟକ୍ଷ ଜୟମନ ଗଣ୍ଡ, ଜିଲା ସଭାପତି ଅଶ୍ୱିନୀ କୁମାର ଗଣ୍ଡ, ରାଇଘର ବ୍ଲକ ସଭାପତି ନବ କିଶୋର ଗଣ୍ଡ, ଉପସଭାପତି ନକୁଳ ଗଣ୍ଡ, ଗିରିଧାରୀ ଗଣ୍ଡ, ଲଳିତା ଗଣ୍ଡ, ସାଧାରଣ ସମ୍ପାଦକ ବିଜୟ ଗଣ୍ଡ, ଯୁଗ୍ମ ସମ୍ପାଦକ ସଙ୍ଗୀତା ଗଣ୍ଡ, ସୂଚନା ସମ୍ପାଦକ ଖଗେଶ୍ୱର ନାୟକ, କୋଷାଧ୍ୟକ୍ଷ ଚୈତ୍ରୁ ଗଣ୍ଡ, ଆଇନ ପରାମର୍ଶଦାତା ଯତୀନ୍ଦ୍ର ନାଥ ଗଣ୍ଡ, ଉପଦେଷ୍ଟା ଅଶୋକ ନାୟକ, ଗୋବର୍ଦ୍ଧନ ସୁନାନୀ, ଗୁପ୍ତ ପ୍ରସାଦ ଝାଙ୍କର ପ୍ରମୁଖ ଉପସ୍ଥିତ ଥିଲେ।

**ADMISSION TO NURSING COURSE**
**Few seats are available in GNM course**
**KALINGA NURSING SCHOOL**
Kalinga Hospital Campus, NALCO Square, Bhubaneswar. Contact; Principal-**7008032748, 7438107400** or School- **0674 2300123**


ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।



ବାଳିକାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଚନ୍ଦାହାଣ୍ଡି/ତେନ୍ତୁଲିଖୁଣ୍ଟି, ୨୭।୧୦(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପୂଜାରୀଗୁଡା ଖେଳପଡିଆଠାରେ ଶନିବାର ୮ଟି କ୍ଲଷ୍ଟରର ଛାତ୍ରୀଛାତ୍ରମାନଙ୍କୁ ନେଇ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଟିକମ ସିଂ ନାୟକ ଯୋଗ ଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଜନଲାଲ ମାଝିଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ତହସିଲଦାର ହୃଦାନନ୍ଦ ମାଝି, ଅତିଥି ଭାବେ ମନ୍ତ୍ରୀଙ୍କ ଜିଲା ପ୍ରତିନିଧି ପ୍ରମୋଦ କୁମାର ପାଢୀ, ଏମପି ପ୍ରତିନିଧି ପ୍ରଶାନ୍ତ ପାରୀ, ସରପଞ୍ଚ ହର ପୂଜାରୀ, ଦଶରଥ ଧୁରୁଆ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶିଳା ପୋଦ୍ଦାର, ପୁରୁଷୋତ୍ତମ ପାରୀ, ପ୍ରଧାନଶିକ୍ଷକ ଦୃତିବାହନ ଖମାରୀ, ନଜରାନା ପରବିନ, ଖବରଦାତା ଦିଲୀପ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସୁବାସ ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ। ୮ଟି କ୍ଲଷ୍ଟର କୃତୀ ପ୍ରତିଯୋଗୀମାନଙ୍କୁ ନେଇ ସଙ୍ଗୀତ, ବକ୍ତୃତା, ତର୍କ, ଚିତ୍ର, କୁଇଜ, ରଚନା, ଶ୍ରୁତଲିଖନ ପ୍ରତିଯୋଗିତା କରାଯାଇଥିଲା । କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲେ। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଜିଲାସ୍ତରକୁ ମନୋନୀତ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ଶିକ୍ଷାପଯୋଗୀ ଦଳଗତ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ଉଦଯାପନୀ ସଭାରେ ଉପସ୍ଥିତ ଅତିଥିମାନେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାର ବିକାଶ କରିବା ଏବଂ ଶିଶୁମାନଙ୍କ ମାନସିକ ଦିଗରେ ଏହା ସହାୟକ ହେବ ବୋଲି କହିଥିଲେ । କାର୍ଯ୍ୟକ୍ରମକୁ ସିଆରସିସି ପର୍ଶୁରାମ ସୁନାନା, ପ୍ରେମଚାନ୍ଦ ବିଶି, ପଦ୍ମଲୋଚନ ସାହୁ, ରାଜେନ୍ଦ୍ର ଖମାରୀ, ଜଗଦିଶ ଗୌଡ, ଲକ୍ଷ୍ମଣ ସାହୁ, ବଳଭଦ୍ର ବିଶୋଇ, ପ୍ରଦୀପ ପାଢୀ, ନୀଳକଣ୍ଠ ଦାଶ, ଏମଡି ଆଚାରୀ, ଅଶାନ୍ତ ପଟେଲ, କରେନ୍ଦ୍ର ମାଝି, ବୃନ୍ଦାବନ ସାହୁ, ଦୀପାଞ୍ଜଳି ଦାଶ, କବିତା ମାଝି, ହୃଷିକେଶ ସୁନାନି, ମାନସ ମଲ୍ଲିକ, ସୁରେନ୍ଦ୍ର ନାଥ ପାଢୀ, ବଂଶୀଧର ଦାଶ, ସନ୍ତୋଷ ମାଝି, ସୋମନାଥ ପୂଜାରୀ ପ୍ରମୁଖ ପରିଚାଳନା କରିଥିଲେ।

ସେହିପରି ତେନ୍ତୁଳିଖୁଣ୍ଟି ସରକାରୀ ବାପୁଜୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ଦେବକୀ ନାୟକ, ମୁଖ୍ୟବକ୍ତା ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଟଙ୍କଧର ବିଶୋଇ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ସୁଦର୍ଶନ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋପାଳ ନାୟକ, ବାପୁଜୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ଆନନ୍ଦ କୁମାର ନାୟକ ଯୋଗ ଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଟି.ମିନତି ସଭାପତିତ୍ୱ କରିଥିଲେ। ଗୋପୀନାଥ ମହାନ୍ତି, ସଞ୍ଜୀବ ସାହୁ, ସୁନନ୍ଦିନୀ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ସୁରଭି କାର୍ଯ୍ୟକ୍ରମରେ ବକ୍ତୃତା, ପ୍ରବନ୍ଧ ଲିଖନ, ସୃଜନ ଲିଖନ, ଚିତ୍ରାଙ୍କନ, କୁଇଜ, ହସ୍ତାକ୍ଷର , ସଙ୍ଗୀତ, ମଧ୍ୟାହ୍ନଭୋଜନ ସମ୍ପର୍କିତ କୁଇଜ, ହସ୍ତଶିଳ୍ପ ପ୍ରଦର୍ଶନ ତଥା ଭିନ୍ନକ୍ଷମଙ୍କ ପାଇଁ ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଆନନ୍ଦ କୁମାର ନେପାକ, ଦାମୋଦର ଜାନୀ, ବଙ୍କେଶ୍ୱର ନାୟକ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**NATIONAL LAW UNIVERSITY, ODISHA**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha
[Accredited by NAAC with 'A' Grade]

**Invites Application for Programme Coordinator –one post (Rs.60,000/- (fixed)**

| Palce of work | Qualification |
|---|---|
| Juvenile Justice Committee, High Court of Orissa Cuttack | 1. Post Graduate in any discipline with LLB<br>2. At least five years of experience in the area of Child / Human Rights<br>3. Well conversant in English and Computer applications<br>4. Knowledge in Oriya and Hindi is essential |

For further detail please visit www.nluo.ac.in.
Last date for submission of application : **21 days from the date of advertisement**
- Shortlisted candidates will be invited for personal interview.
- No travel cost will be paid for attending the interview.

# ଚନ୍ଦାହାଣ୍ଡିରେ ମରୁଡ଼ି ପରିସ୍ଥିତି

ଚନ୍ଦାହାଣ୍ଡି, ୨୭।୧୦(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଏକ ମରୁଡି ପ୍ରବଣ ଅଞ୍ଚଳ ହୋଇଥିବାବେଳେ ଚାଷ ପାଇଁ ଜଳସେଚନର କୌଣସି ଆଖିଦୃଶିଆ ବ୍ୟବସ୍ଥା ସରକାରଙ୍କ ପକ୍ଷରୁ କରାଯାଇନାହିଁ । ଫୁଲଝରୀ କ୍ଷୁଦ୍ରଜଳସେଚନ ଡ୍ୟାମ ଏବଂ ବ୍ଲକରେ ଥିବା ଛୋଟ ନଦୀମାନଙ୍କରେ କରାଯାଇଥିବା ଛୋଟ ଛୋଟ ଚେକଡ୍ୟାମରୁ ଅଳ୍ପ କିଛି ଗ୍ରାମର ଚାଷୀ ଉପକୃତ ହେଉଛନ୍ତି। ବ୍ଲକରେ ଚଳିତବର୍ଷ ୭୫୭୦୨ ହେକ୍ଟର ଚାଷଜମିରେ ସ୍ୱଳ୍ପ ମିଆଦି ଓ ଦୀର୍ଘମିଆଦି ଧାନ ସହ ଅଣଧାନ ଚାଷ କରାଯାଇଥିବା କୃଷି ବିଭାଗ ତରଫରୁ ସୂଚନା ମିଳିଛି। ବ୍ଲକରେ ଚାଷ ଆରମ୍ଭ ବେଳକୁ ବର୍ଷା ସ୍ୱାଭାବିକ ଥିବାବେଳେ ନୂଆଖାଇ ପରଠାରୁ ବର୍ଷା ଦେଖାନାହିଁ। ଚଳିତବର୍ଷ ଚନ୍ଦାହାଣ୍ଡି ବ୍ଲକରେ ଏପ୍ରିଲ ମାସରେ ୩୭ମିମି ବର୍ଷା ହୋଇଥିବାବେଳେ ମେ ମାସରେ ୧୮ମିମି ବର୍ଷା ହୋଇଛି । ସେହିପରି ଜୁନମାସରେ ୧୦୪.୭ମିମି, ଜୁଲାଇ ମାସରେ ୩୫୯.୧୦ମିମି, ଅଗଷ୍ଟ ମାସରେ ୫୧୫ମିମି, ସେପ୍ଟେମ୍ବର ମାସରେ ୧୧୩ ମିମି ବର୍ଷା ହୋଇଥିବା ରିପୋର୍ଟ ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି । ଦୀର୍ଘମିଆଦି ଧାନଗୁଡିକ ବର୍ଷା ଅଭାବରୁ କେଣ୍ଡା ବାହାରିପାରୁନାହିଁ । ବ୍ଲକର ୧୪ଟି ପଞ୍ଚାୟତର ଶହ ଶହ ଏକର ଧାନଜମି ଶୁଖିବାକୁ ବସିଥିବାବେଳେ ଧାନକେଣ୍ଡା ସବୁ ପ୍ରାୟ ଅଗାଡି ହୋଇଯିବାର ସମ୍ଭାବନା ରହିଛି । ବ୍ଲକରେ ଚାଷ କରାଯାଇଥିବା ବିରି ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାବେଳେ ମକା ଫସଲ ମଧ ସମ୍ପୂର୍ଣ୍ଣ ପାକଳ ହୋଇପାରିନାହିଁ । ଆଗକୁ ଆଉ ବର୍ଷା ହେବାର ସମ୍ଭାବନା ନଥିବା ତଥା ଚାଷ ଅଧାରୁ ଅଧିକ ହୋଇଯାଇଥିବାବେଳେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । ଅଞ୍ଚଳର କେତେକ ଚାଷୀ ପୋଖରୀ, ନଦୀ, ନାଳର ପାଣିକୁ ମୋଟର ସାହାଯ୍ୟରେ ନିଜ ଚାଷଜମିକୁ ପାଣି ମଡାଉଥିବାବେଳେ କିଛି ମାତ୍ରାରେ ଚାଷକୁ ବଞ୍ଚାଇବା ପାଇଁ ଶେଷ ଉଦ୍ୟମ କରୁଥିବା ଦେଖିବାକୁ ମିଳିଛି । ଧାନ, ବିରି, ମକା ଫସଲ ଉଜୁଡି ଯାଉଥିବା ଦେଶୀ ଚାଷୀ ଚିନ୍ତାରେ ପଡିଛନ୍ତି। ଅନ୍ୟପଟେ ବ୍ୟାଙ୍କ, ସମବାୟ ସମିତି , ଫାଇନାନ୍ସ କମ୍ପାନୀ ଏବଂ ମହାଜନଠାରୁ ଋଣ ଆଣି ଚାଷ କରିଥିବା ଚାଷୀ ଓ ଭାଗଚାଷୀମାନେ ଆଶା ଓ ଆଶଙ୍କାରେ ଦିନ କାଟୁଛନ୍ତି । ଚନ୍ଦାହାଣ୍ଡି ବ୍ଲକରେ ସମ୍ଭାବ୍ୟ ମରୁଡି ଘୋଷଣା ସହ କୃଷିଋଣ ଛାଡ ଏବଂ ଶସ୍ୟବୀମା ଲାଗୁ କରିବା ଦାବିରେ ଚାଷୀ ଅଣ୍ଟା ଭିଡୁଥିବା ବିଶେଷସୂତ୍ରରୁ ଜଣାପଡିଛି । ତୁରନ୍ତ ବ୍ଲକକୁ ମରୁଡି ଘୋଷଣା ପାଇଁ ବ୍ଲକର ସମସ୍ତ ଚାଷୀ ଦାବି କରିଛନ୍ତି ।

## ଧୋକାଦେଲା ବର୍ଷା


ବର୍ଷା ଅଭାବରୁ ଧାନ ଫସଲ ନଷ୍ଟ ହୋଇଯାଇଛି।

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**
ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2018-19/16 ତା.25.10.2018 ରିଖ
"ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଭାରତୀୟ ରେଳବାଇ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରନ୍ତୁ, ଯେଉଁଥିରେ କି ଏହି ରେଳପଥ ସମ୍ବନ୍ଧୀୟ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି । ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ ।"
"ସମସ୍ତ ଯୋଗାଣକାରୀ/ବିକ୍ରେତାମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ୱେବ୍‌ସାଇଟ୍ www.ireps.gov.in (Vendors log in) ଅବଲୋକନ କରି ଅନ୍‌ଲାଇନ୍‌ରେ ସେମାନଙ୍କ ବିଲ୍ (Bills) ଜମା କରିବେ, ଯାହା ଫଳରେ ବିଲ୍‌ଗୁଡ଼ିକୁ ଯାଞ୍ଚ କରାଯିବା ସହିତ ସେଗୁଡ଼ିକୁ ପ୍ରଣାଳୀ ମାଧ୍ୟମରେ ସ୍ୱତଃ ପୈଠ ନିମନ୍ତେ ପାରିତ କରାଯାଇପାରିବ ।"
PR - 370/J/18-19
ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

ଧରିତ୍ରୀ DHARITRI
Quiz No.14
**Puja Quiz- 2018**
Main Sponsor: TVS
Co-Sponsors: CENTRAL, Nikon
☑ Tick mark the box which is correct
୧. ଓଡ଼ିଶାର ରାଜଧାନୀ କଟକରୁ ଭୁବନେଶ୍ୱରକୁ କେଉଁ ମସିହାରେ ପରିବର୍ତ୍ତିତ ହୋଇଥିଲା ?
କ. ୧୯୪୭ ☐ ଖ. ୧୯୪୮ ☐ ଗ. ୧୯୪୯ ☐ ଘ. କେଉଁଟି ନୁହେଁ ☐
୨. ଓଡ଼ିଆ ଭାଷା ପାଇଁ ଜ୍ଞାନପୀଠ ପୁରସ୍କାର ପାଇଥିବା ପ୍ରଥମ ବ୍ୟକ୍ତି କିଏ ?
କ. ଫକୀରମୋହନ ସେନାପତି ☐ ଖ. ସଚ୍ଚିଦାନନ୍ଦ ରାଉତରାୟ ☐ ଗ. ଗୋପୀନାଥ ମହାନ୍ତି ☐ ଘ. କେଉଁଟି ନୁହେଁ ☐
୩. ନୀଳ ଗ୍ରହ କାହାକୁ କୁହାଯାଏ ?
କ. ଶନି ☐ ଖ. ମଙ୍ଗଳ ☐ ଗ. ପୃଥିବୀ ☐ ଘ. କେଉଁଟି ନୁହେଁ ☐
୪. ୨୦୦୯ର ଆଇପିଏଲ୍ ବିଜେତା କେଉଁ ଦଳ ହୋଇଥିଲା ?
କ. ବାଙ୍ଗାଲୋର ☐ ଖ. ଚେନ୍ନାଇ ସୁପରକିଙ୍ଗ୍ସ ☐ ଗ. ଡେକାନ ଚାର୍ଜସ୍ ☐ ଘ. କେଉଁଟି ନୁହେଁ ☐
୫. ମହିଳା ବିଶ୍ୱକପ୍ ହକି ୨୦୧୪ର ବିଜେତା କେଉଁ ଦଳ ?
କ. ଭାରତ ☐ ଖ. ନେଦରଲ୍ୟାଣ୍ଡ ☐ ଗ. ଅଷ୍ଟ୍ରେଲିଆ ☐ ଘ. କେଉଁଟି ନୁହେଁ ☐
Participant's Name:.....
Address:.....
Education .....
Mobile..... Age:.....
E-mail:.....
Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.
*Conditions apply
Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
**Cut this coupon and send it to the following address:**
**DHARITRI Puja Quiz No. 14**
**B-15, Industrial Estate, Rasulgarh, Bhubaneswar-10**



**ସଂକ୍ଷେପରେ**

## ଘରୁ ଫେରୁନାହାନ୍ତି ଛାତ୍ରୀ: କେଜିବିଭି ହଷ୍ଟେଲ ବନ୍ଦ ହେବା ଆଶଙ୍କା

କାଶୀନଗର, ୨୭।୧୦ (ଡି.ଏନ୍.ଏ.)- ଦଶହରା ଛୁଟି ପରେ ବିଦ୍ୟାଳୟଗୁଡ଼ିକ ଖୋଲିଥିବା ବେଳେ ଗଜପତି ଜିଲା କାଶୀନଗରସ୍ଥ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିବିଭି)ର ୧୦୦ଜଣ ଆଦିବାସୀ ଛାତ୍ରୀ ବିଦ୍ୟାଳୟକୁ ଆସିନାହାନ୍ତି କି ହଷ୍ଟେଲକୁ ଫେରିନାହାନ୍ତି। ସେମାନେ ଆଉ ଆସିବେ କି ନାହିଁ ସେନେଇ ସନ୍ଦେହ ପ୍ରକାଶ ପାଇଛି। ସେହିପରି ସେମାନଙ୍କ ପାଠପଢ଼ା ତଥା କ୍ୟାରିୟର ନେଇ ମଧ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଦଶହରା ଛୁଟି ପୂର୍ବରୁ ସ୍ଥାନୀୟ ବାରାଣସୀ ହାଇସ୍କୁଲ ସହ କାଶୀନଗର ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମ୍ପୂର୍ଣ୍ଣ ମିଶ୍ରଣକୁ ନେଇ କେଜିବିଭି ଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ୮ଦିନ ପର୍ଯ୍ୟନ୍ତ ଛାତ୍ରୀ ତଥା ହଷ୍ଟେଲ ଅନ୍ତେବାସୀମାନେ ବିଦ୍ୟାଳୟକୁ ନ ଯାଇ ପ୍ରତିବାଦ ଜଣାଇଥିଲେ। ସେହିପରି ସେମାନଙ୍କ ଅଭିଭାବକମାନେ ମଧ ମିଶ୍ରଣ ପର୍ବ ରୋକିବାକୁ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନକୁ ଦାବିପତ୍ର ଦେଇଥିଲେ। ମିଶ୍ରଣ ରୋକା ନ ଗଲେ ସେମାନଙ୍କ ପିଲାମାନେ ପାଠ ଛାଡ଼ି ଦେବେ ସିନା ସ୍କୁଲକୁ ଯିବେ ନାହିଁ ବୋଲି ପ୍ରଶାସନକୁ ମଧ ଜଣାଇଥିଲେ। ବାରାଣସୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପିଲାମାନଙ୍କୁ ନିମ୍ନମାନର ମଧାହ୍ନଭୋଜନ ଦିଆଯିବା ସହ ତଳେ ବସିବାକୁ କୁହାଯାଉଛି। ସେହିପରି ଶୌଚାଳୟ, ଗାଧୁଆ ଘର ନ ଥିବାରୁ ବାହାରକୁ ଯିବାକୁ ପଡୁଛି ବୋଲି ଅଭିଭାବକମାନେ ଅଭିଯୋଗ କରିଥିଲେ। ଏସବୁ ସତ୍ତ୍ୱେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ । ଏପରିକି ଛାତ୍ରୀମାନଙ୍କୁ ସ୍କୁଲକୁ ଫେରାଇ ଆଣିବା ପାଇଁ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ । ବର୍ତ୍ତମାନ ସୁଦ୍ଧା ହଷ୍ଟେଲକୁ ଛାତ୍ରୀମାନେ ଫେରି ନ ଥିବାରୁ ହଷ୍ଟେଲ ବନ୍ଦ ହୋଇଯିବା ଆଶଙ୍କା ପ୍ରକାଶ ପାଇଛି। ଏହାକୁ କେନ୍ଦ୍ରକରି ଆଦିବାସୀମାନେ ଆଗାମୀ ଦିନରେ ବଡ ଧରଣର ଆନ୍ଦୋଳନକୁ ଓହ୍ଲାଇପାରନ୍ତି ବୋଲି ଏଠାରେ ଚର୍ଚ୍ଚା ଚାଲିଛି।

# ଖବର ପ୍ରକାଶ ପରେ ଷଣ୍ଢକୁ ବୋହିଲେ ଡାକ୍ତର, ଜିଲା ପରିଷଦ ସଭ୍ୟ

ମାଥିଲି, ୨୭।୧୦ (ଡି.ଏନ୍.ଏ.)

ହଜିଯାଇଛି ମାନବିକତା । ପଡିରହିଛି ଷଣ୍ଢ । ଧରିତ୍ରୀରେ ଏ ସମ୍ପର୍କିତ ଖବର ଗତ ୨୬ ରେ ପ୍ରକାଶ ପାଇବା ପରେ ଚେତିଛି ମାନବିକତା । ଉପାୟ ଶୂନ୍ୟ ହୋଇ ଡାକ୍ତର ଏବଂ ଜିଲା ପରିଷଦ ସଭ୍ୟ କିଛି ଲୋକଙ୍କ ସହାୟତାରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଷଣ୍ଢକୁ ବୋହି ଅନ୍ୟତ୍ର ସ୍ଥାନାନ୍ତର କରିଛନ୍ତି। ମାଲକାନଗିରି ଜିଲା ମାଥିଲି ବ୍ଲକ ସଦର ଜଗନ୍ନାଥ ମନ୍ଦିର ନିକଟରେ ଗତ ୪ ଦିନ ତଳେ ଏକ ଷଣ୍ଢ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ମୁଖ୍ୟରାସ୍ତାରୁ ଶହେ ମିଟର ଦୂରରେ ଦୁର୍ଘଟଣା ଘଟି ଯନ୍ତ୍ରଣା ଏବଂ ଗୁରୁତର ଅବସ୍ଥାରେ ଷଣ୍ଢଟି ପଡିରହିଥିଲେ ମଧ ମୁଖ୍ୟରାସ୍ତା ଦେଇ ଯାଉଥିବା କୌଣସି ଲୋକେ ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲେ । ପରେ ମନ୍ଦିର ପୂଜକ ପ୍ରଶାନ୍ତ ପାତ୍ର ଷଣ୍ଢଟିର ଗୁରୁତର ଅବସ୍ଥା ଦେଖି ପ୍ରାଣୀ ଡାକ୍ତରଙ୍କ ପରାମର୍ଶ ଲୋଡିଥିଲେ । ଷଣ୍ଢକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଡାକ୍ତର କହିଥିଲେ । ମାଥିଲିର କୌଣସି ଲୋକେ ଷଣ୍ଢକୁ ସ୍ଥାନାନ୍ତର କରିବାକୁ ଡାକିଲେ ମଧ ଆସି ନ ଥିଲେ । ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ କିଛି ମାଥିଲିବାସୀଙ୍କଠାରେ ମାନବିକତା ଜାଗ୍ରତ ହୋଇଥିଲା । ଶନିବାର ସନ୍ଧ୍ୟାରେ ଷଣ୍ଢଟିକୁ ସ୍ଥାନାନ୍ତର କରିବା ସହିତ ଉତ୍ତମ ଚିକିତ୍ସା କରିବାକୁ ଜିଲା ଅତିରିକ୍ତ ଭାରପ୍ରାପ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ବିକାଶ ସରଦାର ଏବଂ ମାଥିଲି ଜିଲା ପରିଷଦ ସଭ୍ୟ ବାଲରାଜୁ କପେ ଅଣ୍ଟା ଭିଡିଥିଲେ । ଡାକ୍ତରଙ୍କ ସମେତ ପ୍ରାଣୀ ନିରୀକ୍ଷକ ବୃନ୍ଦାବନ ମାଝି, ନାରାୟଣ ପ୍ରଧାନ, ତୁଷାରକାନ୍ତ ପଣ୍ଡା, ରୂପ ନାରାୟଣ ସରେନ, ସବିତା ମହାପାତ୍ର ଷଣ୍ଢଟିର ଚିକିତ୍ସା କରିବାକୁ ଆସିଥିଲେ । ତେବେ ଭଲ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଯାଇ ଡାକ୍ତର ସରଦାର, ଜିଲା ପରିଷଦ ସଭ୍ୟ କପେଙ୍କ ସମେତ କିଛି ଗ୍ରାମବାସୀ କାଉଡି କରି ଏହାକୁ ବୋହି ନେଇଥିଲେ । ସେଠାରୁ ମାଥିଲିସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ଭବନକୁ ଷଣ୍ଢକୁ ସ୍ଥାନାନ୍ତର କରାଯାଇଥିଲା । ସ୍ଥାନାନ୍ତର ପରେ ତାର ଚିକିତ୍ସା ହୋଇଥିଲା । ଅନ୍ୟମାନଙ୍କ ମଧରେ ଆଇନଜୀବୀ ସରୋଜ କୁମାର ସାହୁ , ଗ୍ରାମର ସନା ମାଝି, ପଦ୍ମ ଗୌଡ, ବୁଟୁ ପୂଜାରୀ, ସାଈ ପ୍ରସାଦ ପ୍ରମୁଖ ସହଯୋଗ କରିଥିଲେ । ଷଣ୍ଢଟି ଭଲ ହେବା ପର୍ଯ୍ୟନ୍ତ ତାହାର ଦାୟିତ୍ୱ ପୂଜକ ପ୍ରଶାନ୍ତ ପାତ୍ର ନେଇଛନ୍ତି ।


ଗୁରୁତର ଷଣ୍ଢକୁ ଅନ୍ୟତ୍ର ବୋହି ନିଆଯାଉଛି ।

**ଧରିତ୍ରୀ ପ୍ରଭାବ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦାତା ଦେଖି ମାଗିବ,**
**କୃପଣକୁ ମାଗିଲେ ତୁଣ୍ଡ ଗନ୍ଧାଇବ ।**

ଦାତା ଦେଖି ପ୍ରାର୍ଥନା କରିବା ଉଚିତ। ଦାନଶୀଳ, ଦୟାଶୀଳ ବ୍ୟକ୍ତିଙ୍କୁ ସାହାଯ୍ୟ ଭିକ୍ଷା କଲେ ନିରାଶ ହେବାକୁ ପଡ଼ି ନ ଥାଏ। କିନ୍ତୁ ଯିଏ କୃପଣ ସ୍ୱଭାବର ହୋଇଥାଏ ତାଙ୍କୁ ଯେତେ ଅନୁନୟ ବିନୟ ହୋଇ ମାଗିଲେ ମଧ ଲାଭ କିଛି ମିଳି ନ ଥାଏ। ଦାନ ଦେଲେ ସରିଯିବା ଭୟରେ କିଛି ଦେଉ ନ ଥିବା ଏପରି କୃପଣ ସ୍ୱଭାବ ବ୍ୟକ୍ତି ଆଗରେ ହାତ ପତେଇ ନିରାଶା ଭୋଗିବା ସାର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେଶ ଗୁଣେ ବେଶ**
**ଗୁରୁ ଗୁଣେ ଶିଷ୍ୟ ।**

ଦେଶ ଦୁନିଆର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ନିୟମ, ପରମ୍ପରା, ଚାଲିଚଳଣ, ବେଶ ପୋଷାକ, ଭାଷା ତଥା ଖାଦ୍ୟପେୟ ଦେଖିବାକୁ ମିଳିଥାଏ। ଯେ ଯେଉଁ ଦେଶକୁ ଯାଇଥାଏ ତାକୁ ସେ ଦେଶର ନୀତି ନିୟମରେ ଚଳିବାକୁ ପଡ଼ିଥାଏ। ଗୁରୁ ଶିଷ୍ୟଙ୍କୁ ଶିକ୍ଷାଦେବା ସହ ଉଚିତ ମାର୍ଗଦର୍ଶନ କରାଇଥାନ୍ତି। ଗୁରୁଙ୍କ ସ୍ୱଭାବ ପ୍ରଭାବ ଶିଷ୍ୟଠାରେ ପ୍ରତିଫଳିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

■ ମାନସିକ ବିକାରଗ୍ରସ୍ତ କିଶୋରୀ ହେଲେ ମା

# ଚିକିତ୍ସା ପାଇଁ ଶିଶୁ ମଙ୍ଗଳ ସମିତି ନେଲା ପଦକ୍ଷେପ

ମାଲକାନଗିରି, ୨୭।୧୦ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଏକ ଅମାନୁସିକ ଓ ଲଜ୍ଜାଜନକ ଘଟଣା ଲୋକଲୋଚନକୁ ଆସିଛି। ଜଣେ ମାନସିକ ବିକାରଗ୍ରସ୍ତ କିଶୋରୀ ଏକ ପୁତ୍ର ସନ୍ତାନର ମାଆ ହୋଇଛନ୍ତି। ଏପରି ଘଟଣା ସଦର ବ୍ଲକ ଉଡୁପା ପଞ୍ଚାୟତର ମେଣ୍ଡାଗୁଡା ଗ୍ରାମରେ ଘଟିଛି । ଖବର ପାଇ ଚାଇଲ୍ଡ ଲାଇନ ସଂଯୋଜକ ଭବାନୀ ଶଙ୍କର ଏବଂ ତାଙ୍କ ଦଳ ସମ୍ପୃକ୍ତା କିଶୋରୀଙ୍କୁ ଉଦ୍ଧାର କରି ଜିଲା ଚିକିତ୍ସାଳୟରେ ଭର୍ତ୍ତି କରି ଶିଶୁ ମଙ୍ଗଳ ସମିତିକୁ ଅବଗତ କରାଇଥିଲେ । ଶିଶୁ ମଙ୍ଗଳ ସମିତି ଅଧକ୍ଷ ଅଶୋକ କୁମାର ପଟ୍ଟନାୟକ, ମହିଳା ସଦସ୍ୟ ଚୁମୁକି ବେହେରା, ସଦସ୍ୟ ରାମ ଗୋବିନ୍ଦ ପଣ୍ଡା ଓ ଦୀନବନ୍ଧୁ ଦାଶ ମାମଲାକୁ ଗ୍ରହଣ କରି ଜିଲା ଚିକିତ୍ସାଳୟରେ ଆବଶ୍ୟକ ତଥ୍ୟ ତଦାରଖ କରି ତାଙ୍କୁ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ୧୫ ଦିନମଧରେ ରିପୋର୍ଟ ପ୍ରଦାନ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଶିଶୁ ବିଭାଗରୁ ରିପୋର୍ଟ ମିଳିବା ପରେ ଉଭୟ ମା ଓ ଶିଶୁ କିପରି ଥଇଥାନ ଏବଂ ସାମାଜିକ ସୁରକ୍ଷା ସହ ନ୍ୟାୟ ପାଇବେ ସେ ନେଇ ଶିଶୁ ମଙ୍ଗଳ ସମିତି ପଦକ୍ଷେପ ନେବେ । ତେବେ କିଶୋରୀ ଜଣକ ମେଣ୍ଡାଗୁଡା ଗ୍ରାମରେ କାହା ପାଖରେ ରହୁଥିଲେ। ନାବାଳିକା ଜଣକ ଗର୍ଭବତୀ ହେହେଲେ ଅଥଚ ଏ ସମ୍ପର୍କରେ ଗ୍ରାମବାସୀ କିପରି ଜାଣିପାରିଲେ ନାହିଁ ତାହା ପ୍ରଶ୍ନ ଉଠିଛି। ତେବେ ଏନେଇ ଗ୍ରାମବାସୀ କେହି ମୁହଁ ଖୋଲୁ ନାହାଁନ୍ତି । ଘଟଣାର ସଠିକ୍ ତଦନ୍ତ କରାଯାଇ ପ୍ରକୃତ ଦୋଷୀକୁ ଧରି କୋଠର ଦଣ୍ଡ ଦେବା ପାଇଁ ଦାବି ହେଉଛି ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର: ୩୩ ୟୁନିଟ୍ ରକ୍ତ ସଂଗ୍ରହ

ମାଲକାନଗିର,୨୭।୧୦(ଡି.ଏନ.ଏ)

ମାଲକାନଗିରି ଜିଲା ବ୍ଲଡ ବ୍ୟାଙ୍କରେ ରକ୍ତ ଅଭାବ ଯୋଗୁ ରୋଗୀ ସେବା ବ୍ୟାହତ ହୋଇଥିଲା । ଏ ନେଇ ଗତ ୨୩ରେ ଜିଲାପାଳ ବିଭିନ୍ନ ସଙ୍ଗଠନ ସହ ସମସ୍ୟାର ସମାଧାନ ପାଇଁ ଏକ ବୈଠକରେ ଆଲୋଚନା କରିଥିଲେ । ଏହା ପରଠାରୁ ବିଭିନ୍ନ ସଙ୍ଗଠନ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କରି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସେହି ଅନୁଯାୟୀ ଶନିବାର ମାଲକାନଗିରି ଜିଲା ଉଦୟ ସଙ୍ଗଠନ ଏବଂ କିସ୍ ଅବିଭାବକ ସଙ୍ଗଠନ ପକ୍ଷରୁ କାଲିମେଲା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ୩୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଶିବିରରେ ବ୍ଲକ ଅଧକ୍ଷ ମାଲା ମାଡି , କାଲିମେଲା ତହସିଲଦାର ଏବଂ କିସ୍ ଅବିଭାବକ ସଂଘ ସଭାପତି ମୁକୁନ୍ଦ ପଡିଆମି କିସ୍‌ର ଜିଲା ସଂଯୋଜକ ରନ ପରିଡା, ସହ ସଂଯୋଜକ ଉତ୍ତମ ଶାହା, ଉଦୟର କେ.ଦେଶୁ ରାଜୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ସଙ୍ଗଠନଗୁଡିକର ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।


ଶିବିରରେ ଉପସ୍ଥିତ ଥିବା ରକ୍ତଦାତା ଓ ଅନ୍ୟମାନେ ।

## ୫୦ ହଜାର ଜରିମାନା ଆଦାୟ

ଖଲିକୋଟ, ୨୭।୧୦ (ଡି.ଏନ୍.ଏ.)- ଖଲ୍ଲିକୋଟ ତହସିଲ ସାନଘାଟି ଓ ରମ୍ଭା ଅଞ୍ଚଳରେ ବେଆଇନ ଭାବେ ମୋରମ ଚାଲାଣ ବେଳେ ଖଲିକୋଟ ନୂତନ ତହସିଲଦାର ଚିତ୍ତରଞ୍ଜନ ମହନ୍ତ ଚଢାଉ କରି ୨ଟି ଟ୍ରାକ୍ଟର ଜବତ କରିଥିଲେ। ଟ୍ରାକ୍ଟର ମାଲିକଙ୍କ ଠାରୁ ୫୦ ହଜାର ଟଙ୍କା ଜରିମାନା ଆଦାୟ ପରେ ଛାଡି ଦିଆଯାଇଛି। ରାଜସ୍ୱ କର୍ମଚାରୀ ରାଜେନ୍ଦ୍ର କୁମାର ସାହୁ, ତ୍ରିଦେବ କୁମାର ପଣ୍ଡାଙ୍କ ସମେତ ସମସ୍ତ କର୍ମଚାରୀ ସାମିଲ ଥିଲେ।

**ଆଞ୍ଚଳିକ**

■ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଆଦେଶ

# ଜେଲ୍‌ରେ ହେବ କ୍ୟାମ୍ପ କୋର୍ଟ

- ■ ଅଭିଯୁକ୍ତଙ୍କ ଜାମିନ ଆବେଦନର ହେବ ଶୁଣାଣି
- ■ ଗିରଫ ପରେ କ୍ୟାମ୍ପ୍ କୋର୍ଟରେ ଅଭିଯୁକ୍ତଙ୍କୁ ହାଜର କରାଯିବ
- ■ ସମସ୍ତ ଜେଲ୍‌ରେ ଏହି ବ୍ୟବସ୍ଥା ଲାଗୁ ହେବ

କଟକ ଅଫିସ, ୨୭।୧୦

ଜେଲ୍ ପରିସରରେ ହେବ କ୍ୟାମ୍ପ କୋର୍ଟ। ଜେଲ୍ କର୍ତ୍ତୃପକ୍ଷଙ୍କ ଜରିଆରେ ଜେଲ୍ ଅନ୍ତେବାସୀମାନେ ଏହି କ୍ୟାମ୍ପ କୋର୍ଟରେ କରିପାରିବେ ଜାମିନ ଆବେଦନ। ଆଇନ ଅନୁଯାୟୀ କ୍ୟାମ୍ପ କୋର୍ଟରେ ଆବେଦନଗୁଡିକର ଶୁଣାଣି କରାଯିବ। ରାଜ୍ୟର ସମସ୍ତ ଜେଲ୍‌ରେ ଏହି ବ୍ୟବସ୍ଥା ଲାଗୁ କରିବାକୁ ଓଡ଼ିଶା ହାଇକୋର୍ଟ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି। ରାଜ୍ୟର ସମସ୍ତ ଜିଲା ଓ ଦୌରାଜଜ୍‌ମାନଙ୍କୁ ହାଇକୋର୍ଟ ଏହି ମର୍ମରେ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି କ୍ୟାମ୍ପ କୋର୍ଟଗୁଡିକରେ କେବଳ ଜାମିନ ଆବେଦନର ଶୁଣାଣି କରାଯିବ। ପ୍ରତ୍ୟେକ ସରକାରୀ କାର୍ଯ୍ୟ ଦିବସଗୁଡ଼ିକରେ ଏହି କ୍ୟାମ୍ପକୋର୍ଟ ଅନୁଷ୍ଠିତ ହେବ। ନିମ୍ନ ଅଦାଲତର ବିଚାରପତି କ୍ୟାମ୍ପକୋର୍ଟ ଦାୟିତ୍ୱରେ ରହିବେ। ଏଥିସହ ଜଣେ କିରାଣି, ଷ୍ଟେନୋଗ୍ରାଫରଙ୍କ ସହିତ କୋର୍ଟସବ୍ ଇନ୍ସପେକ୍ଟର ଓ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ମଧ ରହିବେ। ଅଭିଯୁକ୍ତଙ୍କ ପରିଚୟ ଯାଞ୍ଚ କାର୍ଯ୍ୟ ଜେଲ୍ ଅଧୀକ୍ଷକ କିମ୍ବା ସହକାରୀ ଅଧୀକ୍ଷକଙ୍କ ଦ୍ୱାରା କରାଯିବ। ଏହାବାଦ୍ ଆଇନସେବା ପ୍ରାଧିକରଣଙ୍କ ଜଣେ ପାରା ଲିଗାଲ ଭଲ୍ୟୁଣ୍ଟିୟର(ପିଏଲଭି)ଙ୍କ ଉପରେ ମଧ କ୍ୟାମ୍ପକୋର୍ଟରେ ଗୁରୁଦାୟିତ୍ୱ ନ୍ୟସ୍ତ କରାଯାଇଛି। କେଉଁମାନେ ଅର୍ଥ ଅଭାବରୁ ଆଇନ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି ପିଏଲ୍‌ଭିମାନେ ତାହାର ତଦାରଖ କରିବେ। ଜେଲ୍ କର୍ତ୍ତୃପକ୍ଷଙ୍କ ସହିତ ପିଏଲ୍‌ଭି ସମନ୍ୱୟ ରକ୍ଷା କରି ଏହି କାର୍ଯ୍ୟ ନିଷ୍ପାର ସମ୍ପନ୍ନ କରିବେ। ଏପରି କି ଗିରଫ ପରେ ଏଣିକି ଅଭିଯୁକ୍ତମାନଙ୍କୁ ସିଧାସଳଖ ଏହି କ୍ୟାମ୍ପକୋର୍ଟରେ ହାଜର କରାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଜାରି କରିଛନ୍ତି। କ୍ୟାମ୍ପକୋର୍ଟରେ ଜାମିନ ପାଇବା ପରେ ଅଭିଯୁକ୍ତମାନଙ୍କୁ ଏକ ପ୍ରୋଭିଜନାଲ ପିଆର୍ ବଣ୍ଡ୍ ମାଧ୍ୟମରେ ମୁକ୍ତ କରାଯିବ। ଏହାପରେ ୧ କିମ୍ବା ୨ମାସ ମଧରେ ନିୟମିତ ଜାମିନ ପାଇବା ପାଇଁ ସମ୍ପୃକ୍ତ ଅଭିଯୁକ୍ତ ନିର୍ଦ୍ଦିଷ୍ଟ କୋର୍ଟରେ ଆବେଦନ କରିବେ। ଏହି କ୍ୟାମ୍ପ୍‌କୋର୍ଟରେ ଜାମିନ ଆବେଦନର ଶୁଣାଣି ଚାଲିଥିବା ସମୟରେ କେବଳ କୋର୍ଟ କର୍ମଚାରୀ ଓ କୋର୍ଟ ସବ୍ ଇନ୍ସପେକ୍ଟରଙ୍କ ବ୍ୟତୀତ ଆଉ କେହି ଯେପରି ନ ରୁହନ୍ତି ସେଥିପ୍ରତି ଜେଲ୍ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବେ। ହାଇକୋର୍ଟଙ୍କ ଆଦେଶର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି, ପୋଲିସ ଗିରଫ କରିବାର ୬୦ରୁ ୧୨୦ଦିନ ମଧରେ ଯଦି ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରି ନ ଥିବ ତେବେ ଏହି କେସ୍ ଫୌଜଦାରି ଆଇନର ଧାରା ୧୬୭ର ଉପଧାରା ୨ ଅନୁଯାୟୀ ମଧ ବିଚାର କରାଯିବ। ସୂଚନାଯୋଗ୍ୟ, ଜେଲ୍‌ରେ ଏବେ କଏଦୀ ସଂଖ୍ୟା ବଢ଼ି ଚାଲିଥିବାବେଳେ କୋର୍ଟମାନଙ୍କରେ ମଧ ମାମଲାର ବୋଝ ଅଧିକ ରହୁଛି। ଏହାକୁ ହ୍ରାସ କରିବା ସହ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ହାଇକୋର୍ଟ ଏଭଳି ଆଦେଶ ଦେଇଛନ୍ତି।

# ଆଇନଜୀବୀ ସଂଘରେ ଫାଟ

- ■ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ସଦସ୍ୟମାନେ ଆନ୍ଦୋଳନରୁ ଓହରିଲେ
- ■ ଇସ୍ତଫା ଦେଲେ ବାର୍ ଆସୋସିଏଶନ ଉପସଭାପତି

କଟକ ଅଫିସ, ୨୭।୧୦-ଆଇନଜୀବୀ ସଂଘରେ ପଶିଛି ରାଜନୀତି। ଏକଜୁଟ ହୋଇ ପାଖାପାଖି ୨ମାସ ହେବ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିବା ହାଇକୋର୍ଟ ବାର ଆସୋସିଏଶନରେ ସୃଷ୍ଟି ହୋଇଛି ଫାଟ। କାରଣ କାର୍ଯ୍ୟବନ୍ଦ ଆନ୍ଦୋଳନରୁ ଓହରି ଯାଇଛନ୍ତି ବିଜେଡି ଆଇନଜୀବୀ ସାମ୍ମୁଖ୍ୟରେ ସାମିଲ ଥିବା ହାଇକୋର୍ଟର ବହୁ ଆଇନଜୀବୀ। ସେହିପରି ଓଡ଼ିଶା ହାଇକୋର୍ଟ ବାର ଉପସଭାପତି ପଦରୁ ଶନିବାର ଇସ୍ତଫା ଦେଇଛନ୍ତି ଆଡଭୋକେଟ ବଂଶୀଧର ଶତପଥୀ।

ସୂଚନାଥାଉକି, ଗତ ଶୁକ୍ରବାର ହାଇକୋର୍ଟ ବାର ଆସୋସିଏଶନର ସାଧାରଣ ପରିଷଦ ବୈଠକ ବସିଥିଲା। ବୈଠକରେ ନିଷ୍ପତ୍ତି ହୋଇଥିଲା ଯେ, ଅକ୍ଟୋବର ୩୦ ପର୍ଯ୍ୟନ୍ତ ଓକିଲମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ବଳବତ୍ତର ରହିବ। ୩୦ ତାରିଖ ମଧରେ ସରକାର ଯଦି ତତ୍ପର ନ ହୁଅନ୍ତି ତେବେ ୩୧ ତାରିଖରେ ସମଗ୍ର ରାଜ୍ୟର ବାର ଆସୋସିଏଶନ କାର୍ଯ୍ୟାଳୟ ସମ୍ମୁଖରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯିବ। ମାତ୍ର ଶୁକ୍ରବାର ବୈଠକ ପରେ ଶନିବାର ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ସଦସ୍ୟ ଓ କର୍ମକର୍ତ୍ତାମାନେ ଭିନ୍ନ ଆଭିମୁଖ୍ୟ ପୋଷଣ କରିଥିଲେ। ସାମ୍ମୁଖ୍ୟର ଏକ ବୈଠକ ସ୍ଥାନୀୟ ଏକ ହୋଟେଲରେ ଆବାହକ ଆଡଭୋକେଟ ମିଳନ କାନୁନ୍‌ଗୋଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଆନ୍ଦୋଳନକୁ ରାଜନୀତିକରଣ କରାଯାଉଥିବା ସାମ୍ମୁଖ୍ୟର ଉପଦେଷ୍ଟା ତଥା ବରିଷ୍ଠ ଆଡଭୋକେଟ ଅସୀମ ଅମିତାଭ ଦାସ ଅଭିଯୋଗ କରିଥିଲେ। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ସୋମବାର ହାଇକୋର୍ଟରେ ଅନ୍ୟ ଆଇନଜୀବୀମାନଙ୍କ ସହିତ ଆଲୋଚନା କରାଯିବ। ମଙ୍ଗଳବାର କୋର୍ଟ କାର୍ଯ୍ୟରେ ଯୋଗଦେବାକୁ ଏକପ୍ରକାର ସ୍ଥିର କରାଯାଇଥିବା ଆଡଭୋକେଟ ଦାସ କହିଛନ୍ତି। ଅନ୍ୟପକ୍ଷରେ ଉପସଭାପତି ଶତପଥୀଙ୍କ ଇସ୍ତଫା ଆମର ହସ୍ତଗତ ହୋଇନାହିଁ। ଗଣମାଧମରୁ ତାଙ୍କ ଇସ୍ତଫା କଥା ଆମେ ଶୁଣୁଛୁ। ସଂଘ ଦୁଇଭାଗ ହୋଇଗଲା ବୋଲି କହିବା ଉଚିତ ନୁହେଁ ବୋଲି ହାଇକୋର୍ଟ ବାର ଆସୋସିଏଶନ ସମ୍ପାଦକ ସତ୍ୟବ୍ରତ ମହାନ୍ତି କହିଛନ୍ତି। ମହାନ୍ତିଙ୍କ କହିବାନୁଯାୟୀ, ଶୁକ୍ରବାର ବାରର ସାଧାରଣ ପରିଷଦ ବୈଠକ ବସିଥିଲା। ସେଥିରେ ନିଜେ ଉପସଭାପତି ଶତପଥୀ ଅଧକ୍ଷତା କରିଥିଲେ। ବୈଠକରେ ଯାହା ନିଷ୍ପତ୍ତି ହୋଇଥିଲା ତାହା ରିଜୋଲ୍ୟୁଶନରେ ରହିଛି ଓ ଉପସଭାପତି ଶତପଥୀ ସେଥିରେ ଦସ୍ତଖତ କରିଛନ୍ତି ବୋଲି ମହାନ୍ତି କହିଛନ୍ତି। କିନ୍ତୁ ଇସ୍ତଫା ପରେ ପ୍ରତିକ୍ରିୟା ଦେଇ ଶତପଥୀ କହିଛନ୍ତି ଯେ, ଶୁକ୍ରବାର ବୈଠକରେ ଯାହା ନିଷ୍ପତ୍ତି ନିଆଗଲା ତାହା ରିଜୋଲ୍ୟୁଶନରେ ସ୍ଥାନ ପାଇଲା ନାହିଁ। ପରବର୍ତ୍ତୀ ବୈଠକ ଅକ୍ଟୋବର ୩୦ରେ ହେବାକୁ ସ୍ଥିର ହୋଇଥିଲା। ବୈଠକ ପରେ ଆନ୍ଦୋଳନର ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥାନ୍ତା। ହେଲେ ଶୁକ୍ରବାର ବୈଠକ ପରେ ବାର ସମ୍ପାଦକ ହଠାତ୍ ଗଣମାଧମ ଆଗକୁ ଆସି ଅକ୍ଟୋବର ୩୧ରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିବା ନେଇ ସୂଚନା ଦେବା ତାଙ୍କୁ ଅସହ୍ୟ କରିଥିଲା। ତେଣୁ ସ୍ୱାଭିମାନ ଦୃଷ୍ଟିରୁ ସେ ନିଜ ପଦବୀରୁ ଇସ୍ତଫା ଦେଇଥିବା ଶତପଥୀ କହିଛନ୍ତି। ଅପରପକ୍ଷରେ ଆନ୍ଦୋଳନରୁ ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ସହ ସମ୍ପୃକ୍ତ ଥିବା ଆଇନଜୀବୀମାନେ ଓହରିଯିବା ପରେ ଅନ୍ୟ ଆଇନଜୀବୀମାନଙ୍କ ମଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଡ. ଅଶୋକ ମହାପାତ୍ର ଏହାକୁ ଦୁର୍ଭାଗ୍ୟଜନକ ବୋଲି କହିଥିବା ବେଳେ ଆଡଭୋକେଟ କ୍ଷୀରୋଦ ରାଉତ ଏହା ଓକିଲଙ୍କ ଏକତା ପ୍ରତି କୁଠାରାଘାତ ବୋଲି କହିଛନ୍ତି। ସୂଚନାଥାଉକି, ହାଇକୋର୍ଟ ଆଡକୋକେଟ ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ ଗତ ଅଗଷ୍ଟ ୨୮ ତାରିଖରେ ପୋଲିସ ମାଡ ମାରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ହାଇକୋର୍ଟ ଆଇନଜୀବୀମାନେ ଅଗଷ୍ଟ ୨୯ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି।

# ଡିଜିସିଏକୁ ତଥ୍ୟ ମାଗିଲା ପୁରୀ ପୋଲିସ

**କ୍ଲିନଚିଟ୍ ପରେ ବି ତୁଟୁନି ବିବାଦ**

ପୁରୀ ଅଫିସ, ୨୭।୧୦

ଚିଲିକାରେ ହେଲିକପ୍ଟର ଉଡ଼ାଣ ଘଟଣାରେ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) କ୍ଲିନଚିଟ୍ ଦେଇଛି। କିନ୍ତୁ ଏହାପରେ ବି ବିବାଦ ତୁଟୁନି। ପୁଣିଥରେ ଡିଜିସିଏଙ୍କୁ ରିପୋର୍ଟ ମାଗିଛି ପୁରୀ ପୋଲିସ। ଡିଜିସିଏ ରିପୋର୍ଟରେ ହେଲିକପ୍ଟର ଅବତରଣକୁ ନେଇ ତଥ୍ୟ ରହିଥିବାବେଳେ ହେଲିକପ୍ଟର ଚିଲିକା ଅଞ୍ଚଳରେ ନିର୍ଦ୍ଦିଷ୍ଟ କେତେ ଉଚ୍ଚତାରେ ଉଡୁଥିଲା ତାହାର ତଥ୍ୟ ଉଲ୍ଲେଖ ନାହିଁ। ଚିଲିକାରେ କେତେ ଉଚ୍ଚତାରେ ହେଲିକପ୍ଟର ଉଡୁଥିଲା ସେହି ତଥ୍ୟ ଡିଜିସିଏକୁ ମାଗିଛି ପୁରୀ ପୋଲିସ। ତେବେ ହେଙ୍ଗରରେ ସିଲ୍ ହୋଇଥିବା ୩ଟି ହେଲିକପ୍ଟର ମଧରୁ ଚିଲିକାରେ ଉଡ଼ିଥିବା ହେଲିକପ୍ଟରକୁ ରଖାଯିବ। ଡିଜିସିଏରୁ ତଥ୍ୟ ଆସିବା ପରେ ପଦକ୍ଷେପ ନିଆଯିବ। ହେଙ୍ଗରରେ ରହିଥିବା ବାକି ଦୁଇଟି ହେଲିକପ୍ଟର ଛାଡ଼ିବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଗଣମାଧମକୁ ସୂଚନା ଦେଇଛନ୍ତି ପୁରୀ ଏସ୍‌ପି ସାର୍ଥକ ଷଡ଼ଙ୍ଗୀ। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ରାଜନୈତିକ ଆରୋପ ପ୍ରତ୍ୟାରୋପ ଜାରି ରହିଛି। ସୂଚନାଯୋଗ୍ୟ, ଚିଲିକାର ଅରଖକୁଦା ତଥା ନୂଆ ମୁହାଣ ଇଲାକାରେ ସେପ୍ଟେମ୍ବର ୧୫ରେ ସି ପ୍ଲେନ ଉଡିଥିବା ଚର୍ଚ୍ଚା ହୋଇଥିଲା। ଏହାକୁ ନେଇ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅରଖକୁଦା ଥାନାରେ ଏତଲା ଦିଆଯାଇଥିଲା। ଏହାକୁ ଆଧାର କରି ଅରଖକୁଦା ସାମୁଦ୍ରିକ ଥାନାରେ ସେପ୍ଟେମ୍ବର ୧୭ରେ ୨୭୭, ୨୭୮, ୩୩୬, ୪୩୧ଦଫା, ୧୧ ଏୟାରକ୍ରାଫ୍ଟ ଆକ୍ଟ ୧୯୩୪ ବଳରେ ଏକ କେସ ନଂ. ୧୬/୧୮ ରୁଜୁ ହୋଇଥିଲା। ତଦନ୍ତରୁ ଇମ୍ପାର ହେଲିକପ୍ଟର ରବିନ୍‌ସନ୍ ଆର-୪୪ ଉଡିଥିବା ଜଣାପଡିଥିଲା। ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଉକ୍ତ ହେଲିକପ୍ଟର ଉଡାଣ କରିଥିବା ବେଳେ ଅଭିଜିତ ଆୟର ମିତ୍ର ଏବଂ ଆରତୀ ଟିକୋ ଯାତ୍ରୀ ରହିଥିଲେ। ପୁରୀ ପୋଲିସ ଏହି ଘଟଣାର ତଦନ୍ତ କରି ସେପ୍ଟେମ୍ବର ୧୭ ରାତିରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଥିବା ଇମ୍ପାର ହେଙ୍ଗରକୁ ସିଲ୍ କରିଥିଲା। ଉକ୍ତ ହେଙ୍ଗର ବର୍ତ୍ତମାନ ସିଲ୍ ହୋଇ ରହିଥିବା ବେଳେ ସେଥିରେ ୩ଟି ହେଲିକପ୍ଟର ରହିଛି।

## ଲଘୁଚାପ: ଆଜିଠୁ ୩ ଦିନ ବର୍ଷିବ

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୨୯ ତାରିଖ ବେଳକୁ ଏହା ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ ୩ ଦିନ ଧରି ଉପକୂଳ ଓଡ଼ିଶାରେ ବର୍ଷା ହେବ। ୨୮ ତାରିଖ ରାତିରୁ ଉପକୂଳରେ ବର୍ଷା ଆରମ୍ଭ ହୋଇଯିବ। ପୁରୀ, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୯ ଓ ୩୦ ତାରିଖରେ ବର୍ଷା ପରିମାଣ ବଢ଼ିବା ସମ୍ଭାବନା ରହିଛି। ୨୯ ତାରିଖରେ ଗଞ୍ଜାମ, ପୁରୀ, ଜଗତ୍‌ସିଂପୁର, କଟକ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଏବଂ ବାଲେଶ୍ୱର ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭବାନ ରହିଛି। ୩୦ ତାରିଖରେ ଉତ୍ତର ଓଡ଼ିଶାର ବାଲେଶ୍ୱର ଓ ଭଦ୍ରକ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଲଘୁଚାପକୁ ଦୃଷ୍ଟିରେ ରଖି ୨୯ ଓ ୩୦ ତାରିଖ ଦୁଇଦିନ ସମୁଦ୍ର ମଧମକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି।

■ ସ୍ପଷ୍ଟ କଲେ ମନ୍ତ୍ରୀ

# ନନ୍ଦନକାନନରେ ରହିବ 'ସୁନ୍ଦରୀ'

ଭୁବନେଶ୍ୱର, ୨୭।୧୦(ବ୍ୟୁରୋ)

ସାତକୋଶିଆରେ ଥିବା ବାଘୁଣୀ 'ସୁନ୍ଦରୀ'ର ଭବିଷ୍ୟତକୁ ନେଇ ଲାଗିରହିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ସାତକୋଶିଆ ବାସିନ୍ଦା ଓ ବନ ବିଭାଗର ନିଦ ହଜାଇଥିବା ସୁନ୍ଦରୀକୁ ଧରାଯିବା ପରେ ତା'କୁ ନନ୍ଦନକାନନରେ ରଖାଯିବ ବୋଲି ଶନିବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ କହିଛନ୍ତି।

ସୁନ୍ଦରୀ ଧରାପଡ଼ିବା ପରେ ତା'କୁ ରାଇଗୁଡ଼ାସ୍ଥିତ ଏନ୍‌କ୍ଲୋଜରେ ରଖାଯିବ ବୋଲି ପୂର୍ବରୁ ବନ ବିଭାଗ କହିଥିଲା। କିନ୍ତୁ ଏଥିରେ ସ୍ଥାନୀୟ ବାସିନ୍ଦା ଓ ବନ୍ୟପ୍ରାଣୀ ବିଶେଷଜ୍ଞ ସନ୍ତୁଷ୍ଟ ନ ଥିଲେ। ଏହାକୁ ନେଇ ନାନା ପ୍ରଶ୍ନ ଉଠିଥିଲା, ଯେଉଁଥିରେ ପୂର୍ଣ୍ଣଚ୍ଛେଦ ପକାଇଛି ବନ ବିଭାଗ। ସୁନ୍ଦରୀକୁ ଦୁଇଦିନ ମଧରେ ଟ୍ରାଙ୍କୁଲାଇଜ କରି ଧରାଯିବ। ପରେ ତାକୁ ନନ୍ଦନକାନନ ଅଣାଯିବ ବୋଲି ମନ୍ତ୍ରୀ ରାଉତରାୟ କହିଛନ୍ତି। ସେ କହିଛନ୍ତି ଯେ, ଗତକିଛି ଦିନ ହେଲା ସୁନ୍ଦରୀକୁ ନେଇ ସାତକୋଶିଆରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏପରି କି ସ୍ଥାନୀୟ ବାସିନ୍ଦା ଜୀବନହାନିର ଆଶଙ୍କା କରିଛନ୍ତି। ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସୁନ୍ଦରୀକୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଅଣାଯିବ। ତେଣୁ ସୁନ୍ଦରୀକୁ ନେଇ ଭୟର କୌଣସି କାରଣ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଏନ୍‌ଟିସିଏ ଗାଇଡ୍‌ଲାଇନ ଅନୁଯାୟୀ ଯଦି କୌଣସି ବାଘ ମଣିଷଖିଆ ବୋଲି ପ୍ରମାଣିତ ହୁଏ, ତେବେ ତାକୁ ନିକଟ ଚିଡ଼ିଆଖାନାରେ ରଖାଯିବ। ସୁନ୍ଦରୀ ଦୁଇଟି ମଣିଷର ମୃତ୍ୟୁର କାରଣ ବୋଲି ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ତେଣୁ ତା'କୁ ଧରିବା ପାଇଁ ୪ଦିନ ହେଲାଣି ବନ ବିଭାଗ ଉଦ୍ୟମ ଚଳାଇଛି। କିନ୍ତୁ ଏଯାଏ ସଫଳତା ମିଳିନାହିଁ। ସୁନ୍ଦରୀକୁ ଧରିବା ପାଇଁ ସୁନାବେଡ଼ାରୁ ସ୍ୱୟଂଚାଳିତ ଯନ୍ତା ମଧ ଅଣାଯାଇଛି। ପୂର୍ବରୁ ଯନ୍ତା ନିକଟରେ ଛେଳି ରଖାଯାଇଥିଲା। କିନ୍ତୁ ବର୍ତ୍ତମାନ ମଇଁଷି ରଖାଯାଇଛି। ସେପଟେ ସୁନ୍ଦରୀକୁ ଧରିବା ପାଇଁ ମଧପ୍ରଦେଶରୁ ଆଉ ଏକ ବିଶେଷଜ୍ଞ ଦଳ ପହଞ୍ଚିଛନ୍ତି। ନନ୍ଦନକାନନରୁ ମଧ ଆଉ ଜଣେ ଟ୍ରାଙ୍କୁଲାଇଜିଂ ବିଶେଷଜ୍ଞ ସାମିଲ ହୋଇଛନ୍ତି।



## ବିଦ୍ୟୁତ୍ ଆଘାତ

# ୮ ବର୍ଷରେ ମଲେଣି ୯୯ ହାତୀ

**ଭୁବନେଶ୍ୱର, ୨୭।୧୦(ବ୍ୟୁରୋ):** ଓଡ଼ିଶା ଏବେ ହାତୀମାନଙ୍କ ପାଇଁ ଶ୍ମଶାନ ପାଲଟିଛି। ବିଭିନ୍ନ ଅପ୍ରାକୃତିକ କାରଣ ଯୋଗୁ ବହୁ ସଂଖ୍ୟକ ହାତୀଙ୍କ ଜୀବନହାନି ଘଟୁଛି। ଶିକାର, ବିଦ୍ୟୁତ୍ ଆଘାତ, ଟ୍ରେନ ଓ ସଡ଼କ ଦୁର୍ଘଟଣା ଭଳି କେତେକ ଅପ୍ରାକୃତିକ କାରଣ ବ୍ୟତୀତ ଖୋଲା କୂଅରେ ପଡ଼ି ଏବଂ ବିଦ୍ୟୁତ ଆଘାତ ଯୋଗୁ ଅଧିକ ହାତୀ ପ୍ରାଣ ହରାଉଛନ୍ତି। ଅପ୍ରାକୃତିକ କାରଣ ଯୋଗୁ ଯେତିକି ସଂଖ୍ୟକ ହାତୀଙ୍କ ମୃତ୍ୟୁ ଘଟୁଛି, ସେଥିରୁ ୪୧% କେବଳ ବିଦ୍ୟୁତ ଆଘାତଜନିତ। ଫଳସ୍ୱରୂପ ବିଗତ ୮ବର୍ଷ ମଧ୍ୟରେ ରାଜ୍ୟରେ ୯୯ ହାତୀଙ୍କ ମୃତ୍ୟୁ ଘଟିଲାଣି।

ସୂଚନା ମୁତାବକ, ୨୦୦୦ ମସିହାରୁ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ ଆଘାତରେ ୧୭୬ ହାତୀ ମଲେଣି। ୨୦୦୦ରୁ ୨୦୧୦ ମଧ୍ୟରେ ୭୭ ହାତୀଙ୍କ ମୃତ୍ୟୁ ଘଟିଛି। ଏହାକୁ ଦୃଷ୍ଟି ଦେଲେ ପ୍ରତି ବର୍ଷ ଅନ୍ୟୂନ ୮ ହାତୀ ଝୁଲନ୍ତା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। କିନ୍ତୁ ଏହି ସମୟ ମଧ୍ୟରେ ରାଜ୍ୟ ସରକାର ବିଦ୍ୟୁତ ଆଘାତ ଜନିତ ମୃତ୍ୟୁକୁ ରୋକିବା ଲାଗି କୌଣସି ପଦକ୍ଷେପ ନେଇ ନ ଥିଲେ। ଅନ୍ୟପଟେ ୨୦୧୦ ପରେ ଏହି ମୃତ୍ୟୁହାର ବୃଦ୍ଧି ପାଇଛି। ୨୦୧୦ ପରେ ସରକାର କେତେକ ପଦକ୍ଷେପ ନେଇଥିଲେ ମଧ୍ୟ ବିଦ୍ୟୁତ ଆଘାତ ଜନିତ ମୃତ୍ୟୁହାରକୁ ରୋକିବାରେ ସମର୍ଥ ହୋଇନାହାନ୍ତି, ଯେଉଁଥିପାଇଁ ଗତ ୮ ବର୍ଷରେ ୯୯ ହାତୀ ଆଖି ବୁଜିଛନ୍ତି। ସେମାନଙ୍କ ମଧ୍ୟରୁ ଝୁଲନ୍ତା ତାର ସଂସ୍ପର୍ଶରେ ଆସି ୪୦ ଏବଂ ବିଦ୍ୟୁତ୍ ଯନ୍ତାରେ ପଡ଼ି ୫୯ ହାତୀଙ୍କ ମୃତ୍ୟୁ ଘଟିଛି ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ ଡ. ବିଶ୍ୱଜିତ ମହାନ୍ତି କହିଛନ୍ତି। ତେବେ ଶନିବାର ଭୋର ସମୟରେ ଢେଙ୍କାନାଳ ଜିଲା କମଳାଙ୍ଗ ଗାଁ ନିକଟରେ ଝୁଲନ୍ତା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୭ ହାତୀଙ୍କ ମୃତ୍ୟୁ ଘଟିବା ରାଜ୍ୟ ସରକାର ଏବଂ ବିଦ୍ୟୁତ୍ ବିଭାଗର ଦାୟିତ୍ୱହୀନତାକୁ ପଦାରେ ପକାଇଛି। ମହାନ୍ତି କହିଛନ୍ତି, ଏହି ଘଟଣା ପାଇଁ ସେସୁ କର୍ତ୍ତୃପକ୍ଷ ଦାୟୀ। ତାଙ୍କ ନାଁରେ ମାମଲା ରୁଜୁ କରାଯାଇ ଗିରଫ କରାଯିବା ଉଚିତ। ବାରମ୍ବାର ଚିଠି ସତ୍ତ୍ୱେ ସେ କୌଣସି ପଦକ୍ଷେପ ନେଇ ନ ଥିଲେ, ଯାହା ଫଳରେ ଏଭଳି ଏକ ବଡ଼ ଦୁର୍ଘଟଣା ଘଟିଲା ବୋଲି ମହାନ୍ତି କହିଛନ୍ତି।

ଏ ସମ୍ପର୍କରେ ପିସିସିଏଫ୍(ବନ୍ୟପ୍ରାଣୀ) ସନ୍ଦୀପ ତ୍ରିପାଠୀ କୁହନ୍ତି, ଶନିବାର ଘଟିଥିବା ମର୍ମନ୍ତୁଦ ଦୁର୍ଘଟଣା ପାଇଁ ବିଦ୍ୟୁତ୍ ବିଭାଗ ଦାୟୀ। ଘଟଣା ସ୍ଥଳରେ ଓହଳି ରହିଥିବା ବିଦ୍ୟୁତ୍ ତାରକୁ ନ ଉଠାଇବା ଯୋଗୁ ଏତେ ବଡ଼ ଦୁର୍ଘଟଣା ଘଟିଲା। ସେହିପରି ଟ୍ରାନ୍ସମିଶନ ଲାଇନ୍ସ ମଧ୍ୟ କେବୁଲିଂ କରାଯାଇ ନାହିଁ। ଗତବର୍ଷ ଏ ସମ୍ପର୍କରେ ଢେଙ୍କାନାଳ ଡିଏଫ୍ଓ ସେସୁକୁ ଜଣାଇଥିଲେ। କିନ୍ତୁ ସେସୁ କୌଣସି ପଦକ୍ଷେପ ନେଇ ନ ଥିଲା ବୋଲି ପିସିସିଏଫ୍ କହିଛନ୍ତି।

> ଝୁଲନ୍ତା ତାର ଯୋଗୁ ୪୦, ବିଦ୍ୟୁତ ଯନ୍ତାରେ ୫୯ ପ୍ରାଣ ହରାଇଛନ୍ତି





## ନିୟମର ଉଲ୍ଲଂଘନ

ସବୁ ନିୟମକାନୁନକୁ ଜଳାଞ୍ଜଳି ଦେଇଦେଲେ। ଖୋଲାଖୋଲି ଉଲ୍ଲଂଘନ ହେଲା ନିୟମ। ଏହାର ପରିଣାମ ଭୋଗିଲେ ହାତୀ। ଓଡ଼ାପଡ଼ା ବ୍ଲକ କମଳାଙ୍ଗ ଗାଁ ନିକଟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୭ ହାତୀ ପ୍ରାଣ ହରାଇବା ପରେ ପଦାକୁ ଆସିଛି ପୁଳାପୁଳା ଅନିୟମିତତା। ଯାହା କୁହାଯାଉଛି, ସମ୍ପୃକ୍ତ ଅଞ୍ଚଳରେ ହାତୀ ସୁରକ୍ଷା ନେଇ ଥିବା ସମସ୍ତ ନିୟମକାନୁନକୁ ଅଣଦେଖା କରାଯାଇଥିଲା। ଝୁଲି ରହିଥିବା ତାର ସମ୍ପର୍କରେ ବନ ବିଭାଗ ପକ୍ଷରୁ ବିଦ୍ୟୁତ୍ ବିଭାଗକୁ ଅବଗତ କରାଯାଇ ନ ଥିଲା। ବିଦ୍ୟୁତ୍ ବିଭାଗ ମଧ୍ୟ ତାର ଟଣାଯିବା ଉଚ୍ଚତା ସମ୍ପର୍କିତ ନିୟମକୁ ଦୃଷ୍ଟି ଦେଇ ନ ଥିଲା। ଇଣ୍ଡିଆ ଇଲେକ୍ଟ୍ରିସିଟି ରୁଲ୍ସ-୧୯୫୬ର ଧାରା-୭୭ ଏବଂ ୮୦ ଅନୁଯାୟୀ, ୩୩ କେଭି ବିଦ୍ୟୁତ୍ ସରବରାହ ହେଉଥିବା ପୋଲଗୁଡ଼ିକର ଉଚ୍ଚତା ୯ମିଟର ଏବଂ ୧୧କେଭି ବିଦ୍ୟୁତ ସରବରାହ ହେଉଥିବା ପୋଲର ଉଚ୍ଚତା ୮ ମିଟର ବିଶିଷ୍ଟ କରାଯିବା ବାଧ୍ୟତାମୂଳକ। ଏଥିସହ ପୋଲ ମଧ୍ୟରେ ଦୂରତା ୫୦ମିଟର ଏବଂ ଭୂମିଠାରୁ ୧୭ଫୁଟ ଉଚ୍ଚରେ ବିଦ୍ୟୁତ୍ ତାର ରହିବା କଥା। ହେଲେ ହାତୀମୃତ୍ୟୁ ହୋଇଥିବା ଅଞ୍ଚଳରେ ମାତ୍ର ୫ଫୁଟ ଉପରେ ଝୁଲୁଥିଲା ୧୧କେଭି ତାର । ଫଳରେ ୭ହାତୀଙ୍କ ଅକାଳମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି।

### ବନ ବିଭାଗ-ସେସୁ ମଧ୍ୟରେ କାଦୁଅଫିଙ୍ଗା

କମଳାଙ୍ଗ ହାତୀମୃତ୍ୟୁ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଉଭୟ ବନ ବିଭାଗ ଏବଂ ସେସୁର ଅବହେଳାରୁ ଏପରି ଦୁର୍ଘଟଣା ଘଟିଥିବା ଆଲୋଚନା ହେଉଥିବାବେଳେ ଏବେ ଦୋଷ ଘୋଡ଼ାଇବାକୁ ଉଭୟ ବିଭାଗ ମଧ୍ୟରେ ଆରମ୍ଭ ହୋଇଛି କାଦୁଅଫିଙ୍ଗା। ଗୋଟିଏ ପଟେ କମ୍ ଉଚ୍ଚତାରେ ତାର ଟଣାଯାଇଥିବା ନେଇ ବନ ବିଭାଗ ପକ୍ଷରୁ ବିଦ୍ୟୁତ୍ ବିଭାଗକୁ ଅବଗତ କରାଯାଉଥିବା କୁହାଯାଉଛି। ଅନ୍ୟପଟେ ଏହାକୁ ଖଣ୍ଡନ କରିଛନ୍ତି ଚାଇଁପାଳ ଡିଭିଜନର ସେସୁ ନିର୍ବାହୀଯନ୍ତ୍ରୀ ନୀହାର ପାଣିଗ୍ରାହୀ। ଏଥିରୁ ଉଭୟ ବିଭାଗ ମଧ୍ୟରେ ଥିବା ସମନ୍ୱୟର ଅଭାବ ପଦାକୁ ଆସିଛି।

### ବିପଦରେ ହାତୀ ଚଲାପଥ

ଢେଙ୍କାନାଳ ଜିଲାରେ ରହିଛି ୮୦ରୁ ଊର୍ଦ୍ଧ୍ୱ ହାତୀ ଗତିପଥ। ଅଧିକାଂଶ ସ୍ଥାନରେ ଏବେ ବି କମ୍ ଉଚ୍ଚତାରେ ଝୁଲି ରହିଛି ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାର। ଜିଲାରେ ମୋଟ ୧୨୦ ସ୍ଥାନରେ ବିପଜ୍ଜନକ ଅବସ୍ଥାରେ ବିଦ୍ୟୁତ୍ ତାର ଝୁଲି ରହିଥିବା ବିଦ୍ୟୁତ୍ ବିଭାଗକୁ ଅବଗତ କରାଯାଇଛି। ସେଥିରୁ ମାତ୍ର ୪୦ଟି ସ୍ଥାନରେ ମରାମତି କାର୍ଯ୍ୟ ଶେଷ ହୋଇଥିବା ୱାଇଲ୍ଡ ଲାଇଫ୍ ସୋସାଇଟି ପ୍ରୋଜେକ୍ଟ ଅଧିକାରୀ ଅରବିନ୍ଦ ମାଝି କହିଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ୮୦ରୁ ଊର୍ଦ୍ଧ୍ୱ ସ୍ଥାନରେ ହାତୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ଭଳି କମ୍ ଉଚ୍ଚତାରେ ତାର ଟଣାଯାଇଛି। ଏହାକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ନ କଲେ ଆଗାମୀ ଦିନରେ ହାତୀମୃତ୍ୟୁ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ହାତୀ ସମସ୍ୟା ଜିଲାରେ ଉତ୍କଟରୂପ ଧାରଣ କରିଛି। ଏହାର ସମାଧାନ ଏବଂ ହାତୀଙ୍କ ସୁରକ୍ଷା ଲାଗି ସ୍ୱତନ୍ତ୍ର ବାହିନୀର ଆବଶ୍ୟକତା ରହିଥିବା ବୁଦ୍ଧିଜୀବୀମାନେ କହିଛନ୍ତି।

### ମା'କୋଳରେ ଛୁଆର ମୃତ୍ୟୁ ହୃଦୟବିଦାରକ

ହାତୀମୃତ୍ୟୁ ଘଟଣାସ୍ଥଳରେ ଦେଖିବାକୁ ମିଳିଥିଲା ହୃଦୟବିଦାରକ ଦୃଶ୍ୟ। ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇଥିବା ୭ ହାତୀଙ୍କ ମଧ୍ୟରେ ରହିଥିଲା ଏକ ମାଈ ହାତୀ ଏବଂ ଶାବକ। ସାଧାରଣତଃ ହାତୀପଲରେ ଯାଉଥିବା ଶାବକର ସୁରକ୍ଷା ଦାୟିତ୍ୱ ମା' ନେଇଥାଏ। ଦଳରେ ଛୁଆ ପାଖେପାଖେ ରହିଥାଏ ମା' ହାତୀ। ବିପଦ ଆସିଲେ ତୁରନ୍ତ ସୁରକ୍ଷା ଦେବାକୁ ମା' ଏପରି କରିଥାଏ। ହେଲେ ଶନିବାର ଭୋର ସମୟର ଘଟଣା କିନ୍ତୁ ଭିନ୍ନ ଥିଲା। ହଠାତ୍ ହୋଇଥିବା ବିଦ୍ୟୁତ୍ ଝଟ୍‌କାରେ ମା' କୋଳରେ ହିଁ ଶାବକର ଜୀବନ ଚାଲିଯାଇଥିଲା। ଏପରି ଦୃଶ୍ୟ ଦେଖଣାହାରିଙ୍କ ଆଖିରୁ ଝରାଇଥିଲା ଲୁହ।

### ବ୍ୟବଚ୍ଛେଦବେଳେ ବାହାରିଲା ମୃତଛୁଆ

କମଳାଙ୍ଗ ହାତୀମୃତ୍ୟୁ ଘଟଣାସ୍ଥଳରେ ଦେଖିବାକୁ ମିଳିଛି ଏକ ସ୍ପର୍ଶକାତର ଦୃଶ୍ୟ। ପ୍ରାଥମିକ ତଦନ୍ତ ପରେ ଆରମ୍ଭ ହୋଇଥିଲା ମୃତଦେହ ବ୍ୟବଚ୍ଛେଦ ପ୍ରକ୍ରିୟା। ଶନିବାର ରାତି ସୁଦ୍ଧା ୪ହାତୀଙ୍କ ବ୍ୟବଚ୍ଛେଦ ସରିଥିବାବେଳେ ଏକ ମାଈ ହାତୀର ପେଟରୁ ବାହାର କରାଯାଇଛି ମୃତ ଶାବକ। ଗର୍ଭସ୍ଥ ଛୁଆ ଆନୁମାନିକ ୧୫ରୁ ୧୮ ମାସର ହେବ ଏବଂ ଗର୍ଭିଣୀ ହାତୀ ମାସେ ମଧ୍ୟରେ ଶାବକ ଜନ୍ମ କରିଥାନ୍ତା ବୋଲି ବ୍ୟବଚ୍ଛେଦ କରିଥିବା ଡାକ୍ତରୀଦଳ କହିଛନ୍ତି। ବ୍ଲକ ପ୍ରାଣୀଧନ ଅଧିକାରୀ ଲକ୍ଷ୍ମୀନାରାୟଣ ନନ୍ଦ, ସହକାରୀ ଅଧିକାରୀ ଅବିନାଶ ଦାସ, ପ୍ରାଣୀ ଚିକିତ୍ସକ ସାଗରଜ୍ୟୋତି ବେହେରା, ପ୍ରାଣୀଧନ ନିରୀକ୍ଷକ ବାସୁଦେବ ଜେନା ମୃତହାତୀଗୁଡ଼ିକର ବ୍ୟବଚ୍ଛେଦ କରିଥିଲେ।

## ବିପଦରେ ଗଜରାଜ

# ସଂଖ୍ୟାରେ ଦ୍ୱିତୀୟ, ମୃତ୍ୟୁରେ ପ୍ରଥମ

**ଢେଙ୍କାନାଳ ଅଫିସ୍, ୨୭।୧୦ :**ଶିଳ୍ପାୟନରେ ଶ୍ରୀହୀନ ବିସ୍ତୀର୍ଣ୍ଣ ଜଙ୍ଗଲ। ହାତୀ ଚଲାପଥରେ କଣ୍ଟା ସାଜିଛି ବେଆଇନ ପଥର ଖାଦାନ। ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେଉଛି ପ୍ରାକୃତିକ ଆବାସସ୍ଥଳୀ। ଜଙ୍ଗଲରେ ଶିକାରୀ ଭୟ। ଏସବୁ ପ୍ରତିକୂଳ ପରିସ୍ଥିତି ଢେଙ୍କାନାଳ ଜିଲାରେ ହାତୀଙ୍କ ଜୀବନକୁ ବିପନ୍ନ କରିଦେଇଛି। ପ୍ରାକୃତିକ ବାସସ୍ଥାନକୁ ମଣିଷ କବ୍‌ଜା କରିନେଉଥିବାବେଳେ ସେମାନେ ବାଧ୍ୟ ହୋଇ ଜନବସତିମୁହାଁ ହେଉଛନ୍ତି। ଏହି କାରଣରୁ ତୀବ୍ର ରୂପ ନେଇଛି ହାତୀ-ମଣିଷ ସଂଘର୍ଷ।

୨୦୧୭ ଗଣନାରେ ହାତୀ ସଂଖ୍ୟାରେ ଶିମିଳିପାଳ ପରେ ଦ୍ୱିତୀୟ ସ୍ଥାନରେ ରହିଛି ଢେଙ୍କାନାଳ। ଅନ୍ୟପଟେ ଅସ୍ୱାଭାବିକ ଭାବେ ବଢ଼ିଚାଲିଥିବା ହାତୀ ମୃତ୍ୟୁ ପାଇଁ ଅପବାଦ ମଧ୍ୟ ମୁଣ୍ଡାଇଛି ଜିଲା। ବିଭାଗ ସୂତ୍ରରୁ ମିଳିଥିବା ପରିସଂଖ୍ୟାନରୁ ଗତ ୫ବର୍ଷ ମଧ୍ୟରେ ଜିଲାରେ ବିଭିନ୍ନ କାରଣରୁ ୭୪ ହାତୀ ପ୍ରାଣ ହରାଇଛନ୍ତି। ସେମାନଙ୍କ ମଧ୍ୟରୁ କେବଳ ବିଦ୍ୟୁତ୍ ସଂସ୍ପର୍ଶଜନିତ ମୃତ୍ୟୁ ହେଉଛି ୧୭। ଏହି ସମୟ ମଧ୍ୟରେ ହାତୀ ଆକ୍ରମଣରେ ୯୨ଜଣଙ୍କ ଜୀବନ ଯାଇଛି। ସରକାରୀ ରିପୋର୍ଟରେ ଜିଲାର ହାତୀ ସଂଖ୍ୟା ୧୭୪ କୁହାଯାଉଛି। ହେଲେ ଝାଡ଼ଖଣ୍ଡ, ଚନ୍ଦକା, ଯାଜପୁର, କେନ୍ଦୁଝର ଜିଲାରୁ ହାତୀଙ୍କ ପ୍ରବେଶପରେ ଏହି ସଂଖ୍ୟା ୩୦୦ ଟପିଛି। ଜାତୀୟ ରାଜପଥରେ ହାତୀଙ୍କ ଉପସ୍ଥିତି ଯୋଗୁ ଯାତାୟାତ ବାଧାପ୍ରାପ୍ତ ହେଉଛି।

ଅପରପକ୍ଷେ ସରକାରୀ ଭାବେ ହାତୀକୁ ମିଳିଛି ଜାତୀୟ ଐତିହ୍ୟ ପ୍ରାଣୀର ମାନ୍ୟତା। ହେଲେ ଏପରି ବୃହତ୍‌କାୟ ଜୀବଙ୍କ ସୁରକ୍ଷା ଦିଗରେ କୌଣସି ସ୍ଥାୟୀ ଯୋଜନା ହୋଇପାରିନାହିଁ। ଅଧିକାରୀମାନେ କାଗଜକଲମ ଚାଷ କରୁଥିବାବେଳେ ସରକାର ମଧ୍ୟ ହାତବାନ୍ଧି ବସିଛନ୍ତି । ବନ ବିଭାଗ, ବିଦ୍ୟୁତ୍ ବିଭାଗ, ଜଳସେଚନ ବିଭାଗ, ରେଲୱେ ବିଭାଗ ଏବଂ ଜିଲା ପ୍ରଶାସନ ମଧ୍ୟରେ ସମନ୍ୱୟର ଅଭାବ ଢେଙ୍କାନାଳ ଜିଲାରେ ହାତୀମୃତ୍ୟୁର ପ୍ରମୁଖ କାରଣ ବୋଲି ପରିବେଶବିତ୍‌ମାନେ କହିଛନ୍ତି।





### ସର୍କିଟ୍‌ବ୍ରେକରକୁ ନେଇ ସନ୍ଦେହ

୧୧କେଭି ବିଦ୍ୟୁତ୍ ସରବରାହ ବେଳେ ସର୍କିଟ୍‌ବ୍ରେକର ଲଗାଯିବା ନିୟମ ରହିଛି, ଯଦ୍ୱାରା କୌଣସି ଅଘଟଣ ଘଟି ସର୍କିଟବ୍ରେକର ମାଧ୍ୟମରେ ସ୍ୱତଃ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯିବ। ହେଲେ ଉକ୍ତ ଅଞ୍ଚଳକୁ ଯୋଗାଣ ହୋଇଥିବା ୧୧କେଭି ସରବରାହ ସ୍ଥାନରେ ସର୍କିଟବ୍ରେକର ଲାଗିଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଯଦି ସର୍କିଟବ୍ରେକର ଲାଗିଥାଏ ତେବେ ତାହା ଠିକ୍ ସମୟରେ କାର୍ଯ୍ୟ କରି ନ ଥିବ, ଯାହା ତଦନ୍ତସାପେକ୍ଷ।

### ଲକ୍ଷ୍ମୀପୂଜା ବେଳେ ହାତୀ ମୃତ୍ୟୁ ଦୁଃଖଦାୟକ



ଏହି ଘଟଣା ଅତ୍ୟନ୍ତ ଦୁଃଖଦାୟକ । ଗଜଲକ୍ଷ୍ମୀ ପୂଜା ଚାଲିଥିବାବେଳେ ମା' ଲକ୍ଷ୍ମୀଙ୍କ ସହ ଗଜରାଜଙ୍କୁ ମଧ୍ୟ ପୂଜା କରାଯାଇଥାଏ। ଏକାଥରକେ ୭ହାତୀଙ୍କ ମୃତ୍ୟୁ କଷ୍ଟଦାୟକ। ଏତେ ତଳେ ତାର ଟଣାଯିବା ଠିକ୍ ନୁହେଁ।

**-ସୁଜାତା ବାରିକ,କମଳାଙ୍ଗ**

### ଜାଣିଶୁଣି ମାରିଦେଲେ



ଅଞ୍ଚଳରେ ୭ ହାତୀ ମରିବା ଘଟଣାରେ ଅଞ୍ଚଳବାସୀ ଦୁଃଖିତ। କମ୍ ଉଚ୍ଚାରେ ବିଦ୍ୟୁତ୍ ତାର ଟାଣି ଜାଣିଶୁଣି ହାତୀଙ୍କୁ ମାରିଦେଲେ। ହାତୀଙ୍କୁ ଲକ୍ଷ୍ମୀଙ୍କ ସ୍ୱରୂପ ଭାବେ ପୂଜା କରାଯାଇଥାଏ। ହାତୀଙ୍କ ମୃତ୍ୟୁପରେ ମୃତଦେହରେ ଫୁଲ, ଚନ୍ଦନ, ସିନ୍ଦୂର ଲଗାଇ ଲୁହ ଛଳଛଳ ହୋଇ ବନ୍ଦାପନା କରିଛୁ।

**-ଉଚ୍ଛେଇ ଭୂତିଆ, ଅଚଳକୋଟ**

### ଏମିତି ଘଟଣା କେବେ ଶୁଣି ନ ଥିଲି



ଗୋଟିଏ, ଦୁଇଟି ହାତୀ ମୃତ୍ୟୁ ଶୁଣିଥିଲି। ହେଲେ ଏକା ସାଙ୍ଗରେ ୭ ହାତୀ ମରିବାର କେବେ ଶୁଣି ନ ଥିଲି। ବହୁତ ଦୁଃଖ ଲାଗୁଛି। ଛୋଟ ହାତୀ ଛୁଆଟି ମା' ସହ ମରିପଡ଼ିଥିବା ଦେଖିଲେ ଯେ କେହି ବି ନ କାନ୍ଦି ରହିପାରିବନି।

**-ଗୋଲାପ ସାହୁ, କମଳାଙ୍ଗ**

### ବିରାଟ କ୍ଷତି



ଏହା ଅତ୍ୟନ୍ତ ଦୁଃଖଦ ଘଟଣା। କାରଣ ଯାହା ବି ହେଉ, ଏତେ ସଂଖ୍ୟାରେ ହାତୀଙ୍କ ମୃତ୍ୟୁ ପରିବେଶ ପାଇଁ ଏକ ବିରାଟ କ୍ଷତି । କାରଣ ସବୁଜିମା ସୃଷ୍ଟି କରିବାରେ ହାତୀଙ୍କ ଅବଦାନ ଅତୁଳନୀୟ। ଢେଙ୍କାନାଳ ଇତିହାସରେ ଏପରି ହାତୀମୃତ୍ୟୁ କେବେ ହୋଇ ନ ଥିଲା।

**-ଦୀପ୍ତିମୟୀ ଲେଙ୍କା ପରିବେଶବିତ୍**

ରିପୋର୍ଟ: ଦୀନେଶ ଦାସ,ରତନ ନାୟାର,ଅସମାପିକା ସାହୁ




## BRIDE WANTED

Divorcee groom Teacher 42, Bank 31, Doctor 39+. Samadhan: 8594926181. D-65040

ଗୋପାଳ ଜାତିର ସରକାରୀ ଚାକିରିଆ ପୁଅ ପାଇଁ ଉପଯୁକ୍ତ ଝିଅ ଦରକାର। 9668769404, 7 6 5 6 9 9 4 3 6 3 , 9937997962. D-9010

Tanti groom Infosys 28+, Bank 31, TCS 29. Samadhan: 8594926181. D-65041

## GROOM WANTED

Chingudi factoryରେ Manager ଥିବା 44 ବର୍ଷ ଝିଅ ପାଇଁ ଭଲ ଘରର ବରପାତ୍ର ଆବଶ୍ୟକ।7438025836.D-9023

Bengali Weaver, fair complexion girl, 5'1"/ 25 yrs, M.Sc Biotechnology, serving at Mumbai. 8093807287, 9438414924. D-9034

Gopal bride SBI 26+, Infosys 28, TCS 25. Samadhan. 8594926181. D-65039

Divorcee bride Bank 39, Railway 32 (Caste-no-bar). 7873374269. D-65042

Wanted Karan boy for my daughter fair, 5'4", slim, 26, 16/7 M.Tech Civil BPUT engaged private Engg. College, Govt./ PSU preferred. 9861216162. D-9041

Beautiful & sober Khandayat bride 1981, 5'4", MA (Pol. Science) required suitable proposals. Contact: 9348243488. D-64906




## SALE

JCB Machine Excavators 22T, 20T, 12T, 10T, 8T & loader- 2dX, 3dX, JCB Compactor, JCB loadall available for sale and hire. Contact immediately: 9 5 5 6 2 4 0 2 2 8 , 9937292015. email: kttbbsr@gmail.com. D-9047

Indigo, Verito, Innova, Tata ACE, Maximo Dala passenger, Swift Dzire, Bolero Plus. 9853020992. D-63394

46,000km. run July 2014 Swift Dizire ZXI white colour. 9437284700. D-9059

Commando Bike, new condition one/ half year, 2500 km. 8249241475. D-9076

White colour Bolero Plus 2017 (October) 54000 km. run, silve colour Bolero plus 2016 (August) 62000 km. run. 9937853681, 9438020839. D-9096




## SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

Fully developed gharabari plot sale Ghangapatna near Sum Hospital IIIT 100" road side internal road- 30". 9438331183, 8238902929. D-64356

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9 3 4 8 2 5 3 4 6 3 , 8908292617.** D-9085

Litigation free plots near Xavier University backside BDA Zone, Bhubaneswar. Sqft.-250/-, 160/-. 9337259012, 9937746907. D-64343

Required 50 acres to 200 acres of agriculture land in Odisha. Genuine sellers may contact: 9099022600. D-64200

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs. 32 lakhs, Contact -9937059891, 9 3 4 8 2 5 3 4 6 3 , 8908292617.** D-9084

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

ଭୁବନେଶ୍ୱର– ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

Readymade 3BHK new flat at BJB Nagar, no tax, immediate registration. 9439716901 (Broker Excuse). D-65133

ପଟିଆ। KIIS College ପଛପଟେ ଘରବାରି ପ୍ଲଟ୍ boundary wall ସହିତ ମିଳୁଛି। ସୁବାସ: 9439899918. D-9043

1BHK, studio apartment at Mangalahat Square, Puri (Immediate rent after possession). Mobile: 9040089501, 9040089507. D-63396

2100 sft. homestead land immediate sale Hanspal, NH-5, Bhubaneswar. Contact Deepak: 9937329999 (Conditions apply). D-64524

Litigation free plots sale near Indus College, Sundarpada (Bhubaneswar). 9114307240. D-64355

1R, 1BR, 2BR, 3BR apartment/ flats Tankapaniroad near Sai Temple 10 lakhs to 35 lakhs. 9776080988, 9238361409. D-63921

3500 sft. homestead land sale Bhimatangi, Old Town, Bhubaneswar. Directly Contact Deepak: 9937329999. (Conditions apply). D-64526

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64349

ପଟିଆ। KIIS College ପଛପଟେ ଘରବାରି ପ୍ଲଟ୍ boundary wall ସହିତ ମିଳୁଛି। ସୁବାସ: 9439899918. D-9043

Behind S.P. Office plot 1500 sqft. (only SC), 60,000,00. 9438389968. D-9090

Bhubaneswar AIIMS Hospital, DOON School 30' road gharabari possession plot. 9438763122. D-64707

**A luxurious 3BHK flat at Tata Ariana, Bhubaneswar for sale. Contact: 9337413323, 9437313522.** D-64905

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 900 ମିଟର 1200କୁ 1,80,000/- ପ୍ରତାପ ନଗରୀ ଧାକୁଲେଇ ପୀଠରୁ ଅଳ୍ପ ଦୂରତାରେ 1200କୁ 2,10,000/- outrightରେ ମିଳୁଛି। 9776934361, 9938177361. D-64346

Book a duplex at Bharatpur, close to Studio Chhak, land area 1000 sqft., built up area 1800 sqft. with 30 feet black top road facing. Cost- 80 lakhs including all: 9937560970. D-64525

Bunaglow at Damana Square behind Clubtown Apartment, land area 1600 sqft., construction 2400 sqft. Contact: 7978906474, 9 0 9 0 9 6 8 8 9 4 , 9090959351. D-9102

One BHK flat for sale near Seabeach, Puri with modern facilities. Contact: 0674-2561050, 8260011011. D-8871

କଟକର ଶୌଚ୍ୱାରଠାରୁ 7 km. ଦୂରତାରେ sqft. 40 ଟଙ୍କାରେ ଜମି ମିଳୁଛି। 8327791490, 7537909084. D-9086

Booking simplex 2BHK 1200 sqft., Tankapani Road Sai temple 26,19,000/-. 7735738102. D-9091

Independent Bungalow at Krupajal Engineering College near Uttara Square, land area 1500 sqft., construction 2300 sqft. Contact: 7978906474, 9 0 9 0 9 6 8 8 9 4 , 9090959351. D-9103

One acre converted land with boundary out house road side near Athgarh. 9437284700. D-9094

2BHK apartment flat near Lewis Road, Garage Chhak, Bhubaneswar, buyer 8328890345.D-63862

Duplex core house ranging Rs. 95,00,000/- land area 2000 sqft., construction 2800 sqft. 4BHK at Pokhariput, Bhubaneswar. Contact: 9861125539, 9040521173. D-63398

3BHK flats for sale at IRC Village. Contact: 7978906474, 9 0 9 0 9 6 8 8 9 4 , 9090959351. D-9101

Land for sale Vastu rectified land, scaled farmhouse with house, pond, garden, pump house measuring Ac 1.10 dec+ well connected land available for sale near Phulnakhara- Niali Highway, 17km. from the heart of Bhubaneswar. Contact: 9090744068.D-9112

Premium mini farm house plots for sale: Premium plots of 8000-10000 sqft. being developed, adjacent to National Highway for sale. Straight drive from Bhubaneswar. Ideal for personal farms houses. High water table, surrounded by greenery and hills, 30 ft. access road. Close proximity to electricity lines. Single owner, completely legal, sthitiban, easily convertible to gharabari. NH on Ugratara Mandir road, Bhusandpur. Parties interested call: 9899598503. D-9120

Book 3BHK duplex house Jagamara, Bhubaneswar having land area 1260 sqft. and 1900 construction area. Price 77 lakh, Bank finance available. 7504392698. D-65136




Prabhakar construction complete finishing building 1350/- semifinished 1150/-. 9437025258, 9437484711. D-8967

Construct your building in finished house contact: 9937064680. D-27282

**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & architect plan– SMPL: 9439483779.** D-9082

For construction of residential commercial building. Please. Contact: 7008268129, 9439143273. D-62132

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64353




3BHK marbled flat at Unit-8 Soubhagya Nagar main road. Contact: 9000004523. D-64904

Godown/ office suitable premises available, Mancheswar, Bhubaneswar. Ground floor. 8763802787. D-63860

Bhubaneswar, BJB Nagar, 3000 sqft. office accommodation available. Contact: 9438194381. D-63859

30,000 sft. vacant land for rent for all commercial purpose near Dhauli. Contact: 8917576258. D-9016

3000 sqft. residential fully furnished with ceilling fan ground and first floor at Saileshreevihar near Jagannath Temple suitable for Bank,Tutorials, Reliance Fresh, boys or girls hostel. Contact: 7205883949. D-9019

Boys Hostel near Rasulgarh, Bhubaneswar. Bed type. 8249241475. D-9077

2BHK, dining, drawing independent house in Bajrangvihar, Patia, Bhubaneswar. Contact: 9866123690. D-65101

3BR, dining, drawing, ground floor Tankapani road, Jagannath Ashram. 9777662687. D-63920

2BHK apartment at Acropolis for family. Contact: 9437015037. D-65035

2BHK with 2 porticos, separate puja room, parking space just behind Hotel VITS on Cuttack-road 10,000/-. Contact: 9937961430. D-9043

Four Bedded House, 1st floor, three Toilets with garage available near ITER Square. Contact: 8328879500. D-9001

1BHK house first floor Brahmeswarpatna, Tankapani road, Bhubaneswar. 9338444341, 06742381585. D-63919

Flat for rent (residence) in BJB Nagar 3BR 2nd floor with Garage. Contact: 9937203178. D-62133

Sambalpur space on Mainroad, Budharaja 1500 to 2000 sqft. for Bank / Corporate / Comm. Institute/ Insurance. Contact: 8917500281, 8895617700. D-64527

Two room kitchen, toilet for family near Rabi Talkies. 9438112376.D-63397

20'-25' hall, 2 bathroom, kitchen, bedroom preferred workshop, godown, office. Contact: 9437282694, 6371046600. D-63923

2BHK, 3BHK independent house, garage, Santha Vihar, Lingipur. Owner: 9439357429. D-61028




Samal Packers Movers provide household shifting in reasonable price. 9437035016.D-63861

Shivam logistic packers movers. Household/ car relocation countrywide. 9777044177, 9338461133. D-9035




Fully refreshed/ relaxed body massage by expert therapist, Shastrinagar. 7377984773. D-64190

Rejuvenate and Ayurvedic full body massage by smart therapist. 9114402304. D-64188

Pamper yourself this Mansoon profesional massage. Contact Purple Orchid. 9776598888. D-64189

Improving your health, skincare though expert therapist, excellent offfer. 9668374480. D-65126

Singar massage club fully relaxed by expert lady also home service available. Contact: 9937637219. D-9024

Experience full body massage with us by experts. Enquiry: 7377048581. D-65128

Newly open herbal full body massage with refreshment well trained therapist. 7381239385. D-64625

Refresh your body with smart and expert therapist. Contact: 6370668486. D-65130

Herbal full body massage by smart/ expert therapist. Contact: 8338067247. D-65131

All type of full body massage by expert therapist. 7609005923. D-65132

Newly opening ayurvedic body massage smart therapist, Shree herbal. 7750020754. D-65134

Newly open ayurvedic full body massage ladies & gents. 8117033493. D-65038

Sonali ayuvedic full body massage/ smart lady expert therapist best facility. 9661643016, 9006760945, 9631368840, 7352469289. D-9036

Herbal body massage, relax, back joint pain treatment. 9114225221, 9437453813. D-64528

Saishree ayurvedic full body massage ladies & gents. Contact: 7438896074. D-64626

## LOST

On dated (24.09.2018) one of HDFC Bank MR Book misplaced in (DTDC courier) at Railway Station. The Book No. is- 4469505 and all receipts are unused SRS- Advisory Pvt. Ltd. 9040472346. D-63922

## AFFIDAVIT

By an affidavit sworn before the Notary Public, Bargarh, I Bibek Sharma, R/o- Sanharapara, Ward No-5, PO/Dist.- Bargarh declare that in the educational certificate my name reflected as Bibek Kumar Sharma. But Aadhaar, PAN, DL and Voter ID Card my name reflected as Bibek Sharma. That both the names is one and same person. D-62454

# ମନେ ପଡ଼ନ୍ତି

## ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ନରେନ୍ଦ୍ର କୁମାର ପ୍ରଧାନ**

ଆବିର୍ଭାବ: ତା ୧୯।୦୮।୧୯୫୮

ତିରୋଧାନ: ତା ୧୮।୧୦।୨୦୧୮

ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ। ଅନୁଗୋଳ ଜିଲ୍ଲା ଟ୍ରକ୍ ମାଲିକ ସଂଘ, ଅନୁଗୋଳ। ଅକ୍ଷୟ କୁମାର ସାମନ୍ତ, ସାଧାରଣ ସମ୍ପାଦକ, ବିଭୂତି ପ୍ରସାଦ ଦାସ, ସଭାପତି। ଧ-୯୦୮୯

## ଦ୍ୱାଦଶାହ ଉପଲକ୍ଷେ



**ଂ କୃଷ୍ଣଚନ୍ଦ୍ର ରଥ**

ଆବିର୍ଭାବ - ୦୧.୦୭.୧୯୩୬

ତିରୋଧାନ - ୧୭.୧୦.୨୦୧୮

ସର୍ଗତ କୃଷ୍ଣଚନ୍ଦ୍ର ରଥ ଆଜି ଆଉ ଇହଧାମରେ ନାହାନ୍ତି, ଏହା ବାସ୍ତବ ହେଲେ ମଧ୍ୟ ଅବିଶ୍ୱସନୀୟ ସେ ଜଣେ ଶାନ୍ତ, ସରଳ ଓ ଅମାୟିକ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ସେ ଏକ ଧାର୍ମିକ ଓ ସାବଲମ୍ବୀ ଏବଂ ଆଦର୍ଶ ଶିକ୍ଷକ ଓ ପ୍ରସିଦ୍ଧ ସାହିତ୍ୟିକ ଥିଲେ। ଗତ ୧୭ ତାରିଖ ବୁଧବାର ଅଷ୍ଟମୀ ତିଥିରେ ରାତ୍ର ପ୍ରାୟ ୧୧.୪୫ ମିନିଟ୍‌ରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ :- ଧର୍ମପତ୍ନୀ- ପା ।କି, ପୁତ୍ର- ଗଜ୍ଜୁ, ବୋହୂ- ବିଜୁ, ଝିଅଜ୍ୱାଇଁ- ରୀତା, ମିତା, ସର୍ବ ନାରାୟଣ, ନାତିନାତୁଣୀ- ଲିଜା, ସଞ୍ଜୀବ୍, ଲିସା, ଆଦିତ୍ୟ, ଚିକୁ, ଭକ୍ତ, ଆଶିଷ, ପିଙ୍କୁ, ଆଇଶ୍, ଖୁସି, ପିନ୍ଟୁ, ଆନି, ଏବି, ଟିପି ଓ ଦୟାନିଧି, ବାବୁଲା ଓ ଝୁନୁ, କାବୁଲା ଓ ଲୁନୁ, ବସୁଲା ଓ ପିଙ୍କି ଏବଂ ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ। ଧ-୬୫୧୩୫

## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



(ରେୟାନ୍ସ)

**ବ୍ରିଜେଶ କୁମାର**

ତମାଣ୍ଡୋ, ଭୁବନେଶ୍ୱର

ଆଜିର ଏହି ଶୁଭ ଅବସରରେ ତୋର ଚଲାପଥ କୁସୁମିତ ହେଉ, ପ୍ରଭୁ ଶ୍ରୀଜଗନ୍ନାଥ ତୋତେ କୋଟି ପରମାୟୁ ଦିଅନ୍ତୁ ଏହାହିଁ କାମନା। ଶୁଭେଚ୍ଛା ସହ: ଜେଜେ-ଗୋକୁଳାନନ୍ଦ, ଜେଜେମା-ଅନସୂୟା, ବାବା-ରାକେଶ (ପପୁ), ମାମା-ସୌଦାମିନୀ (ପୂଜା), ସିଶୁଲ, ପ୍ରିୟା, ଗୁଗୁଲ, ସିଦ୍ଧି, ପ୍ରିୟାଂଶୁ, ପିହୁ, ପରୀ, ସୁଜଲ, ରିତୁ, ଓମ୍, ଶ୍ରୁତି, ଖୁସି, ଆୟୁଷ, ବାର୍ବୀ, ନେନୁ ଓ ସ୍ୱାଇଁ ପରିବାରବର୍ଗ। ଧ-୬୦୯୨୭

## ଜନ୍ମଦିନ ଶୁଭେଚ୍ଛା



(Deesha)

**Sudeepta Das**

L.I.G K4-1026, Kalinga Vihar

ଶୁଭ ଜନ୍ମଦିନ ଅବସରରେ ଭଗବାନ୍ ତୁମ ଚଲାପଥ ପୁଷ୍ପିତ କରନ୍ତୁ ଏବଂ ତୁମକୁ ନୀରୋଗ ରଖନ୍ତୁ। ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ପାପା, ମାମା, ଆଈ, ମାମୁ, ମାଇଁ, କାକୁ, ପିଉସୀ, ପିଉସା, ଲିବୁନ୍, ଡୁଗୁଲ, ସିମୁନ୍। ଧ-୯୦୬୬



## ନବମ ଜନ୍ମବାର୍ଷିକ ଶୁଭେଚ୍ଛା

**ଅନିକେତ୍ ସେଠୀ**

Plot No.- 37/2158, Jagannath Nagar, Jharpada, BBSR

ଶୁଭ ଜନ୍ମଦିନ ଅବସରରେ ପରମ ପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ତୁମକୁ ଦୀର୍ଘାୟୁ କରନ୍ତୁ ଏବଂ ଚଲାପଥ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ଜେଜେମା, ବଡବାବା, ବଡମାମା, ବାବା, ମାମା, ଭାଇ, ବନ୍ଧୁ ଓ ପରିବାରବର୍ଗ। ଧ-୯୧୦୬

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## CLASSIFIED BOOKING STATIONS

**BISHNUPRIYA COMMUNICATION**
Shop No.-5,Ground Floor, P.D Market, BBSR, Nirakar Choudhury, Mob-9338301743, 9853533237, 0674-2563259

**EUREKA ADVERTISER**
N-6/259, IRC Village,Nayapali, BBSR, Nihar Ranjan Mohanty, Ph:0674-2360820, 9337111752

**ANITA ADVERTISERS**
S-17, BDA Market Complex, Nilakantha Nagar, near Passport Office, Nayapalli, BBSR-12, Chinmaya Choudhury, Ph: 9338991113, 9861678764, 0674-2564277

**MAA TARINI COMMUNICATION**
Plot No.-1450, IRCVillage, Infront of Travancore Bank, BBSR, Susanta Nanda. Mob-9437211887

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph-2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph-9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera Mob: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob:9861446268, 8763174237.

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674- 2434134, 9439353453, 9937071176.

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

**MAHADEV REALESTATE CONSULTANCY**
A/M-16, Phase-I, Bhimtangi, Old Town, BBSR, Prabas Ku. Sundaray, Ph:0674- 2590575, 9937064680

**MAHALAXMI VARIETY STORE**
Badagada Brit Colony, J. K. Panigrahy, Mob : 9437941222

**KANAN COMPUTERS**
Samantrapur, Ramakanta Sasmal, Mob : 9437439164

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**MAA SARALA ENTERPRISERS**
N-5/37, Nayapalli, BBSR, Tushar Pattnaik, 8018202611, 9937017279.

**STUDIO MUNNA PHOTOGRAPHY**
N-6, 311, IRC Village, Nayapalli, BBSR, Chitta Ranjan Patra, Mob-9337180581, 9124380581

| | | |
|---|---|---|
| Dollar | 73.47 | 20 |
| Sensex | 33,349.31 | 340.78 |
| Nifty | 10,030.00 | 94.90 |
| Gold | 32,550.00 | ₹ 40 |
| Silver | 39,600.00 | ₹ 100 |

"ଟେଲିକମ୍ ଗିୟର ନିର୍ମାତା କମ୍ପାନୀଗୁଡିକ ଦେଶରେ ୪ ହଜାର କୋଟି ଟଙ୍କାର ନିବେଶ ଲାଗି ପ୍ରସ୍ତାବ ଦେଇଛନ୍ତି ।
– ମନୋଜ ସିହ୍ନା, ଟେଲିକମ୍ ମନ୍ତ୍ରୀ



"ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ପ୍ରଡକ୍ଟଗୁଡିକର ଚାହିଦା ବୃଦ୍ଧି ହେଉଥିବାରୁ ଏହା ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରୁଛୁ।
– ପି.ସଞ୍ଜୀବ, ଉପସଭାପତି ହାୱାଇ ଇଣ୍ଡିଆ



## ସଂକ୍ଷେପରେ

### ମୁକେଶଙ୍କ ସମ୍ପତ୍ତି ଗୁଜରାଟର ୫୮ ଧନୀଙ୍କଠାରୁ ଅଧିକ

**ନୂଆଦିଲ୍ଲୀ,୨୭-୧୦:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ମାଲିକ ମୁକେଶ ଅମ୍ବାନୀ ସମ୍ପତ୍ତି ମାମଲାରେ ରେକର୍ଡ ପରେ ରେକର୍ଡ କରିଚାଲିଛନ୍ତି। ବିତ୍ତଶାଳୀଙ୍କ ସଂଖ୍ୟାରେ ଗୁଜରାଟ୍ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। କିନ୍ତୁ ଗୁଜରାଟର ୫୮ ବିତ୍ତଶାଳୀଙ୍କ ମୋଟ୍ ସମ୍ପତ୍ତି ପରିମାଣ ଯେତେ, ମୁକେଶଙ୍କ ସମ୍ପତ୍ତି ତା'ଠାରୁ ବହୁଗୁଣ ଅଧିକ ବୋଲି ଜଣାପଡିଛି। ଗୁଜରାଟର ୫୮ ଧନୀଙ୍କ ନିକଟରେ ମୋଟ ୨.୫୪ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ରହିଥିବା ବେଳେ ମୁକେଶଙ୍କ ନିକଟରେ ୩.୭୧ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ରହିଛି। ହୁରୁନ ଇଣ୍ଡିଆ ଧନୀ ତାଲିକାରେ ମୁକେଶ କ୍ରମାଗତ ୭ମ ଥର ଦେଶର ସର୍ବବୃହତ ଧନୀ ଭାବେ ପରିଗଣିତ ହୋଇଛନ୍ତି। ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନୀ ୭୧,୨୦୦ କୋଟି ଟଙ୍କାର ସମ୍ପତ୍ତି ସହ ଗୁଜରାଟର ଶୀର୍ଷ ଧନୀ ଭାବେ ଉଭା ହୋଇଛନ୍ତି। ୩୨,୧୦୦ କୋଟି ଟଙ୍କାର ସମ୍ପତ୍ତି ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଜାଇଡସ୍ ଗ୍ରୁପ୍‌ର ପଙ୍କଜ ପଟେଲ।

### ଭବିଷ୍ୟତରେ ତ୍ରିସ୍ତରୀୟ ହେବ ଜିଏସ୍‌ଟି:ଦେବରଏ

**ନୂଆଦିଲ୍ଲୀ,୨୭-୧୦:** ଦେଶରେ ଏବେ ୪ ସ୍ତର ବିଶିଷ୍ଟ ଜିଏସ୍‌ଟି ବ୍ୟବସ୍ଥା ରହିଛି। ଭବିଷ୍ୟତରେ ଏହା ୩ ସ୍ତରୀୟ ହେବ। ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ଉପଦେଷ୍ଟା ପରିଷଦର ଅଧ୍ୟକ୍ଷ ବିବେକ ଦେବରଏ ଏହା ପ୍ରକାଶ କରିଛନ୍ତି। ସେଣ୍ଟ୍ରାଲ ବୋର୍ଡ ଅଫ୍ ଏକ୍ସାଇଜ ଆଣ୍ଡ୍ କଷ୍ଟମ୍ସର ପୂର୍ବତନ ଅଧ୍ୟକ୍ଷ ସୁମିତ ଦତ୍ତ ମଜୁମଦାରଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଜିଏସ୍‌ଟି ଏକ୍ସପ୍ଲେଣ୍ଡ ଫର୍ କମନ ମାନ୍' ଉନ୍ମୋଚନ ଉତ୍ସବରେ ଯୋଗ ଦେଇ ଦେବରଏ କହିଛନ୍ତି ଯେ, ବିଶ୍ୱର ମାତ୍ର ୨/୩ଟି ଦେଶ ଏକାଧିକ ଟିକସ ବ୍ୟବସ୍ଥାକୁ ପ୍ରତ୍ୟାହାର କରି ଜିଏସ୍‌ଟିକୁ ଲାଗୁ କରିଛନ୍ତି। ସେ କହିଛନ୍ତି ଯେ, ଭାରତ ବ୍ୟତୀତ କାନାଡା ଏବଂ ଅଷ୍ଟ୍ରେଲିଆ ଜିଏସ୍‌ଟି ଲାଗୁ କରିଛନ୍ତି। ଅଷ୍ଟ୍ରେଲିଆରେ ଦୁଇ ପ୍ରକାର ଜିଏସ୍‌ଟି ଲାଗୁ ହୋଇଛି।

■ କେନ୍ଦ୍ରକୁ ବିରାଳଙ୍କ ଚେତାବନୀ

# ଆରବିଆଇ ସ୍ୱାୟତ୍ତତାରେ ହସ୍ତକ୍ଷେପ ବନ୍ଦ ହେବା ଦରକାର



- ସରକାର ଟି-୨୦, ଆର୍‌ବିଆଇ ଟେଷ୍ଟ ମ୍ୟାଚ୍ ଖେଳନ୍ତି
- କେନ୍ଦ୍ରୀୟ ବ୍ୟାଙ୍କର ସ୍ୱାଧୀନତାକୁ ଅଣଦେଖା କଲେ ପରିଣତି ଭୟଙ୍କର
- ଆର୍‌ବିଆଇକୁ ଅଧିକ କ୍ଷମତା ମିଳିବା ଆବଶ୍ୟକ

ମୁମ୍ବାଇ,୨୭-୧୦

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ସ୍ୱାୟତ୍ତତା ନେଇ ସ୍ୱର ଉତ୍ତୋଳନ କରିଛନ୍ତି ଡେପୁଟି ଗଭର୍ନର ଭିରାଲ ଆଚାର୍ଯ୍ୟ। କେନ୍ଦ୍ରୀୟ ବ୍ୟାଙ୍କକୁ ଅଧିକ ସ୍ୱାୟତ୍ତତା ମିଳିବା ଆବଶ୍ୟକ ବୋଲି ସେ ଜୋର୍ ଦେଇଛନ୍ତି। ଆର୍‌ବିଆଇର ସ୍ୱାୟତ୍ତତାରେ ହସ୍ତକ୍ଷେପ ବନ୍ଦ ହେଉ ବୋଲି ସେ ପରାମର୍ଶ ଦେଇଛନ୍ତି। ନଚେତ୍ ଦେଶ ଭୟଙ୍କର ଆର୍ଥିକ ବିପଦର ସମ୍ମୁଖୀନ ହେବ ବୋଲି ସେ ଚେତାବନୀ ଶୁଣାଇଛନ୍ତି।

ଏ.ଡି.ଶ୍ରଫ୍ ମେମୋରିଆଲ ଲେକଚର୍‌ରେ ଉଦ୍‌ବୋଧନ ଦେଇ ରିଜର୍ଭ ବ୍ୟାଙ୍କ ଡେପୁଟି ଗଭର୍ନର ଆଚାର୍ଯ୍ୟ କହିଛନ୍ତି ଯେ, କେନ୍ଦ୍ର ସରକାର ଟି-୨୦ ମ୍ୟାଚ୍ ଭଳି ସ୍ୱଳ୍ପଦୃଷ୍ଟି ନେଇ ଆର୍ଥିକ ନୀତି ପ୍ରଣୟନ କରୁଛନ୍ତି। କିନ୍ତୁ ରିଜର୍ଭ ବ୍ୟାଙ୍କ ଟେଷ୍ଟ ମ୍ୟାଚ୍ ଭଳି ଦୂରଦୃଷ୍ଟି ନେଇ ଆଗେଇଥାଆନ୍ତି। ସରକାରଙ୍କ ଏପରି ପଦକ୍ଷେପ ଅର୍ଥନୀତିକୁ ଧ୍ୱଂସ କରିପାରେ। ଉଲ୍ଲେଖଥାଉ କି, ଆଚାର୍ଯ୍ୟଙ୍କ ଏପରି ମନ୍ତବ୍ୟ ଯୋଗୁ ଏବେ କେନ୍ଦ୍ର ସରକାରଙ୍କ ପ୍ରତି ଅଙ୍ଗୁଳି ଉଠିପାରେ। କାରଣ ଅନ୍ୟ ଏକ ସ୍ୱାଧୀନ ସଂସ୍ଥା ସିବିଆଇରେ କେନ୍ଦ୍ରର ଅଯଥା ହସ୍ତକ୍ଷେପକୁ ନେଇ ଦେଶରେ ଏବେ ରାଜନୈତିକ ଝଡ ସୃଷ୍ଟି ହୋଇଛି। ଏହି କାରଣରୁ ସିବିଆଇର ଦୁଇ ଶୀର୍ଷ ଅଧିକାରୀ ଏବେ ମୁହାଁମୁହିଁ ହୋଇଛନ୍ତି। ସିବିଆଇ ବସ୍ତୁତଃ ଦୁଇଟି ଗୋଷ୍ଠୀରେ ପରିଣତ ହୋଇଛି। ଏଭଳି ଏକ ସମୟରେ ଡେପୁଟି ଗଭର୍ନରଙ୍କ ମନ୍ତବ୍ୟ ଦେଶର ରାଜନୀତିକୁ ବେଶ ସରଗରମ କରିବ ଏଥିରେ ସନ୍ଦେହ ନାହିଁ। ଭିରାଲ କହିଛନ୍ତି ଯେ, କେନ୍ଦ୍ରୀୟ ବ୍ୟାଙ୍କର ସ୍ୱାୟତ୍ତତାକୁ ଯେଉଁ ସରକାର ସମ୍ମାନ ନ ଜଣାଇବେ, ତାଙ୍କୁ ବିଳମ୍ବରେ ହେଉ ପଛେ ଆର୍ଥିକ ବଜାରର ଅସନ୍ତୋଷ ସହିବାକୁ ପଡିବ। ମହତ୍ତ୍ୱପୂର୍ଣ୍ଣ ନିୟନ୍ତ୍ରକଙ୍କୁ ଅଣଦେଖା କରିବା ଭୟଙ୍କର ହୋଇପାରେ। କେନ୍ଦ୍ରୀୟ ବ୍ୟାଙ୍କକୁ ଅଧିକ ସ୍ୱାୟତ୍ତତା ଦିଆଗଲେ ଅନେକ ଫାଇଦା ମିଳିବ। ଯେପରି କି ବ୍ୟାଙ୍କଗୁଡିକର ଋଣ ବ୍ୟୟ କମିବ, ଅନ୍ତରାଷ୍ଟ୍ରୀୟ ନିବେଶ ବଢ଼ିବ ଏବଂ ସେମାନେ ଦୀର୍ଘଦିନ ଧରି ତିଷ୍ଠି ରହିପାରିବେ। ସେ କହିଛନ୍ତି ଯେ, ଦେଶରେ ବର୍ଷ ଯାକ ନିର୍ବାଚନ ହେଉଛି। ନିର୍ବାଚନୀ ଘୋଷଣାପତ୍ର ପାଳନ କରିବାର ବାଧ୍ୟବାଧକତା ସରକାରଙ୍କ ଉପରେ ନ୍ୟସ୍ତ ରହିଛି। ଏଣୁ ଏହାକୁ ଲାଗୁ କରିବା ଲାଗି ସରକାର ତ୍ୱରିତ୍ ପଦକ୍ଷେପ ନିଅନ୍ତି। ଏହାକୁ ଆମେ ଟି-୨୦ ମ୍ୟାଚ୍ କହିପାରିବା। ଅନ୍ୟପକ୍ଷରେ ରିଜର୍ଭ ବ୍ୟାଙ୍କ ଦୀର୍ଘକାଳୀନ ପଦକ୍ଷେପ ନେଇ ନୀତି ଘୋଷଣା କରନ୍ତି ଏବଂ ସେହି ରାସ୍ତାରେ ଆଗେଇ ଚାଲନ୍ତି। ଏଣୁ ଏହାକୁ ଟେଷ୍ଟ ମ୍ୟାଚ୍ କୁହାଯାଇପାରେ। ଟେଷ୍ଟ ମ୍ୟାଚ୍‌ରେ ଯେପରି ଗୋଟିଏ ସେସନ୍ ପରେ ରଣନୀତି ବଦଳେ ରିଜର୍ଭ ବ୍ୟାଙ୍କ ମଧ୍ୟ ପରିସ୍ଥିତିକୁ ଅନୁଧ୍ୟାନ କରି ନିଜର ରଣନୀତି ବଦଳାଇଥାନ୍ତି ବୋଲି ଭିରାଲ କହିଛନ୍ତି। ସୁଧ ହାର ହ୍ରାସ ସମ୍ପର୍କରେ ଉଲ୍ଲେଖ କରି ଡେପୁଟି ଗଭର୍ନର କହିଛନ୍ତି ଯେ, ଏହାକୁ ଅଧିକ ହ୍ରାସ କଲେ ଋଣ ପରିମାଣ ବଢ଼ିବ। ଫଳରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇବ। ଏହା ଦେଶର ଅର୍ଥନୀତି ପାଇଁ ବିପଦ ହେବ। ସରକାରଙ୍କ ସ୍ୱଳ୍ପ ଅବଧିର ପଦକ୍ଷେପ ଦେଶର ଅର୍ଥନୀତି ବୃଦ୍ଧିରେ ସହାୟକ ହୋଇଥାଏ ସତ, କିନ୍ତୁ ଦୀର୍ଘକାଳୀନ ଭିତ୍ତିରେ ଏହାର କୁପ୍ରଭାବ ପଡିଥାଏ। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ନିୟନ୍ତ୍ରଣ କରିବା ଲାଗି କେନ୍ଦ୍ରୀୟ ବ୍ୟାଙ୍କକୁ ଅଧିକ କ୍ଷମତା ଦେବା ଆବଶ୍ୟକ ବୋଲି ଭିରାଲ ଯୁକ୍ତି ବାଢ଼ିଛନ୍ତି। ଅଧିକାଂଶ ଆର୍ଥିକ ନୀତିକୁ କେନ୍ଦ୍ରୀୟ ବ୍ୟାଙ୍କର କ୍ଷମତା ପରିସରରୁ ବାଦ୍ ଦେଲେ ଏହାର ଭୟଙ୍କର ଆର୍ଥିକ ପରିଣାମ ଭୋଗିବାକୁ ପଡିବ ବୋଲି ସେ ସତର୍କ କରାଇ ଦେଇଛନ୍ତି। ଘରୋଇ ବ୍ୟାଙ୍କକୁ ଛାଡିଦେଲେ ସମ୍ପତ୍ତି ସ୍ଥାନାନ୍ତର, ମ୍ୟାନେଜମେଣ୍ଟରେ ପରିବର୍ତ୍ତନ, ଲାଇସେନ୍ସ ପ୍ରତ୍ୟାହାର, ସମାଧାନ ପଦକ୍ଷେପ ଆଦି କ୍ଷେତ୍ରରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ବିରୋଧରେ ପଦକ୍ଷେପ ନେବା ପାଇଁ ରିଜର୍ଭ ବ୍ୟାଙ୍କକୁ କ୍ଷମତା ମିଳୁ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାର ରିଜର୍ଭ ବ୍ୟାଙ୍କଠାରୁ କ୍ଷମତା କାଢ଼ିନେଇ ପେମେଣ୍ଟ ଆଣ୍ଡ ସେଟେଲମେଣ୍ଟ ସିଷ୍ଟମ ପାଇଁ ଆଉ ଏକ ନିୟନ୍ତ୍ରକ ଗଠନ କରିବାକୁ ଉଦ୍ୟମ କରୁଥିବାରୁ ଏହା ଚିନ୍ତାର ବିଷୟ ବୋଲି ଆଚାର୍ଯ୍ୟ କହିଛନ୍ତି।

## ସେଣ୍ଟ୍ରାଲର ଫେଷ୍ଟିଭ୍ କଲେକ୍ସନ

ଭୁବନେଶ୍ୱର,୨୭-୧୦



ପ୍ରମୁଖ ଫ୍ୟାଶନ ଡେଷ୍ଟିନେଶନ ସେଣ୍ଟ୍ରାଲ ପକ୍ଷରୁ ଆକର୍ଷଣୀୟ ଫେଷ୍ଟିଭ କଲେକ୍ସନ ଶୁଭାରମ୍ଭ ହୋଇଛି। ପୁରୁଷ , ମହିଳା ଏବଂ ପିଲାଙ୍କ ପାଇଁ ଡିଜାଇନ ହୋଇଥିବା ଫ୍ୟାଶନ ପାର୍ବଣରେ ଏକ ସ୍ୱତନ୍ତ୍ର ଆଉଟଫିଟ ହୋଇ ପାରିବ। ଆଜିର ପୀଢ଼ିକୁ ଧ୍ୟାନରେ ରଖି ସେଣ୍ଟ୍ରାଲ ପକ୍ଷରୁ ବିଭିନ୍ନ କଲେକ୍ସନ ବଜାରକୁ ଆସୁଛି। ଏଠାରେ ପ୍ରାୟ ୫୦୦ ବ୍ରାଣ୍ଡ ଉପଲବ୍ଧ ହେଉଛି। ସେଣ୍ଟ୍ରାଲ ଫେଷ୍ଟିଭ କଲେକ୍ସନର ୱାନଷ୍ଟପ୍ ସମାଧାନ ପ୍ରଦାନ କରୁଛି। ଗ୍ରାହକଙ୍କ ଆବଶ୍ୟକତା ଭିତ୍ତିରେ ସମସ୍ତ ପ୍ରକାରର ସୁବିଧା ଷ୍ଟୋରରେ ଉପଲବ୍ଧ ହେଉଛି। ସର୍ବୋତ୍ତମ ଟ୍ରେଣ୍ଡ ଏବଂ ଷ୍ଟାଇଲ ଆଧାରରେ ଫେଷ୍ଟିଭ କଲେକ୍ସନ ଡିଜାଇନ ହୋଇଥିବା ଫ୍ୟୁଚର ଲାଇଫ ଷ୍ଟାଇଲ ଫ୍ୟାଶନର ସିଇଓ ବିଷ୍ଣୁ ପ୍ରଶାଦ ସୂଚନା ଦେଇଥିଲେ।

## ଭି-ଗାର୍ଡର ନୂଆ ମିକ୍ସର ଗ୍ରାଇଣ୍ଡର

ଭୁବନେଶ୍ୱର,୨୭-୧୦

ପ୍ରମୁଖ କମ୍ପାନୀ ଭି-ଗାର୍ଡ ଭୁବନେଶ୍ୱରଠାରେ ୬ ନୂଆ ମିକ୍ସର ଗ୍ରାଇଣ୍ଡରକୁ ବଜାର ପ୍ରବେଶ କରାଇଛି। ଏଥିରେ ଗ୍ରାହକମାନେ ଆକର୍ଷକ ଡିଜାଇନ, କପର ମୋଟର, ହାଇ ଆର୍‌ପିଏମ୍ ଲାଭ କରିପାରିବେ। ଏଗୁଡିକ କମ୍ ଭୋଲଟେଜରେ ମଧ୍ୟ ଚାଲିପାରିବ। ପ୍ରଡକ୍ଟଗୁଡିକ ଉପରେ କମ୍ପାନୀ ୫ ବର୍ଷର ୱାରେଣ୍ଟି ପ୍ରଦାନ କରୁଛି। ଗ୍ରାହକଙ୍କୁ ହୋମ୍ ସର୍ଭିସ ପ୍ରଦାନ କରାଯାଇଛି। ଏହା ଓଡିଶା ଗ୍ରାହକଙ୍କ ଦ୍ୱାରା ବିଶେଷ ଭାବେ ଆଦୃତ ହୋଇ ପାରିବ ବୋଲି କମ୍ପାନୀ ସୂଚନା ପ୍ରଦାନ କରିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଉନ୍ନତ ବ୍ୟବସାୟ ନେଇ ଏହା ଆଶାବାଦି ଥିବା ସୂଚନା ଦେଇଛି।




## କେ.ଏନ ରାଧାକ୍ରିଷ୍ଣନ୍ ଟିଭିଏସ୍ ସିଇଓ

ଭୁବନେଶ୍ୱର,୨୭-୧୦

ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ କେ.ଏନ୍ ରାଧାକ୍ରିଷ୍ଣନଙ୍କୁ କମ୍ପାନୀର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ସେ କମ୍ପାନୀର ନିର୍ଦ୍ଦେଶକ ଏବଂ ସିଇଓ ପଦବୀରେ ୫ ବର୍ଷ ପାଇଁ କାର୍ଯ୍ୟ କରିବେ। ରାଧାକ୍ରିଷ୍ଣନ ୧୯୮୬ରେ ଜଣେ ମ୍ୟାନେଜମେଣ୍ଟ ଟ୍ରେନି ଭାବେ ସୁନ୍ଦରମ କ୍ଲେଟନରୁ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ଏହା ପରେ ସେ ଗ୍ରୁପର ବିଜନେସ ପ୍ଲାନିଂ ଓ ଟିକ୍ୟୁଏମ୍ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ। ଟିଭିଏସ୍ କମ୍ପାନୀରେ ୨୦୦୪ରେ ସେ ଉପସଭାପତି ଭାବେ ଯୋଗ ଦେଇଥିଲେ। ୨୦୦୮ରେ ସଭାପତି ପଦକୁ ସେ ପଦୋନ୍ନତି ଲାଭ କରିଥିଲେ। ତାଙ୍କ ନେତୃତ୍ୱରେ ଟିଭିଏସ୍ ଦେଶର ତୃତୀୟ ବଡ ଦୁଇ ଚକିଆ ଯାନ ନିର୍ମାତା ହୋଇ ପାରିଛି। ଜେଡି ପାୱାର ସର୍ଭେରେ ଏହା କ୍ରମାଗତ ତୃତୀୟ ବର୍ଷ ଲାଗି ଗ୍ରାହକ ସନ୍ତୁଷ୍ଟିରେ ଏକ ନମ୍ବର ସ୍ଥାନରେ ରହିଛି। ସେହିଭଳି ତାଙ୍କ ନେତୃତ୍ୱରେ କମ୍ପାନୀ ୬୦ ଅନ୍ତର୍ଜାତୀୟ ବଜାରକୁ ସମ୍ପ୍ରସାରିତ ହୋଇଛି। ଗୁଣାତ୍ମକ ମାନ ଗ୍ରାହକ ଆବେଗ ରଣନୀତିପୂର୍ଣ୍ଣ ଯୋଜନା ଓ ପ୍ରଯୁକ୍ତି ଉପରେ ତାଙ୍କର ବିଶେଷ ଅଭିଜ୍ଞତା ରହିଛି। ଏହି ନିଯୁକ୍ତି ନେଇ ଅତ୍ୟନ୍ତ ଖୁସି ବୋଲି ଟିଭିଏସ୍ ମୋଟର କମ୍ପାନୀର ଅଧ୍ୟକ୍ଷ ବେଣୁ ଶ୍ରୀନିବାସନ ସୂଚନା ଦେଇଛନ୍ତି।

## ସ୍ୱଚ୍ଛତା ଦିଗରେ ନାଲ୍‌କୋର ପଦକ୍ଷେପ

ଭୁବନେଶ୍ୱର,୨୭-୧୦



ସାରା ଦେଶରେ ଚାଲୁଥିବା ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମରେ ନାଲକୋ ଯୋଗଦାନ ରଖିଛି। ଅଭିନବ ଉପାୟରେ ସ୍ୱଚ୍ଛତାର ପ୍ରଚାର ଲାଗି କମ୍ପାନୀ ପଦକ୍ଷେପ ଗ୍ରହଣ କରିଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ୨୦୦ ଜରି ଗୋଟାଳିଙ୍କୁ ଗ୍ଲୋବସ, ଟିସାର୍ଟ, ମାସ୍କ, ଅର୍ଗାନିକ ସାବୁନ ଆଦି ହାଇଜିନ୍ କିଟ୍ ପ୍ରଦାନ କରାଯାଇଛି। ଅଗାମୀ ଦିନରେ ୧୦୦ ଜଣଙ୍କୁ ଏଭଳି କିଟ୍ ପ୍ରଦାନ ନେଇ ନାଲକୋ ଯୋଜନା ଧାର୍ଯ୍ୟ କରିଛି। ଜରି ଗୋଟାଳି ମାନେ ସହରର ପରିଚ୍ଛନ୍ନତା ଦିଗରେ କାର୍ଯ୍ୟ କରୁଥିବାରୁ ସେମାନଙ୍କ ଜୀବନରେ ଉନ୍ନତି ଆଣିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଉଥିବା ନାଲକୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ସୂଚନା ଦେଇଛନ୍ତି। ସେବା ପ୍ରୟାସ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସେବା ପ୍ରୟାସ ଫାଉଣ୍ଡେଶନ ପ୍ରତିଷ୍ଠାତା ଲିଙ୍କନ ସୁବୁଦ୍ଧିଙ୍କ ସମେତ କମ୍ପାନୀର ବିଭିନ୍ନ କର୍ମଚାରୀ ଉପସ୍ଥିତ ଥିଲେ।

### ୩ ବର୍ଷରେ ଇଡି ଜବତ କରିଛି ୩୩,୫୦୦ କୋଟିର ସମ୍ପତ୍ତି

ନୂଆଦିଲ୍ଲୀ,୨୭-୧୦

ପ୍ରମୁଖ କରନେଲ ସିଂହଙ୍କ ୩ ବର୍ଷର କାର୍ଯ୍ୟକାଳ ମଧ୍ୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରେକର୍ଡ ୩୩,୫୦୦ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ଋଣ ସମାଧାନ ମାମଲାରେ ୩୯୦ ଅଭିଯୋଗପର୍ଦ୍ଧ ଦାଏର କରାଯାଇଛି। ବିଦେଶୀ ମୁଦ୍ରା ଆଇନ ଉଲ୍ଲଂଘନ (ଫେମା) ଏବଂ ଦୁର୍ନୀତି ସଂକ୍ରାନ୍ତିୟ କିଛି ଗୁରୁତ୍ୱପୂର୍ଣ୍ଣ ମାମଲାର ତଦନ୍ତ ତ୍ୱରାନ୍ୱିତ କରିବାରେ ସିଂହଙ୍କ ପଦକ୍ଷେପ ପ୍ରଶଂସନୀୟ ଥିଲା। ୧୯୮୪ରେ ଆଇପିଏସ୍ ଅଧିକାରୀ ସିଂହ ୨ଜି ସ୍ପେକ୍ଟ୍ରମ, କୋଇଲା ଦୁର୍ନୀତି ମାମଲାର ତଦନ୍ତ ଦାୟିତ୍ୱକୁ ସୁଚାରୁରୂପେ ତୁଲାଇଛନ୍ତି।

## ସିଣ୍ଡିକେଟ୍ ବ୍ୟାଙ୍କର ପ୍ରତିଷ୍ଠା ଦିବସ




ଭୁବନେଶ୍ୱର,୨୭-୧୦

ସିଣ୍ଡିକେଟ୍ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ୧ ଭୁବନେଶ୍ୱର ପକ୍ଷରୁ ୯୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ଜାଗମରାସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ସେହିଭଳି ଆମ୍ରି ହସ୍ପିଟାଲ ସହାୟତାରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଅବସରରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ରତ୍ନମ. ଭି, ରାଜା କୁମାର, ଆଞ୍ଚଳିକ ପ୍ରବନ୍ଧକ କେ.ସି ଚୁଡୁ, ମଣ୍ଡଳ କାର୍ଯ୍ୟାଳୟ କୋଲକାତାର ସହାୟକ ପ୍ରବନ୍ଧକ ମୂରଲୀଧର ବେହେରା ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

## ବିଓଆଇ-ମିଲ୍କମନ୍ତ୍ରା ଚୁକ୍ତି

ଭୁବନେଶ୍ୱର,୨୭-୧୦




ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ଏନ୍‌ବିଜି ପୂର୍ବର ମହାପ୍ରବନ୍ଧକ ଅଭିଜିତ ବୋଷ ଏବଂ ମିଲ୍କ ମନ୍ତ୍ରାର ସିଏଫ୍‌ଓ କେଦାର ଚୌଧୁରୀଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଦ୍ୱାରା ଦୁଗ୍ଧ ବ୍ୟବସାୟ ସହ ଜଡିତ କୃଷକମାନଙ୍କୁ ଡାଏରୀ ଏବଂ ମିଲ୍କିଂ ମେଶିନ ନିମନ୍ତେ ଋଣ ପ୍ରଦାନ କରାଯିବ। କୃଷକଙ୍କୁ ଋଣ ପ୍ରଦାନ ନିମନ୍ତେ ବ୍ୟାଙ୍କ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ମହାପ୍ରବନ୍ଧକ ଅଭିଜିତ ବୋଷ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ଅବସରରେ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ୱାଇ.ଏନ୍ ଦ୍ୱିବେଦୀ, ଉପ ଆଞ୍ଚଳିକ ପ୍ରବନ୍ଧକ ଏସ୍. ବେହୁରା, କେନ୍ଦୁଝର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଗୁପ୍ତେରାମ ନାୟକଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ହୋମ୍ ଫର୍ନିଚର ସେଗ୍‌ମେଣ୍ଟକୁ ଭଲ ରେସ୍‌ପନ୍ସ ମିଳୁଛି

**ବିଶ୍ୱର ଫର୍ନିଚର ମାନୁଫାକଚରଙ୍କ ମଧ୍ୟରେ ଦମ୍‌ରୋ ଏକ ପ୍ରମୁଖ ନାମ। ଏହା ଉଭୟ ଆଧୁନିକ ଏବଂ ପାରମ୍ପରିକ ରେଞ୍ଜର ଫର୍ନିଚର ଯୋଗାଣ କରୁଛି। ୧୯୮୬ରେ ଶ୍ରୀଲଙ୍କାରେ ସ୍ଥାପିତ ହୋଇଥିବା କମ୍ପାନୀ ଭାରତରେ ଏହାର ସ୍ଥିତିକୁ ଦୃଢ଼ୀକରଣ କରୁଛି। ଗ୍ରାହକଙ୍କୁ ଉଚ୍ଚ ଗୁଣବତ୍ତାଯୁକ୍ତ ଫର୍ନିଚର ସୁଲଭ ମୂଲ୍ୟରେ ଏହା ପ୍ରଦାନ କରୁଛି। ଘରଠାରୁ ଅଫିସ ଭଳି ବିଭିନ୍ନ ବର୍ଗରେ ଫର୍ନିଚର ପ୍ରଡକ୍ଟ ଏହା ପ୍ରଦାନ କରୁଛି। ଗ୍ରାହକ ସେବାକୁ ପ୍ରାଥମିକତା ଦେଉଥିବା କମ୍ପାନୀ ଭୁବନେଶ୍ୱର ବାପୁଜୀ ନଗରରେ ଏହାର ନୂଆ ଶୋ'ରୁମ ଖୋଲିଛି। କମ୍ପାନୀର ଉତ୍ତର ଏବଂ ପୂର୍ବାଞ୍ଚଳ ଜେନେରାଲ ମ୍ୟାନେଜର ସୁମନ ବାଇରୀ ଧରିତ୍ରୀକୁ ଦେଇଥିବା ସାକ୍ଷାତକାର...**

◆**ପରିବର୍ତ୍ତିତ ଫର୍ନିଚର ବଜାର ଟ୍ରେଣ୍ଡକୁ କେମିତି ଦେଖୁଛନ୍ତି?**

▸▸ଏବେ ଲୋକଙ୍କ ରୁଚିରେ ଢେର ପରିବର୍ତ୍ତନ ଆସିଛି। ବିଶେଷ କରି ଗତ ୧୦ ବର୍ଷ ମଧ୍ୟରେ ସଙ୍ଗଠିତ ଫର୍ନିଚର ବଜାରରେ ଅନେକ ବ୍ରାଣ୍ଡ ପ୍ରବେଶ କରିଛନ୍ତି। ସହରାଞ୍ଚଳରେ ଲୋକଙ୍କ ଜୀବନ ଶୈଳୀରେ ଦ୍ରୁତ ପରିବର୍ତ୍ତନ ହୋଇଛି। ଯୁବବର୍ଗଙ୍କ ଚାହିଦା ବୃଦ୍ଧି ଯୋଗୁ ଟ୍ରେଣ୍ଡରେ ଏବେ ପରିବର୍ତ୍ତନ ଆସିଛି। ଦେଶରେ ବୃହତ୍ତ ଜନସଂଖ୍ୟା ଥିବାରୁ ଏ କ୍ଷେତ୍ରରେ ଅଭିବୃଦ୍ଧିର ପର୍ଯ୍ୟାପ୍ତ ସୁଯୋଗ ରହିଛି।

◆**ଚାହିଦା ପୂରଣ ଦିଗରେ କ'ଣ ପଦକ୍ଷେପ ନେଉଛନ୍ତି?**

▸▸ଗ୍ରାହକଙ୍କ ଚାହିଦା ପୂରଣକୁ ସବୁବେଳେ ପ୍ରାଥମିକତା ଦେଇ ଆସିଛୁ। ଲୋକଙ୍କ ରୁଚିରେ ପରିବର୍ତ୍ତନ ଆସିଥିବାରୁ ସେହି ମୁତାବକ ପ୍ରଡକ୍ଟ ଡିଜାଇନ ହେଉଛି। ଗ୍ରାହକଙ୍କୁ ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟ, ସନ୍ତୁଷ୍ଟ ଗ୍ରାହକ, ଉନ୍ନତ ବିକ୍ରି ପରବର୍ତ୍ତି ସେବା ଯୋଗୁ ଦକ୍ଷିଣ ଏସିଆର ସର୍ବବୃହତ୍ତ ମାନୁଫାକଚରର ହୋଇ ପାରିଛୁ। ପ୍ରମୁଖ ଇ-କମର୍ସ ସାଇଟ୍ ସହ ମଲ୍ଟିବ୍ରାଣ୍ଡ ଷ୍ଟୋର ନିଜର ସ୍ୱତନ୍ତ୍ର ପ୍ଲାଟଫର୍ମ ଦ୍ୱାରା ପ୍ରଡକ୍ଟ ଯୋଗାଣ ହେଉଛି।

◆**ଓଡିଶା ବଜାରକୁ ନେଇ କମ୍ପାନୀ କିଭଳି ଆଶାବାଦୀ?**

▸▸ଆମେ ଓଡିଶାରେ ପୂର୍ବରୁ ଉପସ୍ଥିତି ଜାହିର କରିଛୁ। ମାତ୍ର ଏହା କେବଳ ମଲ୍ଟି ବ୍ରାଣ୍ଡ ଷ୍ଟୋରରେ ସମୀତ ରହିଥିଲା। ବର୍ତ୍ତମାନ ବାପୁଜି ନଗରରେ ଦମ୍‌ରୋ ଏହାର ପ୍ରଥମ ସ୍ୱତନ୍ତ୍ର ଶୋ'ରୁମ ଶୁଭାରମ୍ଭ କରିଛି। ଏହା ଆମ ପାଇଁ ପାଇଲଟ ଶୋ'ରୁମ। ଆମ ପ୍ରଡକ୍ଟଗୁଡିକ ବିଭିନ୍ନ ବର୍ଗକୁ ଦେଖି ପ୍ରସ୍ତୁତ ହେଉଥିବାରୁ ଏହି ଶୋ'ରୁମ ଭଲ ରେସପନ୍ସ କରିବ ବୋଲି ଆଶା ରଖିଛୁ। ଓଡିଶାରେ ଭଲ ବ୍ୟବସାୟ ନେଇ ଆଶାବାଦି। ଏହା ଏକ ଅଭିବୃଦ୍ଧିଶୀଳ ବଜାର ହୋଇଥିବାରୁ ଆଗକୁ ଏଠାରେ ସମ୍ପ୍ରସାରଣ ନେଇ ଯୋଜନା ରହିଛି।

◆**କମ୍ପାନୀର ଉପସ୍ଥିତି ସମ୍ପର୍କରେ କ'ଣ କହିବେ?**

▸▸ଘରୋଇ ବଜାରରେ ଆମେ ବର୍ତ୍ତମାନ ଦକ୍ଷିଣ ଭାଗ ତଥା ପୂର୍ବାଞ୍ଚଳରେ ଉପସ୍ଥିତକୁ ଦୃଢ଼ କରିଛୁ। ବିଭିନ୍ନ ପ୍ରାଇସ୍ ରେଞ୍ଜରେ ଉତ୍ପାଦ ଗ୍ରାହକଙ୍କ ଲାଗି ଯୋଗାଇ ଦେଉଛୁ। ଆମ ପ୍ରଡକ୍ଟ ଶୃଙ୍ଖଳାରେ ପ୍ରାୟ ୪୦୦ରୁ ୫୦୦ ପ୍ରଡକ୍ଟ ସାମିଲ ରହିଛି। ଶୋ'ରୁମ ଗୁଡିକରେ ଗ୍ରାହକଙ୍କୁ ସହଜ ଫାଇନାନ୍ସ ସୁବିଧା ଦେଉଛୁ। ନିକଟରେ ପଶ୍ଚିମବଙ୍ଗରେ ୩ରୁ ୪ ଶୋ'ରୁମ ଖୋଲିବା ନେଇ ଯୋଜନା ରହିଛି। ଘରୋଇ ବଜାରରେ ୭୬ ଷ୍ଟୋର ରହିଛି। ସେହିଭଳି ଆଗାମୀ ୩ ମାସ ମଧ୍ୟରେ ଆମ ଶୋ'ରୁମ ସଂଖ୍ୟା ୧୦୦ ଛୁଇଁବ।



◆**ଅନ୍ୟ ବ୍ରାଣ୍ଡ ତୁଳନାରେ ଦମ୍‌ରୋକୁ କେମିତି ବିଚାର କରନ୍ତି?**

▸▸ଆମେ ସର୍ବଦା ଗ୍ରାହକଙ୍କୁ ଆମ ବ୍ରାଣ୍ଡ ସହ ଜଡିତ କରି ରଖିବାକୁ ପ୍ରୟାସ ଜାରି କରିଛୁ। ଶୋ'ରୁମକୁ ଆସି ସେମାନେ ଆମ ପ୍ରଡକ୍ଟଗୁଡିକୁ ଦେଖିବା ସହ ପସନ୍ଦ କରିପାରୁଛନ୍ତି। ଆମର ହୋମ୍ ଫର୍ନିଚର ସେଗ୍‌ମେଣ୍ଟ ଭଲ ପ୍ରଦର୍ଶନ କରୁଛି। ଉନ୍ନତ ସର୍ଭିସ ଯୋଗୁ ଆମେ ରିପିଟ୍ କଷ୍ଟମରଙ୍କୁ ଆମ ସହ ବାନ୍ଧି ରଖି ପାରିଛୁ। ବ୍ରାଣ୍ଡର ଏକ ଭଲ ପ୍ରତିଷ୍ଠା ରହିଛି। ଏହି ଧାରାକୁ ଜାରି ରଖିବା ଦିଗରେ ପ୍ରୟାସ ଜାରି ରଖିଛୁ।



> କେବଳ କ୍ରିକେଟରେ ନୁହେଁ ଫୁଟବଲ ଏବଂ ଅନ୍ୟ କେତେକ କ୍ରୀଡ଼ାରେ କ୍ଲବ ସ୍ତରରେ ଭଲ ପ୍ରଦର୍ଶନ କରିଥିବା ଖେଳାଳି ବିଶ୍ୱକପ୍‌ରେ ବିଫଳ ହୋଇଛନ୍ତି ।
> –ଶ୍ରେୟାସ ଆୟାର, ଭାରତୀୟ କ୍ରିକେଟର




## ସଂକ୍ଷେପରେ

### ବିଜୟ୍ ମର୍ଚ୍ଚାଣ୍ଟ ଟ୍ରଫି: ଝାଡ଼ଖଣ୍ଡ ୨୯୭/୯

**କଟକ ଅଫିସ,୨୭।୧୦:** ଘରୋଇ ଓଡ଼ିଶା ଓ ଝାଡ଼ଖଣ୍ଡ ମଧ୍ୟରେ ସନ୍‌ସାଇନ୍ ଗ୍ରାଉଣ୍ଡରେ ଶନିବାରଠାରୁ ୧୬ ବର୍ଷରୁ କମ୍ ବିଜୟ୍ ମର୍ଚ୍ଚାଣ୍ଟ ଟ୍ରଫି ଆରମ୍ଭ ହୋଇଛି। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଝାଡ଼ଖଣ୍ଡ ପ୍ରଥମ ଇନିଂସ୍ ବ୍ୟାଟିଂ ଆରମ୍ଭ କରି ୯ ଉଇକେଟ ବିନିମୟରେ ୨୯୭ ରନ୍ କରିଛି। ଝାଡ଼ଖଣ୍ଡ ପକ୍ଷରୁ ସରଣଦୀପ ସିଂ ଶତକୀୟ ଇନିଂସ୍ ଖେଳିଥିବା ବେଳେ ଓଡ଼ିଶା ପକ୍ଷରୁ ରମେଶ ମେଲକାଙ୍କୁ ୪ଟି ଉଇକେଟ ମିଳିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଝାଡ଼ଖଣ୍ଡ ପ୍ରଥମ ଓଭରରେ ଓପନର ଏଚ୍.ଡି ଗୌତମଙ୍କ ଉଇକେଟ ହରାଇଥିଲା। ଦଳୀୟ ସ୍କୋର ଶୂନ ଥିବାବେଳେ ଓଡ଼ିଶା ପକ୍ଷରୁ ଆଶୁତୋଷ ଛୁରିଆ ଏହି ଉଇକେଟଟି ନେଇଥିଲେ। ଏହାପରେ ୩୨ ରନ୍ ମଧ୍ୟରେ ଝାଡ଼ଖଣ୍ଡର ଆଉ ଦୁଇଟି ଉଇକେଟ ପତନ ଘଟିଥିଲା। ଝାଡ଼ଖଣ୍ଡ ନିୟମିତ ବ୍ୟବଧାନରେ ଉଇକେଟ ହରାଉଥିଲେ ମଧ୍ୟ ମଧ୍ୟକ୍ରମର ବ୍ୟାଟ୍ସମ୍ୟାନ ସରଣଦୀପ ଗୋଟିଏ ପାର୍ଶ୍ୱରୁ ଓଡ଼ିଶା ବୋଲରଙ୍କୁ ସଫଳତାର ସହ ମୁକାବିଲା କରିଥିଲେ। ଧୈର୍ଯ୍ୟର ସହ ବ୍ୟାଟିଂ କରି ସରଣଦୀପ୍ ୧୧୩ ବଲରୁ ଅର୍ଦ୍ଧଶତକ ଓ ୧୭୧ ବଲରୁ ଶତକ ପୂରଣ କରି ଝାଡ଼ଖଣ୍ଡକୁ ୨୫୦ ରନ୍ ଅତିକ୍ରମ କରାଇବା ସହ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇବାରେ ସହାୟତା କରିଥିଲେ। ସେ ୧୫୩ ରନ କରି ଆଉଟ ହୋଇଛନ୍ତି। ଏହାଛଡ଼ା ସୁଶାନ୍ତ ବର୍ମା ୩୬ ରନ୍, କୁମାର ଅଙ୍କିତ ୩୩ ରନ କରିଛନ୍ତି। ଓଡ଼ିଶା ପକ୍ଷରୁ ରମେଶ ମେଲକା ସର୍ବାଧିକ ୪ଟି, ଆଶୁତୋଷ ଛୁରିଆ ୨ଟି, ଶୋଭନ ଦେବ ବେହେରା ଓ ଯଜ୍ଞଜିତ ସାହୁ ଗୋଟିଏ ଲେଖାଏ ଉଇକେଟ ଦଖଲ କରିଛନ୍ତି। ରବିବାର ସକାଳୁ ଓଡ଼ିଶା ଖୁବଶୀଘ୍ର ଝାଡ଼ଖଣ୍ଡର ଅନ୍ତିମ ଉଇକେଟ ପତନ ଘଟାଇ ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି।

### ବେଲଜିୟମ ଓପନ୍ ଟିଟିରେ ଭାରତକୁ ୨ ପଦକ

**ନୂଆଦିଲ୍ଲୀ, ୨୭।୧୦ (ପି.ଟି.):** ବେଲଜିୟମ ଓପନ୍ ଟେବୁଲ ଟେନିସ (ଟିଟି) ପ୍ରତିଯୋଗିତାର ଭାରତ ୨ଟି ପଦକ ହାସଲ କରିବାରେ ସଫଳ ହୋଇଛି। ୨୧ ବର୍ଷରୁ କମ୍ ମହିଳା ସିଙ୍ଗଲ୍ସରେ ଭାରତର ଐହିକା ମୁଖାର୍ଜୀ ରୌପ୍ୟ ଏବଂ ପୁରୁଷ ଡବଲ୍ସରେ ଆନ୍ଥୋନୀ ଅମଲରାଜ ଓ ସାନିଲ ସେଟ୍ଟୀ ଯୋଡ଼ି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଐହିକା ଫାଇନାଲରେ କୋରିଆର ୟୁଜିନ କିମ୍‌ଙ୍କ ନିକଟରୁ ୧-୩ରେ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଛନ୍ତି। ସେମିଫାଇନାଲରେ ସେ ୩-୧ରେ ହଂକଂର ଚେଙ୍ଗ୍‌ଚୁ ଝୁଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ସେହିଭଳି ପୁରୁଷ ଡବଲ୍ସ ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ଅମଲରାଜ-ସେଟ୍ଟୀ ଯୋଡ଼ି ୩-୧ରେ ବେଲଜିୟମର ଓଲାଭ କୋସୋଲୋସ୍କାଏଙ୍କୁ ହରାଇଛନ୍ତି।

# ଆକର୍ଷଣର କେନ୍ଦ୍ରରେ ଜନ୍‌ସନ୍

ଭୁବନେଶ୍ୱର, ୨୭।୧୦(ସ୍ପୋର୍ଟ୍ସ ବ୍ୟୁରୋ)

ହକି ବିଶ୍ୱକପ୍‌ର ମାତ୍ର କୋଡେଟି ସପ୍ତାହ ପୂର୍ବରୁ ଭୁବନେଶ୍ୱରରେ ଆୟୋଜନ ହେବାକୁ ଯାଉଛି ଏସିଆର ସର୍ବପ୍ରଥମ ତଥା ସମ୍ମାନଜନକ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ। ଇର୍ମର୍ଜ ସ୍ପୋର୍ଟ୍ସ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ମେଗା ଇଭେଣ୍ଟ ନଭେମ୍ବର ୨ ଓ ୩ରେ ଆୟୋଜନ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କ୍ରୀଡ଼ା ସାହିତ୍ୟ ଉତ୍ସବର ଉଦ୍‌ଘାଟନ କରିବେ। ଏହି ହାଇପ୍ରୋଫାଇଲ ଇଭେଣ୍ଟରେ ୩୦ ଜଣ ବକ୍ତା ଯୋଗ ଦେବେ। ଏମାନଙ୍କ ମଧ୍ୟରେ ଆକର୍ଷଣର କେନ୍ଦ୍ରବିନ୍ଦୁରେ ରହିଛନ୍ତି କାନାଡ଼ାର ପୂର୍ବତନ ତଥା କିମ୍ବଦନ୍ତୀ ଧାବକ ବେନ୍ ଜନସନ ଓ ୩ଟି ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଅଷ୍ଟ୍ରେଲିଆ ମହିଳା ସନ୍ତରଣକାରୀ ଷ୍ଟିଫାନି ରାଇସ୍। ନିଜ ସମୟରେ ବିଶ୍ୱର ଜଣେ ଶ୍ରେଷ୍ଠ ଧାବକର ମାନ୍ୟତା ପାଇଥିବା ଜନ୍‌ସନ୍‌ଙ୍କ ବକ୍ତବ୍ୟ କ୍ରୀଡ଼ାବିତ୍ ଓ କ୍ରୀଡ଼ା ପଣ୍ଡିତ ତଥା ସାମ୍ବାଦିକଙ୍କୁ ନୂଆ ଦିଗ୍‌ଦର୍ଶନ ଦେବ ବୋଲି ଆଶା କରାଯାଉଛି। କ୍ୟାରିୟରରେ ବେଶ୍ ସଫଳତା ଅର୍ଜନ କରିଥିବା ଜନ୍‌ସନ୍ ଆଗାମୀ ପିଢ଼ି ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଜାମାଇକାରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ୧୯୭୬ ମସିହାରେ କାନାଡ଼ା ଚାଲିଯାଇଥିଲେ। ସେଠାରେ କୋଚ୍ ଚାର୍ଲି ଫ୍ରାନ୍‌ସିସ୍‌ଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ସେ ଟ୍ରାକ୍ ଆଣ୍ଡ ଫିଲ୍ଡରେ ପ୍ରଶିକ୍ଷଣ ନେଇଥିଲେ। ଏହାପରେ ସେ ପଛକୁ ଆଉ ଫେରି ଚାହିଁନାହାନ୍ତି। ବ୍ରିସ୍‌ବେନ୍‌ରେ ଅନୁଷ୍ଠିତ ୧୯୮୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଦୁଇଟି ରୌପ୍ୟ ପଦକ ହାସଲ କରି ସେ ପ୍ରଥମ ଆନ୍ତର୍ଜାତିକ ସଫଳତା ଅର୍ଜନ କରିଥିଲେ। ଏହା ପରେ ପ୍ରାୟ ସବୁ ବିଶ୍ୱସ୍ତରୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ଆଶାନୁରୂପ ସଫଳତା ପାଇଛନ୍ତି। ୬୦, ୧୦୦ ଓ ୨୦୦ ମିଟର ଦୌଡରେ ସେ ଅଂଶଗ୍ରହଣ କରିଥାନ୍ତି। ଅଲିମ୍ପିକ୍ସ ଗେମ୍ସରେ ସେ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୧୯୮୪ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ସେ ୧୦୦ମି. ଓ ୪x୧୦୦ମି. ରିଲେ ରେସ୍‌ରେ ବ୍ରୋଞ୍ଜ ପଦକ ଜିତିଥିଲେ। ୧୯୮୫ରେ ପ୍ୟାରିସ୍‌ରେ ଅନୁଷ୍ଠିତ ୱାର୍ଲ୍ଡ ଇନ୍‌ଡୋର ଚାମ୍ପିୟନଶିପ୍‌ରେ ସେ ୬୦ ମି. ଦୌଡରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୧୯୮୬ରେ ମସ୍କୋରେ ଖେଳାଯାଇଥିବା ଗୁଡ୍‌ୱିଲ୍ ଗେମ୍ସରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୧୯୮୬ ଏଡିନବର୍ଗ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ୧୦୦ ଓ ୪x୧୦୦ ରିଲେ ରେସ୍‌ରେ ସ୍ୱର୍ଣ୍ଣ ଜିତିଥିଲେ। ଏହି ଇଭେଣ୍ଟରେ ସେ ୨୦୦ ମି. ଦୌଡରେ ବ୍ରୋଞ୍ଜ ପଦକ ମଧ୍ୟ ହାସଲ କରିଥିଲେ। ୧୯୮୧ ଖ୍ରୀଷ୍ଟଚର୍ଚ୍ଚରେ ଅନୁଷ୍ଠିତ ପ୍ୟାସିଫିକ୍ କନଫରେନ୍ସ ଗେମ୍ସରେ ସେ ୪x୧୦୦ ରିଲେ ରେସରେ ସ୍ୱର୍ଣ୍ଣିମ ସଫଳତା ହାସଲ କରିଥିଲେ। ସେହିପରି ୧୯୮୫ କାନବେରା ବିଶ୍ୱକପ୍‌ରେ ମଧ୍ୟ ସେ ୧୦୦ ମିଟର ଦୌଡରେ ସ୍ୱର୍ଣ୍ଣ ଜିତିଥିଲେ। ସେ ୧୯୮୭ ବିଶ୍ୱ ଚାମ୍ପିୟନଶିପ୍ ଓ ୧୯୮୮ ସିଓଲ ଅଲିମ୍ପିକ୍ସରେ ୧୦୦ ମି. ଦୌଡରେ କ୍ରମାଗତ ବିଶ୍ୱରେକର୍ଡ ସ୍ଥାପନ କରିଥିଲେ। ତେବେ ଡୋପିଂ କାରଣରୁ ତାଙ୍କୁ ଡିସ୍‌କ୍ୱାଲିଫାଏ କରାଯାଇଥିଲା। ଫଳରେ ଦୁଇଟି ବିଶ୍ୱ ରେକର୍ଡ ସହ ଅଲିମ୍ପିକ୍ସ ପଦକ ହରାଇଥିଲେ। ୧୯୯୧ରେ ବାସନ୍ଦ ଅବଧି ଶେଷ ହେବାପରେ ସେ ପ୍ରତ୍ୟାବର୍ତ୍ତନ କରିଥିଲେ। ସେ ବିଭିନ୍ନ ଡକ୍ୟୁମେଣ୍ଟାରୀ ଓ ବିଜ୍ଞାପନରେ ଅଭିନୟ କରି ମଧ୍ୟ ବେଶ ଚର୍ଚ୍ଚିତ ହୋଇଥିଲେ। ବିଭିନ୍ନ ବିବାଦ ଓ ଉତ୍ଥାନ ପତନ ଦେଇ ଗତି କରିଥିଲେ ମଧ୍ୟ ତାଙ୍କୁ ବିଶ୍ୱ ଆଥ୍‌ଲେଟିକ୍ସର ଜଣେ ମହାନ କ୍ରୀଡ଼ାବିତ୍‌ର ମାନ୍ୟତା ମିଳିଛି ଓ ଆଗାମୀ ପିଢ଼ି ପାଇଁ ସେ ପ୍ରେରଣାର ଉତ୍ସ ହୋଇ ରହିବେ।

ଅଷ୍ଟ୍ରେଲୀୟ ମହିଳା ସନ୍ତରଣକାରୀ ଷ୍ଟିଫାନି ରାଇସ୍ ବିଶ୍ୱ କ୍ରୀଡ଼ାରେ ଜଣେ ସଫଳ କ୍ରୀଡ଼ାବିତ୍‌ର ମାନ୍ୟତା ପାଇଛନ୍ତି। କେବଳ ୨୦୦୮ ବେଜିଂ ଅଲିମ୍ପିକ୍ସରେ ସେ ୩ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ଏହି ଅଲିମ୍ପିକ୍ସର ୨୦୦ ମି. ମିଡ୍‌ଲେ, ୪୦୦ ମି. ମିଡ୍‌ଲେ, ୪x୨୦୦ ମିଟର ଫ୍ରିଷ୍ଟାଇଲ୍‌ରେ ସ୍ୱର୍ଣ୍ଣ ପଦକ ଜିତି ବେଶ୍ ଚର୍ଚ୍ଚାରେ ରହିଥିଲେ। ସେହିପରି ସେ ୨୦୦୬ ମେଲବୋର୍ନ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ୨୦୦ ମି. ମିଡ୍‌ଲେ ଓ ୪୦୦ ମି. ମିଡ୍‌ଲେରେ ସେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ। ବିଶ୍ୱ ଚାମ୍ପିୟନଶିପ୍‌ରେ ଷ୍ଟିଫାନି ୨୦୦୯ ରୋମ ସଂସ୍କରଣରେ ୨୦୦ ମି. ଓ ୪x୧୦୦ ମିଡ୍‌ଲେରେ ରୌପ୍ୟ ପଦକ ହାସଲ କରିଥିଲେ। ଏହାକୁ ବାଦ ଦେଲେ ସେ ମୋଟ ଉପରେ ୫ଟି ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ୨୦୦୬ରେ ଭିକ୍ଟୋରିଆରେ ଅନୁଷ୍ଠିତ ପାନପାସିଫିକ୍ସ ଚାମ୍ପିୟନଶିପ୍‌ରେ ସେ ୨୦୦ ଓ ୪୦୦ ମି. ମିଡ୍‌ଲେରେ ବ୍ରୋଞ୍ଜ ପଦକ ଜିତିଥିଲେ। କ୍ରୀଡ଼ାରେ ଅସାଧାରଣ ସଫଳତା ଅର୍ଜନ କରିଥିବାରୁ ତାଙ୍କୁ ୨୦୦୯ ଜାନୁୟାରୀ ୨୬ରେ 'ମେଡାଲ ଅଫ୍ ଦି ଅର୍ଡର ଅଫ୍ ଅଷ୍ଟ୍ରେଲିଆ' ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୨୦୧୪ରେ ସେ ଅବସର ଘୋଷଣା କରିଥିଲେ। ଜଣେ ମହିଳା ସନ୍ତରଣକାରୀ ଭାବେ ସେ ବିଶ୍ୱରେ ଅସାଧାରଣ ସଫଳତା ହାସଲ କରି ବେଶ୍ ଚର୍ଚ୍ଚିତ ହୋଇଥିଲେ।


ଷ୍ଟିଫାନି ରାଇସ୍




## ରାଜ୍ୟ ର୍‍ୟାଙ୍କିଙ୍ଗ୍ ଟେବୁଲ ଟେନିସ

# ଶ୍ୱେତପଦ୍ମାଙ୍କୁ ୩ ଟାଇଟଲ

ଭୁବନେଶ୍ୱର, ୨୭।୧୦ ( ସ୍ପୋର୍ଟ୍ସ ବ୍ୟୁରୋ) :

ଖୋର୍ଦ୍ଧା ଜିଲା ଟେବୁଲ ଟେନିସ ଆସୋସିଏଶନ (କେଡିଟିଟିଏ)ଆନୁକୂଲ୍ୟରେ ଶହୀଦ ନଗର ଇନ୍‌ଡୋର ହଲ୍‌ରେ ଚାଲିଥିବା ରାଜ୍ୟ ର୍‍ୟାଙ୍କିଙ୍ଗ୍ ଟେବୁଲ ଟେନିସ ପ୍ରତିଯୋଗିତାର ୨ୟ ଦିବସରେ ଶ୍ୱେତପଦ୍ମା ଦଳାଇଙ୍କୁ ୩ଟି ଟାଇଟଲ ମିଳିଛି। ଭୁବନେଶ୍ୱର ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଛାତ୍ରୀ ଶ୍ୱେତପଦ୍ମା କ୍ୟାଡେଟ୍ ବାଳିକା, ସବ୍-ଜୁନିୟର ବାଳିକା ଓ ଜୁନିୟର ବାଳିକାରେ ଚାମ୍ପିୟନ ହୋଇଛନ୍ତି। କ୍ୟାଡେଟ୍ ବାଳିକା ଫାଇନାଲରେ ଶ୍ୱେତପଦ୍ମା ୩-୦ (୧୧-୩, ୧୧-୫, ୧୧-୭)ରେ କଟକର ସ୍ୱସ୍ତିକା ଅଧବରଙ୍କୁ ହରାଇଛନ୍ତି। ସେହିଭଳି ସବ୍-ଜୁନିୟର ଫାଇନାଲରେ ଶ୍ୱେତପଦ୍ମା ୪-୦ (୧୧-୯, ୧୧-୬, ୧୨-୧, ୧୩-୧୧)ରେ ଆୟୋଜକ କେଡିଟିଟିଏର ସୁଶ୍ରୀ ପଟ୍ଟନାୟକଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ଜୁନିୟର ବାଳିକାରେ ଫାଇନାଲରେ ମଧ୍ୟ ସେହି ସୁଶ୍ରୀଙ୍କୁ ୪-୨ (୫-୧୧, ୧୧-୪, ୧୧-୪, ୧୧-୮, ୭-୧୧, ୧୧-୦୮)ରେ ମାତ୍ ଦେଇ ଶ୍ୱେତପଦ୍ମା ୩ୟ ଟ୍ରଫି ହାସଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ୟାଡେଟ୍ ବାଳକରେ କଟକର ଆୟନ ମୁସ୍ତାକ ୩-୧ରେ ଅର୍ଚ୍ଚିତ ବେହେରାଙ୍କୁ, ସବ୍-ଜୁନିୟର ବାଳକରେ କଟକର ସାହିଲ କୁମାର ଭୂୟାଁ ୪-୧ରେ କେଡିଟିଟିଏର ଦ୍ୱାରିକାନାଥ ସ୍ୱାଇଁଙ୍କୁ ଏବଂ ଜୁନିୟର ବାଳକରେ ସାହିଲ କୁମାର ଭୂୟାଁ ୪-୦ରେ କେଡିଟିଟିଏର ଅବିନାଶ ତ୍ରିପାଠୀଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ସୁରେଶ ଚନ୍ଦ୍ର ମହାରଣା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ରାଜ୍ୟ ଚାମ୍ପିୟନ ପ୍ରଦୀପ କୁମାର ସାମନ୍ତରାୟ, ସ୍ମୃତିରଞ୍ଜନ ଦାସ, ଶଶାଙ୍କ ମହାପାତ୍ର, ବିଜନ ଦାସମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ରବିବାର ପ୍ରତିଯୋଗିତାର ଉଦ୍‌ଯାପନୀ ଦିବସ।

# ଟି୨୦ ରେ ପାକିସ୍ତାନର କ୍ରମାଗତ ବିଜୟ

ଦୁବାଇ,୨୭।୧୦– ପାକିସ୍ତାନ ଦଳ କ୍ରିକେଟର ଟି୨୦ ଫର୍ମାଟରେ ଦବ୍‌ଦବା ଜାରି ରଖି କ୍ରମାଗତ ୧୦ମ ବିଜୟ ହାସଲ କରିଛି। ଏଠାରେ ଶୁକ୍ରବାର ମଧ୍ୟରାତିରେ ଖେଳାଯାଇଥିବା ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ଆୟୋଜକ ପାକିସ୍ତାନ ୧୧ ରନ୍‌ରେ ହରାଇ ଦେଇଛି। ଏଥିସହିତ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୨-୦ ବ୍ୟବଧାନରେ ଆଗୁଆ ଜିତି ନେଇଛି। ପାକିସ୍ତାନ ପକ୍ଷରୁ ୧୪୮ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ଅଷ୍ଟ୍ରେଲିଆ ସମସ୍ତ ଓଭର ଖେଳି ୮ ଉଇକେଟ ହରାଇ ୧୩୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ୧୪୮ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଓହ୍ଲାଇଥିବା ଭ୍ରମଣକାରୀ ଅଷ୍ଟ୍ରେଲିଆ ଦଳ ୭୩ ରନ୍‌ରେ ୬ ଉଇକେଟ ହରାଇ ନିଶ୍ଚିତ ପରାଜୟ ଆଡ଼କୁ ଅଗ୍ରସର ହେଉଥିଲା। କିନ୍ତୁ ଗ୍ଲେନ ମ୍ୟାକ୍ସୱେଲ (୫୨) ଓ ନାଥନ କୁଲ୍ଟରନାଇଲ (୨୭) ୭ମ ଉଇକେଟ ପାଇଁ ୫୯ ରନ୍ ଯୋଡ଼ି ବିଜୟ ଆଶା ସଞ୍ଚାର କରିଥିଲେ। ମାତ୍ର ଉଭୟ ବ୍ୟାଟ୍ସମ୍ୟାନ ଅନ୍ତିମ ଓଭରରେ ଆଉଟ୍ ହୋଇଯାଇଥିଲେ। ଫଳରେ ଦଳ ସମସ୍ତ ଓଭର ବ୍ୟାଟିଂ କରି ୮ ଉଇକେଟ ହରାଇ ୧୩୬ ରନ୍ କରିପାରିଥିଲା। ବିଜୟୀ ଦଳ ଲାଗି ଶାଦାବ ଖାଁ ଓ ଶାହିନ ଆଫ୍ରିଦି ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୧୪ ଓଭର ସୁଦ୍ଧା ୨ ଉଇକେଟ ହରାଇଥିଲା ୯୯ ରନ୍ କରିଥିବାବେଳେ ବ୍ୟାଟିଂ ବିପର୍ଯ୍ୟୟ ସମ୍ମୁଖୀନ ହୋଇଥିଲା। ଫଳରେ ଦଳ ୨୦ ଓଭରରେ ୬ ଉଇକେଟ ହରାଇ ୧୪୭ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ବାବାର ଆଜାମ ୪୫ ଓ ମହମ୍ମଦ ହାଫିଜ ୪୫ ରନ୍ କରିଥିଲେ।

# ପଞ୍ଚକୁଲା ଜୟପୁର ପାନ୍ଥର୍ସର ହୋମ୍ ଗ୍ରାଉଣ୍ଡ

ଜୟପୁର, ୨୭।୧୦ (ପି.ଟି.)

ଜୟପୁର ପାନ୍ଥର୍ସ ଏହାର ହୋମ୍ ଭେନ୍ୟୁ ପଞ୍ଚକୁଲାକୁ ସ୍ଥାନାନ୍ତର କରିବା ଲାଗି ନିଷ୍ପତ୍ତି ନେଇଛି। ସାୱାଇ ମାନ୍‌ସିଂ ଷ୍ଟାଡିୟମରେ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ପ୍ରୋ-କବାଡ଼ି ଲିଗ୍‌ରେ ଏହାର ହୋମ୍ ଲେଗ୍ ମ୍ୟାଚଗୁଡ଼ିକ ଏବର୍ଷ ତାଉ ଦେବୀଲାଲ ଇନ୍‌ଡୋର ଷ୍ଟାଡିୟମରେ ଖେଳାଯିବ। ଜୟପୁର ପିଙ୍କ୍ ପାନ୍ଥର୍ସର ହୋମ୍ ଲେଗ୍ ମ୍ୟାଚଗୁଡ଼ିକ ଡିସେମ୍ବର ୧୪ରୁ ଡିସେମ୍ବର ୨୦ ପର୍ଯ୍ୟନ୍ତ ଚାଲିବ ବୋଲି ଦଳର ମୁଖପାତ୍ର ବଣ୍ଟି ଓ୍ୱାଲିଆ ପ୍ରକାଶ କରିଛନ୍ତି। ଏହା ଦ୍ୱାରା ଆମେ ଘରୋଇ ଦର୍ଶକଙ୍କ ସମର୍ଥନ ଓ ଉତ୍ସାହରୁ ବଞ୍ଚିତ ହେବୁ ବୋଲି ସେ କହିଛନ୍ତି।


ପଳାଶପଲ୍ଲୀସ୍ଥିତ ଓ.ଏ.ଡି. ହଲ୍‌ରେ ରାଜ୍ୟ ବଧିର କ୍ରୀଡ଼ା ସଂଘ ତରଫରୁ ଆୟୋଜିତ ରାଜ୍ୟ ବଧିର ଚେସ୍ ପ୍ରତିଯୋଗିତାର ପ୍ରଥମ ଦିବସରେ ଶନିବାର ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ ଖେଳରେ ନିମଗ୍ନ।

# ଇଣ୍ଡିଆ-ସି ଜିତିଲା ଦେଓଧର ଟ୍ରଫି


ଟ୍ରଫି ସହ ଚାମ୍ପିୟନ୍ ଇଣ୍ଡିଆ-ସି ଦଳ।

ନୂଆଦିଲ୍ଲୀ, ୨୭।୧୦

ଅଜିଙ୍କ୍ୟ ରାହାନେଙ୍କ ଦମ୍‌ଦାର ଶତକ ବଳରେ ଇଣ୍ଡିଆ-ସି ଦଳ ୨୯ ରନରେ ଇଣ୍ଡିଆ-ବି'କୁ ପରାସ୍ତ କରି ଦେଓଧର ଟ୍ରଫି ଚାମ୍ପିୟନ ହୋଇଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଇଣ୍ଡିଆ-ସି ୩୫୨ ରନ କରିଥିବାବେଳେ ଇଣ୍ଡିଆ-ବି ଅଧିନାୟକ ଶ୍ରେୟାସ ଆୟାରଙ୍କ ବିସ୍ଫୋରକ ଶତକ ସତ୍ତ୍ୱେ ୩୨୩ ରନରେ ସୀମିତ ରହିଥିଲା। ଦୁଇ ଦଳର ଅଧିନାୟକଙ୍କ ଶତକ ମ୍ୟାଚ୍‌ର ଉଲ୍ଲେଖନୀୟ ଘଟଣା ରହିଥିଲା। ସେହିଭଳି ଓଡ଼ିଆ ସ୍ପିନର ପପୁ ରାୟ ୩ଟି ଉଇକେଟ ଅକ୍ତିଆର କରି ଇଣ୍ଡିଆ-ସି'କୁ ଚାମ୍ପିୟନ କରାଇବାରେ ସହଯୋଗ କରିଥିଲେ।

ସ୍ଥାନୀୟ ଫିରୋଜ ଶାହ କୋଟଲା ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ହାଇସ୍କୋରିଂ ମ୍ୟାଚ୍‌ରେ ଟସ୍ ଜିତି ଇଣ୍ଡିଆ-ସି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଅଧିନାୟକ ରାହାନେ ଓ ଯୁବ ଉଇକେଟକିପର ଇସାନ କିଶାନ ଓପନିଂ ଯୋଡ଼ିରେ ଦ୍ୱିଶତକୀୟ ଭାଗୀଦାରି କରି ଦଳକୁ ବୃହତ ସ୍କୋର ଅଭିମୁଖେ ନେଇଥିଲେ। କିଶାନ ୮୭ ବଲରୁ ୧୧ ଚୌକା ଓ ୬ ଛକା ସହାୟତାରେ ୧୧୪ ରନ କରି ପ୍ରଥମ ଖେଳାଳି ଭାବେ ଆଉଟ୍ ହୋଇଥିଲେ। କିନ୍ତୁ ଅନ୍ୟପଟେ ରାହାନେ ଧୈର୍ଯ୍ୟର ସହିତ ବ୍ୟାଟିଂ କରି ଶତକ ହାସଲ କରିବା ସହ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଫଳରେ ଇଣ୍ଡିଆ-ସି ୭ ଉଇକେଟ୍‌ରେ ୩୫୨ ରନର ଏକ ବିଶାଳ ସ୍କୋର କରିଥିଲା। ରାହାନେ ୧୫୬ଟି ବଲରୁ ୧୪୪ (୯ ଚୌକା, ୩ ଛକା) ରନ କରି କ୍ରିଜରେ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୁବମନ ଗିଲ୍ ୨୬, ସୂର୍ଯ୍ୟକୁମାର ଯାଦବ ୩୯ ରନ କରିଥିବାବେଳେ ସୁରେଶ ରାଇନା (୧) ନିରାଶ କରିଥିଲେ। ପ୍ରତିପକ୍ଷ ବୋଲର ଜୟଦେବ ଉନାଡକଟ ୩ଟି ଏବଂ ଦୀପକ ଚହର ଓ ମୟଙ୍କ ମାର୍କଣ୍ଡେ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ୩୫୩ ରନର ଲକ୍ଷ୍ୟକୁ ପିଛା କରିଥିବା ଇଣ୍ଡିଆ-ବି ଅଧିନାୟକ ଆୟାରଙ୍କ ସାହସିକଭରା ଶତକ ସତ୍ତ୍ୱେ ୨୯ ରନ ପଛରେ ରହିଯାଇଥିଲା। ଦଳ ୪୬.୧ ଓଭରରେ ୩୨୩ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଆୟାର ୧୧୪ ବଲରୁ ୧୪୮ ରନ (୧୧ ଚୌକା, ୮ ଛକା) କରିଥିଲେ। ରୁତୁରାଜ ଗାଏକୱାଡ ୬୦, ଅଙ୍କୁଶ ବୈଂଶ ୩୭, ମୟଙ୍କ ଅଗ୍ରୱାଲ ୧୪ ଓ ଦୀପକ ଚହର ୨୧ ରନ କରିଥିଲେ ମଧ୍ୟ ଦଳକୁ ବିଜୟୀ କରାଇ ପାରି ନ ଥିଲେ। ଚାମ୍ପିୟନ ଇଣ୍ଡିଆ-ସି ପକ୍ଷରୁ ଓଡ଼ିଶାର ବାମହାତୀ ସ୍ପିନର ପପୁ ରାୟ ସର୍ବାଧିକ ୩ଟି ଉଇକେଟ୍ ନେଇଥିଲେ। ନବଦୀପ ସାଇନି, ରାଜନୀଶ ଗୁରବାନୀ ଓ ବିଜୟ ଶଙ୍କର ୨ଟି ଲେଖାଏ ଉଇକେଟ୍ ପାଇଥିଲେ। ରାହାନେ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଇଣ୍ଡିଆ-ସି-** ୩୫୨/୭, ୫୦ ଓଭର (ରାହାନେ ୧୪୪*, କିଶାନ ୧୧୪, ବିଜୟ ଶଙ୍କର ୪, ୱାଶିଂଟନ ସୁନ୍ଦର ୬, ଉନାଡକଟ୍ ୩/୫୨)।

**ଇଣ୍ଡିଆ-ବି-** ୩୨୩/୧୦, ୪୬.୧ ଓଭର (ଆୟାର ୧୪୮, ଗାଏକୱାଡ ୬୦, ହନୁମା ବିହାର ୮, ମନୋଜ ତିୱାରୀ ୪, ପପୁ ୩/୭୫)।

## ପୁଣି କମାଲ କଲେ ପପୁ

ଇଣ୍ଡିଆ-ସି ଦଳରେ ସ୍ଥାନ ପାଇଥିବା ଓଡ଼ିଶାର ବାମହାତୀ ସ୍ପିନର ପପୁ ରାୟ ପୁଣି ନିଜର କମାଲ ଦେଖାଇଛନ୍ତି। ଫାଇନାଲରେ ପପୁ ଇଣ୍ଡିଆ-ବି ଦଳର ୩ ଜଣ ବ୍ୟାଟ୍ସମ୍ୟାନଙ୍କୁ ପ୍ୟାଭିଲିୟନ ପଠାଇ ଦଳକୁ ଚାମ୍ପିୟନ କରାଇବାରେ ସହାୟତା କରାଇଥିଲେ। ଦୁଇ ସେଟ୍ ବ୍ୟାଟ୍ସମ୍ୟାନ ଗାଏକୱାଡ (୬୦ ରନ) ଓ ଅଙ୍କୁଶ ବୈଂଶ (୩୭)ଙ୍କ ସମେତ ହନୁମା ବିହାରୀ (୮) ପପୁଙ୍କ ଶିକାର ବନିଥିଲେ। ପପୁ ନିଜ ୧୦ ଓଭର ସ୍ପେଲରେ ୭୫ ରନ ବ୍ୟୟ କରିଥିଲେ। ପୂର୍ବରୁ ପପୁ ପ୍ରଥମ ମ୍ୟାଚ୍‌ରେ ମଧ୍ୟ ୩ଟି ଉଇକେଟ୍ ନେଇଥିଲେ ମଧ୍ୟ ୨ୟ ମ୍ୟାଚ୍‌ରେ ତାଙ୍କୁ ଖେଳିବାର ସୁଯୋଗ ମିଳି ନ ଥିଲା। ଟୁର୍ନାମେଣ୍ଟରେ ପପୁ ୨ଟି ମ୍ୟାଚ୍‌ରୁ ୬ଟି ଉଇକେଟ୍ ପାଇ ଜାତୀୟ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବାରେ ସଫଳ ହୋଇଛନ୍ତି। ପପୁ ଚଳିତ ସିଜନରେ ବିଜୟ ହଜାରେ ଟ୍ରଫିରେ ଓଡ଼ିଶା ପକ୍ଷରୁ ପଦାର୍ପଣ କରି ଲିଷ୍ଟ-ଏ କ୍ୟାରିୟର ଆରମ୍ଭ କରିଥିଲେ। ବିଜୟ ହଜାରେ ଟ୍ରଫିରେ ୧୪ଟି ଉଇକେଟ ନେଇ ଇଣ୍ଡିଆ-ସି ଦଳରେ ସ୍ଥାନ ପାଇଥିଲେ।

# ଏସିଆ, ୟୁରୋପକୁ ସର୍ବାଧିକ ସଫଳତା

ହକି ବିଶ୍ୱକପର ଇତିହାସକୁ ଦେଖିଲେ ଏପର୍ଯ୍ୟନ୍ତ ଅନୁଷ୍ଠିତ ୧୩ଟି ସଂସ୍କରଣରେ ମୁଖ୍ୟତଃ ଏସିଆନ, ୟୁରୋପିଆନ ଓ ଓସେନିଆ ମହାଦେଶୀୟ ଦଳ ଗୁଡ଼ିକ ମଧ୍ୟରେ ଟାଇଟଲ ମୁକାବିଲା ହୋଇଛି। ଆମେରିକା କିମ୍ବା ଆଫ୍ରିକା ମହାଦେଶର କୌଣସି ଦଳ କେବେହେଲେ ଫାଇନାଲରେ ପହଞ୍ଚି ପାରିନାହିଁ। ରେକର୍ଡ ଅନୁସାରେ ଏସିଆ ଓ ୟୁରୋପୀୟ ଦଳ ଗୁଡ଼ିକୁ ସର୍ବାଧିକ ସଫଳତା ମିଳିଛି। ଏସିଆକୁ ୫ ଟାଇଟଲ ମିଳିଛି। ସେଥିମଧ୍ୟରୁ ପାକିସ୍ତାନ ୪ ଥର ଓ ଭାରତ ଥରେ ଚାମ୍ପିୟନ ହୋଇଛି। ସେହିପରି ୟୁରୋପିଆନ ଦଳ ମଧ୍ୟ ୫ ଟାଇଟଲ ହାସଲ କରିଛନ୍ତି। ନେଦରଲାଣ୍ଡ ୩ ଥର ଚାମ୍ପିୟନ ହୋଇଥିବାବେଳେ ଜର୍ମାନୀ ୨ ଥର ଟାଇଟଲ ହାସଲ କରିଛି। ଏକମାତ୍ର ଓସେନିଆ ଦଳଭାବେ ଅଷ୍ଟ୍ରେଲିଆ ୩ ଥର ଚାମ୍ପିୟନ ହୋଇଛି। ଆମେରିକୀୟ ଦଳ ମଧ୍ୟରେ ଆର୍ଜେଣ୍ଟିନା ୨୦୧୪ରେ ଥରେ ତୃତୀୟ ସ୍ଥାନ ହାସଲ କରିଥିବାବେଳେ ଆଫ୍ରିକା ଦଳ ମଧ୍ୟରେ କେନିୟା ଥରେ ୧୯୭୧ ପ୍ରଥମ ସଂସ୍କରଣରେ ସର୍ବାଧିକ ୪ର୍ଥ ସ୍ଥାନ ଅକ୍ତିଆର କରିଥିଲା। ଭାରତର ବିଶ୍ୱକପ ରେକର୍ଡ ଦେଖିଲେ ୧୯୭୧ ପ୍ରଥମ ସଂସ୍କରଣରେ ଦଳ ତୃତୀୟ ସ୍ଥାନ ହାସଲ କରିଥିବାବେଳେ ୧୯୭୩ ଦ୍ୱିତୀୟରେ ରୌପ୍ୟ ଏବଂ ୧୯୭୫ ତୃତୀୟରେ ସ୍ୱର୍ଣ୍ଣ ପଦକ ପାଇଥିଲା। ୧୯୭୮ (୪ର୍ଥ) ସଂସ୍କରଣରେ ଦଳ ୬ଷ୍ଠ, ୧୯୮୨ (୫ମ) ସଂସ୍କରଣରେ ୫ମ, ୧୯୮୬ (୬ଷ୍ଠ) ସଂସ୍କରଣରେ ୧୨ତମ, ୧୯୯୦ (୭ମ) ସଂସ୍କରଣରେ ୧୦ମ, ୧୯୯୪ (୮ମ) ସଂସ୍କରଣରେ ୫ମ, ୧୯୯୮ (୯ମ) ସଂସ୍କରଣରେ ୯ମ, ୨୦୦୨ (୧୦ମ) ସଂସ୍କରଣରେ ୧୦ମ, ୨୦୦୬ ଏକାଦଶ ସଂସ୍କରଣରେ ୧୧, ୨୦୧୦ ଦ୍ୱାଦଶ ସଂସ୍କରଣରେ ୮ମ ଏବଂ ୨୦୧୪ ତ୍ରୟୋଦଶ ସଂସ୍କରଣରେ ୯ମ ସ୍ଥାନ ହାସଲ କରିଛି। ଚତୁର୍ଦ୍ଦଶ ସଂସ୍କରଣ ପାଇଁ ଯୋଗ୍ୟତା ଅର୍ଜନ କରିଥିବାରୁ ଅନ୍ୟ ୩ଟି ଦେଶ ସହ ଭାରତ ୧୪ଟି ଯାକ ସଂସ୍କରଣରେ ଖେଳିବାକୁ ଯାଉଛି। ଏହି ତାଲିକାରେ ସାମିଲ ଥିବା ଅନ୍ୟ ୩ଟି ଦଳ ହେଲେ ଜର୍ମାନୀ, ନେଦରଲାଣ୍ଡ ଓ ସ୍ପେନ।



DSPL-223
ODISHA INDIA'S BEST KEPT SECRET. BEATS for HOCKEY. ODISHA HOCKEY MEN'S WORLD CUP BHUBANESWAR 2018. OMC. HOCKEY INDIA. NSWIS
#HWC2018 #Odisha2018
29001/13/0051/1819
ଓଡିଶା - ନିୟୁ ସାଉଥ୍ ୱେଲ୍ସ୍ ହକି ସିରିଜ୍
ଓଡିଶା ଏକାଦଶ ବନାମ୍ ନିୟୁ ସାଉଥ୍ ୱେଲ୍ସ୍ ଏକାଦଶ
ନିଃଶୁଳ୍କ ପ୍ରବେଶ
ସୀମିତ ଉପଲବ୍ଧ
କଳିଙ୍ଗ ହକି ଷ୍ଟାଡିୟମ
୧ ନଭେମ୍ବର ୨୦୧୮, ସନ୍ଧ୍ୟା ଘ ୬ ଟିକା
ପାସ୍ ଉପଲବ୍ଧ ସ୍ଥାନ ଓ ସମୟ:
୨୭-୩୧ ଅକ୍ଟୋବର, ସକାଳ ୧୦ ଘଟିକା- ସନ୍ଧ୍ୟା ୫ ଘଟିକା। ଗେଟ୍ ନଂ ୪, କଳିଙ୍ଗ ଷ୍ଟାଡିୟମ
Sports_odisha sports.odisha www.hockey.sportsodisha.gov.in

## ସଂକ୍ଷେପରେ

### ସିନ୍ଧୁ, କିଡାମ୍ବିଙ୍କ ଅଭିଯାନ ଶେଷ

**ପ୍ୟାରିସ,୨୭।୧୦(ପି.ଟି.):** ଏଠାରେ ଚାଲିଥିବା ଫ୍ରେଞ୍ଚ ଓପନ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଭାରତୀୟ ଖେଳାଳି ପି. ଭି. ସିନ୍ଧୁ ଓ କିଡାମ୍ବି ଶ୍ରୀକାନ୍ତ ପରାଜୟ ସହ ଅଭିଯାନ ଶେଷ କରିଛନ୍ତି। ସମସ୍ତ ଖେଳାଳି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ ମଧ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହେବାରେ ବିଫଳ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସ ବର୍ଗର ଡିଫେଣ୍ଡିଂ ଚାମ୍ପିୟନ ଶ୍ରୀକାନ୍ତ ୧୬-୨୧, ୧୯-୨୧ ଗେମ୍‌ରେ ବିଶ୍ୱର ନଂ ୧ ଖେଳାଳି କେଣ୍ଟୋ ମୋମୋଟାଙ୍କଠାରୁ ହାରି ଯାଇଛନ୍ତି। ଜାପାନିଜ ଖେଳାଳିଙ୍କ ବିପକ୍ଷରେ ଏହା ଶ୍ରୀକାନ୍ତଙ୍କ କ୍ରମାଗତ ୫ମ ପରାଜୟ। ଗତ ସପ୍ତାହରେ ଡେନମାର୍କ ଓପନ ସେମି ଫାଇନାଲରେ ମଧ ସମାନ ଖେଳାଳିଙ୍କ ଠାରୁ ପରାଜିତ ହୋଇଥିଲେ। ରିଓ ଅଲିମ୍ପିକ୍ ରୌପ୍ୟ ପଦକଧାରୀ ସିନ୍ଧୁଙ୍କୁ ୧୩-୨୧, ୧୬-୨୧ ଗେମ୍‌ରେ ଚାଇନାର ହେ ବିଙ୍ଗଜିଆଓ ପରାସ୍ତ କରିଛନ୍ତି। ସିନ୍ଧୁ କ୍ରମାଗତ ୨ୟ ଥର ଲାଗି ଚାଇନିଜ୍ ଖେଳାଳିଙ୍କଠାରୁ ପରାଜିତ ହୋଇଛନ୍ତି। ଏଥିପୂର୍ବରୁ ସାଇନାଙ୍କୁ ୨୦-୨୨, ୧୧-୨୧ ଗେମ୍‌ରେ ତାଇ ଜୁ ୟିଙ୍ଗ ପରାସ୍ତ କରିଛନ୍ତି। ଚାଇନିଜ୍ ଖେଳାଳିଙ୍କ ବିପକ୍ଷରେ ଏହା ଥିଲା ସାଇନାଙ୍କ କ୍ରମାଗତ ୧୨ତମ ପରାଜୟ। କିନ୍ତୁ ସାତ୍ୱିକରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟିଙ୍କ ପୁରୁଷ ଡବଲ୍ସ ଯୋଡ଼ି ଟୁର୍ନାମେଣ୍ଟର ସେମି ପର୍ଯ୍ୟାୟରେ ପ୍ରବେଶ କରି ଭାରତର ଅଭିଯାନ ଜାରି ରଖିଛନ୍ତି। ସାତ୍ୱିକ ଓ ଚିରାଗ ୨୧-୧୭, ୨୧-୧୧ ଗେମ୍‌ରେ ଅନ୍ୟତମ ଭାରତୀୟ ଖେଳାଳି ମନୁ ଅତ୍ରି ଓ ସୁମିଥ ରେଡ୍ଡୀଙ୍କୁ ପରାସ୍ତ କରିଛନ୍ତି।

# କୋହଲିଙ୍କ ଶତକ ବେକାର

**ପୁଣେ, ୨୭।୧୦(ପି.ଟି.)**

ଅଧିନାୟକ ବିରାଟ କୋହଲି ଦମ୍‌ଦାର ପ୍ରଦର୍ଶନ କରି ଚଳିତ ଦିନିକିଆ ସିରିଜରେ କ୍ରମାଗତ ତୃତୀୟ ଶତକ ହାସଲ କରିଥିଲେ ମଧ ଭାରତକୁ ଜିତାଇପାରି ନାହାନ୍ତି। ତୃତୀୟ ଦିନିକିଆରେ ଭାରତ ୪୩ ରନରେ ୱେଷ୍ଟଇଣ୍ଡିଜ୍‌ଠାରୁ ପରାସ୍ତ ହୋଇଛି। ଏଥିସହ ଚଳିତ ଭାରତ ଗସ୍ତରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ପ୍ରଥମ ବିଜୟର ସ୍ୱାଦ ଚାଖିଛି। ଟେଷ୍ଟ ସିରିଜ୍‌ରେ ୨-୦ରେ ପରାସ୍ତ ହେବା ପରେ ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍‌ରେ ମଧ ୱେଷ୍ଟଇଣ୍ଡିଜ ପରାସ୍ତ ହୋଇଥିଲା। ଦ୍ୱିତୀୟ ଦିନିକିଆ ମ୍ୟାଚ୍ ରୋମାଞ୍ଚକ ଢଙ୍ଗରେ ଟାଇ ହୋଇଥିଲା। ତେବେ ତୃତୀୟ ଦିନିକିଆରେ ତ୍ରୁଟି ସୁଧାରି

## ଭାରତ ୪୩ ରନରେ ପରାସ୍ତ

ୱେଷ୍ଟଇଣ୍ଡିଜ ଶୃଙ୍ଖଳିତ ପ୍ରଦର୍ଶନ କରିବା ସହ ବାଜି ମାରିଛି। ଶନିବାର ସ୍ଥାନୀୟ ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଖେଳାଯାଇଥିବା ତୃତୀୟ ଦିନିକିଆ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ୪୩ ରନରେ ଭାରତକୁ ପରାସ୍ତ କରିଛି। ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ୧-୧ ସମାନସ୍ତରରେ ପହଞ୍ଚିଛି। ଟସ୍ ଜିତି ଭାରତ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ୍ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୨୮୩ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୪୭.୪ ଓଭରରେ ୨୪୦ ରନ କରି ଅଲଆଉଟ ହେବା ସହ ପରାଜୟ ବରଣ କରିଛି। ୨ ଉଇକେଟ ନେଇ ଦ୍ରୁତ ୪୦ ରନ ସଂଗ୍ରହ କରିଥିବା ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର ଆଶେଲେ ନର୍ସ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୨୮୪ ରନ ଟାର୍ଗେଟର ପିଛା କରି ଭାରତ ଅଧିନାୟକ କୋହଲିଙ୍କ ଶତକ ସତ୍ତ୍ୱେ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ବିଜୟଠାରୁ ୪୪ ରନ ଦୂରରେ ରହିଯାଇଥିଲା। କୋହଲି ୧୧୯ଟି ବଲ ଖେଳି ୧୦ ଚୌକା ଓ ୧ ଛକା ସହ ୧୦୭ ରନର ଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ତେବେ ଅନ୍ୟମାନେ ବିଫଳ ହୋଇଥିଲେ ଓ କୋହଲିଙ୍କୁ ଉପଯୁକ୍ତ ସହାୟତା ମିଳି ନ ଥିଲା। ଆରମ୍ଭରୁ ଓପନର ରୋହିତ ଶର୍ମାଙ୍କ ଉଇକେଟ ହରାଇ ଭାରତ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ରୋହିତ ୮ ରନ କରି ଆଉଟ ହୋଇଥିଲେ। ତେବେ ଦ୍ୱିତୀୟ ଉଇକେଟ ଯୋଡିରେ କୋହଲି ଓ ଶିଖର ଧାୱନ ୭୯ ରନ କରି ସ୍ଥିତି ସମ୍ଭାଳିଥିଲେ। ଏହାପରେ ଧାୱନ ୩୫ ରନ କରି ଆଉଟ ହୋଇଥିଲେ। ଅମ୍ବାତି ରାୟୁଡୁ ୨୨, ଯୁବ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୨୪, ଭୁବନେଶ୍ୱର କୁମାର ୧୦ରନ କରି ଆଉଟ ହୋଇଥିବା ବେଳେ କୁଲଦୀପ ଯାଦବ ୧୫ ରନ କରି ଅପରାଜିତ ରହିଥିଲେ। ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଲୟରେ ନ ଥିବା ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ୭, ଯୁଜବେନ୍ଦ୍ର ଚହଲ ୩, ଖଲିଲ ଅହମ୍ମଦ ୩ ରନ କରି ଆଉଟ ହୋଇଥିବା ବେଳେ ଯଶପ୍ରୀତ ବୁମ୍‌ରା ଖାତା ଖୋଲିପାରି ନ ଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ୍ ପକ୍ଷରୁ ମାର୍ଲନ ସାମୁଏଲ୍ସ ସର୍ବାଧିକ ୩, ଜାସନ ହୋଲ୍ଡର, ଓବେଡ ମ୍ୟାକକୋଏ, ଆଶଲେ ନର୍ସ ୨ଟି ଲେଖାଏ ଓ କେମର ରୋଚ୍ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲେ ମଧ ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିଥିଲା। ୫୫ ରନରେ ୩ ଉଇକେଟ ହରାଇ ସମସ୍ୟାରେ ପଡିଥିଲା। ତେବେ ଉଇକେଟ କିପର ବ୍ୟାଟ୍ସମ୍ୟାନ ସାଇ ହୋପ୍ ୯୫ ରନର ଲଢୁଆ ପାଳି ଖେଳି ସ୍ଥିତି ସମ୍ଭାଳିଥିଲେ। ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଶିମରନ ହେଟମେର ୩୭, ଅଧିନାୟକ ଜାସନ ହୋଲ୍ଡର ୩୨ ଓ ନିମ୍ନକ୍ରମରେ ଆଶଲେ ନର୍ସ ୨୨ ବଲରୁ ୪ ଚୌକା ଓ ୨ ଛକା ସହ ଦ୍ରୁତ ୪୦ ରନ କରି ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର କିରନ ପାୱେଲ ୨୧, ଚନ୍ଦରପଲ ହେମରାଜ ୧୫, ମାର୍ଲନ ସାମୁଏଲ୍ସ ୯, ରୋଭମାନ ପାୱେଲ ୪, ଫାବିଆନ ଆଲେନ ୫ ରନ କରି ଆଉଟ ହୋଇଥିଲେ। କେମର ରୋଚ ୧୫ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ପକ୍ଷରୁ ଯଶପ୍ରୀତ ବୁମ୍‌ରା ସର୍ବାଧିକ ୪, କୁଲଦୀପ ଯାଦବ ୨, ଭୁବନେଶ୍ୱର କୁମାର, ଖଲିଲ ଅହମ୍ମଦ ଓ ଯୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।


ଶତକୀୟ ଇନିଂସ୍ ଅବସରରେ ଶର୍ଟ ଖେଳୁଛନ୍ତି ବିରାଟ କୋହଲି।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ୍ ୫୦ ଓଭରରେ ୨୮୩/୯
(ହୋପ୍- ୯୫, ନର୍ସ- ୪୦, ହେଟମେର- ୩୭, ହୋଲ୍ଡର- ୩୨, ବୁମ୍‌ରା- ୪/୩୫, କୁଲଦୀପ- ୨/୫୨)।
ଭାରତ ୪୭.୪ ଓଭରରେ ୨୪୦ ଅଲ୍‌ଆଉଟ୍
(କୋହଲି- ୧୦୭, ଧାୱନ- ୩୫, ପନ୍ତ- ୨୪, ରାୟୁଡୁ- ୨୨, ସାମୁଏଲ୍ସ- ୩/୧୨, ନର୍ସ- ୨/୪୩, ମ୍ୟାକକୋଏ- ୨/୩୮, ହୋଲ୍ଡର- ୨/୪୬)।

### କ୍ରିସ୍ ବ୍ରଡ୍‌ଙ୍କ ତ୍ରିଶତକ

**ପୁଣେ, ୨୭।୧୦ (ପି.ଟି.):** ଶନିବାର ଭାରତ ବନାମ ୱେଷ୍ଟଇଣ୍ଡିଜ ତୃତୀୟ ଅନ୍ତର୍ଜାତୀୟ ଦିନିକିଆରେ ଟସ୍ ପକାଇ କ୍ରିସ୍ ବ୍ରଡ ଏକ ବିରଳ ମାଇଲଖୁଣ୍ଟ ହାସଲ କରିଛନ୍ତି। ୩୦୦ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚରେ ଅଫିସିଆଲ ଭାବେ ଦାୟିତ୍ୱ ନିର୍ବାହ କରିବାରେ ଆଇସିସି (ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ) ଏଲିଟ୍ ପ୍ୟାନେଲ ଅଫ୍ ମ୍ୟାଚ ରେଫରିଜ୍‌ର ଦ୍ୱିତୀୟ ସଦସ୍ୟ ହେବାର ଗୌରବ ଅର୍ଜନ କରିଛନ୍ତି। ଇଂଲଣ୍ଡର ଏହି ରେଫରି ଶ୍ରୀଲଙ୍କାର ରଞ୍ଜନ ମଦୁଗଲେଙ୍କଠାରୁ ଆହୁରି ୩୬ ଅନ୍ତର୍ଜାତୀୟ ଦିନିକିଆ ପଛରେ ରହିଛନ୍ତି। ମଦୁଗଲେ କରାଚୀଠାରେ ଏକ ଅନ୍ତର୍ଜାତୀୟ ଦିନିକିଆରେ ପ୍ରଥମେ ରେଫରି ଭାବେ କାର୍ଯ୍ୟ କରିଥିଲେ। ଏହାର ୧୧ ବର୍ଷ ପରେ ବ୍ରଡ ୨୦୦୪ରେ ଅକ୍‌ଲାଣ୍ଡଠାରେ ଜଣେ ଅଫିସିଆଲ ଭାବେ ଅନ୍ତର୍ଜାତୀୟ ଦିନିକିଆରେ ପଦାର୍ପଣ କରିଥିଲେ। ଅଧିକ ମ୍ୟାଚ ପରିଚାଳନା କରିଥିବା ରେଫରି ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି ନ୍ୟୁଜିଲାଣ୍ଡର ଜେଫ୍ କ୍ରୋ (୨୭୦ ଅନ୍ତର୍ଜାତୀୟ ଦିନିକିଆ)। ଭାରତର ପୂର୍ବତନ ଫାଷ୍ଟ ବୋଲର ଜାଭାଗଲ ଶ୍ରୀନାଥ ୨୧୨ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ପରିଚାଳନା କରିଛନ୍ତି। ରୋଶନ ମହାନାମା ୨୨୨ଦିନିକିଆରେ ରେଫରି ଭାବେ କାର୍ଯ୍ୟକରିବା ପରେ ୨୦୧୫ରେ ଅବସର ନେଇଛନ୍ତି। ବ୍ରଡ୍ ଏପର୍ଯ୍ୟନ୍ତ ୯୮ ଟେଷ୍ଟ ମ୍ୟାଚ ପରିଚାଳନା କରିସାରିଛନ୍ତି। ୨୦୧୯ ମାର୍ଚ୍ଚରେ ୱେଲିଂଟନଠାରେ ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ ପରେ ସେ ୧୦୦ ଟେଷ୍ଟ ମ୍ୟାଚ ପରିଚାଳନା ସହ ମଦୁଗଲେଙ୍କ ପରେ ଦ୍ୱିତୀୟ ବ୍ୟକ୍ତି ଭାବେ ବିରଳ ଡବଲ ସଫଳତା ହାସଲ କରିବେ। ବ୍ରଡ ଆହୁରି ମଧ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ପରିଚାଳନା କ୍ଷେତ୍ରରେ ମଦୁଗଲେଙ୍କଠାରୁ (୯୨-୮୯) ଅଳ୍ପ ବ୍ୟବଧାନରେ ପଛୁଆ ରହିଛନ୍ତି।


ଏସିଆ ରଗ୍‌ବୀ ସେଭେନ୍ସରେ ଶନିବାର ଅନୁଷ୍ଠିତ ଏକ ମ୍ୟାଚ୍।

# ଭାରତ-ହଂକଂ ସେମିଫାଇନାଲ

**ଭୁବନେଶ୍ୱର,୨୭।୧୦(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୧୮ ବର୍ଷରୁ କମ୍ ବାଳିକା ଏସିଆ ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍‌ରେ ଆୟୋଜକ ଭାରତ ସେମିଫାଇନାଲରେ ପ୍ରବେଶ କରିଛି। କ୍ରମାଗତ ତୃତୀୟ ବିଜୟ ହାସଲ କରି ଭାରତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ପୁଣି କ୍ୱାର୍ଟର ଫାଇନାଲରେ ଭାରତ ୩୧-୦ରେ କାତାରକୁ ହରାଇ ସେମିଫାଇନାଲକୁ ଉଠିଛି। ରବିବାର ସେମିଫାଇନାଲରେ ଭାରତ ହଂକଂକୁ ଭେଟିବ। ଶୁକ୍ରବାର ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ୨୨-୫ ବ୍ୟବଧାନରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)କୁ ହରାଇଥିଲା। ଶନିବାର ଭାରତ ପ୍ରଥମେ ବାଂଲାଦେଶ ଓ ପରେ ଶ୍ରୀଲଙ୍କାକୁ ହରାଇଛି। ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସର ପ୍ରଥମ ମ୍ୟାଚ୍‌ରେ ଭାରତ ସମ୍ପୂର୍ଣ୍ଣରୂପେ ଆଧିପତ୍ୟ ବିସ୍ତାର କରି ଖେଳିବା ସହ ୮୯-୦ ବ୍ୟବଧାନରେ ବାଂଲାଦେଶକୁ ହରାଇଥିଲା। ଏହି ମ୍ୟାଚ୍‌ରେ ବାଂଲାଦେଶ ଏକ ପ୍ରକାର ଆତ୍ମସମର୍ପଣ କରିଥିଲା। ଦ୍ୱିତୀୟ ଦିନର ଅଷ୍ଟମ ମ୍ୟାଚ୍‌ରେ ଭାରତ ୨୪-୧୫ରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା।

## ବିସିସିଆଇର ଗ୍ରିଭାନ୍ସ ସେଲ ମୁଖ୍ୟଙ୍କ ଇସ୍ତଫା

**ମୁମ୍ବାଇ,୨୭।୧୦(ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ମହିଳାଙ୍କ ଅଭିଯୋଗର ଶୁଣାଣି ଲାଗି ଉଦ୍ଦିଷ୍ଟ ଗ୍ରିଭାନ୍ସ ସେଲର ଅଧ୍ୟକ୍ଷ କାରିନା କ୍ରିପାଲାନି ଶୁକ୍ରବାର ଇସ୍ତଫା ଦେଇଛନ୍ତି। ବିସିସିଆଇ ପକ୍ଷରୁ ୬ ମାସ ପୂର୍ବେ ଏହି କମିଟି ଗଠନ କରାଯାଇଥିଲା। ଦେଶର କ୍ରିକେଟ କଣ୍ଟ୍ରୋଲ ବୋର୍ଡ ପରିଚାଳନା ଦାୟିତ୍ୱରେ ଥିବା ପ୍ରଶାସକ କମିଟି (ସିଓଏ) ପକ୍ଷରୁ ସିଇଓ ରାହୁଲ ଜୋହରିଙ୍କ ବିରୋଧରେ ଆସିଥିବା ନାରୀ ନିର୍ଯାତନା ଅଭିଯୋଗର ତଦନ୍ତ ଲାଗି କମିଟି ଗଠନ ସମ୍ପର୍କରେ ଘୋଷଣା କରାଯିବା ପରେ ଓକିଲ କ୍ରିପାଲାନି ଇସ୍ତଫା ଦେଇଛନ୍ତି। "କାରିନା ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏଥିନେଇ ସେ କୌଣସି ନିର୍ଦ୍ଦିଷ୍ଟ କାରଣ ଦର୍ଶାଇ ନାହାନ୍ତି" ବୋଲି ବିସିସିଆଇ ଜଣେ ବରିଷ୍ଠ କର୍ମକର୍ତ୍ତା କହିଛନ୍ତି।

# ଟି୨୦ ଦଳରୁ ବାଦ୍ ପଡ଼ିଲେ ଧୋନୀ

**ପୁଣେ, ୨୭।୧୦ (ପି.ଟି.)**

ୱେଷ୍ଟଇଣ୍ଡିଜ ଏବଂ ଚଳିତବର୍ଷ ପରବର୍ତ୍ତୀ ଭାଗରେ ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ ସିରିଜ ପାଇଁ ଶୁକ୍ରବାର ଭାରତୀୟ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏଥିରୁ ମହେନ୍ଦ୍ର ସିଂ ଧୋନୀ ବାଦ୍ ପଡ଼ିଛନ୍ତି। ନଭେମ୍ବର ୪ରୁ ଆରମ୍ଭ ହେବାକୁଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜରୁ ଅଧିନାୟକ ବିରାଟ କୋହଲିଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ତାଙ୍କ ସ୍ଥାନରେ ରୋହିତ ଶର୍ମା ଦଳର ନେତୃତ୍ୱ ନେବେ। ତେବେ କୋହଲି ଅଷ୍ଟ୍ରେଲିଆ ବିପକ୍ଷ ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଲାଗି ଦଳକୁ ପ୍ରତ୍ୟାବର୍ତ୍ତନ କରିବେ। କୋହଲି ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜରେ ଭାରତର ଅଧିନାୟକତ୍ୱ କରିବେ। ନ୍ୟୁଜିଲାଣ୍ଡ ଏ' ବିପକ୍ଷ ପ୍ରଥମ ୪ ଦିନିଆ ମ୍ୟାଚ ପାଇଁ ୧୫ ଜଣିଆ ଭାରତ ଏ' ଦଳ ମନୋନୟନ ହୋଇଛି।

**ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ସିରିଜ ପାଇଁ ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶିଖର ଧାୱନ, କେ.ଏଲ. ରାହୁଲ, ଦୀନେଶ କାର୍ତ୍ତିକ, ମନୀଷ ପାଣ୍ଡେ, ଶ୍ରେୟାସ ଆୟାର, ରିଷଭ ପନ୍ତ୍ (ଉଇକେଟକିପର), କ୍ରୁନାଲ ପାଣ୍ଡ୍ୟା, ୱାଶିଂଟନ ସୁନ୍ଦର, ଯୁଜବେନ୍ଦ୍ର ଚହଲ, କୁଲ୍‌ଦୀପ ଯାଦବ, ଭୁବନେଶ୍ୱର କୁମାର, ଯଶପ୍ରୀତ ବୁମ୍‌ରା, ଖଲିଲ ଅହମ୍ମଦ, ଉମେଶ ଯାଦବ ଓ ଶାହବାଜ ନଦିମ।

**ଅଷ୍ଟ୍ରେଲିଆ ବିପକ୍ଷ ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ:** ବିରାଟ କୋହଲି (ଅଧିନାୟକ), ଏମ. ବିଜୟ, କେ.ଏଲ୍. ରାହୁଲ, ପୃଥ୍ୱୀ ଶ', ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ହନୁମା ବିହାରି, ରୋହିତ ଶର୍ମା, ରିଷଭ ପନ୍ତ୍, ପାର୍ଥିବ ପଟେଲ, ଆର. ଅଶ୍ୱିନ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ମହମ୍ମଦ ଶାମି, ଈଶାନ୍ତ ଶର୍ମା, ଉମେଶ ଯାଦବ, ଯଶପ୍ରୀତ ବୁମ୍‌ରା ଓ ଭୁବନେଶ୍ୱର କୁମାର।

**ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପଅଧିନାୟକ), ଶିଖର ଧାୱନ, କେ.ଏଲ୍. ରାହୁଲ, ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, ଦୀନେଶ କାର୍ତ୍ତିକ, ରିଷଭ ପନ୍ତ୍(ଉଇକେଟକିପର), କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ୱାଶିଂଟନ ସୁନ୍ଦର, କ୍ରୁନାଲ ପାଣ୍ଡ୍ୟା, ଭୁବନେଶ୍ୱର କୁମାର, ଯଶପ୍ରୀତ ବୁମ୍‌ରା, ଉମେଶ ଯାଦବ ଓ ଖଲିଲ ଅହମ୍ମଦ।

# ରାଧାରମଣଙ୍କୁ ଆଇ-ଲିଗ ୨ୟ ଡିଭିଜନ ଟିକେଟ୍

**କଟକ ଅଫିସ,୨୭।୧୦**

ଆଗାମୀ ଦିନରେ ହେବାକୁ ଥିବା ଆଇ-ଲିଗ୍ ୨ୟ ଡିଭିଜନର ପରବର୍ତ୍ତୀ ସଂସ୍କରଣରେ ଭାଗ ନେବ ଓଡ଼ିଶାର ଏକମାତ୍ର ଦଳ ରାଧାରମଣ ଫୁଟବଲ କ୍ଲବ। ଗତବର୍ଷର ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ଟାଇଟଲ ବିଜୟୀ ହୋଇଥିବା ରାଧାରମଣ ଇତିମଧ୍ୟରେ ଆଇ-ଲିଗ୍ ୨ୟ ଡିଭିଜନରେ ଭାଗ ନେବା ପାଇଁ ପ୍ରସ୍ତୁତି ମଧ ଆରମ୍ଭ କରିସାରିଛି। ପର୍ଯ୍ୟାୟ କ୍ରମେ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ଚାଲିଛି ଖେଳାଳି ଚୟନ ପ୍ରକ୍ରିୟା। ଏବେ ରାଜ୍ୟ ଓ ରାଜ୍ୟ ବାହାର ଖେଳାଳିଙ୍କୁ ନେଇ ଶିବିର ଚାଲିଥିବା ବେଳେ ଆଗାମୀ ଦିନରେ ବିଦେଶରୁ ଖେଳାଳିମାନେ ମଧ ଏଥିରେ ସାମିଲ ହେବେ। ମୁମ୍ବାଇ ଏଫ୍‌ସି, ଆଇଜଲ ଏଫ୍‌ସି, ଇଷ୍ଟ ବେଙ୍ଗଲ ଭଳି ନାମୀଦାମୀ ଫୁଟବଲ କ୍ଲବର ସହକାରୀ କୋଚ୍ ଦାୟିତ୍ୱ ସମ୍ଭାଳିଥିବା ଅବଦୁଲ ସିଦ୍ଦିକଙ୍କ ତତ୍ତ୍ୱାବଧାନରେ ଚାଲିଛି ଏହି ଖେଳାଳି ଚୟନ ପ୍ରକ୍ରିୟା। ଅନ୍ୟପକ୍ଷରେ ଭାରତୀୟ ଘରୋଇ ଫୁଟବଲ ଟୁର୍ନାମେଣ୍ଟର ମହାକୁମ୍ଭ ଭାବେ ପରିଚିତ ଆଇ-ଲିଗ୍ ଭଳି ମର୍ଯ୍ୟାଦାଜନକ ପ୍ରତିଯୋଗିତାରେ ରାଧାରମଣ ରାଜ୍ୟର ଦ୍ୱିତୀୟ ଦଳ ଭାବେ ଅଂଶ ଗ୍ରହଣ କରିବ। ପୂର୍ବରୁ ଆଇ-ଲିଗ୍ ୨ୟ ଡିଭିଜନ ୨୦୧୧, ୨୦୧୨ ସଂସ୍କରଣରେ ସମ୍ବଲପୁରର ସମଲେଶ୍ୱରୀ କ୍ଲବ ଭାଗ ନେଇଥିଲା। ଦଳ କେବଳ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳି ବିଦାୟ ନେଇଥିଲା। ମାତ୍ର ରାଧାରମଣ ଏହି ଟୁର୍ନାମେଣ୍ଟର ଓଡ଼ିଶାର ଛାପ ଛାଡ଼ିବ ବୋଲି କ୍ଲବ ପକ୍ଷରୁ ଆଶା କରାଯାଉଛି।

ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଫାଓ ଲିଗ୍-୨୦୧୭ରେ ରାଧାରମଣ କ୍ଲବ ଚାମ୍ପିୟନ ହୋଇଥିଲା। ଫାଇନାଲରେ ଦଳ ୨-୦ ଗୋଲରେ ସନ୍‌ରାଇଜ୍‌କୁ ହରାଇ ଏହି ସଫଳତା ପାଇଥିଲା। ଫାଓ ଲିଗ ଟାଇଟଲ ବିଜୟୀ ହେବା ପରେ ଆଇ-ଲିଗ୍ ୨ୟ ଡିଭିଜନରେ ଭାଗ ନେବା ପାଇଁ ରାଧାରମଣ କ୍ଲବ ପକ୍ଷରୁ ଯୋଜନା ହୋଇଥିଲା। ଏ ନେଇ ଗତ କିଛି ମାସ ପୂର୍ବେ ଦଳ ପଞ୍ଜୀକରଣ ମଧ ସରିଛି। ପ୍ରତିଯୋଗିତାରେ ଭାଗ ନେବା ନେଇ ଚୂଡ଼ାନ୍ତ ହେବା ପରେ ଆରମ୍ଭ ହୋଇଛି ଖେଳାଳି ଚୟନ ପ୍ରକ୍ରିୟା। କୋଚ୍ ଅବଦୁଲ ସିଦ୍ଦିକଙ୍କ ତତ୍ତ୍ୱାବଧାନରେ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ଯେଉଁ ଖେଳାଳି ଚୟନ କାର୍ଯ୍ୟକ୍ରମ ଚାଲିଛି, ଏବେ ସେଥିରେ ମୋଟ୍ ୨୯ ଜଣ ଖେଳାଳି ରହିଛନ୍ତି। ଏମାନଙ୍କ ଭିତରୁ ୨୪ ଜଣ ରାଜ୍ୟ ବାହାର କ୍ଲବ ଗୁଡ଼ିକର ଖେଳାଳି ହୋଇଥିବା ବେଳେ ୫ ଜଣ ଓଡ଼ିଶାର ଖେଳାଳି ଅଛନ୍ତି। ରାଜ୍ୟ ବାହାରର ଥିବା ୨୪ ଜଣ ଖେଳାଳିଙ୍କ ଭିତରୁ ଏବେ ୪/୫ଜଣ ଖେଳାଳି ବଛାଯିବେ। ପରେ ଘରୋଇ ଖେଳାଳିମାନଙ୍କ ନିମନ୍ତେ ମଧ ଏକ ଚୟନ ପ୍ରକ୍ରିୟା କରାଯିବ। ରାଜ୍ୟର ୧୦ ଜଣ, ରାଜ୍ୟ ବାହାରର ୧୦ ଜଣ ଖେଳାଳି ଚୂଡ଼ାନ୍ତ ଦଳରେ ରହିବେ ବୋଲି କ୍ଲବ ପକ୍ଷରୁ ନିଷ୍ପତ୍ତି ହୋଇଛି। ନଭେମ୍ବର ଦ୍ୱିତୀୟ ସପ୍ତାହରେ ବିଦେଶୀ ଖେଳାଳିମାନଙ୍କୁ ଏହି ଶିବିରରେ ସାମିଲ କରାଯିବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଦକ୍ଷିଣ ଆଫ୍ରିକା, ନାଇଜେରିଆ, ଘାନା, ଲାଇବେରିଆର କିଛି ଫୁଟବଲ କ୍ଲବ ସହ ଆଲୋଚନା ସରିଛି। ଅତିକମରେ ୩ ଜଣ ବିଦେଶୀ ଖେଳାଳି ଦଳରେ ରହିବେ ବୋଲି କୁହାଯାଇଥିଲା।


ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ଚାଲିଛି ଖେଳାଳି ଚୟନ ପ୍ରକ୍ରିୟା।

**ଆରମ୍ଭ ହେଲା ଖେଳାଳି ଚୟନ ପ୍ରକ୍ରିୟା**

■ ଦକ୍ଷିଣଆଫ୍ରିକା, ଲାଇବେରିଆ, ଘାନାରୁ ଆସିବେ ଖେଳାଳି

# କିଶୋର ନ୍ୟାୟପାଳିକା ଅଦାଲତର ୨ ନୂତନ ସଦସ୍ୟ

ମାଲକାନଗିରି,୨୭।୧୦(ଡି.ଏନ.ଏ)

ମାଲକାନଗିରି ଜିଲା କିଶୋର ନ୍ୟାୟ ଅଦାଲତର ସଭ୍ୟାସଭ୍ୟ ଭାବେ ପୂର୍ବତନ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ସଞ୍ଜୁକ୍ତା ପ୍ରଧାନ ଓ ଶିଶୁ ମଙ୍ଗଳ ସମିତିର ପୂର୍ବତନ ସଭ୍ୟ ହରେଶ ଚନ୍ଦ୍ର ବେହେରା ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହୋଇଛନ୍ତି। ଉଭୟେ ନିଜ କାର୍ଯ୍ୟରେ ଶନିବାର ଯୋଗ ଦେଇଛନ୍ତି। କିଶୋର ନ୍ୟାୟ ଅଦାଲତର ଅଧ୍ୟକ୍ଷ ତଥା ବିଚାରପତି ହିମାଂଶୁ ଶେଖର ସିଂଙ୍କୁ ଉଭୟେ ସେମାନଙ୍କ ଆଦେଶପତ୍ର ଦେଇ କାର୍ଯ୍ୟରେ ଯୋଗ ଦେଇଥିବା ଜଣାପଡିଛି। ଏହି ଆଦେଶନାମାର ନକଲ ଉଭୟେ ଜିଲାପାଳଙ୍କୁ ପ୍ରଦାନ କରିଥିବା ପ୍ରକାଶ କରିଛନ୍ତି।




## କାଳିମେଳା ବ୍ଲକ: ୨୮ ଛାତ୍ରୀଛାତ୍ର ପାଇଲେ ବୃତ୍ତି

କାଳିମେଳା,୨୭।୧୦(ଡି.ଏନ.ଏ.)

ମାଲକାନଗିରି ଜିଲା କାଳିମେଳା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ୨୦୧୭-୧୮ ଶିକ୍ଷାବର୍ଷର ପ୍ରାଥମିକ ବୃତ୍ତି ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି । ଗତ ଅଗଷ୍ଟ ମାସରେ ଏନେଇ ପରୀକ୍ଷା ହୋଇଥିଲା । ବ୍ଲକରେ ତୃତୀୟ ଶ୍ରେଣୀରେ ୧୪ଜଣ ଏବଂ ୫ମ ଶ୍ରେଣୀରେ ୧୪ ଜଣ ଛାତ୍ରୀଛାତ୍ର ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ତୃତୀୟ ଶ୍ରେଣୀରେ ଭାରତୀୟ ବିଦ୍ୟାନିକେତନ ଗୁରୁକୁଳ ବିଦ୍ୟାଳୟର ଛାତ୍ର କେଶବ କର ସର୍ବାଧିକ ନମ୍ବର ରଖି ପ୍ରଥମ ହୋଇଥିବା ବେଳେ କାଳିମେଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ଦିପ୍ତିମୟୀ ସାହୁ ଦ୍ୱିତୀୟ ଓ ମାଙ୍ଗିପାଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟଳୟର ଛାତ୍ରୀ ବିମଳା କବାସୀ ଓ ପବିତ୍ର ଖିଲ ତୃତୀୟରେ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୁରିଆଂଶୁ ଶେଖର ମାଝି, ସୁହନ ପ୍ରଧାନ, ଅନ୍ୟଷା ପ୍ରିୟଦର୍ଶିନୀ ବିଶ୍ୱାଳ ଏହି ବୃତ୍ତି ପାଇଛନ୍ତି । ତୃତୀୟ ଶ୍ରେଣୀରେ କୁଶାଲ ସରକାର,ଭୀମସେନ ମାଢୀ,ମୁନା ପଡିଆମି, ଜଗାଦୀଶ ସ୍ୱାଇଁ, ସନ୍ତୋଷ ମାଡକାମୀ, ଈଶ୍ୱର ମାଢୀ, ଶୁଭମ କୁମାର ହରିଚନ୍ଦନ ବୃତ୍ତି ପାଇଛନ୍ତି। ସେହିପରି ୫ମ ଶ୍ରଣୀରେ ଶିଶୁ ବିଦ୍ୟାମନ୍ଦିରର ସାର୍ଥକ ସୁନ୍ଦର ରାୟ ପ୍ରଥମ ହୋଇଥିବା ବେଳେ ରଜତ ଶୁଭ୍ର ଜେନା ଦ୍ୱିତୀୟ, ମାଙ୍ଗିପାଲି ଉଚ୍ଚ ପ୍ରଥମିକ ବିଦ୍ୟାଳୟର ଛାତ୍ର ହରିଶଙ୍କର ଗୋଲରୀ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆୟୁଷମାନ ସ୍ୱାଇଁ, ଧୀରଜ ଘୋଷ, ପୂଜା ମଣ୍ଡଳ ଓ ଦୀପ୍ତିପ୍ରଜ୍ଞା ନାୟକ ମଧ୍ୟ ବୃତ୍ତି ପାଇବାକୁ ମନୋନୀତ ହୋଇଛନ୍ତି। ପଂଚମ ଶ୍ରେଣୀରେ ଚନ୍ଦ୍ରିକା ସରଦାର, ଗଙ୍ଗାଧର ଜାଲି, ନବଜିତ ସରକାର, ବାପି ସରକାର, ରୋହିତ ହାଲଦାର, ମାମାଲି ଆଇଚି ଓ ବିଷ୍ଣୁ ମଣ୍ଡଳ ବୃତ୍ତି ପାଇଁ ମନୋନୀତ ହୋଇଛନ୍ତି।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

ଧରିତ୍ରୀ
DHARITRI
ରବିବାର, ୨୮ ଅକ୍ଟୋବର, ୨୦୧୮



ଲୋକଙ୍କଠାରେ ଶକ୍ତିର ଅଭାବ ନାହିଁ,
ପ୍ରକୃତରେ ଇଚ୍ଛାର ହିଁ ଅଭାବ।
- ପ୍ଲାଟୋ



## ସଂକ୍ଷେପରେ



### କାଳୀପୂଜା ନେଇ ଶୁଭଖୁଣ୍ଟି ସ୍ଥାପନ

**ରାୟଗଡା ଅଫିସ୍, ୨୭।୧୦:** ରାୟଗଡା ସହରରେ ଥିବା ଫ୍ରେଣ୍ଡସ ୟୁଥ୍ ଆସୋସିଏଶନ୍ ଆନୁକୂଲ୍ୟରେ ୩୬ତମ କାଳୀ ପୂଜା ଉତ୍ସବ ଉପଲକ୍ଷେ ଶୁଭଖୁଣ୍ଟି ସ୍ଥାପନ ହୋଇଛି । ବ୍ଲକ୍ କଲୋନୀସ୍ଥିତ କାଳୀ ମନ୍ଦିରରେ ଶନିବାର ରୀତିନୀତି ଅନୁଯାୟୀ ପୁରୋହିତମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା । ପରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା । ଏଥିରେ କର୍ତ୍ତା ଭାବେ ଶିବ ପଟ୍ଟନାୟକ ଏବଂ ଶିବାଜୀ ଦାଶ ଉପସ୍ଥିତ ଥିଲେ । ଆଜ୍ଞାମାଳ ନିମନ୍ତେ ପାଇକପଡାସ୍ଥିତ ଦକ୍ଷିଣକାଳୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଆଜ୍ଞାମାଳ ଅଣାଯାଇ ମା' କାଳୀଙ୍କର ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସଭାପତି ଦିଲୀପ ପଟ୍ଟନାୟକ, ଉପସଭାପତି ଶିବାଜୀ ଦାଶ, ସାଧାରଣ ସମ୍ପାଦକ ଶିବ ପଟ୍ଟନାୟକ, ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, କୋଷାଧକ୍ଷ ଗୌରୀ ପଟ୍ଟନାୟକ, ସଭ୍ୟ ସୁନୀଲ କୁମାର ପାଣିଗ୍ରାହୀ, ଭି.ପ୍ରଶାନ୍ତ କୁମାର, ବିବେକ ଶତପଥୀ, ବଳରାମ ବଗର୍ତି, ମୁନା ଗୌଡ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପୂଜା ଆସନ୍ତା ୭ତାରିଖରୁ ଆରମ୍ଭ ହୋଇ ୧୯ ତାରିଖରେ ଶେଷ ହେବ । ଏଥିରେ ମା' ଦକ୍ଷିଣ କାଳୀଙ୍କ ଦଶମହାବିଦ୍ୟା ପୂଜାର୍ଚ୍ଚନା ହେବ ।

### ଯାନବାହାନ ଯାଞ୍ଚ, ଜରିମାନା ଆଦାୟ

**ଟିକିରି,୨୭।୧୦(ଡ଼ି.ଏନ.ଏ):** ରାୟଗଡ଼ା ଜିଲା କାଶିପୁର ବ୍ଲକ ଟିକିରି ପୋଲିସ ତରଫରୁ ଯାନବାହାନ ଯାଞ୍ଚ କରାଯାଇ ଜରିମାନା ଆଦାୟ କରାଯାଇଛି । ଟିକିରି ଥାନା ସମ୍ମୁଖରେ ବିଭିନ୍ନ ଯାନବାହନ ଯାଞ୍ଚ କରାଯାଇଥିଲା। ହେଲମେଟ ପିନ୍ଧି ନ ଥିବା ୧୧ ବାଇକ୍ ଆରୋହୀଙ୍କଠାରୁ ୨ ହଜାର ତିନିଶହ ଟଙ୍କା ଜରିମାନା ଆଦାୟ କରାଯାଇଛି । ଥାନାଧିକାରୀ ସୁଜ୍ଞାନି ସାହୁଙ୍କ ନିର୍ଦ୍ଦେଶରେ ଥାନା ଏସଆଇ ସୁଦର୍ଶନ ଅଧିକାରୀ, ମଧୁସୂଦନ ପୂଜାରୀ ଉପସ୍ଥିତ ରହି ଯାଞ୍ଚ କରିଥିଲେ ।

### ଗୌରୀଆଜ୍ଞା ପୂଜା ପାଇଁ ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ କାରିଗର



**ପାରଳାଖେମୁଣ୍ଡି, ୨୭।୧୦(ସ୍ୱ.ପ୍ର.):** ଗଜପତି ଜିଲାର ଗୋଷାଣୀ, କାଶୀନଗର, ରାୟଗଡ ଇତ୍ୟାଦି ସମେତ ପାରଳାଖେମୁଣ୍ଡି ସହରସ୍ଥ ଚିତ୍ରକାର ସାହି ଓ କବିଚନ୍ଦ୍ର ସାହି ଇତ୍ୟାଦି ବିଭିନ୍ନ ସ୍ଥାନରେ ମୂର୍ତ୍ତିକାରମାନେ ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଗୌରୀଆଜ୍ଞା ପୂଜା ପାଇଁ ମୂର୍ତ୍ତି ନିର୍ମାଣରେ ଲାଗିପଡ଼ଛନ୍ତି। ଗୌରୀଆଜ୍ଞା ମୂର୍ତ୍ତିର ବିଶେଷତ୍ୱ ହେଲା ନନ୍ଦି ନାମକ ବୃଷଭ ଉପରେ ଶିବ, ପାର୍ବତୀ, ଗଙ୍ଗା ଏବଂ ନାଗସର୍ପ ରହିଥାନ୍ତି । ମୁଖ୍ୟତଃ ତେଲୁଗୁ ସମ୍ପ୍ରଦାୟର କୃଷକ ପରିବାରଗୁଡିକ ଏହି ମୂର୍ତ୍ତି କିଣି କୁମାର ପୂର୍ଣ୍ଣମୀ ପରେ ପବିତ୍ର କାର୍ତ୍ତିକ ମାସରେ ୩, ୫, ୭ କିମ୍ବା ୯ଦିନ ପର୍ଯ୍ୟନ୍ତ ନିଜ ଘରେ ପୂଜା କରିବା ସହ ଚାଷ ଜମିରେ ପୂଜାର୍ଚ୍ଚନା କରିଥାନ୍ତି । ମାନସିକ ପୂରଣ ତଥା ଭଲ ଫସଲ ଉତ୍ପନ୍ନ ଉଦ୍ଦେଶ୍ୟରେ ଏହି ପୂଜା କରାଯାଏ। ସମୟ ପରିବର୍ତ୍ତନ ଅନୁସାରେ କେତେକ ଓଡ଼ିଆ କୃଷକ ପରିବାର ମଧ ଏହି ପୂଜା କରୁଥିବା ଜଣାପଡ଼ିଛି।

# ଗାଁ ବିକାଶରେ ରାସ୍ତା ବାଧକ

**କାଶୀପୁର,୨୭।୧୦(ଡ଼ି.ଏନ.ଏ)**

ଗାଁକୁ ଭଲ ରାସ୍ତାଟିଏ ନାହିଁ । ଯାହା ଅଛି ସେଥିରେ ଯିବା କଷ୍ଟକର । ତେଣୁ ରାସ୍ତାର ସୁବିଧା ନ ଥିବାରୁ ଗାଁର ଉନ୍ନତିମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ସେମିତି ନଳକୂପ ଅଛି ସତ । ହେଲେ ଗ୍ରାମବାସୀଙ୍କ ଆବଶ୍ୟକତାକୁ ମେଣ୍ଟାଇ ପାରୁନାହିଁ । ତେଣୁ ବାଧ୍ୟ ହୋଇ ଲୋକେ ନାଳ ପାଣି ଉପରେ ଭରସା କରୁଛନ୍ତି । ଏନେଇ ବାରମ୍ବାର ଜଣାଇବା ସତ୍ତ୍ୱେ ପ୍ରଶାସନର ହେୟଜ୍ଞାନ ନିକଟରେ ଅଟକିଯାଇଛି ବିକାଶ । ଏହା ଦେଖିବାକୁ ମିଳିଛି କାଶୀପୁର ବ୍ଲକ ସୁଙ୍ଗେର ପଞ୍ଚାୟତ ଠାରୁ ପ୍ରାୟ ୩/୪ କିମି ଦୁର ବନତେଜ ଗ୍ରାମରେ ।

ଏହି ଗ୍ରାମରେ ୧୦୩ ପରିବାର ବସବାସ କରୁଛନ୍ତି । ଏହି ଗାଁକୁ ଯିବାକୁ ହେଲେ ୨ଟି ରାସ୍ତା ରହିଛି । ଗୋଟିଏ ରାସ୍ତାରେ ଗଲେ ନାଳ ପାରି ହୋଇ ଯିବାକୁ ପଡ଼ିଥାଏ । ନାଳରେ କୌଣସି ପୋଲ ନ ଥିବାରୁ ଲୋକେ ପାଣି ଭିତରେ ବିପଦସଙ୍କୁଳ ଅବସ୍ଥାରେ ଯିବାଆସିବା କରିଥାନ୍ତି । କିନ୍ତୁ ବର୍ଷା ଦିନେ ନାଳରେ ପାଣି ଆସିଲେ ଉକ୍ତ ରାସ୍ତା ଦେଇ ଯିବା ସମ୍ଭବ ହୋଇ ନ ଥାଏ । ସେହିପରି ଆଉ ଗୋଟିଏ ରାସ୍ତାରେ ଏମିତି ଖାଲ ଖମା ରହିଛି ଯେ, ଚାଲି କି ଯିବା କଷ୍ଟକର ହୋଇପଡ଼େ । ହେଲେ ସାମାନ୍ୟ ବର୍ଷା ହୋଇଗଲେ କଷ୍ଟଟା ଦିଗୁଣ ବଢିଯାଏ । ରାସ୍ତା ଅଭାବରୁ ରୋଗୀ ଓ ଗର୍ଭବତୀଙ୍କୁ ମେଡ଼ିକାଲ ନେବାରେ ଅସୁବିଧା ହୋଇଥାଏ । ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଗାଁକୁ ଭଲ ରାସ୍ତାଟିଏ ନ ଥିବାରୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ରାସ୍ତା ମରାମତି ଓ ନାଳରେ ଗୋଟିଏ ପୋଲ ନିର୍ମାଣ ନେଇ ଲୋକେ ବାରମ୍ବାର ଜଣାଇଲେ ମଧ୍ୟ ସେମାନଙ୍କ କଥାକୁ କେହି ଗୁରୁତ୍ୱ ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସେହିପରି ଗ୍ରାମରେ ଗୋଟିଏ ନଳକୂପ ରହିଛି । ଏଥିରୁ ଦୁଇରୁ ତିନି ଜଣ ପାଣି ନେବାପରେ ନଳକୂପରୁ ଆଉ ପାଣି ବାହାରି ନ ଥାଏ । ତେଣୁ ଲୋକମାନେ ବାଧ ହୋଇ ଗ୍ରାମରେ ଥିବା ନାଳ ପାଣି ପିଇଥାନ୍ତି । ଯାହା ଫଳରେ ଗ୍ରାମବାସୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଗ୍ରାମର ପବିତ୍ର ନାଏକ ପ୍ରକାଶ କରିଛନ୍ତି । ରାସ୍ତା ଏବଂ ପାଣି ସମସ୍ୟା ନେଇ ବହୁବାର ପ୍ରସାସନକୁ ଜଣାଇଲେ ମଧ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଇ ସମସ୍ୟା ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।



ଲୋକେ ନାଳ ପାଣି ସଂଗ୍ରହ କରୁଛନ୍ତି ।

**ଶୁଣୁନି ପ୍ରଶାସନ**
- ନାଳ ପାରି ହୋଇ ଯିବାକୁ ପଡ଼େ
- ଗ୍ରାମରେ ରହିଛି ଗୋଟିଏ ନଳକୂପ
- ନାଳ ପାଣି ପିଉଛନ୍ତି ଗ୍ରାମବାସୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

# ଆଦିବାସୀ ଇଲାକାର ପ୍ରତିଭା ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ

**ପଦ୍ମପୁର, ୨୭।୧୦(ଡ଼ି.ଏନ.ଏ)**

ଆଦିବାସୀ ଇଲାକାର ପ୍ରତିଭାବାନ ବ୍ୟକ୍ତି ଏବେ ଅସାଧାରଣ ବ୍ୟକ୍ତିର ଅଧିକାରୀ । ସେମାନଙ୍କ କଳା ପଲ୍ଲୀରୁ ଯାଇ ଏବେ ଦିଲ୍ଲୀ ପର୍ଯ୍ୟନ୍ତ ପହଞ୍ଚିଲାଣି । ସେମାନଙ୍କୁ ଅଗ୍ରାଧିକାର ଦେଲେ ସମାଜର ଅନ୍ଧବିଶ୍ୱାସ, କୁସଂସ୍କାର, ଯୌତୁକ ଭଳି କାର୍ଯ୍ୟ ଅଟକି ପାରିବ । ଶନିବାର ପଦ୍ମପୁର ବିଜୟାନନ୍ଦ ହାଇସ୍କୁଲ ପଡ଼ିଆରେ ଆୟୋଜିତ ମୁଁ ହିରୋ,ମୁଁ ଓଡ଼ିଶା କାର୍ଯ୍ୟକ୍ରମରେ ଅତିଥିମାନେ ଏହା କହିଛନ୍ତି । ପ୍ରଥମେ ପଦ୍ମପୁର ବ୍ଲକରୁ ସଚେତନ ରଥକୁ ଆଞ୍ଚଳିକ କଳାକାର ଓ ରାଜ୍ୟସ୍ତରରୁ ଆସିଥିବା କଳାକାରମାନେ ନୃତ୍ୟ ଓ ବାଦ୍ୟର ତାଳେ ତାଳେ ସଭାସ୍ଥଳରେ ପହଞ୍ଚାଇଥିଲେ । ପରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଏଥିରେ ଗୁଣପୁର ବିଧାୟକ ତ୍ରିନାଥ ଗମାଙ୍ଗ ମୁଖ୍ୟଅତିଥି, ବ୍ଲକ ଅଧକ୍ଷ ରମାକାନ୍ତ ମାଝି, ବ୍ଲକ ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ, ବ୍ଲକ ସମାଜ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଅସୀମା ରାଓ, ଜିଲା ବିଜୁ ଯୁବ ବାହିନୀ ଜିଲା ସଂଯୋଜକ ବିବେକାନନ୍ଦ ବାବୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରମୁଖ ଯୁବ ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା । ଆଦିବାସୀ ନୃତ୍ୟ ପାଇଁ ମା' ତାରାବନମ ସଂଗଠନ, ମରିଚଗୁଡ଼ା ଓ ଗୁଡିଆବନ୍ଧସ୍ଥିତ ବସନ୍ତଦେବୀ ବିଦ୍ୟାପୀଠର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ଡଙ୍ଗରରାଣୀ ନୃତ୍ୟ ପାଇଁ ପ୍ରଧାନଶିକ୍ଷକ ପ୍ରଶାନ୍ତ ଶତପଥୀ, ଯୁବ କଳାକାର ତଥା ବିଶିଷ୍ଟ ତବଲା ବାଦକ ଶେଖର ମହାରଣାଙ୍କ ଭଳି ଅନେକ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା । ଶିକ୍ଷୟିତ୍ରୀ ସୁନିତା ପଣ୍ଡା ଓ ବ୍ଲକ ବିହନ କେନ୍ଦ୍ରର ଅଧିକାରୀ ଦାଶରଥୀ ସେନାପତି ସଭାର ମଞ୍ଚ ପରିଚାଳନା କରିଥିଲେ । ବିଜୁ ଯୁବ କୋଡିନେଟର ରବି ଚୌଧୁରୀ ସହଯୋଗ କରିଥିଲେ । ଶେଷରେ ଅସୀମା ରାଓ ଧନ୍ୟବାଦ ଦେଇଥିଲେ ।



ବ୍ରାହ୍ମଣସାହିରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀ ।



ଷ୍ଟେଶନ ରୋଡ ପଜା କମିଟି ।



ବିବିଏନ ପୂଜା କମିଟି ।

# ଧୁମଧାମ୍‌ରେ ଚାଲିଛି ମା'ଗଜଲକ୍ଷ୍ମୀଙ୍କ ପୂଜା

**ଗୁଣପୁର,୨୭।୧୦(ଡ଼ି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ସହରଠାରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଧୁମ୍‌ଧାମ୍‌ରେ ପାଳିତ ହେଉଛି । ଏହି ଉତ୍ସବ ଶନିବାର ୪ର୍ଥ ଦିନରେ ପହଁଞ୍ଚିଛି । ସହରର ୫ଟି ସ୍ଥାନରେ ପୂଜା ହେଉଥିବାରୁ ଗୁଣପୁର ଉତ୍ସବ ମୁଖରିତ ହୋଇପଡିଛି । ସୁନ୍ଦର ଆଲୋକମାଳା ସହ ତୋରଣରେ ପୂଜାମଣ୍ଡପଗୁଡିକ ଝଲସି ଉଠିଛି । ମା' ଙ୍କ ଦର୍ଶନ ଲାଗି ପୂଜା ମଣ୍ଡପଗୁଡିକରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନଙ୍କ ଭିଡ ଜମୁଛି । ବିଭିନ୍ନ ସ୍ଥାନରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ମରାଠିଗୁଡା ପୂଜା କମିଟି ପକ୍ଷରୁ ହ୍ୟାଣ୍ଡଲୁମ ଓ ହ୍ୟାଣ୍ଡିକ୍ରାଫଟ ମେଳା ଆୟୋଜନ କରାଯାଇଛି । ସନ୍ଧ୍ୟାରେ କୁନି କୁନି ପିଲାଙ୍କୁ ନେଇ ନୃତ୍ୟ କାର୍ଯ୍ୟକ୍ରମ ହୋଇଥିଲା । ସେଠାରେ ଲୋକମାନଙ୍କ ଭିଡ ଜମୁଛି । ବିଭିନ୍ନ କମିଟି ପକ୍ଷରୁ ପୂଜାକୁ ଆକର୍ଷଣିୟ କରିବା ପାଇଁ ଜୋରଦାର ଉଦ୍ୟମ ହେଉଛି । ୭ ଦିନ ପାଇଁ ପୂଜା ମଣ୍ଡପଗୁଡିକରେ ମା' ପୂଜା ପାଇବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ବିବିଏନ ପୂଜା କମିଟି , ଷ୍ଟେଶନ ରୋଡ , ପୁରୁଣା ଗୁଣପୁର ପାଇକ ସାହି, ମରାଠିଗୁଡାର ବ୍ଲକ ଅଫିସ ସମ୍ମୁଖ ଏବଂ ବ୍ରାହ୍ମଣସାହିଠାରେ ମା'ଙ୍କ ପୂଜା ଆୟୋଜନ କରାଯାଇଛି ।

# ଭାଜପା କାର୍ଯ୍ୟକାରିଣୀ ବୈଠକ

**କାଶୀପୁର,୨୭।୧୦(ଡ଼ି.ଏନ.ଏ)**

କାଶୀପୁରସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଭାଜପାର ୮ମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ କାଶୀପୁର ମଣ୍ଡଳ ସଭାପତି ଉମାଶଙ୍କର ନାୟକ ଅଧ୍ୟକ୍ଷତା କରିଥିଲେ । ସ୍ଥାନୀୟ ଅଞ୍ଚଳର ସମସ୍ୟା ଓ ଶାସକ ଦଳର ଦୂର୍ନିତିକୁ ନେଇ ଆଗାମି ଦିନରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା । ଏହି ବୈଠକରେ ଜିଲା ଉପସଭାପତି ହଳଧର ମିଶ୍ର, ଖ ଜୋନ ସଭାପତି ଗୁଣନିଧି ବାଗ, ଗ ଜୋନ ପ୍ରଭାରି ବେଲଧର ମାଝି ,ଚନ୍ଦ୍ରଶେଖର ଖୁରା, ଭାବଗ୍ରାହି ନାୟକ, ବଳରାମ ସିଂ, ବଳ କୃଷ୍ଣ ସିଂ,କୋମଳ ଲୋଚନ ନାଏକ, କୃଷ୍ଣଚନ୍ଦ୍ର ପୂଜାରି, ଅମିତ ବୈଦ୍ୟ ପ୍ରମୁଖ ଯୋଗ ଦେଇଥିଲେ ।



ବୈଠକରେ ଯୋଗ ଦେଇଥିବା ଭାଜପା କର୍ମକର୍ତ୍ତା ।

# ଅସହାୟ ଅବସ୍ଥାରେ ବାଳିକା

**ପଦ୍ମପୁର,୨୭।୧୦(ଡ଼ି.ଏନ୍.ଏ.)**

ରାୟଗଡା ଜିଲା ପଦ୍ମପୁର ପାଖ ଗୁଡାରୀ ପଞ୍ଚାୟତର କରେଇଗୁଡା ଗ୍ରାମର ରଶ୍ମି ମାଣ୍ଡାଙ୍ଗି । ସେ ଅସହାୟ ଅବସ୍ଥାରେ ମାନସିକ ରୋଗାଗସ୍ତ ହୋଇ ଏଣେତେଣେ ବୁଲୁଛନ୍ତି । ଉପବାସରେ ଦୋକାନ ଆଗରେ ଶୀତକାକରରେ ପଡି ରହିଛନ୍ତି । ହେଲେ ଏହି ବାଳିକାଟି ପ୍ରତି ପ୍ରଶାସନ କି ସ୍ୱେଚ୍ଛାସେବୀ ସଂଗଠନ କାହାର ଦୃଷ୍ଟି ନ ପଡିବା ଆଶ୍ଚର୍ଯ୍ୟର ବିଷୟ । କରେଇଗୁଡା ଗ୍ରାମର ସ୍ୱର୍ଗତ ବିଶ୍ୱନାଥ ମାଣ୍ଡାଙ୍ଗିଙ୍କ ଦୁଇ ଝିଅ ଓ ଗୋଟିଏ ପୁଅ । ସେଥିମଧ୍ୟରୁ ବଡ଼ଝିଅ ରଞ୍ଜିତା ଗୁଣପୁରରେ ବିବାହ ହୋଇସାରିଥିବା ବେଳେ ସାନ ଝିଅ ରଶ୍ମି କୌଣସି କାରଣରୁ ମାନସିକ ରୋଗାଗସ୍ତ ହୋଇଛନ୍ତି । ବାପାଙ୍କ ମୃତ୍ୟୁ ପରେ ସେମାନଙ୍କ ପରିବାର ସମ୍ପୂର୍ଣ୍ଣ ଉଜୁଡି ଯାଇଛି । ସାନ ଭାଇ ପରିଶ୍ରମ କରି ନିଜେ ଚଳୁଥିବା ଜଣାପଡିଛି । ଏଭଳି ପରିସ୍ଥିତିରେ ଘରୁ ବାହାରି ଆସିଥିବା ରଶ୍ମି ଅସହାୟ ଅବସ୍ଥାରେ ପଦ୍ମପୁରରେ ବୁଲୁଛନ୍ତି । ସାନ ଭଉଣୀର ଏପରି ଅବସ୍ଥା ଦେଖି ବଡ଼ ଭଉଣୀ ତାଙ୍କୁ ରାୟଗଡା ମେଡିକାଲକୁ ନେଇଥିଲେ । ହେଲେ ତାଙ୍କର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ଭଉଣୀକୁ ଭଲ କରିବାରେ ବିଫଳ ହୋଇଛନ୍ତି । ତତ୍କାଳୀନ ଗୁଣପୁର ଉପଜିଲାପାଳଙ୍କୁ ଭେଟି ସହାୟତା ପାଇଁ ଅନୁରୋଧ କରିବେ ବୋଲି ବଡ଼ ଭଉଣୀ ପ୍ରକାଶ କରିଛନ୍ତି । ଅସହାୟ ଝିଅଟିର ଯଦି କୌଣସି ଅଘଟଣ ଘଟେ ତାହେଲେ ଏଥିପ୍ରତି କିଏ ଦାୟୀ ରହିବେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି । ତେଣୁ କିଛି ଅଘଟଣ ପୂର୍ବରୁ ପ୍ରଶାସନ କିମ୍ବା ସ୍ୱେଚ୍ଛାସେବୀ ସଂଗଠନ ଏହି ବାଳିକା ପ୍ରତି ସହଯୋଗର ହାତ ବଢ଼ାଇ ତାକୁ ମାନସିକ ରୋଗର ଚିକିତ୍ସା କରାଇବା ସହ ଥଇଥାନ କରାଇବାକୁ ସାଧାରଣରେ ଦାବି ହୋଇଛି ।



ରଶ୍ମି ମାଣ୍ଡାଙ୍ଗି ।

# ଅମଳ ଖାଉଛି ଚୋକଡ଼ା ପୋକ

**ମୁନିଗୁଡା, ୨୭।୧୦ (ଡି.ଏନ୍.ଏ.)**

କିଛିଦିନ ତଳେ ସାମୁଦ୍ରିକ ଝଡ଼ ତିତ୍‌ଲି ପ୍ରଭାବରୁ କେତେକ ଚାଷୀ ତ୍ରାହି ପାଇଥିବା ବେଳେ ବର୍ତ୍ତମାନ ଅମଳ ସମୟରେ ଧାନରେ ଚୋକଡ଼ା ପୋକ ଲାଗିଛି । ଦିନକୁ ଦିନ ପୋକ ଧାନଗଛ ନଷ୍ଟ କରିଦେବାରେ ଲାଗିଛି । ଯାହା ଚାଷୀଙ୍କ ଉପରେ ଚଡ଼କ ପଡିଛି । ଏବେ ଚାଷୀକୂଳ ହତାସ ହୋଇ ଚିନ୍ତାରେ ବସିଛି । ଏପରି ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡ଼ା ଜିଲା ମୁନିଗୁଡା ବ୍ଲକ କୁମୁଡାବାଲି ଗ୍ରାମରେ ।

ଏହି ଗ୍ରାମରେ ବହୁ ଚାଷୀ ଧାନ ଚାଷ କରିଥିଲେ । ସାମୁଦ୍ରିକ ଝଡ଼ ତିତ୍‌ଲିର ପ୍ରଭାବ କିଛି ମାତ୍ରାରେ ପଡ଼ିଥିଲେ ମଧ୍ୟ ଧାନ ଫସଲ ନଷ୍ଟ ହୋଇ ନ ଥିଲା । କିନ୍ତୁ ବର୍ତ୍ତମାନର ଗ୍ରାମର ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ୫ ଶହ ଏକରରୁ ଉର୍ଦ୍ଧ୍ୱ ଚାଷ ଜମିରେ ଚୋକଡା ପୋକ ଲାଗିଛି । ଚାଷୀମାନେ ଚଳତ ବର୍ଷ ମସୁରୀ, ପୂଜା, ଲଲାଟ, ହଜାର ଏକ ଓ ଆରଜେଏଲ ଧାନ ଲଗାଇଥିଲେ । ପ୍ରାୟତଃ ମସୁରୀ ଓ ପୂଜା ଧାନରେ ଚୋକଡା ପୋକ ଲାଗିଥିବା ଦେଖିବାକୁ ମିଳିଛି । ଏତେ ବର୍ଷ ହେଲା ଚାଷ କରି ଆସୁଛୁ । କିନ୍ତୁ ଚଳିତ ବର୍ଷ କିପରି ଚୋକଡା ପୋକ ଲାଗିଲା ତାହା ଜାଣିପାରୁନୁ ବୋଲି ଚାଷୀ ଲାଡ଼ି ଶାଙ୍କିରୀ, କୃଷ୍ଣଚନ୍ଦ୍ର କାଶି, ରାଶକାଶି, ଅପି କାଶି ପ୍ରକାଶ କରିଛନ୍ତି । ପୋକ ଲାଗିବା ଜାଣି ଔଷଧ ଆଣି ଜମିରେ ପକାଇଲୁ । କୌଣସି ସୁଫଳ ମିଳିନି । ବାରମ୍ବାର କୃଷି ଅଧିକାରୀ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ସମସ୍ୟା ଜଣାଇଲୁ । ହେଲେ କୌଣସି କୃଷି ଅଧିକାରୀ ଧାନ ଜମି ବୁଲି ଦେଖିଲେ ନାହିଁ । ବର୍ତ୍ତମାନ ଧାନ ଅମଳ ସମୟ । ଏତେ ଚାଷ କରିବାରେ କୌଣସି ଫଳ ମଧ ମିଳିବ ନାହିଁ । କୃଷି ଅଧିକାରୀ ଯଦି ଆଗରୁ ଆସିଥାନ୍ତେ, ନଚେତ୍ ଆମକୁ କିଛି ପରାମର୍ଶ ଦେଇଥାନ୍ତେ ଆମର ଅମଳ ଭଲ ହୋଇଥାନ୍ତା । ଧାନ ନଷ୍ଟ ହୋଇଗଲେ ଆମ ଚଳିବା କଷ୍ଟକର ହୋଇ ପଡ଼ିବ ବୋଲି ଚାଷୀ କୃଷ୍ଣ କାଶି, ଯଦୁ କାଶି, ରାମ କାଶି, ବାସୁଦେବ କାଶି, ଦୁଲଭ କାଶି ହରି କାଶି, କାଳିଆ କାଶି, ସୁଦାମ କାଶି, କନ୍ଦ କାଶି, ରହିଦାଶ କାଶି, ଦେବ କାଶି ପ୍ରମୁଖ ଅଭିଯୋଗ କରିଛନ୍ତି । ଏଥିସହ ଯଥାଶୀଘ୍ର କୃଷି ଓ ରାଜସ୍ୱ ବିଭାଗର ଅଧିକାରୀ ପରିଦର୍ଶନରେ ଆସି କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି । ଏ ନେଇ ଆମେ ଜିଲା କୃଷି ଅଧିକାରୀ ରିଲିଜିୟସ ବେକ୍‌ଙ୍କୁ ପଚାରିବାରୁ, ସେ ଏ ବିଷୟରେ ଅବଗତ ଅଛନ୍ତି । ଏହାର ତଦନ୍ତ ପାଇଁ କୃଷି ଅଧିଦର୍ଶକ ରାଜେନ୍ଦ୍ର ମିଶ୍ର , ସହକାରୀ କୃଷି ବୈଷୟିକ ପରିଚାଳକ ଉତ୍ତମ ଦାସ କୁମୁଡାବାଲି ଯାଇ ଚାଷୀମାନଙ୍କ ସହ ଆଲୋଚନା କରିଛନ୍ତି । ଆମେ ରବିବାର କୁମୁଡାବାଲି ଓ ଅନ୍ୟ ଅଞ୍ଚଳ ପରିଦର୍ଶନରେ ଯିବୁ । ଯାହା କ୍ଷତି ହୋଇଥିବ ତାହା ଆକଳନ କରି ରିପୋର୍ଟ ସରକାରଙ୍କ ନିକଟକୁ ପଠାଇବୁ ବୋଲି କହିଛନ୍ତି ।



ଚାଷୀମାନେ ପୋକ ଲାଗିଥିବା ଧାନଗଛ ଦେଖାଉଛନ୍ତି ।

- ଚିନ୍ତାରେ ଚାଷୀ
- ବିଭାଗୀୟ ଅଧିକାରୀଙ୍କ ଦେଖାନାହିଁ
- କ୍ଷତିପୂରଣ ଦେବାକୁ ଦାବି

■ ସୁରକ୍ଷା ମଞ୍ଚର ଅନଶନ ଦ୍ୱିତୀୟ ଦିନରେ

# ଦାବି ପୂରଣ ନ ହେଲେ ଆମରଣ ଅନଶନ ଚେତାବନୀ

**ରାୟଗଡା ଅଫିସ୍, ୨୭।୧୦**

ବିଭିନ୍ନ ଦାବି ନେଇ କାଶୀପୁର ବ୍ଲକ୍ ପାଇକ କୁପାଖାଲ ଗ୍ରାମର ସୁରକ୍ଷାମଞ୍ଚ ପକ୍ଷରୁ ଶୁକ୍ରବାରଠାରୁ ଚାଲିଥିବା ଅନଶନ ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି । ଏହି ଅନଶନରେ ମଞ୍ଚର ସିଙ୍ଗ ଚଲାନ, ସନ୍ନ୍ୟାସୀ ପାଇକ, ବିସେଇ ପ୍ରଧାନ, ବୈଦ୍ୟ ବେରୁକ, ରତନ ମାଝୀ, ସୁନାଦର ଚଲାନ, କୈଳାସ ଝୋଡିଆ, କମନ୍ଧ ମାଝି ଏବଂ ଅନ୍ୟାନ୍ୟ ସଦସ୍ୟ ଏବଂ ଗ୍ରାମବାସୀ ସାମିଲ ହୋଇଛନ୍ତି । ଜିଲାପାଳଙ୍କ କାର୍ଯ୍ୟାଳୟ ରାସ୍ତାପାର୍ଶ୍ୱରେ ଏହି ଅନଶନ କରାଯାଇଛି । ଦେଶ ସ୍ୱାଧୀନ ହେବାର ୬୯ବର୍ଷ ବିତିଯାଇଥିଲେ ସୁଦ୍ଧା ପାଇକ କୁପାଖାଲ ଗ୍ରାମକୁ କୌଣସି ପକ୍କାରାସ୍ତା, ଶିକ୍ଷା, ପାନୀୟ ଜଳର ସୁବିଧା କରାଯାଉନାହିଁ । ଉତ୍କଳ ଆଲୁମିନା କମ୍ପାନୀ ୨୭ବର୍ଷତଳେ ଗ୍ରାମବାସୀଙ୍କ ଠାରୁ ଜମି ନେଇ ଗ୍ରାମର ଉନ୍ନତି କରିବା ବଦଳରେ ଗ୍ରାମବାସୀଙ୍କ ଉପରେ ଦାଉ ସାଧୁଛନ୍ତି । ଯେଉଁଥି ପାଇଁ କମ୍ପାନୀର ପାରିପାର୍ଶ୍ୱିକ ଗାଁଗୁଡ଼ିକର ଲୋକେ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି । ତେଣୁ ଏହି ଅଞ୍ଚଳର ଲୋକଙ୍କୁ ସମସ୍ତ ମୌଳିକ ସୁବିଧା ଯୋଗାଇଦେବା ସହିତ ଅଞ୍ଚଳବାସୀଙ୍କୁ କମ୍ପାନୀରେ ସ୍ଥାୟୀ ନିଯୁକ୍ତି ଦିଆଯାଉ ବୋଲି ଦାବି କରିଛନ୍ତି । ଦାବିଗୁଡିକ ତୁରନ୍ତ ପୂରଣ କରା ନ ଗଲେ ଆଗାମୀଦିନରେ ଆମରଣ ଅନଶନ ଆରମ୍ଭ କରାଯିବ ବୋଲି ସୁରକ୍ଷା ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିବା ସୁରକ୍ଷା ମଞ୍ଚର ସଦସ୍ୟ ଓ ଗ୍ରାମବାସୀ ।

## ଏ ସପ୍ତାହର ପ୍ରଶ୍ନ

୧– ମିସ୍ ଡିଫ୍ ଏସିଆ ୨୦୧୮ର ବିଜେତା........... ?
୨– ଭାରତର ପ୍ରଥମ ଇଞ୍ଜିନବିହୀନ ଟ୍ରେନ୍‌ର ନାମ......... ?
୩– ଆଲ୍ଲାହାବାଦର ପୂର୍ବ ନାମ......... ?
୪– ନିକଟରେ ......... ନ୍ୟାଶନାଲ କମିଶନ ଫର୍ ପ୍ରୋଟେକ୍ସନ ଅଫ୍ ଚାଇଲ୍ଡ ରାଇଟ୍ସର ନୂଆ ଚେୟାରପର୍ସନ ଭାବେ ନିଯୁକ୍ତ ହୋଇଛନ୍ତି ?
୫– ବିଶ୍ୱର ସର୍ବବୃହତ୍ ରେଡିଓ ପ୍ରସାରଣ ସଂସ୍ଥା ....... ?

## ଗତ ସପ୍ତାହର ଉତ୍ତର

୧ ଅରୁଣାଞ୍ଚଳ ପ୍ରଦେଶ
୨ ୧୯୪୯ ମସିହା
୩ ବିଦ୍ରୂପ ଓ ରଚନା
୪ ସଦ୍‌ଭାବନା ଦିବସ
୫ ଭଦ୍ରବାହୁ

## ଉତ୍ତର ଦାତା


କବିତା ସ୍ୱାଇଁ, ଭୁବନେଶ୍ୱର


ଓଁକାର ପୁଣ୍ୟଶ୍ଳୋକ ପୂଜାରୀ, ସୁବର୍ଣ୍ଣପୁର


ସମ୍ବିତ୍ ଶୁଭଙ୍କର ରାଉତ, ବାଲେଶ୍ୱର

ତଥାପି ସଫଳ

# ଭିନ୍ନକ୍ଷମଙ୍କ ପ୍ରେରଣା ଭଗବାନ

କଳା, ସଙ୍ଗୀତ, ସଂସ୍କୃତି ଏବଂ ଐତିହ୍ୟ ପାଇଁ ବ୍ରହ୍ମପୁର ସହର କେବଳ ଓଡ଼ିଶା ନୁହେଁ, ରାଜ୍ୟ ବାହାରେ ମଧ୍ୟ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି । ଓଡ଼ିଶା ସଙ୍ଗୀତ ଜଗତକୁ ଅନେକ ପ୍ରତିଭାଙ୍କୁ ଭେଟି ଦେଇଛି ଏହି ସହର । ନିତି ଏଇ ସହରରେ ଆୟୋଜିତ ହୁଏ ସଙ୍ଗୀତ ଓ ସାଂସ୍କୃତିକ ଆସର। ଆଉ ଏହି ଆସରଗୁଡ଼ିକର ଏକ ଚିରପରିଚିତ ଚେହେରା ହେଉଛି ବ୍ରହ୍ମପୁର ବାସିନ୍ଦା ଭଗବାନ ପଣ୍ଡା । କେବେ ମଞ୍ଚ ଉପରେ ଜଣେ ଗାୟକ ଭାବେ ଶ୍ରୋତାଙ୍କ କରତାଳି ସାଉଁଟନ୍ତି ତ ପୁଣି କେବେ ଶ୍ରୋତାଟିଏ ହୋଇ ଅନ୍ୟ ଗାୟକଙ୍କ ସଙ୍ଗୀତ ପରିବେଷଣରେ ମନ୍ତ୍ରମୁଗ୍ଧ ହୋଇ କରତାଳିରେ ଉତ୍ସାହିତ କରନ୍ତି । ଏକ ତିନିଚକିଆ ସାଇକେଲରେ ପ୍ରାୟତଃ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜ ଉପସ୍ଥିତି ଜାହିର କରନ୍ତି ସେ ।

ମାତ୍ର ଦୁଇ ବର୍ଷ ବୟସରେ ସେ ପୋଲିଓରେ ଆକ୍ରାନ୍ତ ହୋଇଥିଲେ। ଯେଉଁ ବୟସରେ କୁନି ପାଦରେ ଚାଲିବା କଥା, ସେହି ବୟସରେ ଅକାମୀ ହୋଇଗଲା ତାଙ୍କ ପାଦଯୁଗଳ। ତଥାପି ହାରିନାହାନ୍ତି ସେ। ବୟସ ବଢ଼ିବା ସହ ତାଙ୍କ ଭିତରେ ସଙ୍ଗୀତ ପ୍ରତି ଆଗ୍ରହ ପ୍ରବଳ ଭାବେ ବଢ଼ିବାରେ ଲାଗିଲା । କେବେ ପରିବାରବର୍ଗଙ୍କ ଗହଣରେ ତ କେବେ ସାଙ୍ଗସାଥୀ ମେଳରେ, ସୁଯୋଗ ମିଳିବା ମାତ୍ରେ ଗୀତ ଗୁଣୁଗୁଣେଇ ଦେଉଥିଲେ । ତାଙ୍କ ପ୍ରତିଭା ସମସ୍ତଙ୍କୁ ଆକର୍ଷିତ କରିବାରେ ଲାଗିଲା । ଗୁଣକୁ ଅଟକାଇ ପାରିଲା ନାହିଁ ଶାରୀରିକ ସମସ୍ୟା । ହେଲେ ଆର୍ଥିକ ଅଭାବ ଯେମିତି ତାଙ୍କ ରାସ୍ତା ଓଗାଳିଲା । ତଥାପି ଏହାକୁ ଖାତିର ନ କରି, ମନରେ ଅସୀମ ଧର୍ଯ୍ୟ ଧରି ଗୀତ ଗାଇ ଚାଲିଲେ ସେ । କୁହାଯାଏ ଉପଯୁକ୍ତ ତାଲିମ ହିଁ ପ୍ରତିଭାକୁ ଶାଣିତ କରେ । ୨୦୦୯ ମସିହାରୁ ବିଦ୍ୟାଳୟସ୍ତରରୁ ସଙ୍ଗୀତ ପରିବେଷଣକରି ପ୍ରଶଂସିତ ହେବା ପରେ ସଙ୍ଗୀତ ଗୁରୁ ସନ୍ତୋଷ ବେହେରାଙ୍କଠାରୁ ସେ ପ୍ରଥମକରି ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା ଗ୍ରହଣ କଲେ । ବର୍ତ୍ତମାନ ସେ ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଥିବା ମହୋତ୍ସବଗୁଡ଼ିକରେ ଭାଗନେଇ ସଙ୍ଗୀତ ପରିବେଷଣ କରୁଛନ୍ତି। ୨୦୧୨ ମସିହାରେ ଭିନ୍ନକ୍ଷମ ପ୍ରତିଭାଧାରୀ ଭାବେ ପୁରୀ କୁମାର ମହୋତ୍ସବ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଥିଲେ । ରୋଟାରି କ୍ଲବ ପକ୍ଷରୁ ଗଞ୍ଜାମ ଜିଲାସ୍ତରୀୟ ପ୍ରତିଯୋଗିତା ଭଏସ୍ ଅଫ୍ ବ୍ରହ୍ମପୁରରେ ୨୦୧୦ରେ ପ୍ରଥମ ହେବା ସହ ଭିକାରୀ ବଳ ସଙ୍ଗୀତ ଜିଲାସ୍ତରୀୟ ପ୍ରତିଯୋଗିତା ଭଳି ଏକାଧିକ ଜିଲାସ୍ତରୀୟ, ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣକରି ପୁରସ୍କୃତ ହୋଇଛନ୍ତି । ବ୍ରହ୍ମପୁରରେ ରାହାଗିରିରେ ଅକ୍ଷୟ ମହାନ୍ତିଙ୍କ ସ୍ୱତନ୍ତ୍ର ସଙ୍ଗୀତ ପରିବେଷଣ କରି ନିଜର କଳାକୁ ପ୍ରତିପାଦିତ କରିପାରିଛନ୍ତି । ୨୦୧୭ରେ ଭୁବନେଶ୍ୱର ଭଞ୍ଜ କଳାମଣ୍ଡପଠାରେ ଓଡ଼ିଶୀ ସଙ୍ଗୀତ ମହୋତ୍ସବରେ ଓଡ଼ିଶୀ ସଙ୍ଗୀତ ପରିବେଷଣକରି ସମ୍ମାନିତ ହୋଇଛନ୍ତି । ସେ ଚଣ୍ଡିଗଡ ପ୍ରାଚୀନ କଳା କେନ୍ଦ୍ର ଅଧୀନରେ ଓଡ଼ିଶୀ ସଙ୍ଗୀତରେ ବିଶାରଦ ପାସ୍ କରିଛନ୍ତି।



ଯଦିଓ ଜଣେ ଭିନ୍ନକ୍ଷମ ଭାବେ ପିଲାବେଳେ ତାଙ୍କୁ ସାହିପଡିଶାଙ୍କଠାରୁ ଅନେକ କଟୁକଥା ଶୁଣିବାକୁ ମିଳିଛି ତଥାପି ସେସବୁକୁ ଖାତିର କରିବା ବଦଳରେ ଚ୍ୟାଲେଞ୍ଜ ହିସାବରେ ଗ୍ରହଣ କରି ନିଜକୁ ସକ୍ଷମ କରିବାକୁ ପଣ ନେଇ ଆଗେଇ ଆସିଛି ବୋଲି କୁହନ୍ତି ଭଗବାନ। ପରିବାର ଏବଂ ସାଙ୍ଗମାନଙ୍କ ପକ୍ଷରୁ ମିଳିଥିବା ସମର୍ଥନ ତାଙ୍କୁ ଜୀବନରେ ଆଗକୁ ବଢ଼ିବା ସହ ପ୍ରତ୍ୟେକ ପରିସ୍ଥିତିକୁ ସାମ୍ନା କରିବାକୁ ପ୍ରେରଣା ଯୋଗାଇଥିବା ସେ ପ୍ରକାଶ କରିଛନ୍ତି । ବଞ୍ଚିଥିବା ଯାଏଁ କାହା ଉପରେ ନିର୍ଭର ନ କରି ନିଜ କର୍ମ କରିବା ସହ ଯଥାସମ୍ଭବ ଅନ୍ୟକୁ ସାହାଯ୍ୟ କରିବାକୁ ହିଁ ଜୀବନର ଲକ୍ଷ୍ୟ ଭାବେ ଗ୍ରହଣ କରିଥିବା ଭଗବାନ ଆଗାମୀ ଦିନରେ ହଜିଯାଉଥିବା ପୁରୁଣା ଭାରତୀୟ ରୁଚିକର ମେଲୋଡି ସଙ୍ଗୀତ ଗୁଡିକର ପୁନରୁଦ୍ଧାର କରି ଲୋକଙ୍କ ସମ୍ମୁଖକୁ ଆଣିବାକୁ ପ୍ରୟାସ ଜାରି ରଖିଛନ୍ତି ।

–ଆଶୀର୍ବାଦ ରାଉତ

# ଯୁବ ବୟସରେ ମାନସିକ ରୋଗ







ଡା. ସରୋଜିନୀ ଷଡ଼ଙ୍ଗୀ

ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଆକଳନ ଅନୁଯାୟୀ, ପୃଥିବୀର ପ୍ରାୟ ୪୫ କୋଟି ଲୋକ ଭିନ୍ନ ଭିନ୍ନ ପ୍ରକାରର ମାନସିକ ରୋଗରେ ପୀଡ଼ିତ। ଭାରତ ଏକ ବିକାଶଶୀଳ ଦେଶ ହେଲେ ମଧ୍ୟ ଏଠାରେ ମାନସିକ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି ଏବଂ ଆସନ୍ତା ୨୦୨୦ ମସିହା ବେଳକୁ ଏଠାରେ ପ୍ରାୟ ୨୦ ପ୍ରତିଶତ ଲୋକ ମାନସିକ ରୋଗ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା କରାଯାଉଛି। ତେବେ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ଧୀରେ ଧୀରେ ଭାରତରେ ଯୁବ ବୟସର ପିଲାମାନେ ଏ ରୋଗରେ ବେଶି ଆକ୍ରାନ୍ତ ହେଉଛନ୍ତି, ଯାହା ରୋଗୀର ଅଭିଭାବକଙ୍କଠାରୁ ଆରମ୍ଭ କରି ମାନସିକ ରୋଗ ବିଶେଷଜ୍ଞଙ୍କର ମଧ୍ୟ ମୁଣ୍ଡବିନ୍ଧାର କାରଣ ପାଲଟିଯାଇଛି।

ଆମ ଦେଶର ଏକ ପଞ୍ଚମାଂଶ ହେଉଛନ୍ତି ଯୁବପିଢ଼ି। ତେଣୁ ସେମାନେ ସୁସ୍ଥ ରହିଲେ ହିଁ ଦେଶ ଆଗେଇବ। ଏହି ବୟସ ଜୀବନର ବସନ୍ତ ଋତୁ ହେଲେ ମଧ୍ୟ ବେଳେବେଳେ ଟିକିଏ ଅସୁବିଧା ହେଲେ, ଜୀବନରେ ଝଡ଼ ବା ବାତ୍ୟା ହେବା କିଛି ବିଚିତ୍ର କଥା ନୁହେଁ। ଏହି ସମୟରେ କେତେକ ଶାରୀରିକ ଓ ମାନସିକ ପରିବର୍ତ୍ତନ ସହ ଜୈବିକ ଓ ଅନ୍ତଃସ୍ରାବୀ ରସର ପରିବର୍ତ୍ତନ ଦେଖାଦିଏ। ଏହି ବୟସରେ ସେମାନେ ଗୋଟିଏ ଗୋଟିଏ ନୂଆ ଭୂମିକା ତୁଲାଇଥାନ୍ତି। ଅଧିକ ପାଠପଢ଼ା, ଜବ୍ ଆଦିର ଚାପ ସେମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥାଏ। ଏହାଛଡ଼ା ଅଧିକାଂଶ ମା'ବାପା କର୍ମଜୀବୀ ହୋଇଥିବାରୁ ପିଲାଙ୍କ ପାଇଁ ସେମାନେ ସମୟ ଦେଇପାରି ନ ଥାନ୍ତି। ସେମାନେ ମାନସିକ ଚାପରେ ରହିବା ଦ୍ୱାରା ଘରେ ଅନବରତ ପାଟିତୁଣ୍ଡ ଓ ଝଗଡ଼ା ଲାଗିରହେ, ଯାହାର ନକାରାତ୍ମକ ପ୍ରଭାବରେ ପିଲାମାନଙ୍କ ମସ୍ତିଷ୍କ ବିଶେଷ ଭାବରେ ପ୍ରଭାବିତ ହୋଇଥାଏ ଓ ମାନସିକ ସ୍ତରରେ ପିଲାଟି ଖୁବ୍ ବେଶି ଆଘାତ ପାଇଥାଏ। ଏଇ ବର୍ଦ୍ଧନଶୀଳ ବୟସରେ କଲେଜରେ ପାଠ ପଢିବା, ନୂତନ କୋର୍ସ ଆରମ୍ଭ କରିବା, ସାଙ୍ଗସାଥୀ ସହ ହଷ୍ଟେଲରେ ବା ବାହାରେ ରହିବା ଆଦି ତାଙ୍କ ମନରେ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଦେଇଥାଏ।

**ମଣିଷ ଯେକୌଣସି ଐଶ୍ୱର୍ଯ୍ୟରେ ମଣ୍ଡିତ ହୋଇଥାଉନା କାହିଁକି, ସୁନ୍ଦର ଏକ ପରୀ ମହଲରେ ବାସ କରି ହୀରା, ନୀଳା, ମୋତି ଓ ମାଣିକ୍ୟର ଅଳଙ୍କାରରେ ଭୂଷିତ ହୋଇଥାଉନା କାହିଁକି ଯଦି କୌଣସି ମାନସିକ ରୋଗରେ ପୀଡ଼ିତ ହୁଏ, ତେବେ ସବୁ ଐଶ୍ୱର୍ଯ୍ୟ ତା' ପାଖରେ ତୁଚ୍ଛ ହୋଇଯାଏ। କାରଣ ମଣିଷ ଶାରୀରିକ ରୋଗାକ୍ରାନ୍ତ ହେଲେ ଦେହ ସିନା ଖରାପ ହୋଇଯାଏ, କିନ୍ତୁ ମନ ଠିକ୍ ଥାଏ। ହେଲେ ଥରେ ମାନସିକ ରୋଗାକ୍ରାନ୍ତ ହେଲେ ମଣିଷ ସବୁଠାରୁ ବେଶି ଅଭିଶାପଗ୍ରସ୍ତ ହୋଇଯାଏ ଏବଂ ସବୁ ଥାଇ ମଧ ସେ ସବୁକିଛି ହରାଇବସେ।**

ଏହି ସମୟରେ ସେମାନେ ମା'ବାପାଙ୍କ କଥା ନ ଶୁଣି ସାଙ୍ଗସାଥୀଙ୍କ କଥା ବେଶି ଶୁଣିଥାନ୍ତି ଓ କ୍ରମେ କ୍ରମେ କୁସଂଗରେ ପଡ଼ି ନିଶାଦ୍ରବ୍ୟ ସେବନ ଆରମ୍ଭ କରିଦିଅନ୍ତି। ଏହାଛଡ଼ା ତଜ୍ଜନିତ ମାନସିକ ଚାପକୁ ଖାପ ଖୁଆଇ ନ ପାରି ବେଳେବେଳେ ମାନସିକ ସମସ୍ୟାରେ ପୀଡ଼ିତ ହୁଅନ୍ତି। ଆଜିକାଲି ଅନେକ ସୋସିଆଲ ମିଡିଆ ଯଥା ଟେଲିଭିଜନ, ସ୍ମାର୍ଟଫୋନ୍‌ରେ ଫେସ୍‌ବୁକ୍, ଟ୍ୱିଟର୍ ଓ ହ୍ୱାଟସ୍‌ଆପ୍ ଆଦି ମାଧ୍ୟମରେ ସେମାନେ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରହୁଛନ୍ତି। ଫଳରେ ସେମାନେ ମାନସିକ ଅବସାଦଗ୍ରସ୍ତ ରହୁଛନ୍ତି। ବେଳେବେଳେ ଅଳ୍ପ କିଛି ଘଟଣାରେ ମଧ୍ୟ ସେମାନେ ମାନସିକ ଭାରସାମ୍ୟ ହରାଇ 'ଆତ୍ମହତ୍ୟା' ଭଳି ଜଘନ୍ୟ କାମ କରିବାକୁ ପଛାଉ ନାହାନ୍ତି। ବେଳେବେଳେ ଘରେ ମାନସିକ ରୋଗର ଇତିହାସ ଥିଲେ ବି ସନ୍ତାନସନ୍ତତିମାନେ ମାନସିକ ରୋଗରେ ଆକ୍ରାନ୍ତ ହୋଇଥାନ୍ତି।

ତେଣୁ ଏ ବୟସରେ ମାନସିକ ଅବସାଦ ଓ ଚାପରୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ଅଭିଭାବକ ନିଜ ପିଲାମାନଙ୍କର ଯତ୍ନ ନେବା ସହ ସେମାନଙ୍କ ବ୍ୟବହାରରେ ପରିବର୍ତ୍ତନ ଦେଖାଗଲେ, ତୁରନ୍ତ ମାନସିକ ରୋଗ ବିଶେଷଜ୍ଞ ବା ଡାକ୍ତରଙ୍କ ପରାମର୍ଶ ନେବା ଦରକାର, ଯେହେତୁ ଯୁବା ବୟସ ଏକ ସ୍ପର୍ଶକାତର ସମୟ। ତେଣୁ ଏ ସମୟରେ ସେମାନଙ୍କ ପାଠପଢ଼ା ଦେଖିବା ସହ ବ୍ୟକ୍ତିତ୍ୱ ଗଠନ ଓ ସକାରାତ୍ମକ ମନୋଭାବ ଉତ୍ପନ୍ନ ପାଇଁ ଚେଷ୍ଟା କରିବା ଏବଂ ନିଶାଦ୍ରବ୍ୟ ସେବନ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ପରିବାର ସଦସ୍ୟଙ୍କ ଦାୟିତ୍ୱ। ଏଇ ଯୁବା ବୟସରେ ଯେମିତି ସେ କୌଣସି ଭୁଲ୍ ନିଷ୍ପତ୍ତି ନେଇ ନ ଯାଏ, ସେଥିପାଇଁ ସଜାଗ ରହିବା ଆବଶ୍ୟକ।

– ଲିଙ୍କରୋଡ୍, କଟକ–୧୨
ମୋ–୯୪୩୭୦୫୫୦୦୭



DSPL - 191

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍, ଓଡ଼ିଶା ସରକାର

## ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

## ମାନସିକ ରୋଗ ସମ୍ପର୍କରେ ଜାଣିବା କଥା

ଆମ ରାଜ୍ୟରେ ବର୍ଷକୁ ପ୍ରାୟ ୧୫ ରୁ ୧୭ ହଜାର ମାନସିକ ରୋଗୀ ଚିହ୍ନଟ ହୋଇଥାନ୍ତି । ତନ୍ମଧ୍ୟରୁ ଶତକଡ଼ା ୫୦ ରୁ ୮୦ ଭାଗ ରୋଗୀ ଆମ ରାଜ୍ୟରେ ବିଳମ୍ବରେ ଚିହ୍ନଟ ହୋଇଥାନ୍ତି । ଆପଣଙ୍କ କିମ୍ବା ଆପଣଙ୍କ ଅଂଚଳରେ ପିଲାଙ୍କ ଠାରେ ନିମ୍ନଲିଖିତ ଲକ୍ଷଣ ପରିଲକ୍ଷିତ ହେଲେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।

### ମାନସିକ ରୋଗର ଲକ୍ଷଣ

★ ବହୁଦିନ ଧରି ରାତିରେ ନିଦ ନହେବା
★ ବାରମ୍ବାର ରାତିରେ ଦୁଃସ୍ୱପ୍ନ ଦେଖିବା
★ ମନରେ ଅତ୍ୟଧିକ ଡର ଲାଗିରହିବା
★ ଅନ୍ୟକୁ ଅତ୍ୟଧିକ ସନ୍ଦେହ କରିବା ଓ ହଠାତ୍ ରାଗିଯିବା
★ ମାତ୍ରାଧିକ ସ୍ମରଣଶକ୍ତିର ହ୍ରାସ ଘଟିବା
★ ସବୁବେଳେ ଅନ୍ୟମନସ୍କ ରହିବା ଓ ପ୍ରତ୍ୟେକ କଥା ଭୁଲିଯିବା
★ ବାରମ୍ବାର ଗୋଟିଏ କାମକୁ ଆବଶ୍ୟକତାଠାରୁ ଅଧିକଥର କରିବା
★ ମାତ୍ରାଧିକ ଦୁଃଖୀହେବା ଓ ମୌନ ରହିବା
★ ଗୋଟିଏ କଥାକୁ ବାରମ୍ବାର ଚିନ୍ତା କରିବା
★ ମନକୁ ମନ ହସିବା କିମ୍ବା ଅଯଥା ଗପିବା
★ ହତାଶ ଅନୁଭବ କରିବା ଓ ମନକୁ ଆତ୍ମହତ୍ୟା ଭାବନା ଆସିବା
★ ଅସ୍ୱାଭାବିକ ଆଚରଣ ଓ ବିଶୃଙ୍ଖଳା ଦେଖାଦେବା

### ମାନସିକ ରୋଗକୁ ପ୍ରତିରୋଧ କରିବାର ଉପାୟ

★ କୌଣସି ପ୍ରକାର ତମାଖୁ ସେବନରୁ ନିବୃତ୍ତ ରହିବା
★ ମାଦକ ଦ୍ରବ୍ୟ ବା ନିଶା ସେବନ ନ କରିବା
★ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଅଭ୍ୟାସ ଜାରି ରଖିବା
★ ନିୟମିତ ଶାରୀରିକ ପରିଶ୍ରମ ଜାରି ରଖିବା
★ ଉଚ୍ଚତା ଓ ବୟସ ଅନୁପାତରେ ନିଜ ଓଜନକୁ ସନ୍ତୁଳିତ ରଖିବା
★ ନିରାପଦ ଯୌନ ଓ ପ୍ରଜନନ ଅଭ୍ୟାସକୁ ଆପଣାଇବା
★ ଅତ୍ୟଧିକ ମାନସିକ ଚାପରୁ ନିଜକୁ ନିବୃତ୍ତ ରଖିବା
★ ନିୟମିତ ଭାବରେ ଯୋଗାଭ୍ୟାସ ଏବଂ ଧ୍ୟାନ ଜାରି ରଖିବା

10036/13/0001/1819

ଯଦି କୌଣସି ବ୍ୟକ୍ତିଙ୍କଠାରେ ଉପରୋକ୍ତ ଲକ୍ଷଣ ଦେଖାଯାଏ, ତେବେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ସହ ପରାମର୍ଶ କରନ୍ତୁ ।

**ମାନସିକ ରୋଗ ପ୍ରାଥମିକ ଅବସ୍ଥାରେ ସମ୍ପୂର୍ଣ୍ଣ ଆରୋଗ୍ୟ ସାଧ୍ୟ । ମାନସିକ ରୋଗୀମାନଙ୍କ ପାଇଁ ଔଷଧ ପ୍ରତ୍ୟେକ ଜିଲ୍ଲା ସଦର ମହକୁମା ଡ଼ାକ୍ତରଖାନା ମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ଅଟେ ।**

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା



ଯେଉଁମାନଙ୍କ ମନଟି ଛୋଟ ସେମାନଙ୍କୁ ଛୋଟ କଥାଟିଏ ବି ବଡ଼ ଭଳି ଜଣାପଡ଼େ।
- ଗୋଲ୍ଡସ୍ମିଥ



## ସଂକ୍ଷେପରେ



### ଗୋଷ୍ଠୀକେନ୍ଦ୍ର ଉଦ୍‌ଘାଟନ କଲେ ବିଧାୟକ

**ଜୟପୁର,୨୭।୧୦(ନି.ପ୍ର.):** ଜୟପୁର ବେହେରା ସାହି କାଳି ମନ୍ଦିର ନିକଟସ୍ଥ ଗୋଷ୍ଠୀକେନ୍ଦ୍ର ଶନିବାର ଉଦ୍‌ଘାଟିତ ହୋଇଛି। ବିଧାୟକ ତାରାପ୍ରସାଦ ବାହିନୀପତି ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ମିଡିଆ ସଂଯୋଜକ ଜ୍ୟୋତିରଞ୍ଜନ ମହାପାତ୍ର, ଜିଲା ସମ୍ପାଦକ ଶୀତଳ ରଥ, ଅଜିତ ସାମନ୍ତରାୟ, ରମା ନାୟକ ଉପସ୍ଥିତ ଥିଲେ। ଏହି କେନ୍ଦ୍ର ନିର୍ମାଣ ପାଇଁ ବହୁ ବର୍ଷ ହେବ ଦାବି ହୋଇଆସୁଥିଲା। ଏବେ ଏହା ବିଧାୟକଙ୍କ ପାଣ୍ଠିରୁ ଗୃହ ନିର୍ମାଣ କରାଯାଇଛି।

### ମହିଳାଙ୍କ ପାଇଁ ବିଜୟିନୀ କେନ୍ଦ୍ର ଉଦ୍‌ଘାଟିତ



**କୋରାପୁଟ,୨୭।୧୦(ସ୍ୱ.ପ୍ର.):** କୋରାପୁଟ ଜିଲା ପୋଲିସ କାର୍ଯ୍ୟାଳୟରେ ଶନିବାର ପୂର୍ବାହ୍ନରେ ମହିଳା ସହଯୋଗ (ବିଜୟିନୀ) କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏସ୍‌ପି କନୱର ବିଶାଳ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଫିତା କାଟି ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏହି କେନ୍ଦ୍ର ଯୌନ ନିର୍ଯାତନା ତଥା ଘରୋଇ ହିଂସାର ଶିକାର ମହିଳାମାନଙ୍କୁ ବିଶେଷଜ୍ଞଙ୍କ ଦ୍ୱାରା ପରାମର୍ଶ ଦିଆଯାଇ ମାନସିକ ଭାବେ ସଶକ୍ତ କରାଯିବ ବୋଲି ୱାର୍ଡ ଅନୁଷ୍ଠାନର ସଂପାଦିକା ରାଚେଲ ଡି. କୁମାରୀ କହିଛନ୍ତି। ଏହି କେନ୍ଦ୍ରରେ ୨ ଜଣ ପ୍ରଶିକ୍ଷକ ବି. ଅନିତା ରେଡ୍ଡି ଓ ରତ୍ନପର୍ଣ୍ଣା ରାୟ ପରାମର୍ଶଦାତ୍ରୀ ଭାବେ ନିଯୁକ୍ତ କରାଯାଇଛି। କେନ୍ଦ୍ରକୁ ଆସୁଥିବା ମହିଳାଙ୍କୁ ଉପଯୁକ୍ତ ପରାମର୍ଶ ଦେବା ସହ ଆଇନଗତ ଓ ପୋଲିସ ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି ଏସ୍‌ପି କହିଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଏଏସ୍‌ପି ଭି.ଆର. ରାଓ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ଜିଲା ସାମାଜିକ ମଙ୍ଗଳ ଅଧିକାରୀ ଉର୍ମିଳା ସିଂଙ୍କ ସମେତ ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଏଏସ୍‌ପି ଉଦ୍ଧବ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୩୧୦ ମିସ୍ତ୍ରିଙ୍କୁ ନେଇ କର୍ମଶାଳା

**ସେମିଳିଗୁଡ଼ା,୨୭।୧୦(ସ୍ୱ.ପ୍ର.):** କୋରାପୁଟ ଜିଲା ସେମିଳିଗୁଡ଼ାଠାରେ ରାମ୍‌କୋ ସିମେଣ୍ଟ ପକ୍ଷରୁ ୩୧୦ ମିସ୍ତ୍ରୀଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ନିର୍ମାଣ କାର୍ଯ୍ୟ କରିବା ସମୟରେ କିଭଳି ସିମେଣ୍ଟ ବ୍ୟବହାର କରାଯିବ ସେ ନେଇ ଯନ୍ତ୍ରୀ ବିଜୟ କୁମାର ଉପସ୍ଥିତ ମିସ୍ତ୍ରିଙ୍କୁ ବୁଝାଇଥିଲେ। ଗୁପ୍ତେଶ୍ୱର ହାର୍ଡୱାରର ସୁବ୍ରତ ନାୟକ, ସୁନୀଲ ଟ୍ରେଡର୍ସ , ମାସଲୋଗୀ ଟ୍ରେଡର୍ସ ଓ ଗଣେଶ ଟ୍ରେଡର୍ସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାମ୍‌କୋ ଆଞ୍ଚଳିକ ପ୍ରବନ୍ଧକ ଦେବେନ୍ଦ୍ର ସାହୁ, ପ୍ରାବନ୍ଧିକ ସୌରଭ କୁମାର ମିସ୍ତ୍ରୀମାନଙ୍କୁ ପୁରସ୍କାର ଏବଂ ମୋବାଇଲ୍ ପ୍ରଦାନ କରିଛନ୍ତି।

### ଗଜଲକ୍ଷ୍ମୀଙ୍କ ବିସର୍ଜନ

**ଦାମନଯୋଡ଼ି, ୨୭।୧୦(ଡି.ଏନ୍.ଏ.):** କୋରାପୁଟ ଜିଲା ନାଲ୍‌କୋ ଶିଳ୍ପ ନଗରୀର ସେକ୍ଟର-୨ , ସେକ୍ଟର-୩ ଏବଂ ମାଥାଲପୁଟରେ ପୂଜିତ ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ କରାଯାଇଛି। ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ ମା' ଗଜଲକ୍ଷ୍ମୀଙ୍କୁ ପରିକ୍ରମା କରାଇ ଶେଷରେ ବିସର୍ଜନ କରିଛନ୍ତି। ମାଥାଲପୁଟ ବଜାର କମିଟି ସଦସ୍ୟ ରବୀନ୍ଦ୍ର କୁମାର ସାହୁ, ସୁବାସ ମହାପାତ୍ର, ଡାକ ବେହେରା, ଦୁର୍ଗା ପାଢ଼ୀ, ମୋହନ ସାମଲ ପ୍ରମୁଖ ଭସାଣି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

■ ଆଜିଠୁ ଲୋକ ମହୋତ୍ସବ 'ପରବ-୨୦୧୮'

# ସୁନା ପାହାଡ଼ରୁ ଶୁଭିବ ମଙ୍ଗଳବାଦ୍ୟ

**୯୫ କୋଟି ଟଙ୍କାର ବିଭିନ୍ନ କାର୍ଯ୍ୟର ଶୁଭାରମ୍ଭ, ଶିଳାନ୍ୟାସ ହେବ**

**କୋରାପୁଟ,୨୭।୧୦(ସ୍ୱ.ପ୍ର.)**

କୋରାପୁଟ ଜିଲା କୋଟିଆ ପଞ୍ଚାୟତ ସ୍ୱର୍ଣ୍ଣ ପାହାଡ଼ରୁ ରବିବାର ରାଜ୍ୟସ୍ତରୀୟ ଲୋକ ମହୋତ୍ସବ 'ପରବ-୨୦୧୮' ଶୁଭାରମ୍ଭ ହେବ। ଏଥିପାଇଁ ଜିଲା ପ୍ରଶାସନ ସମସ୍ତ ପ୍ରସ୍ତୁତି ସାରିଛି। ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିବେ। ସମ୍ମାନିତ ଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, କୋରାପୁଟ ଏମ୍‌ପି ଝିନ୍ନ ହିକ୍କା, ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି, କୋରାପୁଟ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପଟ୍ଟାଙ୍ଗୀ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପାଙ୍ଗି, କୋଟପାଡ଼ ବିଧାୟକ ଚନ୍ଦ୍ରଶେଖର ମାଝି, କୋରାପୁଟ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ, ଲକ୍ଷ୍ମୀପୁର ବିଧାୟକ କୈଳାସ ଚନ୍ଦ୍ର କୁଲେସିକା, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଭୁ ଜାନି, ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଈଶ୍ୱର ପାଣିଗ୍ରାହୀ ଯୋଗଦେବେ।



କୋଟିଆସ୍ଥିତ ସୁନା ପାହାଡ଼।

ଏହି ଅବସରରେ କୋଟିଆରେ ୯୫ କୋଟି ୨୫ ଲକ୍ଷ ୬୬ ହଜାର ବ୍ୟୟ ଅଟକଳରେ ବିଭିନ୍ନ କାର୍ଯ୍ୟର ଶୁଭାରମ୍ଭ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ରହିଛି। ଏଥିରେ ଆଇଟିଡିଏ ପକ୍ଷରୁ କୋଟିଆରେ ଅନୁସୂଚିତ ଜନଜାତି ଛାତ୍ରାବାସ, ଆଦର୍ଶ ବିଦ୍ୟାଳୟ, ରାସ୍ତା ସମେତ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସାମିଲ ରହିଛି। ରବିବାର ସକାଳ ୭ଟାରେ କୋରାପୁଟସ୍ଥିତ ନିଶାରି ମୁଣ୍ଡାଠାରୁ ପୂଜାର୍ଚ୍ଚନା କଲା ପରେ କୋଟିଆ ଯାଇ ସେଠାରେ ଥିବା ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯିବ। ସେଠାରେ ମଶାଲ ପ୍ରଜ୍ୱଳନ କରାଯିବା ପରେ ବାଜା ବାଜଣା ଓ ନୃତ୍ୟ ସହ ଶୋଭାଯାତ୍ରା ସଭାସ୍ଥଳକୁ ଯିବ। ସେଠାରେ ପରବର ମୁଖ୍ୟ ମଶାଲ ପ୍ରଜ୍ୱଳନ କରାଯିବା ପରେ ପରବର ଆନୁଷ୍ଠାନିକ ଶୁଭାରମ୍ଭ ହେବ। ଏହି ଅବସରରେ କୋରାପୁଟ ସାଂସ୍କୃତିକ ପରିଷଦ ପକ୍ଷରୁ ୪ଟି ନୃତ୍ୟ ଦଳ ଓ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ୪ ଟି ଆଦିବାସୀ ନୃତ୍ୟ ଦଳ ସେମାନଙ୍କର ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରି ଶୋଭାଯାତ୍ରାରେ ସାମିଲ ହେବେ। କୋଟିଆରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଜନ ସମାଗମ ହେବାକୁ ଥିବାବେଳେ ଜିଲା ପୋଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

# ଉପାଧ୍ୟକ୍ଷ, କର୍ମଚାରୀଙ୍କ ନାଁରେ ଦୁର୍ନୀତି ଅଭିଯୋଗ

**ଜୟପୁର,୨୭।୧୦(ଡି.ଏନ୍.ଏ.)**

**ଜୟପୁର ପୌର ପରିଷଦ**
- ■ ଜିଲାପାଳଙ୍କୁ ଭେଟିଲେ ୨୪ କାଉନସିଲର
- ■ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବିକଲେ
- ■ ଅଭିଯୋଗର ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

ଜୟପୁର ପୌରସଂସ୍ଥାରେ ୨୦୧୩ରୁ ୨୦୧୮ ମଧ୍ୟରେ ଉପାଧ୍ୟକ୍ଷ ଏବଂ କେତେକ ପୌର କର୍ମଚାରୀ କାଉନସିଲ ବୈଠକର ଗୃହୀତ ପ୍ରସ୍ତାବ ଓ କାଗଜପତ୍ର ଜାଲିଆତି କରିବା ସହ ବ୍ୟାପକ ପିସି କାରବାର କରିଛନ୍ତି। ପୌରସଂସ୍ଥାର ୨୪ ଜଣ କାଉନସିଲର ଏଭଳି ଅଭିଯୋଗ ଆଣି ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଛନ୍ତି। ଏନେଇ ସେମାନେ ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଏହାପରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଭିଯୋଗର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

କାଉନସିଲରମାନଙ୍କ ଅଭିଯୋଗ ଅନୁଯାୟୀ, ଉପାଧ୍ୟକ୍ଷ ସୂର୍ଯ୍ୟନାରାୟଣ ରଥ, ମୁଖ୍ୟ କିରାଣି କୃଷ୍ଣଚନ୍ଦ୍ର ପାଳ, ଟେକସ ଦାରୋଗା ଚନ୍ଦ୍ର ନାଏକ, ଷ୍ଟେନୋ ଗୋପାଳ ସାହୁ ମିଳିତ ଭାବେ ଗତ ଅଗଷ୍ଟ ୩୦ ଓ ସେପ୍ଟେମ୍ବର ୨୭ରେ ପୌର ପରିଷଦର ପୂର୍ବ ନିର୍ଦ୍ଧାରିତ ଓ ପରିଷଦର ମଞ୍ଜୁରୀ ପ୍ରଦତ୍ତ କାର୍ଯ୍ୟକୁ ଚଞ୍ଚକତା କରାଯାଇ ଅଦଳବଦଳ ଓ ମିନ୍ୟୁଟ ଖାତାରେ ପରିବର୍ତ୍ତନ କରିଛନ୍ତି। ଏଥିରେ ସ୍ଥାନୀୟ ଜଣେ ଖବରଦାତା ସହାୟତା କରିଛନ୍ତି। ସେହିପରି ବିଭିନ୍ନ ପୌରସଂସ୍ଥା ଜମିକୁ ଜବରଦଖଲ ପରେ ଜବରଦଖଲକାରୀଙ୍କଠାରୁ ଲାଞ୍ଚ ଆକାରରେ ଟଙ୍କା ଆଦାୟ କରିବା ଭଳି ଦୁର୍ନୀତିରେ ଉପାଧ୍ୟକ୍ଷ ଏବଂ ଉପରୋକ୍ତ କର୍ମଚାରୀମାନେ ସଂଶ୍ଳିଷ୍ଟ ରହିଛନ୍ତି। ତେଣୁ ସେମାନଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରିବା ସହ କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ କରିବାକୁ ଦାବି କରିଛନ୍ତି। ଏହିପରି ଅଭିଯୋଗ ନେଇ ଉପାଧ୍ୟକ୍ଷ ରଥଙ୍କୁ ଫୋନ୍‌ରେ ଯୋଗାଯୋଗ କରିବାରୁ ପୁଅର ଦେହ ଅସୁସ୍ଥତା ପାଇଁ ସେ ବିଶାଖାପାଟଣାରେ ଥିବା କହିଛନ୍ତି। ଜୟପୁର ପୌରସଂସ୍ଥାର ୨୮ଟି ୱାର୍ଡ଼ରୁ ବିଜେଡି ଦଳର ୨୪ ଜଣ କାଉନସିଲର ରହିଛନ୍ତି। ସେଥିରୁ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ବିଜେଡିର ହୋଇଥିବା ବେଳେ ଅଭିଯୋଗକାରୀଙ୍କ ମଧ୍ୟରୁ ୨୧ଜଣ ବିଜେଡି, ୨ଜଣ କଂଗ୍ରେସ ଏବଂ ଜଣେ ସ୍ୱାଧୀନ କାଉନସିଲର ରହିଛନ୍ତି।

### ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଯୋଗଦାନ

**କୁନ୍ଦୁରା,୨୭।୧୦(ଡି.ଏନ୍.ଏ.)**

କୁନ୍ଦୁରା ବିଇଓଙ୍କ କାର୍ଯ୍ୟାଳୟରେ ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ବିନୋଦ ଚନ୍ଦ୍ର ପଟ୍ଟନାୟକ ଯୋଗ ଦେଇଛନ୍ତି। ଶୁକ୍ରବାର ଜିଲା ଶିକ୍ଷା ଅଧିକାରୀ ମର୍କତ କେଶରୀ ରାୟଙ୍କ ଉପସ୍ଥିତିରେ ସେ ଦାୟିତ୍ୱ ନେଇଛନ୍ତି। ଶନିବାର ତାଙ୍କୁ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ହରିଜନଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷକ ସ୍ୱାଗତ କରିଛନ୍ତି। କୁନ୍ଦ୍ରା ସଦରରେ ଦୀର୍ଘବର୍ଷ କାର୍ଯ୍ୟ କରିଥିବାରୁ ପୂର୍ବତନ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ସ୍ୱାଗତ କରିଛନ୍ତି। ଶିକ୍ଷକମାନଙ୍କ ସହିତ ଜଡ଼ିତ ରହି ଆଲୋଚନା ମାଧ୍ୟମରେ ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି ନୂତନ ବିଇଓ ବିନୋଦ କହିଛନ୍ତି। ଏହି ଅବସରରେ କେ. କ୍ରିଷ୍ଣା ମୋହନ ରାଓ, ଜୟା ପଣ୍ଡା, ସୁରେଶ ପାଢ଼ୀ, ସୁରେନ୍ଦ୍ର ଅଧିକାରୀ, ମମତା ମହାପାତ୍ର, ଗଙ୍ଗାଧର ତ୍ରିପାଠୀ, ରୀତା ଗୁରୁ, ରଘୁନାଥ ସାବତଙ୍କ ସମେତ ଏବିଇଓ ତିଲୋତ୍ତମା ଗରୁଡ ଏବଂ ବନମାଳୀ ନାୟକ ଉପସ୍ଥିତ ଥିଲେ।

# ୨.୯୩ କୁଇଣ୍ଟାଲ ଗଞ୍ଜେଇ ଜବତ



ଜବତ ଗଞ୍ଜେଇ ସହ ଟ୍ରକ୍।

**ଲମତାପୁଟ,୨୭।୧୦(ଡି.ଏନ୍.ଏ.)**

କୋରାପୁଟ ଜିଲା ଲମତାପୁଟ ପୋଲିସ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଏକ ଟ୍ରକ୍‌ସହ ୨.୯୩କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏହାସହ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରିଛି। ଆନ୍ଧ୍ର ପ୍ରଦେଶରୁ ଲମତାପୁଟ ଦେଇ ଟ୍ରକ୍ (ଏଚ୍‌ଆର୍ ୫୫ ଏମ୍ ୪୬୮୪) ଗଞ୍ଜେଇ ଭର୍ତ୍ତି ହୋଇ ହରିୟାଣା ଅଭିମୁଖେ ଯାଉଥିଲା। ମାଛକୁଣ୍ଡ ଏବଂ ଲମତାପୁଟ ପୋଲିସ ମିଳିତ ଭାବେ ଚଢ଼ାଉ କରି ଲମତାପୁଟ ଜୟପୁର ରାସ୍ତାର ମାଳିସାହି ନିକଟରେ ଟ୍ରକ୍‌କୁ ଅଟକ ରଖି ଦୁଇ ଜଣଙ୍କୁ ଥାନାକୁ ଆଣିବା ସହିତ ଟ୍ରକ୍‌କୁ ଜବତ କରିଛି। ଯାଞ୍ଚ ପରେ ଚୋରା ଚାଲାଣ ହେଉଥିବା ଗଞ୍ଜେଇ ପୋଲିସ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୨୩ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଚଢ଼ାଉରେ ମାଛକୁଣ୍ଡ ଆଇଆଇସି ସୁଦର୍ଶନ ନାୟକ, ଲମତାପୁଟ ଫାଣ୍ଡି ଅଧିକାରୀ ଶିବ ଷଡଙ୍ଗୀ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ।

■ ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

# ଛାତ୍ରୀଙ୍କ ଆଦିବାସୀ ନୃତ୍ୟ ମନ ମୋହିଲା



ଜଣେ କୃତୀ ଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

**କୋଟପାଡ଼, ୨୭।୧୦(ଡି.ଏନ୍.ଏ.)**

କୋରାପୁଟ ଜିଲା କୋଟପାଡ଼ ସରକାରୀ ଜମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ଚନ୍ଦ୍ରଶେଖର ମାଝି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଏମ୍. ବିଶୋୟୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସୁରଭି କାର୍ଯ୍ୟକ୍ରମ ସଭାପତି କୋଟପାଡ଼ ଗୋଷ୍ଠୀ ଉନ୍ନୟନ ଶିକ୍ଷା ଅଧିକାରୀ ବିଚିତ୍ରାନନ୍ଦ ସେଠୀଙ୍କ ସମେତ ଖଗେଶ୍ୱର ଗୋଲରୀ ,ପପେୟା ବେହେରା, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମୋହନ ନାୟକ, ସମ୍ପାଦକ ପ୍ରଦୀପ ପ୍ରଧାନ ସନ୍ତୋଷ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଛନ୍ତି। ପ୍ରଥମସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଆସନ୍ତା ୩ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ସାମିଲ କରାଯିବ ବୋଲି ବିଇଓ ସେଠୀ କହିଛନ୍ତି। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା।

# ବିଦ୍ୟାଳୟ ସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା

**ଜୟପୁର,୨୭।୧୦ (ନି.ପ୍ର./ଡି.ଏନ୍.ଏ.)**

ଜୟପୁର ବ୍ଲକ ବିଦ୍ୟାଳୟସ୍ତରୀୟ ଦୌଡ଼କୁଦ, କବାଡ଼ି ଓ ଯୋଗାସନ ପ୍ରତିଯୋଗିତା ମଡର୍ନ ବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଛି। ଏଥିରେ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ସରୋଜିନୀ ଦଣ୍ଡସେନା ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଅନ୍ୟତମ ଅତିଥି ଭାବେ ମଡର୍ନ ବିଦ୍ୟାଳୟର ସୁପ୍ରିୟା ପାଣିଗ୍ରାହୀ, ରବି ନାୟକ ଯୋଗ ଦେଇଥିଲେ। ଏହି ଦିନିକିଆ ପ୍ରତିଯୋଗିତାରେ ୨୬ଟି ବିଦ୍ୟାଳୟରୁ ମୋଟ ୧୦୮ ଜଣ ପ୍ରତିଯୋଗୀ ଓ ୨୪ ଜଣ ଶାରୀରିକ ଶିକ୍ଷା ପ୍ରଶିକ୍ଷକ ଯୋଗ ଦେଇଥିଲେ। ସେଥିରୁ ଦୌଡ଼କୁଦରେ ୬ ଜଣ ଛାତ୍ର ଓ ୬ ଜଣ ଛାତ୍ରୀ, କବାଡିରେ ୩ ଜଣ ଛାତ୍ର ଓ ୩ ଜଣ ଛାତ୍ରୀ ଓ ଯୋଗାସନରେ ଜଣେ ଛାତ୍ର, ଜଣେ ଛାତ୍ରୀ ଆଗାମୀ ୨ ଓ ୩ ତାରିଖ ବୋରିଗୁମ୍ମାରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। କ୍ରୀଡ଼ା ଶିକ୍ଷକ ବାସୁଦେବ ସେନାପତି, ନିରଞ୍ଜନ ପାଣିଗ୍ରାହୀ, ନରେଶ ଷଡ଼ଙ୍ଗୀ, ପ୍ରସନ୍ନ ପାଣିଗ୍ରାହୀ, ଗଗନ ଦାସ ପ୍ରଣଦେବ ବାଲା, ମିନତି ପାତ୍ର, ନଳିନୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଦୌଡ଼କୁଦ ପ୍ରତିଯୋଗିତାରେ ସାମିଲ ହୋଇଥିବା ଛାତ୍ରୀଛାତ୍ରମାନେ।

# ୩୬ ମିସ୍ତ୍ରି ନେଲେ ତାଲିମ୍

**ଦଶମନ୍ତପୁର, ୨୭।୧୦(ଡି.ଏନ୍.ଏ.)**

ଦଶମନ୍ତପୁର ବ୍ଲକ୍‌ସ୍ଥିତ ସାଇରାମ କଲ୍ୟାଣ ମଣ୍ଡପରେ ୬ ଦିନିଆ ରାଜମିସ୍ତ୍ରି ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ଏହି କାର୍ଯ୍ୟକ୍ରମ ହେଲ୍‌ପ ଏ ଚାଇଲ୍ଡ ଅଫ ଇଣ୍ଡିଆ ଏବଂ କୋରାପୁଟ ଶିଶୁ ବିକାଶ ପ୍ରକଳ୍ପର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଛି। ଅତିଥି ଭାବେ ଏବିଡିଓ ରଜନୀ କାନ୍ତ ଦାଶ, ହେଲ୍ ଏ ଚାଇଲ୍ଡ ଅଫ ଇଣ୍ଡିଆର ଅର୍ଥ ସଂଯୋଜକ ପ୍ରେମ୍‌ଜିତ ବାଘ, ତାଲିମଦାତା ମହେନ୍ଦ୍ର ହିଆଳ, ସିଦ୍ଧାର୍ଥ ଯୋୟେଲ, ଶିଶୁ ବିକାଶ ସଂଯୋଜକ ଉଷ୍ଟନ ରାଉଳ ଏବଂ ସବିର ଡୁରୁକଙ୍କ ସମେତ ଚଣାବାଡ଼, ପରଜା, ବେଡ଼ାପଦର, ଗର୍ଲିଗୁମ୍ମା ଓ ଡମ୍ବାଗୁଡ଼ା ପଞ୍ଚାୟତର ୩୬ ଜଣ ମିସ୍ତ୍ରି ତାଲିମ୍ ନେଇଥିଲେ। ମିସ୍ତ୍ରିମାନେ କିଭଳି ପୋଲ, କୋଠା ନିର୍ମାଣ କାର୍ଯ୍ୟ ଉତ୍ତମ ରୂପେ ସମ୍ପାଦନ କରି ଏହାକୁ ଜୀବିକା ନିର୍ବାହର ପନ୍ଥା କରିପାରିବେ ବୋଲି ଅତିରିକ୍ତ ବିଡିଓ ଦାଶ କହିଛନ୍ତି। ରାଜମିସ୍ତ୍ରିମାନେ ମିସ୍ତ୍ରି ସଂଘରେ ନାମ ପଞ୍ଜୀକରଣ କଲେ ବୀମା ଯୋଜନାର ଲାଭ କିଭଳି ପାଇବେ ତାହା ଉଦାହରଣରେ ଶିଶୁ ବିକାଶ ସଂଯୋଜକ ରାଉଳ ବୁଝାଇଥିଲେ। ତାଲିମ ନେଇଥିବା ମିସ୍ତ୍ରିଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

# ପୂଜା ମଣ୍ଡପରେ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ

**ଦାମନଯୋଡ଼ି, ୨୭।୧୦(ଡି.ଏନ୍.ଏ.)**

ନାଲ୍‌କୋ ଶିଳ୍ପାଞ୍ଚଳ ସେକ୍ଟର ଦୁଇ ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ଗୀତ ଗୁଞ୍ଜନ ଅନୁଷ୍ଠାନ ପକ୍ଷରୁ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ କଳାକାର ଭାବେ ରିଙ୍କଲ ପଣ୍ଡା, ଅର୍ପିତା ପଣ୍ଡା, ସ୍ମୃତିରେଖା ଜେନା, ଜୁଲି ମାଡ଼ାମ, ଗୌରାଙ୍ଗ ମୁନି ସଙ୍ଗୀତ ପରିବେଷଣ କରିଥିଲେ। ସତ୍ୟ ନାରାୟଣ ଆଚାରୀ, ବସନ୍ତ ଡାକୁଆ, ଶ୍ୟାମ ବାବୁ ରାଓ ବାଦ୍ୟଯନ୍ତ୍ର ପରିବେଷଣ କରିଥିବାବେଳେ ଜିତେନ୍ଦ୍ର ତ୍ରିପାଠୀ ଏବଂ ବଳରାମ ପାଣି ସଂଯୋଜନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।




ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ଦୁଇ କୁନି କଳାକାର।

### ବାତ୍ୟାର ୧୭ଦିନ ପରେ ବି ସୁଧୁରିନି କେବୁଲ ସମସ୍ୟା

**ପାରଳାଖେମୁଣ୍ଡି,୨୭।୧୦(ସ୍ୱ.ପ୍ର.)**

ବାତ୍ୟାର ୧୭ଦିନ ପରେ ବି ଗଜପତି ଜିଲା ପାରଳାଖେମୁଣ୍ଡି ସହରରେ କେବୁଲ ସମସ୍ୟା ସୁଧୁରି ପାରିନାହିଁ। ଫଳରେ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ସେମାନେ ସ୍ଥାନୀୟ ଟିଭି କେବୁଲ ଅପରେଟରମାନଙ୍କ ଅଫିସକୁ ଯାଇ ହୋହାଲ୍ଲା କରୁଥିବା ଦେଖିବାକୁ ମିଳିଛି। କେତେକ ସ୍ଥାନରେ କେବୁଲ ତାରଗୁଡ଼ିକ ଛିଡ଼ି ରାସ୍ତା ଉପରେ ବିକ୍ଷିପ୍ତ ଭାବେ ପଡିଥିବାରୁ ଦୁର୍ଘଟଣା ଆଶଙ୍କା ସୃଷ୍ଟି ହୋଇଛି। ତୁରନ୍ତ ରାସ୍ତାରୁ ତାରଗୁଡ଼ିକ ହଟାଇବା ସହ ଉଚିତ ସେବା ଯୋଗାଇଦେବାକୁ ଅଶୋକ ଦାସ, ସଂଗ୍ରାମ ପାଣିଗ୍ରାହୀ, ସୀତାରାମ ମିଶ୍ର ଓ ନରସିଂହ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଦାବି କରିଛନ୍ତି।

# ବିଭିନ୍ନ ଦାବିରେ ବ୍ଲକ୍ ଘେରିଲା ଭାଜପା

**ଲକ୍ଷ୍ମୀପୁର,୨୭।୧୦**

ଲକ୍ଷ୍ମୀପୁରରେ ଭାଜପା ପକ୍ଷରୁ ବ୍ଲକ୍ ଘେରାଉ କରାଯାଇଛି। ଲକ୍ଷ୍ମୀପୁର ମଣ୍ଡଳ ସାଧାରଣ ସମ୍ପାଦକ ବିପିନ ମାଣ୍ଡିଙ୍ଗାଙ୍କ ନେତୃତ୍ୱରେ ଭାଜପାର ଶତାଧିକ କର୍ମୀ ବିରାଟ ଶୋଭାଯାତ୍ରାରେ ବାହାରି ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ବ୍ଲକ୍ ଘେରାଉ କରିଥିଲେ। ରାଜ୍ୟରେ ଦୁର୍ନୀତି , ଲାଞ୍ଚ କାରବାର ଏବଂ ଭ୍ରଷ୍ଟାଚାର ବୃଦ୍ଧି ପାଉଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଭାଜପା ପକ୍ଷରୁ ଲକ୍ଷ୍ମୀପୁର ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ବଳିତ ୨୧ ଦଫା ଦାବି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଲକ୍ଷ୍ମୀପୁର ବିଡିଓ ବେଣୁଧର ଶବରଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଜିଲାସଭାପତି ବିଜୟ ମିଶ୍ର, ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ମୋର୍ଚ୍ଚା ଉପାଧ୍ୟକ୍ଷ କାଳିରାମ ମାଝି, ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଅଗସ୍ତି ହାଲ୍‌ୱା, ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳି ପ୍ରଭାରୀ ଅଶ୍ୱିନୀ ପଟ୍ଟନାୟକ, ଶେଖର ପଟ୍ଟନାୟକ, ରାଜ୍ୟ ଓବିସି ମୋର୍ଚ୍ଚା ସଦସ୍ୟ ନକୁଳ ବିଶୋଇ, ଜିଲା ସମ୍ପାଦକ ମହେଶ୍ୱର ହିକ୍‌କା, ଟୁନା ଖଡ଼ଙ୍ଗା, ଜିଲା ଉପସଭାପତି ଶରତ ପାତ୍ର, ଲକ୍ଷ୍ମୀପୁର ବ୍ଲକ୍ ଭାଜପା କର୍ମକର୍ତ୍ତା ଅନନ୍ତ ହୁଇକା, ସନ୍ତୋଷ ଖୋସ୍ଲା, ସୁଜିତ୍ ଡୁରୁକ, ଟଙ୍କଧର ସାହୁ, ଦେବ ଖରା, ଉଦୟ ହିକ୍‌କା, ଅଂଶୁ ମିଣିଆକା, ବୁକଲୁ ହିକ୍‌କା, ମନୋଜ ସାହୁ, ଅଜୟ ଖୋସ୍ଲା, ବସନ୍ତ ଖରା, ଜିତୁ ଖରା ସାମିଲ ଥିଲେ।



ଭାଜପା ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

■ ବାତ୍ୟା କ୍ଷତିପୂରଣ ଓ ପଟ୍ଟା ପ୍ରଦାନ ଦାବି

# ପ୍ରଶାସନର ଦ୍ୱାରସ୍ଥ ଲିଙ୍ଗିପୁର କଲୋନୀବାସୀ

**ପାରଳାଖେମୁଣ୍ଡି, ୨୭ା୧୦ (ସ୍ୱ.ପ୍ର.)**

ଗଜପତି ଜିଲା ଗୋଷାଣି ବ୍ଲକ ଅଧୀନ ଲିଙ୍ଗିପୁର କଲୋନୀ ଅଞ୍ଚଳର ଜନଜାତି ବାସିନ୍ଦା ବାତ୍ୟାଜନିତ ଗୃହ କ୍ଷତିପୂରଣ ଓ ଜମିପଟ୍ଟା ପ୍ରଦାନ ଦାବି ନେଇ ଶନିବାର ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ କହିଛନ୍ତି, ୩୦ବର୍ଷ ହେଲା ଲିଙ୍ଗିପୁର କଲୋନୀ ଅଞ୍ଚଳରେ ଘରକରି ସ୍ଥାୟୀ ଭାବେ ରହିଆସୁଛନ୍ତି। ଗତ ୨୦୧୬ରେ ନିଜ ଘର ପାଇଁ ପଟ୍ଟା ଆବେଦନ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ମିଳିନାହିଁ। ସେହିପରି ୬୦ରୁ ଊର୍ଦ୍ଧ୍ୱ ପରିବାରର ଘର ତିତ୍‌ଲି ବାତ୍ୟାରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ କ୍ଷତିପୂରଣ ପାଇଁ ଗୁହାରି ଜଣାଇଥିଲେ। ମାତ୍ର ପଟ୍ଟା ନ ଥିବା ପରିବାରକୁ ଘର ପାଇଁ କ୍ଷତିପୂରଣ ଦିଆଯିବ ନାହିଁ ବୋଲି ରାଜସ୍ୱ ନିରୀକ୍ଷକ କହିଥିଲେ। ଫଳରେ ସେମାନେ ଏବେ ଅସହାୟ ଅବସ୍ଥାରେ ଜୀବନଯାପନ କରୁଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ପ୍ରକାଶ ଶବର, ଜଗନ୍ନାଥ ଶବର, ଗଣପତି ଶବର, କାମେଶ୍ୱ ଶବର ପ୍ରମୁଖ ଦାବି କରିଛନ୍ତି ।



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ଲିଙ୍ଗିପୁର କଲୋନୀ ବାସିନ୍ଦା।

# ପୂଜା ଅନୁଷ୍ଠାନ ପକ୍ଷରୁ ଲଟେରି ଉଠାଣ

**ପାରଳାଖେମୁଣ୍ଡି, ୨୭ା୧୦ (ସ୍ୱ.ପ୍ର.)**– ଗଜପତି ଜିଲା ପାରଳାଖେମୁଣ୍ଡି ସହରସ୍ଥ କଲେଜ ଛକରେ ଗଜପତି ମୋଟର ସଂଘ ପକ୍ଷରୁ ଦୁର୍ଗାପୂଜା ପାଳନ ଅବସରରେ ଲଟେରି ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ବିଜେତା ସାହିନ ଖାତିବଙ୍କୁ ଏଲ୍‌ଇଡି ଟିଭି ମିଳିଛି। ଦ୍ୱିତୀୟ ବିଜେତା ସୋନାଲି ପ୍ରଧାନଙ୍କୁ ଫ୍ରିଜ ଏବଂ ତୃତୀୟ ବିଜେତା ସୁଷମା ପାଢୀଙ୍କୁ ୱାସିଂମେଶିନ ପ୍ରଦାନ କରାଯାଇଛି। ମୋଟ ୮ଜଣଙ୍କୁ ୮ଟି ପୁରସ୍କାର ଦିଆଯାଇଛି। କାର୍ଯ୍ୟକ୍ରମକୁ ପି. ଶ୍ରୀନୁ, ସିମାଦ୍ରୀ ମହାପାତ୍ର, କେ. ପ୍ରସାଦ, ପି.ଛୋଟୁ, ସି.ଏଚ୍.ରେଡ୍ଡୀ, ଗଣେଶ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।

# ବାତ୍ୟା ପ୍ରଭାବିତ ଅଞ୍ଚଳ ବୁଲିଲେ ବିଜୟ

**ପାରଳାଖେମୁଣ୍ଡି, ୨୭ା୧୦(ସ୍ୱ.ପ୍ର.)**– ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ର ଶନିବାର ଗଜପତି ଜିଲାର ଚନ୍ଦ୍ରଗିରି, ପରିମଳ ସୁନ୍ଦରଡାଙ୍ଗ, ରାଗେଇଖୋଲି ଇତ୍ୟାଦି ବାତ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଅନେକ ବିପନ୍ନ ପରିବାରକୁ ଭେଟିବା ସହ ସ୍ଥିତି ଅନୁଧ୍ୟାନ କରିଛନ୍ତି । କ୍ଷତିଗ୍ରସ୍ତ ପରିବାରଙ୍କୁ କ୍ଷତିପୂରଣ ଓ ସହାୟତା ରାଶି ଦିଆଯିବା ସମ୍ପର୍କରେ ସେ ବୁଝିଥିଲେ । ଏହି ଅବସରରେ ଏନ୍‌ସିପିର ପୂର୍ବତନ ରାଜ୍ୟ ସଭାପତି ବିଜୟ ପରିଡା, ରେଭେନ୍ସା କଲେଜର ପୂର୍ବତନ ସଭାପତି ଶୁଭେନ୍ଦୁ ମହାନ୍ତି, ରମେଶ ବାରିକ ଓ ବାବୁ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଚନ୍ଦ୍ରଗିରିସ୍ଥିତ ଟୀଙ୍ଗତୀୟାନ ବଙ୍ଗଳାରେ ଭାଜପା ନେତାମାନଙ୍କୁ କ୍ଷତିଗ୍ରସ୍ତ ଲୋକେ ଭେଟି ନିଜ ଅଞ୍ଚଳର ସମସ୍ୟା ସମ୍ପର୍କରେ ଜଣାଇଥିଲେ । ଅନ୍ୟପକ୍ଷେ ଏହି ବରିଷ୍ଠ ନେତାଙ୍କ ଗସ୍ତ ବେଳେ ଗଜପତି ଜିଲା ଭାଜପାର କୌଣସି ନେତା ଉପସ୍ଥିତ ନ ଥିବାରୁ ସାଧାରଣରେ ନାନା ପ୍ରଶ୍ନ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଜିଲା ଭାଜପା ସଭାପତି ଜି. ଭେଙ୍କଟରାବଣାଙ୍କୁ ପଚାରିବାରୁ କୌଣସି ରାଜ୍ୟସ୍ତରୀୟ ନେତାଙ୍କ ଗଜପତି ଗସ୍ତ ସମ୍ପର୍କରେ ତାଙ୍କ ପାଖରେ ସୂଚନା ନାହିଁ ବୋଲି କହିଛନ୍ତି । ତେବେ ଆମ ପ୍ରତିନିଧି ବିଜୟ ମହାପାତ୍ରଙ୍କୁ ଏହା ଦଳୀୟ କାର୍ଯ୍ୟକ୍ରମ କି ପଚାରିବାରୁ ସେ ନିଜସ୍ୱ କାର୍ଯ୍ୟକ୍ରମ ବୋଲି ପ୍ରକାଶ କରିଛନ୍ତି।

# ପାରଳାଖେମୁଣ୍ଡିରେ ଗାନ୍ଧୀ ଶାନ୍ତି ସଦ୍‌ଭାବନା ଜ୍ୟୋତି ରଥ

**ପାରଳାଖେମୁଣ୍ଡି, ୨୭ା୧୦(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡି ସହରସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶନିବାର ଗାନ୍ଧୀ ଶାନ୍ତି ସଦ୍‌ଭାବନା ଜ୍ୟୋତି ଯାତ୍ରା ରଥ ପହଞ୍ଚିଛି। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଗତ ଅକ୍ଟୋବର ୨ରୁ ଭୁବନେଶ୍ୱରଠାରୁ ବାହାରିଥିବା ଏହି ରଥ ପାରଳାଖେମୁଣ୍ଡିରେ ପହଞ୍ଚିବା ପରେ ଜିଲା ପ୍ରଶାସନ ପକ୍ଷରୁ କ୍ରୀଡା ଅଧିକାରୀ ପ୍ରଭାକର ତ୍ରିପାଠୀ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବିଚନ୍ଦ୍ର ନାୟକ, ପର୍ଯ୍ୟଟନ ଅଧିକାରୀ ଅମୀୟ ସେଠୀ ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଜିଲା ଉତ୍କଳ ସମ୍ମିଳନୀ ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବିନୋଦ ଚନ୍ଦ୍ର ଜେନା, ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସରୋଜ କୁମାର ପଣ୍ଡା, ଗାନ୍ଧୀ ଫୋରମ ଉପାଧ୍ୟକ୍ଷ ବିଶ୍ୱଜିତ ସୂର୍ଯ୍ୟବଂଶୀ ମଧ୍ୟ ସ୍ୱାଗତ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନେ ଗାନ୍ଧୀଙ୍କ ଜୟ ଜୟକାର ଧ୍ୱନୀ ଦେଇଥିଲେ । ଏହି ରଥ ସହର ପରିକ୍ରମା କରିବାବେଳେ ଗାନ୍ଧୀ ଛକରେ ପ୍ରଫୁଲ୍ଲ ପାଣିଗ୍ରାହୀ, ଅଭିମନ୍ୟୁ ପଣ୍ଡା ପ୍ରମୁଖ ସ୍ୱାଗତ ଜଣାଇଥିଲେ । ସେଠାରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତିରେ ଓଡ଼ିଶା ଗାନ୍ଧୀବାଦୀ ଫୋରମ ଅଧ୍ୟକ୍ଷା ଡ.ରୀନା ରାଉତରାୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ନବଜୀବନ ଟ୍ରଷ୍ଟ ଶିଶୁ ଯତ୍ନ କେନ୍ଦ୍ରକୁ ଏହି ରଥ ନିଆଯାଇଥିଲା । ନୂଆଦିଲ୍ଲୀସ୍ଥ ଗାନ୍ଧିଜୀଙ୍କ ସମାଧିସ୍ଥଳ ରାଜଘାଟରୁ ଗାନ୍ଧୀଜୀଙ୍କ ନାତୁଣୀ ତାରା ଗାନ୍ଧୀ ସ୍ୱହସ୍ତରେ ଏହି ଜ୍ୟୋତି ଅର୍ପଣ କରିଥିଲେ। ସମାଜରୁ ଶାନ୍ତି, ଅହିଂସା ଓ ସଦ୍‌ଭାବନା ଧିରେ ଧିରେ ଲୋପ ପାଇବାକୁ ବସିଛି। ବିଶେଷକରି ଯୁବପୀଢିଙ୍କ ମଧ୍ୟରେ ଧୈର୍ଯ୍ୟ ଓ ସହନଶୀଳତାର ଘୋର ଅଭାବ ଦେଖାଯାଉଛି। ତେଣୁ ଏହି ଜ୍ୟୋତି ଯାତ୍ରା ମାଧ୍ୟମରେ ଯୁବପୀଢି ଓ ଛୋଟ ଛୋଟ ପିଲାଙ୍କ ମଧ୍ୟରେ ରହିଥିବା ସତ୍ୟତା, ନିର୍ଭିକତା ଓ ଅହିଂସାକୁ ଜାଗ୍ରତ କରାଯିବା ପାଇଁ ଉଦ୍ୟମ କରାଯାଉଛି ।



ପାରଳାଖେମୁଣ୍ଡି ସହରରେ ରଥକୁ ସ୍ୱାଗତ କରାଯାଉଛି।

# ଜିଲା ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା

**ପାରଳାଖେମୁଣ୍ଡି, ୨୭ା୧୦(ସ୍ୱ.ପ୍ର.)**

ଗଜପତି ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ନୂତନ ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଜିଲା ଶିକ୍ଷାଧିକାରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦିଆଯାଇ ସ୍ୱାଗତ କରାଯାଇଥିଲା । ପରେ କାର୍ଯ୍ୟାଳୟ ଓ ସଂଘ ମଧ୍ୟରେ ସମନ୍ୱୟ ରଖି କିପରି ସମସ୍ତ କାର୍ଯ୍ୟ କରାଯାଇପାରିବ ସେନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ଜିଲା ସଂଘ ସଭାପତି ଏମ୍.ରବିକୁମାର, ସାଧାରଣ ସମ୍ପାଦକ ଦେବରାଜ ଜେନା, ଦୁର୍ଗା ପଟ୍ଟନାୟକ, ତ୍ରିଲୋଚନ ପାମୁଲୁ ପ୍ରମୁଖ ଉପସ୍ଥିତ ଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

ଭୁବନେଶ୍ୱର ତାରିଖ 2 AUG 2018

**No.RDM-LAB-BOUDH-0036-2018 28527 /R&DM-**

**No.XXXI-69:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ମୌଜା-ସିଙ୍ଗାଣିବେଡା, ଥାନା-ପୁରୁଣାକଟକ ନଂ.୬୭, ତହସିଲ-ହରଭଙ୍ଗା, ଜିଲ୍ଲା-ବୌଦ୍ଧରେ ନିମ୍ନ ତଫସିଲ ମତେ ପ୍ରାୟ ୧୪.୫୫୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ, ବଲାଙ୍ଗୀର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ:- ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ:- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଂଖ୍ୟା- ୩୩୭୦୩ ତା-୧୨।୧୦।୨୦୧୭ରେ ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:- ଉପ-ଜିଲ୍ଲାପାଳ, ବୌଦ୍ଧ।
୬. ଜମିର ବିବରଣୀ:-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ବୌଦ୍ଧ | ହରଭଙ୍ଗା | ସିଙ୍ଗାଣିବେଡା | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ କରାଗଲା | ଏଥିସହ ସଂଲଗ୍ନ କରାଗଲା | ଏ.୧୯.୦୦୦ | ଏ.୧୪.୫୫୦ | ଏଥିସହ ସଂଲଗ୍ନ କରାଗଲା |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୧.୬୮୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ବୌଦ୍ଧ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦(ଷାଠିଏ) ଦିନ ମଧ୍ୟରେ ବୌଦ୍ଧ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଯୁଗ୍ମ ଶାସନ ସଚିବ

**ଜମିର ତାଲିକା**

ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ ଅଧିଗ୍ରହଣର ବିବରଣୀ

ଗ୍ରାମ: ସୁଙ୍ଗାଣିବେଢ଼ା, ତହସିଲ: ହରଭଙ୍ଗା, ଥାନା: ପୁରୁଣା କଟକ (ନଂ-୬୭), ଜିଲ୍ଲା: ବୌଦ୍ଧ

ଏ.ବ୍ୟକ୍ତିଗତ ଜମି

| କ୍ରମିକ ନଂ | ୧ | ୨ | ୩ | ୪ | ୫ | ୬ |
|---|---|---|---|---|---|---|
| | ଖତିୟାନ | ପ୍ଲଟ୍ ନଂ | ରକବା | ଅଧିଗ୍ରହଣ ରକବା | କିସମ | ଅଭିଲିଖିତ ରୟତ ନାମ |
| ୧ | ୩ | ୧୮୮ | ୦.୭୬୦ | ୦.୩୮୦ | ଶାରଦ-୧ | ଚକ୍ରପାଣି ମଲିକ, ପି: ପରିକ୍ଷିତ ମଲିକ, ବା: ସୁଙ୍ଗାଣିବେଢ଼ା |
| ୨ | | ୨୦୨ | ୦.୬୧୦ | ୦.୧୮୦ | ଶାରଦ-୧ | |
| ୩ | ୪ | ୨୧୩ | ୦.୪୬୦ | ୦.୪୬୦ | ଶାରଦ-୧ | ଚକ୍ରପାଣି ମଲିକ, ନୀଳମଣି ମଲିକ, ପି: ପରିକ୍ଷିତ ମଲିକ, ବା: ସୁଙ୍ଗାଣିବେଢ଼ା |
| ୪ | ୬ | ୧୮୭ | ୦.୪୮୦ | ୦.୭୭୦ | ଶାରଦ-୧ | ନୀଳମଣି ମଲିକ, ପି: ପରିକ୍ଷିତ ମଲିକ, ବା: ସୁଙ୍ଗାଣିବେଢ଼ା |
| ୫ | | ୨୦୧ | ୦.୬୨୦ | ୦.୨୦୦ | ଶାରଦ-୧ | |
| ୬ | ୯ | ୨୧୭ | ୦.୩୮୦ | ୦.୦୨୦ | ଶାରଦ-୨ | ଭଗବାନ ମଲିକ, ପି: ଚନ୍ଦ୍ରମଣି ମଲିକ, ବା: ସୁଙ୍ଗାଣିବେଢ଼ା |
| ୭ | | ୨୧୮ | ୦.୩୨୦ | ୦.୦୧୦ | ଶାରଦ-୨ | |
| ୮ | | ୨୨୦ | ୦.୩୮୦ | ୦.୨୮୦ | ଆଟ | |
| ୯ | | ୨୯୨ | ୦.୭୦୦ | ୦.୨୦୦ | ଆଟ | |
| ୧୦ | | ୨୯୩ | ୦.୩୩୦ | ୦.୩୩୦ | ଆଟ | |
| ୧୧ | ୧୨ | ୧୮୦ | ୦.୩୮୦ | ୦.୧୭୦ | ଶାରଦ-୧ | ରାମେଶ୍ୱର ମଲିକ, ସପ୍ତେଶ୍ୱର ମଲିକ, ଭୁବନେଶ୍ୱର ମଲିକ, ପି: ସଦାଶିବ ମଲିକ, ବା: ସୁଙ୍ଗାଣିବେଢ଼ା |
| ୧୨ | | ୧୮୩ | ୦.୬୮୦ | ୦.୪୫୦ | ଶାରଦ-୧ | |
| ୧୩ | | ୨୧୧ | ୦.୩୨୦ | ୦.୩୨୦ | ଆଟ | |
| ୧୪ | ୧୩ | ୧୯୩ | ୦.୩୪୦ | ୦.୧୯୦ | ଶାରଦ-୧ | ସୀତାରାମ ମଲିକ, ପି: ଇନ୍ଦ୍ର ମଲିକ, ବା: ସୁଙ୍ଗାଣିବେଢ଼ା |
| ୧୫ | ୧୪ | ୧୯୨ | ୦.୪୮୦ | ୦.୨୭୦ | ଶାରଦ-୧ | ଶ୍ରୀନିବାସ ମଲିକ, ପି: ଇନ୍ଦ୍ର ମଲିକ, ବା: ସୁଙ୍ଗାଣିବେଢ଼ା |
| ୧୬ | ୧୫ | ୨୧୧/୩୧୦ | ୦.୩୨୦ | ୦.୩୨୦ | ଆଟ | ଶ୍ରୀନିବାସ ମଲିକ, ସୀତାରାମ ମଲିକ, ପି: ଇନ୍ଦ୍ରମଣି ମଲିକ, ବା: ସୁଙ୍ଗାଣିବେଢ଼ା |
| ୧୭ | ୧୭ | ୨୧୦ | ୦.୨୭୦ | ୦.୨୭୦ | ଆଟ | ସୁରେଶନ ମଲିକ, ପି: ଚନ୍ଦ୍ରମଣି ମଲିକ, ବା: ସୁଙ୍ଗାଣିବେଢ଼ା |
| ୧୮ | | ୨୧୪ | ୦.୩୬୦ | ୦.୩୬୦ | ଶାରଦ-୨ | |
| ୧୯ | | ୨୧୫ | ୦.୦୭୦ | ୦.୦୭୦ | ଶାରଦ-୨ | |
| ୨୦ | | ୨୧୬ | ୦.୧୦୦ | ୦.୦୬୦ | ଶାରଦ-୨ | |
| ୨୧ | | ୨୯୧ | ୦.୯୮୦ | ୦.୨୬୦ | ଆଟ | |
| ୨୨ | | ୨୯୪ | ୦.୬୪୦ | ୦.୨୮୦ | ଆଟ | |
| ୨୩ | ୧୮ | ୨୯୨/୩୧୧ | ୦.୪୪୦ | ୦.୪୪୦ | ଆଟ | ସୁରେସନ ମଲିକ, ଭଗବାନ ମଲିକ, ପି: ଚନ୍ଦ୍ରମଣି ମଲିକ, ବା: ସୁଙ୍ଗାଣିବେଢ଼ା |
| ୨୪ | ୧୮/୩୧ | ୨୦୬/୩୩୫ | ୦.୦୪୦ | ୦.୦୪୦ | ଘରବାରି | ବିଶ୍ୱାମିତ୍ର ମଲିକ, ପି: ଶଙ୍କରାଜିତ ମଲିକ, ଗୁରୁବାରୀ ମଲିକ, ସ୍ୱା: ବିଶ୍ୱାମିତ୍ର ମଲିକ, ବା: ସୁଙ୍ଗାଣିବେଢ଼ା |
| ୨୫ | ୧୮/୩୨ | ୨୦୬/୩୩୬ | ୦.୦୪୦ | ୦.୦୪୦ | ଘରବାରି | ସତ୍ୟନାରାୟଣ ମଲିକ, ପି: ଶଙ୍କରାଜିତ ମଲ୍ଲିକ, ସତ୍ୟଭାମା ମଲିକ, ସ୍ୱା: ସତ୍ୟନାରାୟଣ ମଲିକ, ବା: ସୁଙ୍ଗାଣିବେଢ଼ା |
| ୨୬ | ୧୮/୩୩ | ୨୦୬/୩୩୭ | ୦.୦୪୦ | ୦.୦୪୦ | ଘରବାରି | ଅଚ୍ୟୁତାନନ୍ଦ ମଲିକ, ପି: ଶଙ୍କରାଜିତ ମଲିକ, ନର୍ମଦା ମଲିକ, ସ୍ୱା: ଅଚ୍ୟୁତାନନ୍ଦ ମଲିକ, ବା: ସୁଙ୍ଗାଣିବେଢ଼ା |
| ୨୭ | ୧୮/୫୨ | ୨୦୪/୩୬୩ | ୦.୧୭୦ | ୦.୧୭୦ | ଶାରଦ-୨ | ଅଚ୍ୟୁତାନନ୍ଦ ମଲିକ, ପି: ଶଙ୍କରାଜିତ ମଲିକ, ନର୍ମଦା ମଲିକ, ସ୍ୱା: ଅଚ୍ୟୁତାନନ୍ଦ ମଲିକ, ବା: ସୁଙ୍ଗାଣିବେଢ଼ା |
| ୨୮ | | ୨୦୬/୩୫ | ୦.୪୬୦ | ୦.୪୬୦ | ଆଟ | |
| ୨୯ | | ୨୦୬/୩୫ | ୦.୦୫୦ | ୦.୦୫୦ | ଆଟ | |
| ୩୦ | | ୨୦୬/୩୫ | ୦.୩୬୦ | ୦.୩୬୦ | ଆଟ | |
| ୩୧ | ୧୮/୫୨ | ୨୦୬/୩୬ | ୦.୩୦୦ | ୦.୩୦୦ | ଆଟ | ଅଚ୍ୟୁତାନନ୍ଦ ମଲିକ, ପି: ଶଙ୍କରାଜିତ ମଲିକ, ନର୍ମଦା ମଲିକ, ସ୍ୱା: ଅଚ୍ୟୁତାନନ୍ଦ ମଲିକ, ବା: ସୁଙ୍ଗାଣିବେଢ଼ା |
| ୩୨ | | ୨୦୭/୩୬ | ୦.୨୮୦ | ୦.୨୮୦ | ଶାରଦ-୧ | |
| ୩୩ | | ୨୦୮/୩୬ | ୦.୨୧୦ | ୦.୨୧୦ | ଶାରଦ-୧ | |
| ୩୪ | | ୨୧୨ | ୦.୧୧୦ | ୦.୧୧୦ | ଶାରଦ-୨ | |
| ୩୫ | ୧୮/୩୫ | ୨୦୪ | ୦.୩୫୦ | ୦.୩୫୦ | ଶାରଦ-୨ | ବିଶ୍ୱାମିତ୍ର ମଲିକ, ପି: ଶଙ୍କରାଜିତ ମଲିକ, ଗୁରୁବାରୀ ମଲିକ, ସ୍ୱା: ବିଶ୍ୱାମିତ୍ର ମଲିକ, ବା: ସୁଙ୍ଗାଣିବେଢ଼ା |
| ୩୬ | | ୨୦୬/୩୬ | ୦.୪୫୦ | ୦.୪୫୦ | ଆଟ | |
| ୩୭ | | ୨୦୬/୩୬ | ୦.୩୬୦ | ୦.୩୬୦ | ଆଟ | |
| ୩୮ | | ୨୦୬/୩୬ | ୦.୨୫୦ | ୦.୨୫୦ | ଆଟ | |
| ୩୯ | | ୨୦୭ | ୦.୩୧୦ | ୦.୩୧୦ | ଶାରଦ-୧ | |
| ୪୦ | | ୨୦୮ | ୦.୩୧୦ | ୦.୩୧୦ | ଶାରଦ-୧ | |
| ୪୧ | ୧୮/୫୪ | ୨୦୬/୩୬ | ୧.୨୫୦ | ୧.୨୫୦ | ଆଟ | ସତ୍ୟନାରାୟଣ ମଲିକ, ପି: ଶଙ୍କରାଜିତ ମଲ୍ଲିକ, ସତ୍ୟଭାମା ମଲିକ, ସ୍ୱା: ସତ୍ୟନାରାୟଣ ମଲିକ, ବା: ସୁଙ୍ଗାଣିବେଢ଼ା |
| ୪୨ | | ୨୦୬/୩୬ | ୦.୫୫୦ | ୦.୫୫୦ | ଆଟ | |
| ୪୩ | | ୨୦୮/୩୬୭ | ୦.୩୦୦ | ୦.୩୦୦ | ଶାରଦ-୧ | |
| ୪୪ | ୧୮/୬୧ | ୨୦୫ | ୦.୧୦୦ | ୦.୧୦୦ | ଘରବାରି | ସତ୍ୟନାରାୟଣ ମଲିକ, ପି: ଶଙ୍କରାଜିତ ମଲ୍ଲିକ, ସତ୍ୟଭାମା ମଲିକ, ସ୍ୱା: ସତ୍ୟନାରାୟଣ ମଲିକ, ବା: ସୁଙ୍ଗାଣିବେଢ଼ା |
| ୪୫ | | ୨୦୬ | ୦.୦୩୦ | ୦.୦୩୦ | ଆଟ | |
| ୪୬ | | ୨୦୯ | ୦.୨୬୦ | ୦.୨୬୦ | ଶାରଦ-୧ | |
| | | ମୋଟ | ୧୯.୦୦୦ | ୧୨.୮୭୦ | | |
| ବ୍ୟକ୍ତିଗତ ଜମିର ଗୋଚର ବଦଳି | | | | | | |
| ୧ | ୯ | ୨୨୦ | ୦.୩୮୦ | ୦.୧୦୦ | ଆଟ | ଭଗବାନ ମଲିକ, ପି: ଚନ୍ଦ୍ରମଣି ମଲିକ, ବା: ସୁଙ୍ଗାଣିବେଢ଼ା |
| ୨ | | ୨୯୨ | ୦.୭୦୦ | ୦.୫୦୦ | ଆଟ | |
| ୩ | ୧୭ | ୨୯୧ | ୦.୯୮୦ | ୦.୭୨୦ | ଆଟ | ସୁରେସନ ମଲିକ, ପି: ଚନ୍ଦ୍ରମଣି ମଲିକ, ବା: ସୁଙ୍ଗାଣିବେଢ଼ା |
| ୪ | | ୨୯୪ | ୦.୬୪୦ | ୦.୩୬୦ | ଆଟ | |
| | | | ମୋଟ | ୧.୬୮୦ | | |
| ଏକର.ଡେସିମାଲ | | | | | | |
| ବ୍ୟକ୍ତିଗତ ଜମି | | | | ୧୨.୮୭୦ | | |
| ବ୍ୟକ୍ତିଗତ ଜମିର ଗୋଚର ବଦଳି | | | | ୧.୬୮୦ | | |
| | | ମୋଟ | ୧୯.୦୦୦ | ୧୪.୫୫୦ | | |

24001/14/0312/1819

CLASSIFIED DISPLAY
ALL EDITION-B/W (Every Day)
For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଦୀପାବଳି ଧମାକା
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପ୍ରାପ୍ତ କରନ୍ତୁ 3 ଘଣ୍ଟାରେ
ଦୀପାବଳିର ଶୁଭ ଅବସରରେ ଋଣ କମ୍ ସୁଧରେ
ମାର୍କଶିଟ୍, ଆଧାରକାର୍ଡ ଆଦି ଋଣ
2% ସୁଧ 50% ରିହାତି + ସବ୍‌ସିଡି
ମାତା ଓ ଭଉଣୀଙ୍କ ପାଇଁ ବିଶେଷ ରିହାତି + ସବ୍‌ସିଡି
9625419406
8695337370
Add : - T-51, Gautampuri, Delhi-53

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଳେଶ, କିୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ)
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Agent ଆମନ୍ତ୍ରିତ
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

Dhanlaxmi Financial Services
(Govt Registered)
(Regd No - odhR009742)
ଆଧାରକାର୍ଡ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ଗାଡ଼ି, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାରର ଋଣ ସହଜ କିସ୍ତିରେ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ।
2% ସୁଧ 40% ସରକାରୀ ସବ୍‌ସିଡି ଯୋଗାଯୋଗ କରନ୍ତୁ
6397482193
9138702512
74/8, Taraan, Punjab

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

FINANCE
ଭାରତ No. 1 ରେଜିଷ୍ଟର୍ଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥି ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର ।
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
31 UA, Bangalow Road, Kamla Nagar, New Delhi
7751976559

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଶ୍ରୀରାମ ଫାଇନାନ୍ସ ଲିମିଟେଡ୍
(Reg. No. LA76108CH0902)
1982ରୁ ପଞ୍ଜୀକୃତ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ସବୁ ଋଣ 24 ଘଣ୍ଟାରେ ଘରେ ବସି, 2% ସୁଧ, 40% ରିହାତି।
7460970869
7518148465
ଠକମାନଙ୍କ ପ୍ରତି ସାବଧାନ।

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ଦୈବିକ ବିଦ୍ୟାରେ ନିପୁଣ
9997796211

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

SMS JOB
Send SMS. Earn MONEY
A-TEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୩୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike SIM + 20,000/- Advance
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
8809132432
7370994270

Dhanlaxmi Financial Services, Govt Approved, Regd. No.- 0d6789dh45 ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ମହିଳା ଗ୍ରୁପ୍ ଋଣ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କଗୁଡ଼ିକ ଦ୍ୱାରା ପାଆନ୍ତୁ 72 ଘଣ୍ଟାରେ 1% ସୁଧ, 50% Govt. Subsidy (50,000 - 95 ଲକ୍ଷ ପର୍ଯ୍ୟନ୍ତ ଋଣ)
For more detail contact:
07302107165
Mail id: dhanlaxmifin1991@gmail.com
J-6, B-Block, Jiwan Park, New Delhi

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଉତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar